ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ମେ ୧୦/୨୦୨୧ (୧୨ ପୃଷ୍ଠା) | Sambalpur, Monday, May 10/2021 | ★★
୧୭ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## କେହି ବାପାଙ୍କଠାରୁ ଭଲ ଅଭିନେତା ହୋଇପାରିବେନି

ଅମିତାଭଙ୍କଠାରୁ ଅଭିଷେକ ବଚ୍ଚନ ଜଣେ ଭଲ ଅଭିନେତା ବୋଲି ପ୍ରଶଂସକଙ୍କ ଟୁଇଟ୍‌ର ଉତ୍ତରରେ ବାପାଙ୍କଠାରୁ କେହି ଭଲ ଆକ୍ଟର ହୋଇପାରିବେନି ବୋଲି ଅଭିଷେକ କହିଛନ୍ତି। ୧୦

୦୯

## ସାବାଲେଙ୍କାଙ୍କୁ ଟାଇଟଲ

ବେଲାରୁଷ ମହିଳା ଟେନିସ ତାରକା ଅରିନା ସାବାଲେଙ୍କା ମାଡ୍ରିଡ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।



# ସ୍ୱପ୍ନ ସରିଲା, ନୂଆ ସ୍ୱପ୍ନ

ସୁନିତ୍ ମିଶ୍ର

ଭୁବନେଶ୍ୱର, ୯।୫(ବ୍ୟୁରୋ)

ରାଜ୍ୟରେ ପୂର୍ବ ପ୍ରସ୍ତାବିତ ଟାଟା ମେମୋରିଆଲ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା କେତେବାଟ ଗଲା ସେକଥା ଏଯାଏ ଜଣାପଡ଼ିନାହିଁ। ହେଲେ ବର୍ତ୍ତମାନ ଭୁବନେଶ୍ୱରଠାରେ ୨୦୨୪ ଜାନୁୟାରୀ ସୁଦ୍ଧା ଆଉ ଏକ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ଘୋଷଣା ସରିଲାଣି। ଅତୀତରେ ଏହିଭଳି ଏକାଧିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ କରିବା ନାଁରେ କେତେଗୁଡ଼ିଏ କମ୍ପାନୀ ସରକାରଙ୍କ ସହ ଏମ୍‌ଓୟୁ(ବୁଝାମଣାପତ୍ର)କରି ଜମି ନେବା ସତ୍ତ୍ୱେ ପ୍ରକଳ୍ପ କାମ କରିନାହାନ୍ତି। ଏହାର ଅନେକ ଉଦାହରଣ ରହିଛି। ନିକଟରେ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ, ଗଞ୍ଜାମ ଜିଲା ଗୋପାଳପୁରଠାରେ ଏକ ଇସ୍ପାତ କାରଖାନା ଲାଗି ଟାଟା କମ୍ପାନୀ ୧୯୯୫ ମସିହାରେ ୫୩୭.୮୨ ଏକର ଜମି ନେଇଥିଲା। ହେଲେ ବିନା କାରଖାନାରେ ଆଜି ପର୍ଯ୍ୟନ୍ତ ଜମିକୁ ଟାଟା ନିଜ ଅକ୍ତିଆରରେ ରଖିଛି। ସମାନଭାବେ ଓଡ଼ିଶାରେ ଟାଟା ମେମୋରିଆଲ



ଟାଟା ମେମୋରିଆଲ ହସ୍ପିଟାଲ ପାଇଁ ୨୦୧୮ ମେ’ ୬ ତାରିଖରେ ଓଡ଼ିଶା ସରକାର ଓ ଟାଟା ମଧ୍ୟରେ ହୋଇଥିବା ଏମ୍‌ଓୟୁ ସମୟର ଫଟୋ।

ହସ୍ପିଟାଲ ନାମରେ କଟକ ଜିଲା ବାରଙ୍ଗସ୍ଥିତ ରତାଗଡ଼ଠାରେ ଓଡ଼ିଶା କ୍ୟାନ୍‌ସର ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ହେବ ବୋଲି ସ୍ଥିର ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲରେ କ୍ୟାନ୍‌ସର ଚିକିତ୍ସା ଲାଗି ଆର୍ଥିକ ସହାୟତା ଯୋଗାଇଦେବାକୁ ବାରମ୍ବାର ଅଭିଯୋଗ ଆସୁଥିବାରୁ ଓଡ଼ିଶାରେ ଏହାର ଏକ ଶାଖା ଖୋଲିବାକୁ ସରକାର ସ୍ଥିରକରି ଏଭଳି ପଦକ୍ଷେପ ନେଇଥିବା କଥା କହିଲେ। ଏହାସହ ପ୍ରସ୍ତାବିତ ହସ୍ପିଟାଲର ଗୁଣାତ୍ମକ ମାନ ମୁମ୍ବାଇର ଟାଟା ମେମୋରିଆଲରେ ମିଳୁଥିବା ସମସ୍ତ ସେବା ସହିତ ସମକକ୍ଷ ହେବ ବୋଲି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଡିଣ୍ଡିମ ପିଟିଲା। ସେହି ଅନୁଯାୟୀ ୨୦୧୮ ମେ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ରତନ ଟାଟାଙ୍କ ଉପସ୍ଥିତିରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ୫ ବର୍ଷରେ ୮୦୦ କୋଟି ଟଙ୍କା ବିନିମୟରେ ଏହି ହସ୍ପିଟାଲଟି ନିର୍ମାଣ ଶେଷ କରିବାକୁ ଚୁକ୍ତିରେ ଉଲ୍ଲେଖ ଥିଲା। ୧୭ ଫେବୃୟାରୀ ୨୦୧୯ରେ ଏନେଇ କଟକ ଜିଲା ବାରଙ୍ଗ ବ୍ଲକ ରାମଦାସପୁର ପଞ୍ଚାୟତର ରତାଗଡ଼ଠାରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଆସିଲେ। ଏଥିଲାଗି ରାଜ୍ୟ ସରକାର ଟାଟା କମ୍ପାନୀକୁ ମାଗଣାରେ ୧୫ ଏକର ☞ପୃଷ୍ଠା-୪

# ଓଡ଼ିଶାକୁ ୩୩୩.୮ କୋଟି ସହାୟତା

ନୂଆଦିଲ୍ଲୀ, ୯।୫

- ଗ୍ରାମାଞ୍ଚଳରେ କୋଭିଡ୍ ପରିଚାଳନାକୁ ଗୁରୁତ୍ୱ
- ୨୫ ରାଜ୍ୟକୁ ୮ ହଜାର ୯୨୩ କୋଟି ପ୍ରଦାନ

ଗ୍ରାମାଞ୍ଚଳରେ କରୋନା ମହାମାରୀର ମୁକାବିଲା ପାଇଁ କେନ୍ଦ୍ର ସରକାର ୨୫ଟି ରାଜ୍ୟ ନିମନ୍ତେ ୮,୯୨୩.୮ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ସେହି ଅନୁଯାୟୀ ଓଡ଼ିଶାକୁ ୩୩୩. ୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଯଥା ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ଜିଲା ସ୍ତରରେ ଏହି ଅର୍ଥ ଖର୍ଚ୍ଚ କରାଯିବ ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ଅନୁଦାନର ପ୍ରଥମ କିସ୍ତି ଭାବେ ଏହା ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ଏହାକୁ କରୋନା ମହାମାରୀ ମୁକାବିଲା ଲାଗି ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାରେ ବ୍ୟୟ କରିବେ।

ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ୨୦୨୧ ଜୁନ୍‌ରେ ରାଜ୍ୟଗୁଡ଼ିକୁ ଅନୁଦାନର ପ୍ରଥମ କିସ୍ତି ମିଳିବା କଥା। କିନ୍ତୁ ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ମନ୍ତ୍ରଣାଳୟର ସୁପାରିସ କ୍ରମେ ଅର୍ଥ ମନ୍ତ୍ରଣାଳୟ ଆଗୁଆ ଅନୁଦାନ ଅର୍ଥ ପୈଠ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଅନୁଦାନ ପ୍ରଦାନ ଲାଗି ପଞ୍ଚଦଶ ଅର୍ଥ କମିଶନ କେତେକ ସର୍ତ୍ତ ରଖିଥିଲେ। ତେବେ ବର୍ତ୍ତମାନର କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ କିସ୍ତି ପୈଠ ବେଳେ ଉକ୍ତ ସର୍ତ୍ତାବଳୀକୁ ଉଠାଇ ଦିଆଯାଇଛି। ଉତ୍ତରପ୍ରଦେଶକୁ ସର୍ବାଧିକ ୧୪୪୧.୬ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ମହାରାଷ୍ଟ୍ରକୁ ୮୬୧.୪ କୋଟି, ବିହାରକୁ ୭୪୧.୮ କୋଟି, ପଶ୍ଚିମବଙ୍ଗକୁ ୬୫୨.୨ କୋଟି, ମଧ୍ୟପ୍ରଦେଶକୁ ୫୮୮.୮ କୋଟି, ରାଜସ୍ଥାନକୁ ୫୭୦.୮ କୋଟି ଏବଂ ତାମିଲନାଡୁକୁ ୫୩୩. ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗୁଜରାଟ ୪୭୨.୪ କୋଟି ପାଇଥିବାବେଳେ କର୍ନାଟକକୁ ୪୭୫.୪ କୋଟି ଟଙ୍କା ଅନୁଦାନ ମିଳିଛି।

# ହିମନ୍ତ ଆସାମ ମୁଖ୍ୟମନ୍ତ୍ରୀ

## ଆଜି ଶପଥ



ହିମନ୍ତ ବିଶ୍ୱ ଶର୍ମା

ଗୁଆହାଟୀ, ୯।୫

ଭାଜପା ନେତା ହିମନ୍ତ ବିଶ୍ୱ ଶର୍ମା ଆସାମ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ରବିବାର ଗୁଆହାଟୀରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ସବୁଜ ସଙ୍କେତ ମିଳିବା ପରେ ବିଦାୟୀ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ବୈଠକରେ ହିମନ୍ତଙ୍କ ନାମ ପ୍ରସ୍ତାବ ରଖିଥିଲେ ଓ ବିଧାୟକମାନେ ଏହାକୁ ସମର୍ଥନ ଜଣାଇଥିଲେ। ସୋମବାର ମଧ୍ୟାହ୍ନରେ ନୂଆ କ୍ୟାବିନେଟ ଶପଥ ନେବ ବୋଲି ହିମନ୍ତ କହିଛନ୍ତି।

ଆସାମରେ ଭାଜପା କ୍ରମାଗତ ଦ୍ୱିତୀୟ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ନିକଟରେ ଶେଷ ହୋଇଥିବା ୧୨୬ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ ଭାଜପା ୬୦ ଆସନ ଜିତିଥିବାବେଳେ ☞ପୃଷ୍ଠା-୪

# ୬ ମାସ ରହିବ ଦ୍ୱିତୀୟ ଲହର

ଭୁବନେଶ୍ୱର, ୯।୫(ବ୍ୟୁରୋ)

## ଦିନକରେ ୧୯ ମୃତ, ୧୦,୬୩୫ ଚିହ୍ନଟ



ରାଜ୍ୟରେ ଗତ ଦୁଇଦିନ ହେବ ଦୈନିକ କୋଭିଡ୍ ସଂକ୍ରମଣ ହ୍ରାସ ପାଇଛି। ଗତ ୭ତାରିଖରେ ୧୨, ୨୩୮ ଜଣ ଚିହ୍ନଟ ହୋଇଥିବାବେଳେ ୮ତାରିଖରେ ୧୧,୮୦୭ଜଣ ଚିହ୍ନଟ ହୋଇଥିଲେ। ଗତ ୨୪ଘଣ୍ଟାରେ ୧୦,୬୩୫ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ରାଜ୍ୟରେ ସେଭଳି କୌଣସି ଉତ୍ସାହଜନକ ଭାବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇନାହିଁ। ଏବେ ବି ଓଡ଼ିଶାରେ କରୋନାର ଦ୍ୱିତୀୟ ଲହର ପିକ୍‌ରେ ପହଞ୍ଚି ନାହିଁ। ଏହି ଦ୍ୱିତୀୟ ଲହର ଓଡ଼ିଶାରେ ଆଉ ୬ମାସ ସକ୍ରିୟ ରହିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ମେ’ ୧୫ ବେଳକୁ କରୋନା ପିକ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ଏବେ ଲାଗୁଛି ଆହୁରି ଅଧିକ ସମୟ ଲାଗିବ। ଏବେ ଗ୍ରାମାଞ୍ଚଳ ଓ ଉପସହରାଞ୍ଚଳରେ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଥିବାରୁ ୧୫ ତାରିଖ ବେଳକୁ ପିକ୍‌ରେ ପହଞ୍ଚିବା ସମ୍ଭାବନା ବହୁତ କମ୍। ରାଜ୍ୟରେ ବୃଦ୍ଧି ପାଉଥିବା ସଂକ୍ରମଣକୁ ଦୃଷ୍ଟିରେ ଦେଖିଲେ ଆସନ୍ତା ୬ମାସ ପର୍ଯ୍ୟନ୍ତ ଏହି ସଂକ୍ରମଣ ସକ୍ରିୟ ହୋଇ ରହିବ ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି। ସେପଟେ ରାଜ୍ୟରେ ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇ ଦେଇହେବ ନାହିଁ ବୋଲି କଟକ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ଏବେ ବି ପିକ୍‌ରେ ପହଞ୍ଚିନି କରୋନା। ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ସେଭଳି କମିନାହିଁ। ତେଣୁ କରୋନାକୁ ନିୟନ୍ତ୍ରଣରେ ଆଣିବାକୁ ହେଲେ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବା ଉଚିତ।

ଅନ୍ୟପକ୍ଷରେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୧,୫୬୪ ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୯୪୩, କଟକ ୮୮୭, ସମ୍ବଲପୁର ୬୪୧, ଅନୁଗୋଳ ୫୫୯, ବରଗଡ଼ ୪୪୩, ଝାରସୁଗୁଡ଼ା ୪୫୬, କଳାହାଣ୍ଡି ୪୬୯, ପୁରୀ ୪୩୪, ☞ପୃଷ୍ଠା-୪

# ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥଙ୍କ ପରଲୋକ

ଭୁବନେଶ୍ୱର, ୯।୫(ବ୍ୟୁରୋ)

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ଶେଷକୃତ୍ୟ

### ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ



ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ରବିବାର ପରଲୋକ ଘଟିଛି। ଗତ କିଛିଦିନ ହେବ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ରବିବାର ଅପରାହ୍ନ ୩ଟା ୪୯ ମିନିଟ୍‌ରେ ୭୯ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି। ଏ ନେଇ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବାଟମେନ୍‌ବେନ୍ ସୂଚନା ଦେଇଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଘୁନାଥଙ୍କ ପୁଅଙ୍କ ସହିତ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ରଘୁନାଥଙ୍କ ବିୟୋଗରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ରଘୁନାଥଙ୍କ ବିୟୋଗ କେବଳ ରାଜ୍ୟ ନୁହେଁ ସାରା ଦେଶ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ରଘୁନାଥ ପୁରୀ ଜିଲା ପଥୁରିଆ ସାହିରେ ୧୯୪୩ ମାର୍ଚ୍ଚ ୨୩ରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ଅଷ୍ଟମଶ୍ରେଣୀରୁ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ସତକୁ ଡର

## ଆଜିର ମନ୍ତବ୍ୟ

“ ନିଜ ଦେଶରେ ଲୋକେ ମରୁଥିବାବେଳେ କୋଭିଡ୍ ଟିକା ବିଦେଶକୁ ରପ୍ତାନି କରି କେନ୍ଦ୍ର ସରକାର ଜଘନ୍ୟ ଅପରାଧ କରିଛନ୍ତି।

**- ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**

# ଭାରତ ମହାସାଗରରେ ଚାଇନା ରକେଟ୍ ଭଗ୍ନାବଶେଷ

## ନାସା କହିଲା ‘ଦାୟିତ୍ୱହୀନ’

ନୂଆଦିଲ୍ଲୀ, ୯।୫

ମହାକାଶରେ ଅନିୟନ୍ତ୍ରିତ ହୋଇପଡ଼ିଥିବା ଚାଇନାର ଏକ ବୃହତ ରକେଟ ‘ଲଙ୍ଗ୍ ମାର୍ଚ୍ଚ-୫ବି’ର ଭଗ୍ନାବଶେଷ ସପ୍ତାହେ ହେଲା ସମସ୍ତଙ୍କୁ ଚିନ୍ତାରେ ପକାଇଥିବାବେଳେ ତାହା ରବିବାର ଭାରତ ମହାସାଗରରେ ମାଳଦ୍ୱୀପ ନିକଟରେ ଖସିଛି। ପୃଥିବୀ ପୃଷ୍ଠରେ କେଉଁଠାରେ ଏହି ରକେଟ ଖସିବ ତାହାକୁ ନେଇ ଠିକ୍ ଆକଳନ କରାଯାଇପାରି ନ ଥିବାରୁ କ୍ଷୟକ୍ଷତିକୁ ନେଇ ଆଶଙ୍କା ବ୍ୟକ୍ତ କରାଯାଉଥିଲା। ନ୍ୟୁଜିଲାଣ୍ଡର କୌଣସି ଏକ ଦ୍ୱୀପ ନିକଟରେ ଏହା ଖସିବାକୁ ନେଇ ବୈଜ୍ଞାନିକମାନେ ପ୍ରଥମେ କହିଥିଲେ। ତେବେ ବିନା କୌଣସି କ୍ଷତିରେ ରକେଟଟି ରବିବାର ଭାରତୀୟ ସମୟ ସକାଳ ପ୍ରାୟ ୮ଟାରେ ପୃଥିବୀ ପୃଷ୍ଠକୁ ଖସିଥିଲା। ରକେଟଟି ପ୍ରାୟ ୧୦୦ ଫୁଟ୍ ଲମ୍ବ ☞ପୃଷ୍ଠା-୪



ଏପ୍ରିଲ ୨୯ରେ ଚାଇନାର ଟିଆନ୍ ହେ ସ୍ପେସ୍ ଷ୍ଟେଶନରୁ ରକେଟ୍ ଉତ୍କ୍ଷେପଣ ବେଳର ଦୃଶ୍ୟ।

# ଏନ୍‌ଆଇଏ ହାତରେ ୟୁରାନିୟମ୍ ମାମଲା

ମୁମ୍ବାଇ/ଇସ୍‌ଲାମାବାଦ,୯।୫

- ୨୧.୩ କୋଟିର ୟୁରାନିୟମ୍ ଜବତ କରିଥିଲା ମୁମ୍ବାଇ ଏଟିଏସ୍
- ଉଦ୍‌ବେଗ ପ୍ରକାଶ କଲା ପାକିସ୍ତାନ





ୟୁରାନିୟମ୍ (ପ୍ରତୀକାତ୍ମକ ଫଟୋ)। ଗିରଫ ୨ ଅଭିଯୁକ୍ତ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ଉପରେ ଆମେରିକା ଆକାଶମାର୍ଗରୁ ଏକ ୧୦ ଫୁଟ୍ (୩ ମିଟର) ଲମ୍ବର ବୋମା ପକାଇଥିଲା। ବିସ୍ଫୋରଣରେ ୧ ମିନିଟରୁ କମ୍ ସମୟ ଭିତରେ ସବୁକିଛି ଶେଷ ହୋଇଯାଇଥିଲା। ଏଥିରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଯୁଦ୍ଧରେ ପରମାଣୁ ବୋମାର ଏହା ଥିଲା ପ୍ରଥମ ପ୍ରୟୋଗ, ଯେଉଁଥିରେ ୟୁରାନିୟମ୍ ବ୍ୟବହାର କରାଯାଇଥିଲା। ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ବୁଧବାର ମୁମ୍ବାଇରୁ ଏଭଳି ୭.୧ କେ.ଜି ଓଜନର ୟୁରାନିୟମ୍ ଜବତ କରିବା ପରେ ଆର୍ଥିକ ରାଜଧାନୀର ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହି ମାମଲାର ତଦନ୍ତ ଭାର ହାତକୁ ନେଇଛି। ଅନ୍ୟପକ୍ଷେ ଭାରତରେ ଏହି ରେଡିଓଧର୍ମୀ ଘାତକ ଧାତୁ ଜବତ ହେବା ପରେ ପାକିସ୍ତାନ ଉଦ୍‌ବେଗ ପ୍ରକାଶ ସହ ବେଆଇନ ୟୁରାନିୟମ୍ କାରବାରର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛି।

ମେ’ ୫ରେ ମୁମ୍ବାଇ ଏଟିଏସ୍ ଜିଗର ଜୟେଶ ପାଣ୍ଡ୍ୟା(୨୭) ଓ ଅବୁ ତାହିର ଅଫଜଲ ଚୌଧରୀ(୩୧)ଙ୍କଠାରୁ ୭.୧ କେ.ଜି. ପ୍ରାକୃତିକ ୟୁରାନିୟମ୍ ଜବତ କରି ଉଭୟଙ୍କୁ ଗିରଫ କରିଥିଲା। ଏହାର ମୂଲ୍ୟ ପ୍ରାୟ ୨୧.୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଟିଏସ୍ କାଳାଚୌକିରେ ଉଭୟଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ଦୁଇ ଅଭିଯୁକ୍ତ ଉକ୍ତ ୟୁରାନିୟମ୍‌କୁ ଅନ୍‌ଲାଇନ୍‌ରେ ୨୫ କୋଟି ଟଙ୍କାରେ ବିକ୍ରି କରିବାକୁ ଚାହୁଁଥିବାବେଳେ ମୁମ୍ବାଇ ଏଟିଏସ୍‌ର ନାଗପାଡ଼ା ୟୁନିଟ୍ ଜଣେ ଛଦ୍ମବେଶୀ ଗ୍ରାହକଙ୍କୁ ପଠାଇ ଏହାର ନମୁନା ହାତେଇଥିଲା। ଜବତ ପରେ ତାକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି)କୁ ଯାଞ୍ଚ ପାଇଁ ପଠାଯାଇଥିଲା। ବିଏଆର୍‌ସି ଏହା ନାଚୁରାଲ ୟୁରାନିୟମ୍ ବୋଲି ସ୍ପଷ୍ଟ କରିଛି। ଭାରତରେ ବିନା ଲାଇସେନ୍ସରେ ୟୁରାନିୟମ୍ ରଖିବା ବେଆଇନ। ଏହାର ଉଲ୍ଲଂଘନ କଲେ ଆଟମିକ୍ ଏନର୍ଜି ଆଇନ,୧୯୬୨ ବଳରେ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ପୋଲିସ ଉକ୍ତ ଆଇନର ଧାରା ୨୪(୧)(କ) ବଳରେ ଏକ ମାମଲା (ନଂ.୧୪/୨୧) ରୁଜୁ କରିଛି। ଏହା ପୂର୍ବରୁ ୨୦୧୬ରେ ଠାଣେ ପୋଲିସ ବେଆଇନ ୟୁରାନିୟମ୍ କାରବାରର ପର୍ଦ୍ଦାଫାଶ କରି ୨ ଜଣଙ୍କୁ ଗିରଫ କରିଥିଲା। ସେତେବେଳେ ଜବତ ହୋଇଥିବା ୮ କେ.ଜି. ୟୁରାନିୟମ୍‌ର ଆନୁମାନିକ ମୂଲ୍ୟ ୨୪ ☞ପୃଷ୍ଠା-୪



ସହର ପରେ ଗାଁଗୁଡ଼ିକରେ ଏବେ କରୋନାର ଦ୍ୱିତୀୟ ଲହର ମାଡ଼ି ଚାଲିଲାଣି। ଗାଁଗୁଡ଼ିକରେ କିଭଳି କୋଭିଡ୍ ପରିଚାଳନା ହେବ ସେ ନେଇ କେନ୍ଦ୍ର ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ତେଣୁ ସହର ପରେ ଏବେ ଗ୍ରାମାଞ୍ଚଳ ମଧ ଭଗବାନଙ୍କ ଭରସାରେ।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ସଂକ୍ଷେପରେ

### କାବୁଲ ସ୍କୁଲ୍ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୫୦କୁ ବୃଦ୍ଧି

**କାବୁଲ, ୯।୫:** ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ର ଏକ ବାଳିକା ସ୍କୁଲ୍ ନିକଟରେ ଶନିବାର ହୋଇଥିବା ବିସ୍ଫୋରଣ ଜନିତ ମୃତ୍ୟୁସଂଖ୍ୟା ୫୦କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀଙ୍କ ବୟସ ୧୧ରୁ ୧୫ ବର୍ଷ ମଧ୍ୟରେ। ବିସ୍ଫୋରଣରେ ଶତାଧିକ ଆହତ ହୋଇଥିବା ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ମୁଖପାତ୍ର ତାରିକ୍ ଆରିଆନ୍ କହିଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗର୍ଲ୍ସ ସ୍କୁଲ୍ ଗେଟ୍ ପାଖରେ ୩ଟି ବିସ୍ଫୋରଣ ହୋଇଥିଲା। ସେତେବେଳେ ପିଲାମାନେ ଘରକୁ ଫେରିବାକୁ ବାହାରିଥିଲେ। ଆଫଗାନିସ୍ତାନର ହାଜାରା ସମ୍ପ୍ରଦାୟଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି। ବିସ୍ଫୋରଣ ପାଇଁ ତାଲିବାନ ଦାୟୀ ନୁହେଁ ବୋଲି କହିବା ସହ ଆକ୍ରମଣକୁ ନିନ୍ଦା କରିଛି।

### 'କରୋନାରୁ ସୁରକ୍ଷିତ ରହିବାକୁ ଗୋମୂତ୍ର ପିଅ'



**ନୂଆଦିଲ୍ଲୀ, ୯।୫:** ଗୋମୂତ୍ର ପିଇଲେ କରୋନାରୁ ସୁରକ୍ଷିତ ରହିପାରିବ ବୋଲି ଉତ୍ତରପ୍ରଦେଶର ଭାଜପା ବିଧାୟକ ସୁରେନ୍ଦ୍ର ସିଂଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଛି। ସବୁଦିନ ସକାଳେ ଖାଲି ପେଟରେ ଗୋମୂତ୍ର ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ ଏବଂ ଏହା କରୋନାରୁ ସୁରକ୍ଷା ଦେବ ବୋଲି ବଇରିଆ ବିଧାୟକ ସିଂ କହିଛନ୍ତି। ଏହାକୁ ନେଇ ସେ ଏକ ଭିଡିଓ କରିଛନ୍ତି। ପତଞ୍ଜଳିର ଗୋମୂତ୍ର ବୋତଲ ଧରି ସେଥିରୁ ୫୦ ମିଲିଟର ପାଣିରେ ମିଶାଇ ପିଇବାକୁ ସେ କହୁଥିବା ଦେଖିବାକୁ ମିଳିଛି। ସେ ନିଜେ ଏହାକୁ ପିଉଥିବାରୁ କରୋନାରୁ ସୁରକ୍ଷିତ ଅଛନ୍ତି ବୋଲି ଦାବି ମଧ କରିଛନ୍ତି। ବୈଜ୍ଞାନିକଙ୍କ ଶତ ଚେଷ୍ଟା ସତ୍ତ୍ୱେ ଲକ୍ଷ ଲକ୍ଷ ଲୋକ କରୋନାରେ ପ୍ରାଣ ହରାଉଛନ୍ତି। ତେଣୁ ସଭିଏଁ ଠାକୁରଙ୍କୁ ଡାକି ପୁରୁଣା ପଦ୍ଧତି ଆପଣାଇବାକୁ ବିଧାୟକ ଭିଡିଓରେ କହିଛନ୍ତି।

### ୟେମେନ୍‌ରେ ରକ୍ତାକ୍ତ ସଂଘର୍ଷ: ୪୪ ମୃତ

**ସାନା, ୯।୫(ଆଇଏଏନ୍ଏସ୍):** ୟେମେନ୍‌ର ତୈଳ ବହୁଳ ମାରିବ୍ ପ୍ରଦେଶରେ ସରକାର ସପକ୍ଷବାଦୀ ଗୋଷ୍ଠୀ ଏବଂ ହାଉଥି ବିଦ୍ରୋହୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୪୪ ଜଣଙ୍କ ଜୀବନ ଯାଇଛି। ପଶ୍ଚିମ ମାରିବ୍‌ର ସରକାର ସପକ୍ଷବାଦୀ ବାହିନୀ ବିରୋଧରେ ବିଭିନ୍ନ ସ୍ଥାନରେ ହାଉଥି ଯୋଦ୍ଧାମାନେ ଆକ୍ରମଣ କରିଥିଲେ। ସରକାରଙ୍କୁ ସମର୍ଥନ କରୁଥିବା ସ୍ଥାନୀୟ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ସହ ହାଉଥି ଆକ୍ରମଣକାରୀଙ୍କୁ ସାମନା କରିଥିଲେ। ଏଥିରେ ୨୭ ହାଉଥି ଯୋଦ୍ଧା ନିହତ ହେବା ସହ ସରକାର ସପକ୍ଷବାଦୀ ଗୋଷ୍ଠୀର ୧୭ ଜଣ ପ୍ରାଣ ହରାଇଛନ୍ତି। ଏହି ସଂଘର୍ଷରେ ଶତାଧିକ ଆହତ ହୋଇଛନ୍ତି।

### ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇପାରିବ

**ନୂଆଦିଲ୍ଲୀ,୯।୫:** ଜଣଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀକୁ ସତ୍ୟ ଓ ସ୍ୱେଚ୍ଛାକୃତ ବୋଲି କୋର୍ଟ ଗ୍ରହଣ କରିବା ପରେ ତାକୁ ଦଣ୍ଡବିଧାନର ମୌଳିକ ଆଧାର ରୂପେ ଧରାଯାଇପାରିବ। ଏଥିଲାଗି ଅନ୍ୟ ଅଧିକ ସାକ୍ଷ୍ୟ ପ୍ରମାଣର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ଦୋହରାଇଛନ୍ତି। ଏକ ହତ୍ୟା ମାମଲାରେ ତଳ କୋର୍ଟ ଅଭିଯୁକ୍ତଙ୍କୁ ମୁକ୍ତ କରିଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ଉକ୍ତ ରାୟକୁ ପଲଟାଇ ଦୋଷୀ ସାବ୍ୟସ୍ତ କରିଥିଲେ। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ମୃତ୍ୟୁ ପୂର୍ବରୁ ଦେଇଥିବା ବୟାନକୁ ହାଇକୋର୍ଟ ଗ୍ରହଣ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଛନ୍ତି। ଯେଉଁଠି ଜଣେ ବ୍ୟକ୍ତିଙ୍କ ବଞ୍ଚିବା ଆଶା କ୍ଷୀଣ ଥିବ, ସେ ମରିବା ପୂର୍ବରୁ ଦେଇଥିବା ବୟାନକୁ ନିର୍ଦ୍ଦିଷ୍ଟ ଭାବେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

# ବିଗ୍ ବି, ଟ୍ରମ୍ପଙ୍କ ନାଁରେ ଫେକ୍ ଇ-ପାସ୍

ହିମାଚଳ ପ୍ରଦେଶରେ କରୋନା କଟକଣା ଜାରି ହୋଇଥିବାବେଳେ ଜରୁରୀ ସେବାରେ ନିୟୋଜିତ ଲୋକଙ୍କ ପାଇଁ ଇ-ପାସ୍ ବାଧ୍ୟତାମୂଳକ କରାଯାଇଛି। ସ୍ଥାନୀୟ ପୋଲିସ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନଙ୍କ ନାଁରେ ଫେକ୍ ଇ-ପାସ୍ ଇସ୍ୟୁ କରାଯାଇଥିବା ଜାଣିବାକୁ ପାଇଥିବାବେଳେ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ସେହି ଇ-ପାସ୍‌ଗୁଡ଼ିକରେ ସମାନ ଆଧାର କାର୍ଡ ଓ ଫୋନ୍ ନମ୍ବର ଥିବା ପୋଲିସ କହିଛି।



# ଅସୁବିଧାରେ ପକାଉଛି ଟୁଇଟର

ଟୁଇଟରରେ ଦେଉଥିବା ମନ୍ତବ୍ୟ ତାଙ୍କୁ ଅନେକ ସମୟରେ ଅସୁବିଧାରେ ପକାଉଛି ବୋଲି କହିଛନ୍ତି ସ୍ପେସ୍ ଏକ୍ସ ଓ ଟେସ୍‌ଲା ସିଇଓ ଏଲନ୍ ମସ୍କ। ଆମେରିକାର ଏକ କମେଡି ଶୋ' 'ସଟର୍ଡେ ନାଇଟ୍ ଲାଇଭ୍'ରେ ମସ୍କ କହିଛନ୍ତି, ନ୍ୟୁରୋ ଡେଭେଲପମେଣ୍ଟାଲ ଡିଜ୍‌ଅର୍ଡର 'ଆସ୍‌ପର୍ଜର ସିଣ୍ଡ୍ରୋମ'ରେ ପୀଡ଼ିତ ଥାଇ ବି ସେ ଏହି ଶୋ ହୋଷ୍ଟ କରିବାରେ ପ୍ରଥମ। ତାଙ୍କଠାରୁ ଲୋକେ କ'ଣ ଆଶା ରଖନ୍ତି ତାହା ସେମାନେ ବି ଜାଣି ନ ଥାନ୍ତି। ବୈଦ୍ୟୁତିକ ଯାନ ନିର୍ମାଣ, ରକେଟ୍‌ରେ ଲୋକଙ୍କୁ ମଙ୍ଗଳ ପଠାଇବା ଭଳି କାମ ସହଜ ନୁହେଁ ବୋଲି କହିଥିଲେ।



# ୧୦ ରାଜ୍ୟରେ ୭୧% ସଂକ୍ରମଣ



**ନୂଆଦିଲ୍ଲୀ, ୯।୫(ପି.ଟି.)**

ଭାରତରେ ରବିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ୪,୦୩,୭୩୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୨୨,୯୬,୪୧୪ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ଗତ ୨୪ ଘଣ୍ଟାରେ ମହାମାରୀରେ ୪,୦୯୨ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ଦେଶରେ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୨,୪୨,୩୬୨ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୩୭,୩୬,୬୪୮କୁ ବୃଦ୍ଧି ପାଇଛି। ନୂଆ ସଂକ୍ରମଣର ୭୧.୭୫ ପ୍ରତିଶତ ୧୦ଟି ରାଜ୍ୟରେ ଦେଖିବାକୁ ମିଳିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, କର୍ଣ୍ଣାଟକ, ଦିଲ୍ଲୀ, କେରଳ, ତାମିଲନାଡୁ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ ହରିୟାଣା। ମହାରାଷ୍ଟ୍ରରେ ଦିନକରେ ୫୬,୫୭୮ ଜଣ ସଂକ୍ରମିତ ହୋଇଥିବାବେଳେ କର୍ଣ୍ଣାଟକରେ ୪୭,୫୬୩ ଏବଂ କେରଳରେ ୪୧,୯୭୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୦.୨୨ କୋଟିରୁ ଊର୍ଦ୍ଧ୍ୱ କୋଭିଡ୍ ପରୀକ୍ଷା କରାଗଲାଣି। ପ୍ରତି ୧୦୦ ପରୀକ୍ଷାରେ ପଜିଟିଭ୍ ହାର ୨୧.୬୪ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ସକ୍ରିୟ ମାମଲା ସଂଖ୍ୟା ୧୩,୨୦୨ ବଢ଼ିଛି। ମୋଟ ସକ୍ରିୟ ମାମଲାର ୮୨.୯୪ ପ୍ରତିଶତ ୧୪ଟି ରାଜ୍ୟରେ ଦେଖାଯାଇଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ତାମିଲନାଡୁ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ବିହାର ଏବଂ ମଧ୍ୟପ୍ରଦେଶ।

ଗୋଟିଏ ଦିନରେ ୪,୦୯୨ ଜଣ ମହାମାରୀରେ ପ୍ରାଣ ହରାଇଥିବାବେଳେ ମହାରାଷ୍ଟ୍ରରେ ସର୍ବାଧିକ ୮୬୪ ଜଣଙ୍କ ଜୀବନ ଯାଇଛି। ଏହା ପଛକୁ କର୍ଣ୍ଣାଟକରେ ମୃତ୍ୟୁସଂଖ୍ୟା ୪୮୨ ଥିବା ଜଣାପଡ଼ିଛି। ୨୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୧୦ ଲକ୍ଷ ଲୋକରେ ମୃତ୍ୟୁସଂଖ୍ୟା ଜାତୀୟ ହାର ୧୭୬ରୁ କମ୍ ରହିଛି। ଅନ୍ୟ ପକ୍ଷରେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହାରାହାରି ମୃତ୍ୟୁସଂଖ୍ୟା ଜାତୀୟ ହାରଠାରୁ ଅଧିକ ରହିଥିବା ଜଣାପଡ଼ିଛି।



ବ୍ରାସିଲିଆରେ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ (ବାମ) ବାଇକ୍ ଶୋଭାଯାତ୍ରା କରୁଛନ୍ତି। ଦେଶରେ କରୋନା ସଂକ୍ରମଣ ବଢ଼ୁଥିବାବେଳେ ସେ ମାସ୍କ ପିନ୍ଧିନାହାନ୍ତି।



ନୂଆଦିଲ୍ଲୀସ୍ଥିତ ଏଲ୍‌ଏନ୍‌ଜେପି ହସ୍ପିଟାଲ ବାହାରେ ଜଣେ କୋଭିଡ୍ ମୃତକଙ୍କ ସମ୍ପର୍କୀୟ କାନ୍ଦୁଛନ୍ତି।

## ୪ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ, ୯।୫(ପି.ଟି.)**

କରୋନା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପଞ୍ଜାବ, କର୍ଣ୍ଣାଟକ, ବିହାର ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମହାମାରୀ ସ୍ଥିତି ଜାଣିବା ପାଇଁ କିଛିଦିନ ହେଲା ପ୍ରଧାନମନ୍ତ୍ରୀ ସମ୍ପୃକ୍ତ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କ ସହ ଆଲୋଚନା କରିଆସୁଛନ୍ତି ଓ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ମହାମାରୀର ଦ୍ୱିତୀୟ ଲହରକୁ ମୁକାବିଲା କରିବା ଲାଗି ରାଜ୍ୟଗୁଡ଼ିକ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଉଛନ୍ତି। ଦେଶରେ କ୍ରମାଗତ ଭାବେ ସଂକ୍ରମଣ ବଢ଼ିଚାଲିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୪,୦୩,୭୩୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଏବଂ ୪,୦୯୨ ଜଣଙ୍କ ଜୀବନ ଯାଇଛି।

## କବିଙ୍କ ଆକାଉଣ୍ଟ ବ୍ଲକ୍ କଲା ଫେସ୍‌ବୁକ୍

### କେରଳରେ ଭାଜପାର ପରାଜୟ ନେଇ ପୋଷ୍ଟ କରିଥିଲେ

**ଥିରୁଭାନନ୍ତପୁରମ୍, ୯।୫**

କେରଳର କବି କେ. ସଚ୍ଚିଦାନନ୍ଦନ ଫେସ୍‌ବୁକ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ। ରାଜ୍ୟରେ ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପା ହାରିବ ବୋଲି ଏଥିରେ ବ୍ୟଙ୍ଗ କରାଯାଇଥିଲା। ଉକ୍ତ ପୋଷ୍ଟ ପରେ ଫେସ୍‌ବୁକ୍ ତାଙ୍କ ଆକାଉଣ୍ଟକୁ ୨୪ ଘଣ୍ଟା ପାଇଁ ବ୍ଲକ୍ କରିଦେଇଥିଲା। ଏନେଇ ସଚ୍ଚିଦାନନ୍ଦନ କହିଛନ୍ତି, ତାଙ୍କ ପାଖକୁ ହ୍ୱାଟ୍ସଆପ୍‌ରେ ଆସିଥିବା ମେସେଜ୍‌କୁ ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଶେୟାର କରିଥିଲେ। ସେଥିରେ ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡୋଲ୍ଫ ହିଟ୍‌ଲର ନିଜ ପରାଜୟ ପରେ ସୈନ୍ୟମାନଙ୍କୁ ସମ୍ବୋଧିତ କରୁଥିବା ଦେଖାଯାଇଥିଲା। ମାଲୟାଲମ୍ ଭାଷାରେ କୁହାଯାଇଥିଲା, କେରଳ ନିର୍ବାଚନରେ ପରାଜୟ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପାର ବରିଷ୍ଠ ନେତାମାନେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କରୁଛନ୍ତି। ଏହା ବ୍ୟଙ୍ଗାତ୍ମକ ହୋଇଥିଲେ ହେଁ କାହାକୁ ଅପମାନିତ କଲାଭଳି ନୁହେଁ। ତେବେ ଭାରତ ଫେସ୍‌ବୁକ୍‌ର ଏକ ବଡ଼ ମାର୍କେଟ ହୋଇଥିବାରୁ କେନ୍ଦ୍ରରେ କ୍ଷମତାସୀନ ଭାଜପା କଥା ମାନି ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଥିଲା ବୋଲି କବି ଅଭିଯୋଗ ଆଣିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର କହିଛନ୍ତି, ସଚ୍ଚିଦାନନ୍ଦନ୍ କେରଳର ଜଣେ ମହାନ୍ କବି। ରାଜନୀତିରେ ସେନ୍‌ସରଶିପ୍‌କୁ ଅନୁମତି ଦିଆଯିବା ଅନୁଚିତ।



କେ. ସଚ୍ଚିଦାନନ୍ଦନ

# ପ୍ରଧାନମନ୍ତ୍ରୀଙ୍କୁ ଖାର୍ଗେଙ୍କ ୬ ପ୍ରସ୍ତାବ

**ନୂଆଦିଲ୍ଲୀ, ୯।୫**

କରୋନା ଦ୍ୱିତୀୟ ଲହରର ମୁକାବିଲା ପାଇଁ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ୬ଟି ପ୍ରସ୍ତାବ ଦେଇଛନ୍ତି। ମହାମାରୀ ସାଧାରଣ ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଲାଣି। ଚିକିତ୍ସା ପାଇଁ ଲୋକେ ସେମାନଙ୍କ ଜମି, ଗହଣା ବିକ୍ରି କରିଦେବା ସହ ଜୀବନ ସାରା ସଞ୍ଚିଥିବା ଧନକୁ ଖର୍ଚ୍ଚ କରିଦେଉଛନ୍ତି। କେନ୍ଦ୍ର ସରକାର ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୋଇଥିବାବେଳେ ମହାମାରୀ ମୁକାବିଲାରେ ସିଭିଲ୍ ସୋସାଇଟି ଏବଂ ନାଗରିକ ଗୋଷ୍ଠୀ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ସାମୂହିକ ତଥା ସହମତି ଆଧାରିତ ଦୃଷ୍ଟିଭଙ୍ଗୀ ଆପଣାଇବା ପାଇଁ ରାଜ୍ୟ ସଭାର ବିରୋଧୀ ଦଳ ନେତା ଆହ୍ୱାନ ଦେଇଛନ୍ତି। ମହାମାରୀର ମୁକାବିଲା ପାଇଁ ମିଳିତ ଭାବେ ଯୋଜନା ରୂପରେଖ ପ୍ରସ୍ତୁତ ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। କୋଭିଡ୍ ଟିକାକରଣ ଲାଗି ବଜେଟରେ ୩୫,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସମସ୍ତେ ଯେପରି ଟିକା ନେବେ ତାହା ସୁନିଶ୍ଚିତ କରାଯାଉ। ସେହିପରି ଟିକା ଉତ୍ପାଦନ ବୃଦ୍ଧି ପାଇଁ ବାଧ୍ୟତାମୂଳକ ଲାଇସେନ୍ସ ବ୍ୟବସ୍ଥା ଉଠାଇଦେବା ଏବଂ ଗୁରୁତ୍ୱପୂର୍ଣ୍ଣ ମେଡ଼ିକାଲ ଉପକରଣ, ଟିକା ଉପରୁ କେନ୍ଦ୍ର ଟିକସ ଛାଡ଼ କରୁ। ବିଦେଶରୁ ଆସୁଥିବା ସହାୟତା ସାମଗ୍ରୀର ଉପଯୁକ୍ତ ବଣ୍ଟନ କରିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏରେ ପ୍ରବାସୀ ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ କାର୍ଯ୍ୟଦିବସ ଓ ସର୍ବନିମ୍ନ ମଜୁରି ବୃଦ୍ଧି କରିବା ପାଇଁ କଂଗ୍ରେସ ନେତା ପରାମର୍ଶ ଦେଇଛନ୍ତି।



**ମହାମାରୀ ମୁକାବିଲା ଯୋଜନା ପ୍ରସ୍ତୁତି ଲାଗି ସର୍ବଦଳୀୟ ବୈଠକ ଡକାଯାଉ**

## ଦିଲ୍ଲୀରେ ବଢ଼ିଲା ଲକ୍‌ଡାଉନ ଅବଧି

**ନୂଆଦିଲ୍ଲୀ, ୯।୫**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଲକ୍‌ଡାଉନ୍ ଓ ଉତ୍ତରପ୍ରଦେଶରେ କର୍ଫ୍ୟୁ ଅବଧି ବଢ଼ାଯାଇଛି। ଦିଲ୍ଲୀରେ ଏହି କଟକଣା ସପ୍ତାହେ ବଢ଼ାଯାଇ ମେ ୧୭ ପର୍ଯ୍ୟନ୍ତ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି। ଏପ୍ରିଲ ୨୦ରୁ ଦିଲ୍ଲୀରେ ଲକ୍‌ଡାଉନ କରାଯାଇଥିବାବେଳେ ୧୦ ମେ ସକାଳ ୫ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ ବୋଲି ଘୋଷଣା ହୋଇଥିଲା। ସେହିପରି ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଜାରି କରିଥିବା କର୍ଫ୍ୟୁକୁ ମେ ୧୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି।

## 'ମୋଦିଙ୍କ କାର୍ଯ୍ୟ ଅକ୍ଷମଣୀୟ'

### କୋଭିଡ୍ ବିଫଳତା ପାଇଁ ନିଜକୁ ଦାୟୀ କରୁ କେନ୍ଦ୍ର: ଲାନ୍‌ସେଟ୍

**ନୂଆଦିଲ୍ଲୀ, ୯।୫**

ଭାରତରେ କରୋନାର ଦ୍ୱିତୀୟ ଲହରରେ ସର୍ବାଧିକ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ରେକର୍ଡ ଭାଙ୍ଗିବାକୁ ନେଇ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ଦାୟୀ କରିଛି ଅନ୍ତର୍ଜାତୀୟ ମେଡିକାଲ ଜର୍ନାଲ 'ଦି ଲାନ୍‌ସେଟ୍'। ଏହି ପତ୍ରିକା ଶନିବାର ଏହା ଉପରେ ଏକ ସମ୍ପାଦକୀୟ ପ୍ରକାଶ କରିଛି। ଏଥିରେ ଉଲ୍ଲେଖ କରାଯାଇଛି, ମହାମାରୀର ପ୍ରାରମ୍ଭରେ ଭାରତ ଏହାକୁ ସଫଳତାର ସହ ମୁକାବିଲା କରିଥିଲେ ହେଁ ଦ୍ୱିତୀୟ ଲହର ଏ ସବୁକୁ ନିରର୍ଥକ ସାବ୍ୟସ୍ତ କରିଦେଇଛି। ସଙ୍କଟ ସମୟରେ ସମାଲୋଚନା ତଥା ଖୋଲା ଆଲୋଚନାକୁ ବନ୍ଦ କରିବାକୁ ଚେଷ୍ଟା କରୁଥିବା ମୋଦିଙ୍କ କାର୍ଯ୍ୟକଳାପ 'ଅକ୍ଷମଣୀୟ'। ଦ୍ୱିତୀୟ ଲହର ପୂର୍ବରୁ ଏପ୍ରିଲ ସୁଦ୍ଧା ଭାରତ ସରକାରଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଥିଲେ ମଧ କୋଭିଡ୍-୧୯ ଟାସ୍କଫୋର୍ସ ସମ୍ପୂର୍ଣ୍ଣ ହୋଇନାହିଁ। ଏହାର ପରିଣାମ ଏବେ ଭୟଙ୍କର ହୋଇଛି। ସଙ୍କଟ ବଢ଼ୁଥିବାରୁ ଭାରତକୁ ଏହି ଟାସ୍କଫୋର୍ସକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଉଚିତ୍। ସରକାର ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କରି ଦାୟିତ୍ୱପୂର୍ଣ୍ଣ ନେତୃତ୍ୱ ନେବା ଉପରେ କୋଭିଡ୍ ମୁକାବିଲାର ସଫଳତା ନିର୍ଭର କରେ ବୋଲି ଲାନ୍‌ସେଟ୍ କହିଛି।



## ୬ ଫୁଟ୍‌ରୁ ଅଧିକ ଦୂରକୁ ବ୍ୟାପିପାରେ କରୋନା ଭୂତାଣୁ

**ନୂଆଦିଲ୍ଲୀ, ୯।୫**

କରୋନା ଭୂତାଣୁ ବାୟୁବାହିତ। ଏହା ବାୟୁରେ ୬ ଫୁଟ୍‌ରୁ ଅଧିକ ଦୂରକୁ ବ୍ୟାପିପାରେ ବୋଲି ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ ପକ୍ଷରୁ କୁହାଯାଇଛି। ସଂକ୍ରମଣରୁ ବର୍ତ୍ତିବା ପାଇଁ ଏହି ସଂସ୍ଥା ପକ୍ଷରୁ ନୂଆ ଗାଇଡ୍‌ଲାଇନ ଜାରି ହୋଇଛି। ଜଣେ ବ୍ୟକ୍ତି ନିଃଶ୍ୱାସରେ ଛାଡୁଥିବା ବାୟୁରେ ରହିଥିବା ଅତି ସୂକ୍ଷ୍ମ ଜଳକଣାରେ ଭୂତାଣୁ ରହିଥାନ୍ତି। ୬ ଫୁଟ ପର୍ଯ୍ୟନ୍ତ ଏହି ଜଳକଣାରେ ଭୂତାଣୁ ବ୍ୟାପୁଥିବା କଥା ପୂର୍ବରୁ କୁହାଯାଇଥିଲା। ତେଣୁ ସଂକ୍ରମଣରୁ ବର୍ତ୍ତିବା ଲାଗି ପରସ୍ପର ମଧ୍ୟରେ ୬ ଫୁଟ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଥିଲା। ଆମେରିକାର ଶୀର୍ଷ ମେଡିକାଲ ସଂସ୍ଥା କହିବା ଅନୁଯାୟୀ ୩ରୁ ୬ ଫୁଟ ମଧ୍ୟରେ ସଂକ୍ରମଣ ବିପଦ ସର୍ବାଧିକ। କାରଣ ଏହି ଦୂରତା ମଧ୍ୟରେ ସୂକ୍ଷ୍ମ ଜଳକଣାର ସାନ୍ଦ୍ରତା ସର୍ବାଧିକ ରହିଥାଏ। ନିଃଶ୍ୱାସ ବାୟୁରେ ଆସୁଥିବା ଜଳକଣା ଓ ସୂକ୍ଷ୍ମ କଣିକା ଶୁଖିଯିବା ପରେ ବାୟୁରେ କିଛି ସମୟ ପାଇଁ ଭାସିବୁଲେ। ଫଳରେ ଦୂରତା ଯେତେ ବଢ଼ିବ ସଂକ୍ରମଣ ଆଶଙ୍କା ସେତେ କମ୍ ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ଘର ଭିତରେ ଜଣେ ସଂକ୍ରମିତ ବ୍ୟକ୍ତି ଛାଡୁଥିବା ନିଃଶ୍ୱାସରେ ଭୂତାଣୁ ୧୫ ମିନିଟରୁ ଅଧିକ ସମୟ ସକ୍ରିୟ ରହିଥାନ୍ତି ଓ କେତେକ କ୍ଷେତ୍ରରେ ଏହା ଘଣ୍ଟା ଘଣ୍ଟା ଧରି ସକ୍ରିୟ ରହିଥାନ୍ତି। ତେଣୁ ଏହା ୬ଫୁଟରୁ ଅଧିକ ଦୂରରେ ଥିବା ଲୋକଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ୬ ଫୁଟରୁ ଅଧିକ ଶାରୀରିକ ଦୂରତା ବଜାୟ ରଖିବା ସହ ଉପଯୁକ୍ତ ମାସ୍କ ପରିଧାନ କରିବା ଏବଂ ଜନଗହଳିପୂର୍ଣ୍ଣ ଆବଦ୍ଧ ସ୍ଥାନଠାରୁ ନିଜକୁ ଦୂରେଇ ରଖିବା ଲାଗି ପରାମର୍ଶ ଦିଆଯାଇଛି।

# କରୋନା ରୋଗୀଙ୍କୁ ବିକଳାଙ୍ଗ କରୁଛି ବ୍ଲାକ୍ ଫଙ୍ଗସ୍

**ନୂଆଦିଲ୍ଲୀ, ୯।୫**

ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହର ଭୟଙ୍କର ଭାବେ ମାଡ଼ିଚାଲିଛି। ଏଥିରେ ଦୈନିକ ୪ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହେଉଥିବାବେଳେ ହଜାର ହଜାର ଲୋକଙ୍କ ଜୀବନ ଯାଉଛି। ଏବେ ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର ଆଦି ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ରୋଗୀଙ୍କଠାରେ ମ୍ୟୁକୋରମାଇକୋସିସ୍ ବ୍ଲାକ୍ ଫଙ୍ଗସ୍ ଭଳି ମାରାତ୍ମକ ରୋଗର ଲକ୍ଷଣ ଦେଖାଯାଉଛି। ଦିଲ୍ଲୀ ଓ ଗୁଜରାଟରେ ଦେଖାଦେଇଥିବା ଏହି ରୋଗରେ ଗତ ୧୫ ଦିନ ମଧ୍ୟରେ ୧୪ରୁ ଊର୍ଦ୍ଧ୍ୱ କରୋନା ରୋଗୀ ଦୃଷ୍ଟିଶକ୍ତି ହରାଇଲେଣି। କେବଳ ଦୃଷ୍ଟିଶକ୍ତି ନୁହେଁ ଅନ୍ୟାନ୍ୟ ଅଙ୍ଗକୁ ମଧ ଅଚଳ କରିଦେଉଛି ଏହି ରୋଗ। ଶନିବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲରେ ଜଣେ ଯୁବତୀଙ୍କ ଆଖିକୁ ଅସ୍ତ୍ରୋପଚାର କରି ବାହାର କରିଦିଆଯାଇଛି। ସେ ୩ ସପ୍ତାହ ପୂର୍ବରୁ କରୋନାରୁ ଆରୋଗ୍ୟ ହୋଇଥିଲେ। ଡାଇବେଟିସ୍ ଆକ୍ରାନ୍ତ ଉକ୍ତ ଯୁବତୀଙ୍କ ଆଖି, ନାକ ଓ ଗଳାରେ ସମସ୍ୟା ଦେଖାଦେଇଥିଲା। ନାକ ଅସ୍ତ୍ରୋପଚାର କରାଯାଇ ଏକ ନଳୀ ଲଗାଯିବା ସହ ଆଖିକୁ ସମ୍ପୂର୍ଣ୍ଣ ବାହାର କରିଦେବାକୁ ପଡ଼ିଛି। କରୋନାରୁ ଆରୋଗ୍ୟ ହେବା ପରେ ଏଭଳି ରୋଗ ରୋଗୀଙ୍କୁ ପଙ୍ଗୁ କରିଦେଉଛି।

ମ୍ୟୁକୋରମାଇସୋସିସ୍ ବା ବ୍ଲାକ୍ ଫଙ୍ଗସ୍ ଅତି ବିରଳ ସଂକ୍ରମଣ। ସାଧାରଣତଃ ମାଟି, ଗଛ, ଖତ, ପଚାଶଢ଼ା ଫଳ ଓ ପନିପରିବାରେ ଦେଖାଯାଉଥିବା ମ୍ୟୁକୋର ମାଉଲ୍ଡ ଶରୀର ମଧ୍ୟରେ ପ୍ରବେଶ କରିବା ପରେ ଏପରି ସଂକ୍ରମଣ ହୋଇଥାଏ। ଏହା ସାଇନସସ୍, ମସ୍ତିଷ୍କ ଓ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ ଏବଂ ମଧୁମେହ କିମ୍ବା କ୍ୟାନ୍ସର, ଏଚ୍‌ଆଇଭି ରୋଗୀଙ୍କ ପାଇଁ ମାରାତ୍ମକ ହୋଇଥାଏ। କୋଭିଡ୍ ଚିକିତ୍ସା ବେଳେ ଗୁରୁତର ରୋଗୀଙ୍କୁ ଦିଆଯାଉଥିବା ଷ୍ଟିରଏଡ୍‌ରୁ ମ୍ୟୁକୋରମାଇକୋସିସ୍ ସୃଷ୍ଟି ହେଉଥିବା ଡାକ୍ତରମାନେ ବିଶ୍ୱାସ କରୁଛନ୍ତି। କରୋନା ରୋଗୀଙ୍କ ଫୁସ୍‌ଫୁସ୍ ପ୍ରଦାହ ହ୍ରାସ ଲାଗି ଷ୍ଟିରଏଡ୍ ଦିଆଯାଇଥାଏ। ଏହା ମଧ ଫୁସ୍‌ଫୁସ୍‌ରେ କରୋନା ଜନିତ କ୍ଷତିକୁ କିଛି ପରିମାଣରେ ଅଟକାଇବାରେ ସହାୟକ ହୋଇଥାଏ। କିନ୍ତୁ ଏହି ଷ୍ଟିରଏଡ୍ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିବା ସହ ରୋଗୀ ଶରୀରରେ ରକ୍ତ ଶର୍କରା ପରିମାଣ ବଢ଼ାଇ ଦେଇଥାଏ। ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କାରଣରୁ ମ୍ୟୁକୋରମାଇକୋସିସ୍ ହେଉଥିବା ବିଶ୍ୱାସ କରାଯାଉଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
| --- | --- | --- | --- |
| ବିଶ୍ୱ | ୧୫,୮୭,୫୫,୮୭୮ | ୩୩,୦୨,୩୮୭ | ୧୩,୬୨,୫୬,୬୧୩ |
| ଭାରତ | ୨,୨୬,୦୨,୫୯୬ | ୨,୪୫,୨୫୬ | ୧,୮୬,୦୭,୮୧୮ |
| ଓଡ଼ିଶା | ୫,୩୪,୮୪୨ | ୨୧୮୦(+୫୩) | ୪,୪୭,୮୬୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ରବିବାର ଭୁବନେଶ୍ୱର ଜନପଥ ଶୂନ୍‌ଶାନ।

# ୧୭ ଦିନରେ ଗଲାଣି ୮୬୮୯.୬୨୬ ଟନ୍ ଅକ୍ସିଜେନ୍

କଟକ ଅଫିସ,୯।୫

କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ପରିସ୍ଥିତିରେ ସାରା ଦେଶକୁ ମେଡିକାଲ ଅକ୍ସିଜେନ୍ ଯୋଗାଇଛି ଓଡ଼ିଶା। ୧୭ ଦିନ ମଧ୍ୟରେ ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଏବଂ ଯାଜପୁର ଜିଲାରୁ ୪୭୩ ଟ୍ୟାଙ୍କରରେ ୮୬୮୯.୬୨୬ ଟନ୍‌ରୁ ଅଧିକ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଆନ୍ଧ୍ରପ୍ରଦେଶକୁ ୧୪୧ ଟ୍ୟାଙ୍କରରେ ୨୮୫୪.୪୨୪ ଟନ୍, ତେଲଙ୍ଗାନାକୁ ୧୨୨ ଟ୍ୟାଙ୍କରରେ ୨୦୭୨.୪୨୪ ଟନ୍, ତାମିଲନାଡୁକୁ ୧୦ ଟ୍ୟାଙ୍କରରେ ୨୦୨.୦୪ ଟନ୍, ହରିୟାଣାକୁ ୬୫ ଟ୍ୟାଙ୍କରରେ ୧୧୭୮.୨୨୨ ଟନ୍, ମହାରାଷ୍ଟ୍ରକୁ ୨୨ ଟ୍ୟାଙ୍କରରେ ୩୮୮.୬୮ ଟନ୍, ଛତିଶଗଡ଼କୁ ୧୯ ଟ୍ୟାଙ୍କରରେ ୨୮୯.୬୫୧ ଟନ୍, ଉତ୍ତରପ୍ରଦେଶକୁ ୩୫ ଟ୍ୟାଙ୍କରରେ ୬୪୪.୦୮ ଟନ୍, ମଧ୍ୟପ୍ରଦେଶକୁ ୪୨ ଟ୍ୟାଙ୍କରରେ ୭୩୨.୦୨ ଟନ୍, ଦିଲ୍ଲୀକୁ ୧୩ ଟ୍ୟାଙ୍କରରେ ୨୩୭.୨୪ ଟନ୍, ପଞ୍ଜାବକୁ ୨ ଟ୍ୟାଙ୍କରରେ ୫୮.୨୨ ଟନ୍ ଓ ବିହାରକୁ ୨ଟି ଟ୍ୟଙ୍କରରେ ୩୧.୨୯ ଟନ୍ ଅକ୍ସିଜେନ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଆହତ





କେନ୍ଦ୍ରମନ୍ତ୍ରୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ।



ଆହତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ

ସଜନାଗଡ଼, ୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ୧୯ ନଂ. ରାଜ୍ୟ ରାଜପଥ ଶେରଗଡ-ଉଦଳା ରାସ୍ତାର ପୋଡ଼ାଶୁଳ ଛକଠାରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସାମ୍ନା ପଟୁ ଆସୁଥିବା ଏକ ଟ୍ରାକ୍ଟର ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମନ୍ତ୍ରୀଙ୍କ ସମେତ ୩ ଆହତ ହୋଇଛନ୍ତି। ଆହତ ମନ୍ତ୍ରୀଙ୍କୁ ପ୍ରଥମେ ନୀଳଗିରି ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ନାକ ଓ ଗୋଡ଼ରେ ଆଘାତ ଲାଗିଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଖବର

## ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ନୀଳଗିରିଠାରେ ଏକ ସଡକ ଦୁର୍ଘଟଣାରେ ଆହତ ହେବା ନେଇ ଅବଗତ ହେଲି। ତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି।

ନୀଳଗିରି ଗୋପୀନାଥପୁରସ୍ଥିତ ବାସଭବନରୁ କେନ୍ଦ୍ରମନ୍ତ୍ରୀ ବାହାରି କେସିପୁର ପଞ୍ଚାୟତ ବଡ଼େଇପଲା ଗ୍ରାମକୁ କିଡ୍‌ନୀ ରୋଗୀଙ୍କୁ ସହାୟତା ଯୋଗାଇବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିରେ ଥିବା ମନ୍ତ୍ରୀଙ୍କ ସମେତ ପିଏ ଚନ୍ଦ୍ରବିନ୍ଦୁ ଦାସ ଓ ଡ୍ରାଇଭର ରଜକ୍ ଖାଁ ଆହତ ହୋଇଛନ୍ତି। ନୀଳଗିରି ଥାନା ଏସ୍‌ଆଇ ବାସୁଦେବ ଜୟସିଂ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭର ସତ୍ୟନାରାୟଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୨୫/୨୧) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ସବୁଦିନ ମନ୍ତ୍ରୀଙ୍କ ଗାଡ଼ି ଆଗରେ ଯାଉଥିବା ପାଇଲଟ୍ ଗାଡ଼ି ଦୁର୍ଘଟଣା ସମୟରେ ନ ଥିବା ଜଣାପଡ଼ିଛି।

# ଏନ୍‌ଏଚ୍‌ରେ ଟୋଲ୍ ଶୋଷଣ

ଯାଜପୁର ଅଫିସ,୯।୫



ପାଣି କୋଇଲିଠାରେ ଥିବା ଟୋଲ୍ ପ୍ଲାଜା।

ଏନ୍‌ଏଚ୍‌ଏଆଇ(ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ)ରେ ଟୋଲ୍ ଶୋଷଣ ସୀମା ଲଂଘିଛି। ୫୦ କିମି ଦୂରତା ମଧ୍ୟରେ ଥିବା ୩ ଟୋଲ୍ ପ୍ଲାଜାରେ ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ୨୦୧୬ ଜୁଲାଇରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୬ନଂ.ଜାତୀୟ ରାଜପଥର କଟକ ଜିଲା ମଙ୍ଗୁଳିରେ ଥିବା ଟୋଲ୍ ପ୍ଲାଜା ବନ୍ଦାଲୋ ନିକଟକୁ ସ୍ଥାନାନ୍ତର ହୋଇଛି। ତେବେ ସେହି ନିଷ୍ପତ୍ତି ଅନୁସାରେ ବନ୍ଦାଲୋରୁ ୬୦ କିମି ଦୂର ଭଦ୍ରକ ଜିଲା ଡାହାଲା ନିକଟକୁ ପାଣିକୋଇଲି ଟୋଲ୍ ପ୍ଲାଜା ଏବଂ ୫୩ ନଂ. ଏନ୍‌ଏଚ୍‌ର ଶ୍ରୀରାମପୁର ଟୋଲ୍ ପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର କରାଯାଇନାହିଁ। ଗତ ତା.୧୧।୮।୨୦୧୬ରେ ଜାତୀୟ ରାଜପଥ ୫୩ ଓ ୧୬ନଂ.ରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକର ସ୍ଥାନ ପରିବର୍ତ୍ତନ ସକାଶେ ସାଇଟ୍ ସିଲେକ୍ସନ କରିବାକୁ ରାଜ୍ୟ ପରିବହନ ସଚିବଙ୍କ କାର୍ଯ୍ୟାଳୟରୁ ନିଷ୍ପତ୍ତି ହୋଇଥିଲା। ବିଭାଗୀୟ ଅତିରିକ୍ତ ସଚିବ (ଟେକ୍‌ନିକାଲ) ତାଙ୍କ ପତ୍ରସଂଖ୍ୟା ୧୨୪୪୮/୧୧।୮।୨୦୧୬ରେ ଯାଜପୁର, ଚଣ୍ଡିଖୋଲ, ବାଲେଶ୍ୱର ଓ ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ମାନଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଜିଲା ବନ୍ଦାଲୋକୁ ମଙ୍ଗୁଳି ଟୋଲ୍ ପ୍ଲାଜା ଏବଂ ପାଣିକୋଇଲି ଟୋଲ୍ ପ୍ଲାଜା ବନ୍ଦାଲୋଠାରୁ ୬୦ କିଲୋମିଟର ଦୂର ଡାହାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ପତ୍ରରେ ଦୁଇଟି ଟୋଲ୍ ପ୍ଲାଜାର ଦୂରତା ଯେପରି ୬୦ କିଲୋମିଟର ବ୍ୟବଧାନରେ ରହିବ ଏବଂ ମ୍ୟୁନିସିପାଲିଟି, ଏନ୍‌ଏସି ଓ ମାର୍କେଟ୍ ଏରିଆରୁ ୧୦ କିଲୋମିଟର ଦୂରରେ ରହିବ ସେଥିପାଇଁ ଯତ୍ନବାନ୍ ହେବାକୁ ଉକ୍ତ ପତ୍ରରେ ଦର୍ଶାଯାଇଥିଲା। ତେଣୁ ଜାତୀୟ ରାଜପଥ ବିଭାଗର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୬ ଜୁଲାଇ ୧୯ରେ ପରିବହନ ବିଭାଗ ପକ୍ଷରୁ ଟୋଲ୍ ପ୍ଲାଜା ସ୍ଥାନାନ୍ତରକୁ ନେଇ ନିଷ୍ପତ୍ତି ହୋଇଥିଲା। ଏନେଇ ରାଜ୍ୟ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଇଆଇସି/ୱାର୍କ ସେକ୍ରେଟାରିଙ୍କୁ ୧୧୦୬୩/୧୯।୭।୨୦୧୬ ପତ୍ର ସଂଖ୍ୟାରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏନ୍‌ଏଚ୍ ୬ ବନ୍ଦାଲୋଠାରେ ଥିବା ଟୋଲ୍‌ଗେଟଠାରୁ ପାଣିକୋଇଲି ଟୋଲ୍‌ଗେଟର ଦୂରତା ମାତ୍ର ୪୬ କିଲୋମିଟର। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ-୫୩ରେ ଥିବା ଶ୍ରୀରାମପୁର ଟୋଲ୍‌ଗେଟ୍‌ଠାରୁ ପାଣିକୋଇଲି ଟୋଲ୍‌ଗେଟ୍‌ର ଦୂରତା ୩୨ କିଲୋମିଟର। ଅନ୍ୟପକ୍ଷେ ୨୦୦ ନମ୍ବର କେନ୍ଦୁଝର ଜିଲା ହସନପୁର ଟୋଲ୍ ପ୍ଲାଜା ପାଣିକୋଇଲିଠାରୁ ମାତ୍ର ୩୫ କିମି ଦୂରତାରେ ରହିଛି। ଏହିକ୍ରମରେ ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ହସନପୁର ନିକଟସ୍ଥ ୩ ଟୋଲ୍ ପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ଯାଜପୁର ରୋଡରୁ ଭୁବନେଶ୍ୱର କିମ୍ବା ପାରାଦୀପକୁ ଗଲେ ୫୦ କିମି ଦୂରତା ମଧ୍ୟରେ ୨ଟି ଟୋଲ୍ ଗେଟ୍ ପଡୁଛି। ମଙ୍ଗୁଳି ଟୋଲ୍ ପ୍ଲାଜା ସ୍ଥାନାନ୍ତର ହୋଇ ସାରିଥିବାବେଳେ ଯାଜପୁର ଜିଲାର ଶ୍ରୀରାମପୁର ଓ ପାଣିକୋଇଲି ଟୋଲ୍ ପ୍ଲାଜା କାହିଁକି ସ୍ଥାନାନ୍ତର ହେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣିକୋଇଲି ଟୋଲ୍ ପ୍ଲାଜାରୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ମାସିକ ଚାନ୍ଦା ପାଉଥିବାରୁ ଏହା ସ୍ଥାନାନ୍ତର ହୋଇ ପାରୁ ନ ଥିବା ଆଲୋଚନା ହୋଇଛି। ଏହାବାଦ୍ କେନ୍ଦୁଝର ଓ ସୁକିନ୍ଦା ଅଞ୍ଚଳରୁ ଖଣିଜ ପଦାର୍ଥ ପରିବହନରେ ବିପୁଳ ଅର୍ଥ ଏଠାରେ ମିଳୁଥିବାରୁ ଏହାକୁ ସ୍ଥାନାନ୍ତର କରିବାକୁ ଟୋଲ୍ କର୍ତ୍ତୃପକ୍ଷ ଅରାଜି ହେଉଥିବା କୁହାଯାଉଛି। ସରକାରଙ୍କ ନିର୍ଦ୍ଦେଶର ପ୍ରାୟ ୫ ବର୍ଷ ଅତିକ୍ରାନ୍ତ ହେଉଥିବାବେଳେ ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଏଠାରେ ଫମ୍ପା ମାଠିଆ ସଦୃଶ ହୋଇଛି। ଏନେଇ ଗାଡ଼ି ମାଲିକ ସ୍ମୃତିରଞ୍ଜନ ଘଡେଇ କୁହନ୍ତି, ଯୋଡ଼ାରୁ ପାରାଦୀପକୁ ପରିବହନ ଗାଡି ଯିବା ବାଟରେ ୫୦ କିମି ମଧ୍ୟରେ ୨ଟି ଟୋଲ୍ ପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ଏହାସହ ପାଣିକୋଇଲି ଟୋଲ୍ ପ୍ଲାଜାରେ ଫାଷ୍ଟ ଟାଗ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ସେଠାରେ ନଗଦ ଟଙ୍କା ଦେଇ ଗାଡ଼ି ଅତିକ୍ରମ ହେବା ପରେ ଫାଷ୍ଟ ଟାଗ୍‌ରୁ ପଇସା କଟୁଛି। ଏଭଳି ଭାବେ ଗାଇଡ୍‌ଲାଇନକୁ ଉଲ୍ଲଙ୍ଘନ କରାଯାଉଥିବାରୁ ଗାଡିମାଲିକମାନେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ଗାଡି ମାଲିକ ସୁବାସ ଧଳ କୁହନ୍ତି ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ୍‌କୁ ରାଜ୍ୟ ପରିବହନ ବିଭାଗ ମାନୁ ନାହାନ୍ତି। କେତେଜଣ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରୋତ୍ସାହନରେ ଏଠାରେ ବେଆଇନ ଭାବେ ଟୋଲ୍ ଆଦାୟ ହେଉଛି। ଆଗାମୀ ଦିନରେ ପାଣିକୋଇଲି ଟୋଲ୍ ପ୍ଲାଜା ଆଖୁଆପଦା ନିକଟକୁ ସ୍ଥାନାନ୍ତର କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ। ଏ ସଂକ୍ରାନ୍ତରେ ପାଣିକୋଇଲି ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

- ୧୬ନଂ.ଏନ୍‌ଏଚ୍‌ର ୫୦ କି.ମି.ମଧ୍ୟରେ ୨ ଟୋଲ୍ ପ୍ଲାଜା
- ମଙ୍ଗୁଳି ଟୋଲ୍ ପ୍ଲାଜା ବନ୍ଦାଲୋକୁ ସ୍ଥାନାନ୍ତର
- ପାଣିକୋଇଲି ଟୋଲ୍ ପ୍ଲାଜା ସ୍ଥାନାନ୍ତର ହେଲା ନାହିଁ

# ଦ୍ୱିତୀୟ ଲହର: ବାସ୍ତବ ଛବି ଓ ଭ୍ରାନ୍ତ ଧାରଣା

ପ୍ରକାଶ ଜାଭଡେକର



ଜାନୁୟାରୀ ପ୍ରାରମ୍ଭରେ ଦେଶବ୍ୟାପୀ କୋଭିଡ୍ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା ଏବଂ ଦୈନିକ ନୂତନ ସଂକ୍ରମଣ ମାମଲା ନିରନ୍ତର ଭାବେ ହ୍ରାସ ପାଇ ଚାଲିଥିଲା। ତେବେ କେରଳରେ ଅଚାନକ ସଂକ୍ରମଣ ବୃଦ୍ଧି ପାଇବା ଆରମ୍ଭ କଲା ଏବଂ ଦୈନିକ ସଂକ୍ରମଣ ପ୍ରାୟ ଏକ ତୃତୀୟାଂଶ ସେହି ରାଜ୍ୟରୁ ଆସିବା ଆରମ୍ଭ ହେଲା। ଜାନୁୟାରୀ ୬ ତାରିଖରେ କେନ୍ଦ୍ର ଶାସନ ସଚିବ ରାଜ୍ୟ ସରକାରଙ୍କୁ ଚିଠି ଲେଖି ତୁରନ୍ତ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। କେରଳରେ କୋଭିଡ୍ ପରିଚାଳନା ପଦକ୍ଷେପକୁ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଠିକ୍ ତା' ପରଦିନ ରାଜ୍ୟକୁ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଦଳ ପଠାଯାଇଥିଲା। କେନ୍ଦ୍ର ସରକାର ଗତ ବର୍ଷକ ମଧ୍ୟରେ ସମଗ୍ର ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ନେଇ ଯେଉଁସବୁ ତ୍ୱରିତ ପ୍ରତିକ୍ରିୟା ଦେଖାଇଛନ୍ତି ଏବଂ କଠୋର ପର୍ଯ୍ୟବେକ୍ଷଣ ପ୍ରୟାସ କରିଛନ୍ତି, ସେସବୁ ମଧ୍ୟରୁ ଏହା ଅନ୍ୟତମ।

ମୁଁ ଏହି ପଦକ୍ଷେପଗୁଡ଼ିକୁ ମନେ ପକାଉଛି ଯେତେବେଳେ ପ୍ରଥମ ଲହର ପରେ କେନ୍ଦ୍ର ସରକାର କୋଭିଡ୍ ପରିଚାଳନା ଉପରେ ଆଉ କୌଣସି ପଦକ୍ଷେପ ନ ନେଇ ଗତ କିଛି ମାସ ହେବ ସେସବୁ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାର ଉପରେ ଛାଡ଼ି ଦେଇଥିବା ନେଇ ବିଭ୍ରାନ୍ତି ସୃଷ୍ଟି କରାଯାଉଛି। ଏହା ସମ୍ପୂର୍ଣ୍ଣ ଅମୂଳକ। ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ ହୋଇଥିବା ସତ୍ତ୍ୱେ ମହାମାରୀ ଜାତୀୟ ସ୍ତରର ସମନ୍ୱୟ ଏବଂ ପର୍ଯ୍ୟାପ୍ତ ସମ୍ବଳ ଆବଶ୍ୟକ କରୁଥିବାର କେନ୍ଦ୍ର ସରକାର ତତ୍ପରତାର ସହ କୋଭିଡ୍ ପରିଚାଳନା କରିଆସୁଛନ୍ତି। କେନ୍ଦ୍ର ସରକାର ଏ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ନେବା ସହ ରାଜ୍ୟ ସରକାରଗୁଡ଼ିକୁ ଯଥେଷ୍ଟ ସହାୟତା ପ୍ରଦାନ ଓ ମାର୍ଗଦର୍ଶନ କରିଆସୁଛନ୍ତି। ୨୦୨୦ ଫେବୃୟାରୀଠାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାମଲାଗୁଡ଼ିକର ଧାରା ଉପରେ ନଜର ରଖିବା ସହ ରାଜ୍ୟଗୁଡ଼ିକର ପ୍ରସ୍ତୁତିର ମୂଲ୍ୟାଙ୍କନ, ବୈଷୟିକ ଜ୍ଞାନକୌଶଳ ପ୍ରଦାନ ସହ ରାଜ୍ୟ ତଥା ଜିଲାସ୍ତରୀୟ ନିୟନ୍ତ୍ରଣ ରଣନୀତି ପ୍ରସ୍ତୁତିରେ ତଦାରଖ କରିଆସୁଛନ୍ତି।

କେନ୍ଦ୍ରର କୋଭିଡ୍ ପରିଚାଳନା କେବଳ ନୂଆଦିଲ୍ଲୀର ପରାମର୍ଶ ଓ ନିର୍ଦ୍ଦେଶାବଳୀ ଜାରି କରିବା ମଧ୍ୟରେ ସୀମିତ ହୋଇ ରହିନାହିଁ। ଅନେକ ସମୟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ପ୍ରତି ଆକଳନ କରିବା ପାଇଁ ଉଚ୍ଚସ୍ତରୀୟ ତଦାରଖ କମିଟି ମୁତୟନ କରିଛନ୍ତି ଏବଂ ନିୟନ୍ତ୍ରଣ ଓ ଅବରୋଧ ପଦକ୍ଷେପରେ ସେମାନଙ୍କୁ ସହାୟତା କରିଚାଲିଛନ୍ତି। କେନ୍ଦ୍ର ସରକାର ଅଧିକାରୀ ଓ ଜନସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଗଠିତ ୭୫ରୁ ଊର୍ଦ୍ଧ୍ୱ ଉଚ୍ଚସ୍ତରୀୟ ଦଳକୁ ୨୦୨୦ ସେପ୍ଟେମ୍ବରଠାରୁ ବିଭିନ୍ନ ରାଜ୍ୟରେ ମୁତୟନ କରାଯାଇଛି। ଏହି ଦଳଗୁଡ଼ିକର ମତାମତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଥ୍ୟଗତ ତାରତମ୍ୟକୁ ହ୍ରାସ କରିବା ସହ ନିୟନ୍ତ୍ରଣ ରଣନୀତି ଏବଂ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଓ ପ୍ରତିକ୍ରିୟା ରଣନୀତି ଭିତରେ ଥିବା ବ୍ୟବଧାନକୁ ଚିହ୍ନଟ କରିବାରେ ସହାୟକ ହୋଇଛି।

ସଂକ୍ରମଣ ମାମଲା ସଂଖ୍ୟା ବୃଦ୍ଧି ପାଇବା ଆରମ୍ଭ ହେବାବେଳେ କେନ୍ଦ୍ର ସରକାର ଚଳିତ ଲହରକୁ ଅଣଦେଖା କରିଛନ୍ତି କି? କେନ୍ଦ୍ର ସରକାର ଯଥାଶୀଘ୍ର ହସ୍ତକ୍ଷେପର ସମୟସାରଣୀ ବାସ୍ତବତାକୁ ଦର୍ଶାଉଛି। ଫେବୃୟାରୀ ୨୧ରେ ଯେତେବେଳେ ଦୈନିକ ସଂକ୍ରମଣ ସଂଖ୍ୟା ୧୩,୦୦୦ରୁ କମ୍ ଥିଲା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟ ରାଜ୍ୟ ମଧ୍ୟରେ ସଂକ୍ରମଣ ଧାରାର ବିରାଟ ପାର୍ଥକ୍ୟକୁ ବିଚାରକୁ ନେଇଥିଲେ। ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ଛତିଶଗଡ଼, କେରଳ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟକୁ ତତ୍‌କ୍ଷଣାତ୍ ପତ୍ର ଲେଖାଯାଇଥିଲା। ଫେବୃୟାରୀ ୨୪ରେ ସଂକ୍ରମଣ ବୃଦ୍ଧି ପାଉଥିବା ୭ଟି ରାଜ୍ୟ- ମହାରାଷ୍ଟ୍ର, କେରଳ, ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ରାଜ୍ୟ ସରକାରଙ୍କୁ ତଦାରଖ ସହାୟତା ପ୍ରଦାନ କରିବା ପାଇଁ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଦଳଗୁଡ଼ିକର ଘୋଷଣା କରାଗଲା।

ମାର୍ଚ୍ଚ ମାସ ସାରା କେନ୍ଦ୍ର ସବୁ ରାଜ୍ୟରେ ସଂକ୍ରମଣ ବ୍ୟାପିବାକୁ ନେଇ ସକ୍ରିୟ ଭାବେ ତଦାରଖ ଚଳାଇବା ସହିତ ରାଜ୍ୟ ସରକାର ସହ ମିଶି ସେମାନଙ୍କ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକର ସମୀକ୍ଷା ଏବଂ କେନ୍ଦ୍ରୀୟ ଦଳଗୁଡ଼ିକ ଦ୍ୱାରା ପ୍ରସ୍ତୁତ ରିପୋର୍ଟର ଅନୁପାଳନ ସୁନିଶ୍ଚିତ କରାଇଥିଲେ। ଯଦି ଏହି ରାଜ୍ୟଗୁଡ଼ିକ କେନ୍ଦ୍ର ସରକାର ପ୍ରାରମ୍ଭିକ ଚେତାବନୀ ଓ ମତାମତକୁ ଅଧିକ ଗମ୍ଭୀରତାର ସହ ଗ୍ରହଣ କରିଥାନ୍ତେ, ତେବେ ବର୍ତ୍ତମାନର ମାତ୍ରାରେ ମାମଲା ବୃଦ୍ଧି ପରିସ୍ଥିତି ଏତେ ଭୟଙ୍କର ହୋଇ ନ ଥାନ୍ତା।

କେନ୍ଦ୍ର ସରକାର କୋଭିଡ୍‌କୁ ନିୟନ୍ତ୍ରଣ କରିବା ପାଇଁ ତତ୍ପରତାର ସହ ଉଦ୍ୟମ ଚଳାଇ ଥିବାବେଳେ ବିରୋଧୀ ଦଳ ନେତାମାନେ ସବୁ ସମୟ ପରି ରାଜନୀତି ଜାରି ରଖିଥିଲେ। ଉଦ୍ଧବ ଠାକ୍‌ରେ ତାଙ୍କ ଆଖି ସାମ୍ନାରେ ଘଟୁଥିବା ମହା-ଅସୁଲି ର୍‌ୟାକେଟ ଭଳି ଏକ ଚାଞ୍ଚଲ୍ୟକର ଘଟଣାକୁ ଦବେଇଦେବା ଉପରେ ଧ୍ୟାନଦେବାରେ ଲାଗିଥିଲେ। ଏହି ସମୟରେ କଂଗ୍ରେସ ନେତୃତ୍ୱ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କିପରି ଆଚରଣ ପ୍ରଦର୍ଶନ କରିଥିଲେ ଏହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ଟିକାକରଣକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମନୋଭାବ ଓ ରାଜ୍ୟରୁ ଦୀର୍ଘ ସମୟ ଧରି ଅନୁପସ୍ଥିତ ରହିବା ବିଷୟକୁ ସମସ୍ତେ ଅତି ଭଲ ଭାବେ ଜାଣନ୍ତି। ଏଥିସହ କେତେକ ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟ ସେମାନଙ୍କର ତଥାକଥିତ କୋଭିଡ୍ ପରିଚାଳନା ପ୍ରୟାସର ପ୍ରଚାର ଓ ବିଜ୍ଞାପନ ପାଇଁ କୋଟିକୋଟି ଟଙ୍କାର ସରକାରୀ ଅର୍ଥ ବ୍ୟୟ କରିବାକୁ ପସନ୍ଦ କରିଥିଲେ।

ସରକାର ଅପରିପକ୍ୱ ବିଜୟୋଲ୍ଲାସକୁ ନେଇ କେତେକ ଗୋଷ୍ଠୀ ଦ୍ୱାରା ଭ୍ରମାତ୍ମକ ସମାଲୋଚନାର ସ୍ୱର ଉଠିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୧୭ରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀମାନଙ୍କୁ ଯାହା କହିଥିଲେ ତାହାର ପୁନରାବୃତ୍ତି ଆବଶ୍ୟକ: "ବିଶ୍ୱର ଅଧିକାଂଶ କରୋନା ପ୍ରଭାବିତ ଦେଶ କୋଭିଡ୍‌ର ଅନେକ ଲହରର ଶିକାର ହୋଇଛନ୍ତି। ଆମ ଦେଶରେ ମଧ୍ୟ ସଂକ୍ରମଣ ହ୍ରାସ ପାଇବା ପରେ କେତେକ ରାଜ୍ୟରେ ହଠାତ୍ ମାମଲାରେ ବୃଦ୍ଧି ଘଟିଛି। ଆମେ ଏହା ମଧ୍ୟ ଦେଖୁଛୁ ଯେ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ପଜିଟିଭ୍ ହାର ଖୁବ୍ ଅଧିକ ରହିଛି ଏବଂ ସଂକ୍ରମଣ ମାମଲା ସଂଖ୍ୟାରେ ବୃଦ୍ଧି ଘଟିଚାଲିଛି। ପୂର୍ବର ଅଣପ୍ରଭାବିତ ଅଧିକାଂଶ ଅଞ୍ଚଳ ଓ ଜିଲାରେ ଚଳିତଥର ମାମଲା ସଂଖ୍ୟାରେ ବୃଦ୍ଧି ଘଟିଛି। ପୂର୍ବରୁ ଏସବୁ ନିରାପଦ ଅଞ୍ଚଳ ଥିଲା କି ଏବେ ସେଠାରେ ସାନି ମାମଲା ଦେଖା ଦେବାରେ ଲାଗିଛି। ଗତ କିଛି ସପ୍ତାହ ମଧ୍ୟରେ ଦେଶର ୭୦ଟି ଜିଲାରେ ଏହି ସଂଖ୍ୟା ୧୫୦ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି। ଯଦି ଆମେ ମହାମାରୀର ଏହି ଗତିପଥକୁ ନ ରୋକିବା ତେବେ ଏହା ସମଗ୍ର ଦେଶକୁ ବ୍ୟାପିଯିବା ଭଳି ପରିସ୍ଥିତି ଉତ୍ପନ୍ନ କରିବ। କାୟା ବିସ୍ତାର କରିଚାଲିଥିବା କରୋନାର ଏହି ଦ୍ୱିତୀୟ ଶିଖରକୁ ଆମକୁ ତୁରନ୍ତ ବନ୍ଦ କରିବାକୁ ହେବ। ଆମକୁ ତ୍ୱରିତ ଏବଂ ନିର୍ଣ୍ଣାୟକ ପଦକ୍ଷେପମାନ ନେବାକୁ ପଡ଼ିବ। ମୁଁ ଭାବୁଛି ବର୍ତ୍ତମାନ ସ୍ଥାନୀୟ ସ୍ତରରେ ପ୍ରଶାସନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକ ଉପରେ ଧ୍ୟାନଦେବା, ସମୀକ୍ଷା କରିବା ଓ ସମାଧାନ କରିବାର ଆବଶ୍ୟକତା ଜରୁରୀ। କରୋନା ବିରୋଧୀ ଲଢ଼େଇରେ ଆମର ଆତ୍ମବିଶ୍ୱାସ ଆତ୍ମବଡ଼ିମାରେ ପରିଣତ ହେବା ଉଚିତ ନୁହେଁ ଏବଂ ଆମର ସଫଳତା ଅବହେଳାରେ ପରିଣତ ହେବା ଉଚିତ ନୁହେଁ। ଏହିସବୁ କଥାରୁ କ'ଣ ଏକଥା ଜଣାପଡୁଛି କି ଜଣେ ବିପତ୍ତି ପ୍ରତି ସତର୍କ ନ ଥାଇ ବିଜୟ ଘୋଷଣା କରିଦେଇଛି!

ଚଳିତ ଲହର ବିଷୟରେ ପୂର୍ବାନୁମାନ କରି କେନ୍ଦ୍ର ସରକାର ସର୍ବାଧିକ ପ୍ରଭାବିତ ରାଜ୍ୟ ଓ ଜିଲାଗୁଡ଼ିକୁ ସ୍ୱତନ୍ତ୍ର ଟିମ୍ ପଠାଇଛନ୍ତି। ଏପ୍ରିଲରେ ୫୦ରୁ ଅଧିକ ଟିମ୍ ଦେଶର ସବୁଠାରୁ ଅଧିକ ପ୍ରଭାବିତ ଜିଲାରେ ନିୟୋଜିତ ହୋଇଥିଲେ। ଏହି ଟିମ୍‌ଗୁଡ଼ିକ ରାଜ୍ୟ ସରକାରଙ୍କୁ ନିରୀକ୍ଷଣ କାର୍ଯ୍ୟରେ ସହାୟତା କରିଥିଲେ। ଏହାଛଡ଼ା ମାର୍ଚ୍ଚ ଶେଷ ଆଡ଼କୁ ଯେତେବେଳେ ସଂକ୍ରମଣ ମାମଲା ସଂଖ୍ୟା ବଢ଼ିବାକୁ ଲାଗିଲା, ସେତେବେଳେ ରାଜ୍ୟଗୁଡ଼ିକୁ ଜିଲାସ୍ତରୀୟ ନିୟନ୍ତ୍ରଣ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିଲା। ମାର୍ଚ୍ଚ ୨୭ରୁ ଏପ୍ରିଲ ୧୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ପ୍ରାୟ ୨୦୦ ଅତି ପ୍ରଭାବିତ ଜିଲାର କାର୍ଯ୍ୟଖସଡ଼ା ସମୀକ୍ଷା କରିଥିଲେ। ବାରମ୍ବାର ନୂଆ ନୂଆ ଆହ୍ୱାନ ଦେଖାଦେଉଥିବାରୁ ନାଗରିକଙ୍କ ଜୀବନର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଏକ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କଲେ। ଟିକାକରଣ ଅଭିଯାନର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମଚାରୀ, ଅଗ୍ରଣୀ ଯୋଦ୍ଧା ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ଟିକା ଦେବା ପାଇଁ ଯୋଜନା ପ୍ରସ୍ତୁତ କରି ଏହାକୁ ନିଖୁଣ ଭାବରେ କାର୍ଯ୍ୟକାରୀ କରାଗଲା। ମାମଲା ବଢ଼ିବା ସହ ଅନେକ ରାଜ୍ୟ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଅଭାବକୁ ଅନୁଭବ କଲେ ଏବଂ ଔଷଧ, ଅକ୍ସିଜେନ ସିଲିଣ୍ଡର, ଭେଣ୍ଟିଲେଟର ଆଦିର ଯୋଗାଣ ପାଇଁ କେନ୍ଦ୍ରକୁ ସନ୍ଦେଶ ପଠାଇଲେ।

ଏହିସବୁ ମିଥ୍ୟା ଖବରର ବିପରୀତ। କେନ୍ଦ୍ର ସରକାର ଏକସଙ୍ଗରେ ମହାମାରୀର ଏହି ସମସ୍ତ ଦିଗ ଉପରେ କାର୍ଯ୍ୟ କରିଥିଲେ। ଦୁର୍ଭାଗ୍ୟଜନକ ଯେ ବର୍ତ୍ତମାନ ଜାରି ରହିଥିବା ସଙ୍କଟ ସମୟରେ ମଧ୍ୟ କେତେ ଜଣ ବ୍ୟକ୍ତି ମିଥ୍ୟା ଖବର ପ୍ରଚାରରେ ଲାଗିଛନ୍ତି ଏବଂ ରାଜନୈତିକ ଭାବନା ଦ୍ୱାରା ପ୍ରେରିତ କାହାଣୀ ସୃଷ୍ଟି କରୁଛନ୍ତି।

ମହାମାରୀକୁ ପରାସ୍ତ କରିବା ଏବଂ ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ଆମ ପାଇଁ ସବୁଠାରୁ ଅଗ୍ରାଧିକାରର ବିଷୟ। ଏହା ଏଭଳି ଏକ ଯୁଦ୍ଧ ଯାହାକୁ ଏକ ରାଷ୍ଟ୍ର, ଏକ ଜାତି ଓ ଏକ ଅଭିଯାନ ଭାବରେ ଲଢ଼ିବାର ଆବଶ୍ୟକତା ରହିଛି।

(ଲେଖକ ଜଣେ କେନ୍ଦ୍ରମନ୍ତ୍ରୀ)

# ବୁଲା ପ୍ରାଣୀଙ୍କ ପାଇଁ ୬୦ ଲକ୍ଷ ସହାୟତା

ଭୁବନେଶ୍ୱର, ୯।୫(ବ୍ୟୁରୋ)

କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ଏବେ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ସମସ୍ତ ଦୋକାନବଜାର ବନ୍ଦ ରହିଛି। ଏଭଳି ସ୍ଥିତିରେ ବୁଲା ଗୋରୁ ଓ କୁକୁରମାନେ ଖାଦ୍ୟ ପାଇଁ ଉଦ୍‌ବେଳିକଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୁଲା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ଯୋଗାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏମାନଙ୍କ ଖାଦ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ତାଙ୍କ ରିଲିଫ୍ ପାଣ୍ଠିରୁ ୬୦ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏହି ସହାୟତା ରାଶି ୫ଟି ମହାନଗର ନିଗମ, ୪୮ଟି ମ୍ୟୁନିସିପାଲିଟି ଓ ୬୧ଟି ଏନ୍‌ଏସି ଲାଗି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ସମ୍ପୃକ୍ତ କର୍ତ୍ତୃପକ୍ଷ ବିଭିନ୍ନ ସାମାଜିକ ଅନୁଷ୍ଠାନ ଜରିଆରେ ବୁଲା ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବେ। ନିର୍ଦ୍ଦେଶ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ ଏଥିପାଇଁ ଦୈନିକ ୨୦ହଜାର ଟଙ୍କା ଏବଂ କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମ ଦୈନିକ ୧୦ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ସେହିପରି ମ୍ୟୁନିସିପାଲିଟିଗୁଡ଼ିକ ଦୈନିକ ୫ହଜାର ଓ ଏନ୍‌ଏସିଗୁଡ଼ିକ ୨ହଜାର ଟଙ୍କା ଖର୍ଚ୍ଚ କରିପାରିବେ।



## ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଚେନ୍‌ରେ ବ୍ରେକ୍ ଲଗାଇବା ପାଇଁ ରାଜ୍ୟରେ ସରକାର ଗତ ୫ତାରିଖରୁ ଲକ୍‌ଡାଉନ୍ ଜାରି କରିଛନ୍ତି। ଏହା ଆସନ୍ତା ୧୯ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ ରହିବ। ଏହି ସମୟରେ ହୋଟେଲ ଖୋଲା ରହୁଥିଲେ ମଧ୍ୟ କେବଳ ପାର୍ସଲ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ରହିଛି। ତେଣୁ ବୁଲା ପ୍ରାଣୀଙ୍କୁ ଖାଇବାକୁ ମିଳୁନାହିଁ। ଲକ୍‌ଡାଉନ୍ ବ୍ୟତୀତ ଶଟ୍‌ଡାଉନ୍‌ରେ ସେମାନଙ୍କୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସେମାନଙ୍କ ଖାଇବା ପାଇଁ ସରକାର ନେଇଥିବା ପଦକ୍ଷେପକୁ ପଶୁପ୍ରେମୀ ଓ ପ୍ରାଣୀ ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି।

## ଚନ୍ଦ୍ରଭାଗା ବେଳାଭୂମିରୁ ମହିଳାଙ୍କ ମୃତଦେହ ଜବତ

କୋଣାର୍କ,୯।୫(ଡି.ଏନ୍.ଏ.): ଚନ୍ଦ୍ରଭାଗା ବେଳାଭୂମିରୁ ରବିବାର ଜଣେ ମହିଳାଙ୍କ ମୃତଦେହ ମେରାଇନ ପୋଲିସ ଜବତ କରିଛି। ଏହି ଅଚିହ୍ନା ମହିଳାଙ୍କ ବୟସ ପ୍ରାୟ ୩୫ରୁ ୪୦ବର୍ଷ ହେବ। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରବିବାର ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସମୁଦ୍ର ବେଳାଭୂମିରେ ମହିଳାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡା ଏସ୍‌ଡିପିଓ ଦେବାଶିଷ ପ୍ରଧାନ, ରାମଚଣ୍ଡୀ ଆଇଆଇସି ଶରତ କୁମାର ନାୟକ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ମହିଳାଙ୍କ ମୁହଁ ଓ ଛାତି ଖଣ୍ଡିଆଖାବରା ହୋଇଯାଇଛି। ଏହା ହତ୍ୟା ଘଟଣା ହୋଇଥିବା ପୋଲିସ ଅନୁମାନ କରି ତଦନ୍ତ ଚଳାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସମୀର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲେରେ ବାବା ଅମିନ ବଚା, କର ଚରଚା, ଦିଅ ଖରଚା, ନିଅ ପାରଚା।**

ଅମିନ ଜମି ମପାମପି କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଅମିନ ପିଛା କିଛି ଖର୍ଚ୍ଚାପାଣି କରି ନିଜକୁ ସୁହାଇଲା ଭଳି ଜମି ମପାମପି କରାଇନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଶରଣକୁ ଭଉଣୀ ଜୋଇଁ ଘଇତା ଠେଲାପେଲା କରି ଦିନ ନେଉଥା।**

ସ୍ୱାମୀ ମରିଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁ କି ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟେଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଶାକୁ କୋଭିଡ୍ ଅନୁଦାନ ନେଇ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୫(ବ୍ୟୁରୋ)

କୋଭିଡ୍-୧୯ ମହାମାରୀର ମୁକାବିଲା ତଥା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶାକୁ ୩୩୩.୮ କୋଟି ଟଙ୍କା ସମେତ ୨୫ ରାଜ୍ୟର ପଞ୍ଚାୟତକୁ ୮୯୨୩.୮ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଦେଶର ସମସ୍ତ ନାଗରିକଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି। ଚଳିତବର୍ଷର ପ୍ରଥମ କିସ୍ତିରେ ମିଳିଥିବା ଏହି ଆର୍ଥିକ ସହାୟତା ଓଡ଼ିଶାର ଗ୍ରାମାଞ୍ଚଳର ଲୋକଙ୍କୁ ଏହି ସଙ୍କଟ ସମୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ। ମୋଦି ସରକାର ଓଡ଼ିଶାକୁ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମୋଦି ସରକାର ଓଡ଼ିଶାର ଗ୍ରାମାଞ୍ଚଳ ସ୍ୱାୟତ ସଂସ୍ଥାଗୁଡ଼ିକୁ ୨,୨୫୮ କୋଟି ଟଙ୍କା ଏବଂ ସହରାଞ୍ଚଳ ସ୍ୱାୟତ ସଂସ୍ଥା ଗୁଡ଼ିକୁ ୧ ହଜାର ୮୭ କୋଟି ଟଙ୍କା ପ୍ରଦାନ କରିଥିଲେ।

# ୩ ଦିନ ଝଡ଼ବର୍ଷା ସହ ବଜ୍ରପାତ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ଝଡ଼ବର୍ଷା ସହ ବଜ୍ରପାତ ହେବ। ଏପରି କି ଘଣ୍ଟା ପ୍ରତି ୩୦ରୁ ୪୦କି.ମି. ବେଗରେ ପବନ ବହିବ ବୋଲି ରବିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେଥିପାଇଁ ବିଭିନ୍ନ ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାରେ ଝଡ଼ବର୍ଷା ହେବା ସହିତ ବଜ୍ରପାତ ହେବ। ସେହିପରି ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗାମ, ଖୋର୍ଦ୍ଧା, ପୁରୀଳ ନୟାଗଡ଼, କେନ୍ଦୁଝର, ମୟୂରଭ, ଢେଙ୍କାନାଳରେ ଝଡ଼ବର୍ଷା ସହ ବଜ୍ରପାତ ହେବ। ରବିବାର ବାଲେଶ୍ୱରରେ ସର୍ବାଧିକ ୨୫.୬ ମିମି ବର୍ଷା ରେକର୍ଡ କରାଯାଇଛି। କୋରାପୁଟ, ଫୁଲବାଣୀ, ଅନୁଗୋଳ, ବାରିପଦା, ସୁବର୍ଣ୍ଣପୁରରେ ମଧ୍ୟ ବର୍ଷା ହୋଇଛି। ଆସନ୍ତା ୨ଦିନ ମଧ୍ୟରେ ଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବନାହିଁ।

# ୭ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୯।୫(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ରବିବାର ବିଧାରପୁର ଗ୍ରାମରେ ଚଢ଼ାଉ କରି ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିଛି। ଏଥିସହ ଜଣେ ଶିକାରୀକୁ ଗିରଫ କରିଛି। ସେ ହେଲେ ଗୋପାଳ ସାହୁ। ଲକ୍‌ଡାଉନ ଓ ଶଟ୍‌ଡାଉନ କଟକଣାର ସୁଯୋଗରେ ଟାଙ୍ଗୀ ଅଞ୍ଚଳରେ ପକ୍ଷୀ ଶିକାର ବଢ଼ିବାରେ ଲାଗିଛି। ରବିବାର ଫରେଷ୍ଟ ଗାର୍ଡ ଭାନୁମତୀ ବେହେରା ଓ ସୁରକ୍ଷା କର୍ମଚାରୀମାନେ ଉକ୍ତ ଗ୍ରାମରେ ଚଢ଼ାଉ କରି ଗୋପାଳଙ୍କୁ ଧରିବା ସହ ୭ ମୃତ ବିଦେଶୀ ପକ୍ଷୀ ଜବତ କରିଥିଲେ। ଏନେଇ ଏକ ମାମଲା (ନଂ.୨/୨୧) ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଟାଙ୍ଗୀ କୋର୍ଟକୁ ପଠାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲକୁ ପଠାଯାଇଛି।


## classifieds Everyday

0674-2580101, 2549302

real estate

New opening Saikrupa Panchakarma and Spa jointpain, fullbody massage, 8984068077. D-65918

Ayurvedic full body massage by experienced (M/F) therapist. 8018656899, 7008773793. D-59989

**SALE**

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

healthcare

Newly open Spa Offer @599/-, positively health benefits, Jaydevbihar. 7846814019. D-59990


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ପ୍ରଥମ ପୃଷ୍ଠାରୁ...

### ସ୍ୱପ୍ନ ସରିଲା, ନୂଆ ...

ଜମି ଏବଂ ୫୦୦ କୋଟି ଟଙ୍କା ଦେବାକୁ ସ୍ଥିର କଲେ। ଏଥିରେ ଟାଟାର ୩୦୦ କୋଟି ଟଙ୍କାର ସହଭାଗିତା ରହିବ ବୋଲି କୁହାଗଲା। ଏହିସବୁ ଭିତରେ ଟାଟା କମ୍ପାନୀ ହାତକୁ ରାଜ୍ୟ ସରକାର ୧୫ ଏକର ଜମି ହସ୍ତାନ୍ତର କରିସାରିଛନ୍ତି। ଏଥି ସହିତ ଚୁକ୍ତି ଅନୁଯାୟୀ ୫୦୦ କୋଟି ଟଙ୍କା ମଧ୍ୟ ଦିଆସରିଲାଣି। ଏମ୍‌ଓୟୁକୁ ବର୍ତ୍ତମାନ ୩ ବର୍ଷ ପୂରଣ ହୋଇଥିବାବେଳେ ଶିଳାନ୍ୟାସକୁ ୨ ବର୍ଷ ୩ ମାସ ପୂରଣ ହେବାକୁ ଯାଉଛି। ହେଲେ ରାଜ୍ୟବାସୀଙ୍କୁ ଉଭୟ ସରକାର ଓ ରତନ ଟାଟା ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏନେଇ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ପଚରାଯିବାରୁ ଜଣାପଡ଼ିଛି ଯେ, "ଏ ପର୍ଯ୍ୟନ୍ତ ଟାଟା ମେମୋରିଆଲ ହସ୍ପିଟାଲ ହେବା ନେଇ ରହିଥିବା ପ୍ରସ୍ତାବ ଖାରଜ ହୋଇନାହିଁ"।

ଏନେଇ ଜଣେ ସରକାରୀ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏ ପର୍ଯ୍ୟନ୍ତ ଉକ୍ତ ଫାଇଲ ବନ୍ଦ ହୋଇନାହିଁ। ୩ ବର୍ଷ ହେଲା ଟାଟା ଏ ବାବଦରେ କିଛି ସ୍ପଷ୍ଟ ମଧ୍ୟ କରୁନାହିଁ। ବିଭିନ୍ନ ସମୟରେ କମ୍ପାନୀ ଅଧିକାରୀ ବଦଳୁଥିବାରୁ କାମ ହୋଇପାରୁ ନ ଥିବା ଟାଟା କହିଆସୁଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଅବସର ନେବାର ଦିନ କେଇଟା ପୂର୍ବରୁ ଏ ବାବଦରେ ଟାଟା କମ୍ପାନୀ ଅଧିକାରୀଙ୍କ ସହିତ ଏକ ବୈଠକ କରିଥିଲେ। ସେତେବେଳେ ଟାଟା ୨ ସପ୍ତାହ ମଧ୍ୟରେ ହସ୍ପିଟାଲ ପ୍ରତିଷ୍ଠା ସମ୍ପର୍କରେ ସ୍ପଷ୍ଟ କରିବ ବୋଲି କହିଥିଲେ ସୁଦ୍ଧା ଏଯାଏ ଚୁପ୍ ବସିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଯେଉଁ ଜମିରେ ଟାଟା ମେମୋରିଆଲ ହୋଇଥାଆନ୍ତା ସେଠାରେ ବିଭିନ୍ନ ଅସୁବିଧା କଥା କମ୍ପାନୀ ଅଧିକାରୀ ଦର୍ଶାଉଥିବା ବେଳେ ଏଠାରେ ବହୁ ଟଙ୍କା ମଧ୍ୟ ସରକାର ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ଉକ୍ତ ହସ୍ପିଟାଲ କଥା କ'ଣ ହେବ ସେନେଇ ଜଣା ନ ଥିବା ସେ କହିଛନ୍ତି। ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ କଥାରୁ ସ୍ପଷ୍ଟ ବୁଝାପଡୁଛି, ଓଡ଼ିଶାରେ ଟାଟା ମେମୋରିଆଲ ହସ୍ପିଟାଲ ପ୍ରତିଷ୍ଠା ବିଫଳ ହୋଇସାରିଥିବା ନେଇ ରାଜ୍ୟବାସୀଙ୍କୁ ଜଣାଇ ସରକାର ଅପବାଦ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ଗୋଟିଏ ଚୁକ୍ତି କାର୍ଯ୍ୟକାରୀ ନ ହେବା ପୂର୍ବରୁ କ୍ୟାନ୍‌ସର ହସ୍ପିଟାଲ ଲାଗି ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ବର୍ତ୍ତମାନ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ରହିଥିବା ପ୍ରମୋଦ ମେହେର୍ଦ୍ଧା ଯେଉଁ ସମୟରେ ସ୍ୱାସ୍ଥ୍ୟ ସଚିବ ଥିଲେ ସେତେବେଳେ ଟାଟା କମ୍ପାନୀ ସହିତ ବୁଝାମଣା ପତ୍ର ତାଙ୍କ ମାଧ୍ୟମରେ ସ୍ୱାକ୍ଷରିତ କରାଯାଇଥିଲା। ଏବେ ପୁନର୍ବାର ଏକ ଦମ୍ପତିଙ୍କ ଦ୍ୱାରା ନୂତନ କ୍ୟାନ୍‌ସର ହସ୍ପିଟାଲ ହେବ ବୋଲି ଯାହା କୁହାଯାଉଛି ସେହି ସପନ ଦେଖି ରାଜ୍ୟବାସୀ ସନ୍ତୁଷ୍ଟ ରହିବା ଦରକାର ବୋଲି ସଚିବାଳୟର କେତେଜଣ ବରିଷ୍ଠ ଅଧିକାରୀ କୌତୂହଳରେ ମତ ଦେଉଛନ୍ତି।

### ଏନ୍‌ଆଇଏ ହାତରେ ୟୁରାନିୟମ୍ ...

କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠେ ଆଣବିକ ପାୱାର ପ୍ଲାଣ୍ଟରେ ବ୍ୟବହାର ହେଉଥିବା ରେଡିଓ ଆକ୍ଟିଭ୍ ମେଟାଲ ୟୁରାନିୟମ୍‌କୁ ବେଆଇନ ଭାବେ କିପରି ବିକ୍ରି କରାଯାଉଛି। ବିଶେଷଜ୍ଞଙ୍କ ମତରେ ଫିସିଲ୍ ଆଇସୋଟୋପ୍ ରହିତ ଡିପ୍ଲେଟେଡ୍ ୟୁରାନିୟମ୍ (ଡିୟୁ)କୁ କର୍କଟର ରେଡିଏଶନ ଥେରାପି ଏବଂ ରେଡିଓ ଆକ୍ଟିଭ୍ ସାମଗ୍ରୀ ପରିବହନରେ ମଧ୍ୟ ବ୍ୟବହାର କରାଯାଇଥାଏ। ସିଲ୍‌ଭର ଭଳି ଚକଚକିଆ ଧାତୁ ୟୁରାନିୟମ୍‌ର ଉଚ୍ଚ ସାନ୍ଦ୍ରତା ଯୋଗୁ ଏହାକୁ ବିମାନ ଓ ଅନ୍ୟ ଶିଳ୍ପ ଉପକରଣରେ ମଧ୍ୟ ବ୍ୟବହାର କରାଯାଏ।

ମନ୍‌ଖୁର୍ଦ୍ଦ ନିବାସୀ ଅବୁ ତାହିର ଚୌଧରୀଙ୍କ ବାପା ଜଣେ ସ୍କ୍ରାପ୍ ଡିଲର। ଦୁଇବର୍ଷ ତଳେ ସେ ଏକ ଶିଳ୍ପ ଆବର୍ଜନା ଭର୍ତ୍ତି ଟ୍ରକ୍ କିଣିଥିଲେ। ସେଥିରୁ ସେ ଏହି ୟୁରାନିୟମ୍ ପାଇଥିଲେ ବୋଲି କୁହାଯାଉଛି। ସେତେବେଳେ ତାହିର ଏହାକୁ ଲୁଚାଇ ରଖିଥିଲେ ଏବଂ ଚଳିତ ଲକ୍‌ଡାଉନ୍ ବେଳେ ପାଣ୍ଡ୍ୟାଙ୍କ ସହ ଏହାକୁ ବିକିବା ପାଇଁ ଯୋଜନା କରିଥିଲେ। ଅନ୍‌ଲାଇନ୍‌ରେ ବିକ୍ରି ଉଦ୍ୟମ ବେଳେ ଉଭୟେ ଧରାପଡ଼ିଥିଲେ। ଦୁହିଁଙ୍କୁ ବୁଧବାର ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ମେ' ୧୨ ପର୍ଯ୍ୟନ୍ତ ଏଟିଏସ୍ ହାଜତକୁ ରିମାଣ୍ଡରେ ପଠାଇଥିବାବେଳେ ଆତଙ୍କବାଦୀ ଆକ୍ରମଣର ତଦନ୍ତ କରୁଥିବା ଏନ୍‌ଆଇଏ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ଏହି ମାମଲା ହାତକୁ ନେଇଛି। ଏବେ ଏହାକୁ ନେଇ ସୋସିଆଲ ମିଡିଆରେ ନାନା ସନ୍ଦେହ ବ୍ୟକ୍ତ କରାଯାଉଛି। ୧୯୯୩ ମୁମ୍ବାଇ ସିରିୟଲ ବ୍ଲାଷ୍ଟ ଭଳି ବିଧ୍ୱଂସକ କାର୍ଯ୍ୟରେ ଏହି ୟୁରାନିୟମ୍‌କୁ ବ୍ୟବହାର କରିବାକୁ ଯୋଜନା ଥିଲା କି ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାରତରୁ ୟୁରାନିୟମ୍ ଜବତ ହେବା ପରେ ଇସ୍‌ଲାମାବାଦ ଚିନ୍ତାବ୍ୟକ୍ତ କରିଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଜାହିଦ ହାଫିଜ୍ ଚୌଧରୀ ଶନିବାର ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ଆଣବିକ ସାମଗ୍ରୀଗୁଡ଼ିକର ନିରାପତ୍ତା ସମସ୍ତ ଦେଶର ସର୍ବୋଚ୍ଚ ପ୍ରାଥମିକତା ହେବା ଆବଶ୍ୟକ। ଏହାର ତଦନ୍ତ କରାଯାଉ ବୋଲି ସେ ଟୁଇଟ୍ କରିଛନ୍ତି।

### ହିମନ୍ତ ଆସାମ ...

ସହଯୋଗୀ ଦଳ ଏଜିପିକୁ ୯ ଓ ୟୁପିପିଏଲ୍‌କୁ ୬ ଆସନ ମିଳିଥିଲା। ୨୦୧୬ ନିର୍ବାଚନରେ ଭାଜପା ସୋନୋୱାଲଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ବିଜୟୀ ହୋଇଥିଲା। ଏଥର ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳ କହିଥିଲା। ଶନିବାର ଉଭୟ ସୋନୋୱାଲ ଓ ହିମନ୍ତ ନୂଆଦିଲ୍ଲୀରେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିଥିଲେ। ଆସାମରେ ସରକାର ଗଠନ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ବାସଭବନରେ ଦୀର୍ଘସମୟ ବୈଠକ ବସିଥିଲା। ରବିବାର ଗୁଆହାଟୀରେ ବିଧାୟକ ଦଳ ବୈଠକରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହେବା ପରେ ଉଭୟ ନେତା ଆସାମ ଫେରିଥିଲେ। ହିମନ୍ତ ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବାରୁ ପରବର୍ତ୍ତୀ ସରକାର ଗଠନ ଲାଗି ତାଙ୍କୁ ରାଜ୍ୟପାଳ ଖୁବ୍‌ଶୀଘ୍ର ଆମନ୍ତ୍ରଣ କରିବେ ବୋଲି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

୬ ବର୍ଷ ପୂର୍ବେ ହିମନ୍ତ କଂଗ୍ରେସ ଦଳ ତ୍ୟାଗକରି ଭାଜପାରେ ଯୋଗଦେଇଥିଲେ। ଆସାମକୁ ଭାଜପା ନିୟନ୍ତ୍ରଣକୁ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୋନୋୱାଲ ସରକାରରେ ସେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଥିଲେ।

### ଭାରତ ମହାସାଗରରେ ଚାଇନା ...

ହୋଇଥିବାବେଳେ ଏହାର ଓଜନ ୨୧ ଟନ୍ ହେବ। ଗତବର୍ଷ ମେ'ରେ ଚାଇନାର ଏକ ରକେଟ ପଶ୍ଚିମ ଆଫ୍ରିକା ଏବଂ ଆଣ୍ଟଲାଟିକ୍ ମହାସାଗରରେ ଖସିଥିଲା। ଏକ ଗାଁକୁ ତାହା ନଷ୍ଟ କରିଦେଇଥିଲା। ତେବେ ସେଠାରେ କୌଣସି ଲୋକ ବାସ କରୁ ନ ଥିବାରୁ କେହି ମୃତାହତ ହୋଇ ନ ଥିଲେ।

ଭାରତ ମହାସାଗରରେ ରକେଟ ଭଗ୍ନାବଶେଷ ଖସିବା ପରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଚାଇନାର ସ୍ପେସ୍ ନୀତି ପରିଚାଳନା 'ଦାୟିତ୍ୱହୀନ ମାନଦଣ୍ଡ' ଉପରେ ଆଧାରିତ ବୋଲି କହି ନିନ୍ଦା କରିଛି। ଚାଇନା ଏ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମହାକାଶକୁ ପଠାଯାଉଥିବା ଯେ କୌଣସି ବସ୍ତୁ ପୃଥିବୀ ପୃଷ୍ଠରେ ପୁନଃ ପ୍ରବେଶ କଲେ ଏହା କିପରି ଜନସାଧାରଣଙ୍କ ପାଇଁ ବିପଦ ନ ଆଣେ ସେ ଦିଗରେ ପ୍ରତ୍ୟେକ ରାଷ୍ଟ୍ର ନୀତି ସ୍ପଷ୍ଟ ରଖିବା ଜରୁରୀ ବୋଲି ନାସା କହିଛି।

### ୬ ମାସ ରହିବ ଦ୍ୱିତୀୟ ...

ନୂଆପଡ଼ା ୩୨୪, ନବରଙ୍ଗପୁର ୩୩୬, ବଲାଙ୍ଗୀର ୩୧୮, ବାଲେଶ୍ୱରରେ ୩୦୧ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୫,୩୪,୮୪୨କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଉ ୧୯ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ କଳାହାଣ୍ଡି ଓ ଖୋର୍ଦ୍ଧାରେ ୩ଜଣ ଲେଖାଏ, ଅନୁଗୋଳ, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁସଂଖ୍ୟା ୨,୧୮୦ରେ ପହଞ୍ଚିଛି।

### ରଘୁନାଥଙ୍କ କଳାକୃତି

- ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ୧୮ ଫୁଟ ଲମ୍ବ ଓ ୧୫ଫୁଟ ଉଚ୍ଚତାର କୋଣାର୍କ ଘୋଡ଼ା।
- କଟକ ବାରବାଟୀ ଷ୍ଟାଡିୟମରେ ୧୨ଫୁଟ ଉଚ୍ଚର କୋଣାର୍କ ଘୋଡ଼ା।
- ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୬ଟି କୋଣାର୍କ ଚକ୍ର।
- ଟିଟିଲାଗଡ଼ରେ ୭୦ଫୁଟ ଉଚ୍ଚତାର ୩ଟି ମନ୍ଦିର।
- ଗଞ୍ଜାମରେ ନୂତନ ତାରାତାରିଣୀ ମନ୍ଦିର ନିର୍ମାଣ
- ସଂସଦରେ ସ୍ଥାପିତ ୫ଫୁଟ ଉଚ୍ଚତା ବିଶିଷ୍ଟ ସୂର୍ଯ୍ୟନାରାୟଣ ମୂର୍ତ୍ତି।
- ରାଜୀବ ଗାନ୍ଧୀଙ୍କ ସମାଧି ପୀଠ ନିର୍ମାଣ।
- ନୂଆଦିଲ୍ଲୀ ଅଶୋକା ହୋଟେଲରେ ୧୪ଫୁଟ ଉଚ୍ଚତାର କୋଣାର୍କ ଚକ୍ର।
- ଭୁବନେଶ୍ୱର ଧଉଳିରେ ୨ଟି ବୁଦ୍ଧ ମୂର୍ତ୍ତି।
- ଲଦାଖରେ ୨୦ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୁଦ୍ଧ ମୂର୍ତ୍ତି।
- ଫ୍ରାନ୍ସରେ କାଠର ବିଶାଳ ମୂର୍ତ୍ତି।
- ଜାପାନରେ ୧୫ଫୁଟ ଉଚ୍ଚତାର ଅଶୋକ ସ୍ତମ୍ଭ।

### ଅଧୁରା ରହିଲା ଦ୍ୱିତୀୟ କୋଣାର୍କ ସ୍ୱପ୍ନ

ଓଡ଼ିଶାରେ ଦ୍ୱିତୀୟ କୋଣାର୍କ ମନ୍ଦିରର ସ୍ୱପ୍ନ ଦେଖିଥିଲେ ରଘୁନାଥ ମହାପାତ୍ର। ପୁରୀ-ଭୁବନେଶ୍ୱର ରାସ୍ତାର ସାକ୍ଷୀଗୋପାଳଠାରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ମଧ୍ୟ ସମ୍ପନ୍ନ ହୋଇଯାଇଛି। ୧୦୦ ଏକର ଜମିରେ ଏହି ମନ୍ଦିର ଗଢ଼ାଯିବ। ଆଦିତ୍ୟ ନାରାୟଣ ଚାରିଟେବୁଲ ଟ୍ରଷ୍ଟ ନାମରେ ଏହି ମନ୍ଦିରର ନାମ ଆଦିତ୍ୟ ନାରାୟଣ ମନ୍ଦିର ରଖାଯାଇଥାନ୍ତା। କିନ୍ତୁ ଏବେ ଏହି ସ୍ୱପ୍ନ ତାଙ୍କର ଅଧୁରା ରହିଗଲା।

## ପ୍ରଥମ ପୃଷ୍ଠାରୁ...

### ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥଙ୍କ...

ପାଠପଢ଼ା ଛାଡ଼ି ପଥରରେ ମୂର୍ତ୍ତି ଗଢ଼ିବା ଆରମ୍ଭ କରି ଦେଇଥିଲେ। ୧୮ବର୍ଷ ବୟସରେ ସେ ପୁରୀ ଛାଡ଼ି ଭୁବନେଶ୍ୱର ଚାଲିଆସିଥିଲେ। ୧୯୬୩ରୁ ସେ ଜଣେ ବରିଷ୍ଠ ହସ୍ତଶିଳ୍ପ ପ୍ରଶିକ୍ଷକ ତଥା ଡିଜାଇନ କେନ୍ଦ୍ରର ଅଧୀକ୍ଷକ ଭାବେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ଏହି ସମୟରେ ମୂର୍ତ୍ତିକଳା ପାଇଁ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର କରିବାରେ ରଘୁନାଥଙ୍କ ଅତୁଳନୀୟ ଅବଦାନ ଥିଲା। ଖୁବ୍ କମ୍ ବୟସରୁ ସେ ପ୍ରତିଷ୍ଠା ଲାଭ କରିଥିଲେ। ଭାସ୍କର୍ଯ୍ୟ କଳାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୨୩ ବର୍ଷ ବୟସରେ ୧୯୭୬ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ। ସେହିପରି ୨୦୦୧ରେ ପଦ୍ମଭୂଷଣ ଓ ୨୦୧୩ ସାଧାରଣତନ୍ତ୍ର ଦିବସରେ ରଘନାଥଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ସେ ୧୯୬୪ରେ ଜାତୀୟ ପୁରସ୍କାର, ୨୦୦୬ରେ ଶିଳ୍ପୀଗୁରୁ ସମ୍ମାନ, ୨୦୧୪ରେ ଭରତମୁନି ସମ୍ମାନ, ୨୦୧୭ରେ ମହ୍ଲାର ସମ୍ମାନରେ ସମ୍ମାନିତ ହୋଇଥିଲେ। ଭୁବନେଶ୍ୱର ଉପକଣ୍ଠରେ ଥିବା ଶିଳ୍ପୀ ଗ୍ରାମ ଓ ରଘୁନାଥ କ୍ରାଫ୍ଟସର ସେ ପ୍ରତିଷ୍ଠାତା। ପୁରାତନ ଶୈଳୀରେ ନୂତନ ଭାବେ ନିର୍ମିତ ତାରାତାରିଣୀ ମନ୍ଦିରର ମୁଖ୍ୟ ସ୍ଥପତି ଭାବେ କାର୍ଯ୍ୟ କରିବା ସହିତ ଭାରତ ସାରା ଅନେକ ମନ୍ଦିର ନିର୍ମାଣ କରିଥିଲେ। ୨୦୦୦ରେ ତାଙ୍କୁ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ୨୦୧୬ରେ ଓଡ଼ିଶା ସରକାର ତାଙ୍କୁ ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ଭାବେ ନିଯୁକ୍ତି ଦେଇଥିଲେ।

# ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟୁଇଟ୍ କରି କହିଛନ୍ତି ଯେ, ରଘୁନାଥଙ୍କ ବିୟୋଗ ସହିତ କଳାକ୍ଷେତ୍ର ଦରିଦ୍ର ହୋଇଯାଇଛି। ସେ ଥିଲେ ପାରମ୍ପରିକ କଳାକୃତିର ଜଣେ ପ୍ରତିଭା ସମ୍ପନ୍ନ ସ୍ଥପତି। ଯାହାଙ୍କୁ ସମସ୍ତ ତିନୋଟି ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି ଉପରାଷ୍ଟ୍ରପତି ରଘୁନାଥଙ୍କ ଦେହାନ୍ତ ଖବର ପାଇ ବ୍ୟଥିତ ହେବା ସହିତ ତାଙ୍କ ପରିବାର ଓ ପ୍ରଶଂସକଙ୍କୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ମୁଁ ଦୁଃଖିତ। କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ପାରମ୍ପରିକ କଳାକୁ ତାଙ୍କର ଯୋଗଦାନ ଚିରସ୍ମରଣୀୟ ହୋଇ ରହିବ। ରାଜ୍ୟପାଳ ଟୁଇଟ୍ କରି କହିଛନ୍ତି ଯେ, ରଘୁନାଥ ମହାପାତ୍ରଙ୍କ ଦେହାନ୍ତ ପାଇଁ ମୁଁ ଦୁଃଖିତ। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ସମବେଦନା ଜଣାଉଛି। ରଘୁନାଥ ମହାପାତ୍ରଙ୍କର ଭାସ୍କର୍ଯ୍ୟ କଳା ତାଙ୍କୁ ଚିରସ୍ମରଣୀୟ କରି ରଖିବ। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ମହାପାତ୍ର ତାଙ୍କ ନିହାଣ ମୁନରେ ଓଡ଼ିଶାର ମହାନ କଳା ପରମ୍ପରାକୁ ବିଶ୍ୱବ୍ୟାପୀ କରିଥିଲେ। ଓଡ଼ିଶାର କଳା ଓ ଐତିହ୍ୟକୁ ସମୃଦ୍ଧ କରିବାରେ ତାଙ୍କର ମହନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ରଘୁନାଥ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ। ସାରା ଦେଶରେ ବହୁ ସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ପୁରୀ ଶ୍ରୀମନ୍ଦିର ମରାମତିରେ ମଧ୍ୟ ସେ ସହଯୋଗ କରିଥିଲେ। ଗଞ୍ଜାମର ତାରାତାରିଣୀ ମନ୍ଦିର ପୁନଃନିର୍ମାଣରେ ସେ ତାଙ୍କର ଅତୁଳନୀୟ କାରିଗରି ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି। ବାସ୍ତବରେ ସେ ଥିଲେ କଳାଜଗତର ଏକ ବିସ୍ମୟକର ପ୍ରତିଭା। ତାଙ୍କ ବିୟୋଗରେ ଭାରତର କଳା ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ତାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ନିଜର ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ସେ ଓଡ଼ିଶାକୁ ଗୌରବାନ୍ୱିତ କରିବା ସହ ଓଡ଼ିଶାର କଳାସଂସ୍କୃତିକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଆଲୋଚନା, ସଭାସମିତି, ପ୍ରଶାସନ ଓ କର୍ମକ୍ଷେତ୍ର ପାଇଁ ପ୍ରଶସ୍ତ ଦିନଟିଏ। ପରିବାର, ପରିବହନ, ଲୋକ ସମ୍ପର୍କ, ଯାନବାହନ ଦିଗରେ ଉନ୍ନତି କରିବେ। ନିଜ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**: କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ ସୁଯୋଗ ଆପଣାଛାଏଁ ଆସିବ, କିନ୍ତୁ କିଛି ଲାଭ ହେବନି। ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ପ୍ରଶାସନ, ପ୍ରକାଶନ, ମନୋରଞ୍ଜନରୁ ସଫଳତା ହାସଲ କରିବେ।

**ମିଥୁନ**: ମନ ଯେମିତି ଚାହୁଁଛି ଠିକ୍ ସେମିତି କାମ ସମ୍ପନ୍ନ ହେବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ନିଜର ବୁଦ୍ଧିମତ୍ତାର ପ୍ରୟୋଗ କରି ପ୍ରତ୍ୟେକ କ୍ଷେତ୍ରରେ ସାଫଲ୍ୟ ମଣ୍ଡିତ ହେବେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଓ ଅର୍ଥାବସ୍ଥାରେ ଉନ୍ନତି ଘଟିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ**: ଆଜି ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ କରି ରଖିବେ। ସାମୟିକ ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଈର୍ଷାପରାୟଣ ବନ୍ଧୁମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ**: ପ୍ରତ୍ୟୁଷଯାତ୍ରାରେ ସତର୍କ ନ ରହିଲେ ଧନ ହାନି ହୋଇପାରେ। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା, ପାଇବା କଷ୍ଟକର ହୋଇପଡିବ।

**କନ୍ୟା**: ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ପ୍ରକାରର ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜେଇ ଦେଇ ପାରନ୍ତି।

**ତୁଳା**: ମନ ଅନୁଯାୟୀ କୌଣସି କାମ କରିବାରେ ଅସୁବିଧା ହେବ ନାହିଁ। କୌଣସି ନୀଚ ଜାତିର ବ୍ୟକ୍ତି ସହ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ, ସଭାସମିତି, କଚେରି ମାମଲା ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନାରେ ସମୟ କଟାଇପାରନ୍ତି।

**ବିଛା**: ଆଜି ଯେଉଁ କାମ କରିବାକୁ ଯାଉଛନ୍ତି, ତାହା ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବ। ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଭୁଲ୍ ବୁଝାମଣା ଯୋଗୁଁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଜମିଜମା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ଧନୁ**: ମନ ବୁଝିଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ସରଳୀକୃତ କରିବାରେ ସମର୍ଥ ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଜମିଜମା, ଗୃହସୀମା, ପ୍ରଶାସନିକ ସ୍ତରରେ କୌଣସି ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମକର**: ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁଁ ଅଗ୍ରଗତି ହୋଇ ପାରିବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ**: ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତଥା ପ୍ରଶାସନିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନୂତନ ଯୋଜନା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ନିଜ ଲୋକମାନେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଶତ୍ରୁତା କରିପାରନ୍ତି।

**ମୀନ**: ଆଜି ଦିନଟିରେ ବାଣିଜ୍ୟ, ପରିବହନ ତଥା ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ନୀରବଦ୍ରଷ୍ଟା ସାଜିବେ। ନୂତନ ଗୃହ, ଯାନବାହନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ।

ଆଜି ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ମେ ୧୦ ତାରିଖ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ. ୦୫।୧୬ ଗତେ ଘ. ୦୬।୫୯ ମଧ୍ୟେ, ଘ.୧୦।୨୫ ଗତେ ଘ.୦୧।୦୦ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩।୩୫ ଗତେ ଘ.୦୫।୧୮ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୫୩ ଗତେ ଘ.୦୮।୩୦ ମଧ୍ୟେ ରାହୁକାଳ।

**ବିଷ ପିଇ ଜଣଙ୍କ ମୃତ୍ୟୁ**

ଲହୁଣୀପଡା (ଡି.ଏନ.ଏ): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଗଡ଼ିଆ କୋଚା ଗ୍ରାମର ଚାମା ଓରାମ (୫୪)କୌଣସି କାରଣ ଯୋଗୁ ଶନିବାର ବିଷ ପିଇଦେଇଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚାନ୍ଦିପୋଷ ପୋଲିସ ରବିବାର ଡାକ୍ତରଖାନାରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ବଜ୍ରପାତରେ ତାଳଗଛ ଜଳିଗଲା



**ରାଉରକେଲା ଅଫିସ୍,୯।୫:** କାଳବୈଶାଖୀ ପ୍ରଭାବରେ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୦ରେ ରାଉରକେଲା ଅଞ୍ଚଳରେ ହଠାତ୍ ଝଡ଼ ତୋଫାନ ସହ ବିଜୁଳି ଓ ଘଡ଼ଘଡ଼ି ବର୍ଷା ହୋଇଯାଇଛି। ଏହି ସମୟରେ କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ଲୋକଙ୍କ ଘର ଉପରେ ମଧ୍ୟ ପଡିଛି। କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବାରୁ ସହରର ତାପମାତ୍ରା ହ୍ରାସ ପାଇଛି। ଫଳରେ ଅସହ୍ଯ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ହେଲେ ଏହି ସମୟରେ ଉଦିତ୍‌ନଗର ଖଡିଆପଡ଼ାରେ ଥିବା ଦିବା ଖଡିଆଙ୍କର ଏକ ତାଳଗଛଟି ଘଡ଼ଘଡି ଯୋଗୁ ସମ୍ପୂର୍ଣ୍ଣ ଜଳିଯାଇଛି ।ତାଳଗଛଟି ସମ୍ପୂର୍ଣ୍ଣଭାବେ ଜଳୁଥିବା ଯୋଗୁ ଏହାର ନିକଟବର୍ତ୍ତୀ ବାସିନ୍ଦା କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲେ । ପରେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ତାଳଗଛରୁ ନିଆଁ ଲିଭାଇଥିଲେ ।

### ୩୪ରୁ ୧୧ କରୋନା ପଜିଟିଭ ଚିହ୍ନଟ

**ଲହୁଣୀପଡା,୯।୫(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ରବିବାର ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ କରୋନା ପରୀକ୍ଷା କରାଯାଇଥିଲା । ଏଥିରେ ୩୪ ଜଣଙ୍କର ଆଣ୍ଟିଜେନ ଟେଷ୍ଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୧ ଜଣଙ୍କର ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

### ଜିଲାରେ ୨ ଆଇନଜୀବୀଙ୍କ ପରଲୋକ

**ସମ୍ବଲପୁର,୯।୫(ବ୍ୟୁରୋ):** ସମ୍ବଲପୁର ଜିଲା ଓକିଲ ସଂଘର ୨ ଜଣ ସଦସ୍ୟଙ୍କ ପରଲୋକ ଘଟିଛି । ଆଇନଜୀବୀ ସୁବାସ ଦାସ ( ୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ମୃତ୍ୟୁ ଘଟିଛି । ସେ ଗତ କିଛି ଦିନ ହେବ ପୀଡିତ ଥିଲେ ବୋଲି ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ କହିଛନ୍ତି। ସେହିପରି ମାଲିପଡା ନିବାସୀ ସୁଚୀତ ନାଏକ (୫୨)ଙ୍କର ମଧ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି । ସୁଚୀତ ୧୬ ଦିନ ଧରି ଚିକିତ୍ସାଧୀନ ଥିଲେ । ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଦୁଇ ଆଇନଜୀବୀଙ୍କ ପରଲୋକରେ ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି ।

# ବ୍ଲକରେ ସିସିସି କାର୍ଯ୍ୟକ୍ଷମରେ ବିଳମ୍ବ

- ଭୀମସାର,ଡିଏଚଏଚ ଯାଉଛନ୍ତି ସଂକ୍ରମିତ
- ୨୦ ଆଇସିୟୁ ଶଯ୍ୟା କରିବାକୁ ଦାବି
- ଜିଲାରେ ସଂକ୍ରମଣ ହାର ୫୨ ପ୍ରତିଶତ

**ସମ୍ବଲପୁର,୯।୫(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଯେଭଳି ବୃଦ୍ଧି ପାଉଛି ତାହା ତୁଳନାରେ ସମ୍ବଲପୁର ଜିଲାର ସଂକ୍ରମଣ ହାର ସର୍ବାଧିକ ରହିଛି। ଶନିବାର ରିପୋର୍ଟ ଅନୁସାରେ ୫୨.୦୩ ପ୍ରତିଶତ ହାର ରହିଥିଲା । ଏହାକୁ ନେଇ ଜିଲାବାସୀ ଭୟଭୀତ ହୋଇ ପଡିଛନ୍ତି। ରବିବାର ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ୬୪୧ ଜଣ ସଂକ୍ରମିତ ହୋଇଛନ୍ତି। ରାଜ୍ୟରେ ସର୍ବାଧିକରେ ସମ୍ବଲପୁର ଚତୁର୍ଥ ସ୍ଥାନରେ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସହରାଞ୍ଚଳରେ ୬ ଶହ ଶଯ୍ୟା ଥିବା କୋଭିଡ କେୟାର ସେଣ୍ଟର ( ସିସିସି) ଖୋଲାଯାଇଛି। ସେହିପରି ପ୍ରତ୍ୟେକ ବ୍ଲକରେ ୧ ଶହ ଶଯ୍ୟା ଥିବା ସିସିସି ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏପ୍ରିଲ ମାସରୁ କାମ ଆରମ୍ଭ ହୋଇଥିବା ବେଳେ ମେ ୯ ତାରିଖ ହୋଇ ଯାଇଥିଲେ ମଧ ବ୍ଲକଗୁଡିକରେ ସିସିସି କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ପ୍ରଶାସନର ଅବହେଳା କିମ୍ବା ଆବଶ୍ୟକ କର୍ମଚାରୀ,ଯନ୍ତ୍ରପାତି ଅଭାବ ଯୋଗୁ ଏହା ଆରମ୍ଭ ହୋଇ ପାରିନାହିଁ ତାହା ତଦନ୍ତସାପେକ୍ଷ । ମହାମାରୀ ସମୟରେ କାମରେ ଅବହେଳା କରାଗଲେ ଏହାର ପ୍ରଭାବ କୋଭିଡ ସଂକ୍ରମଣ ଉପରେ ପଡିବ ବୋଲି ଅଭିଯୋଗ ହେଉଛି। କେତେକ ବ୍ଲକରେ ଆବଶ୍ୟକ ଶଯ୍ୟା,



ସମ୍ବଲପୁର ଜିଲା ଯୁଯୁମୁରାରେ ନିର୍ମାଣ ହୋଇଥିବା ସିସିସି ।

ଭେଣ୍ଟିଲେଟର, ଅକ୍ସିଜେନ, ବିଦ୍ୟୁତ ଓ ପାଣି ବ୍ୟବସ୍ଥା କରାଯାଇଛି। କେବଳ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରିବାକୁ ଅପେକ୍ଷା ରହିଛି । ଅନ୍ୟପଟେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଅଭାବ ରହିଛି । ଫଳରେ ସିସିସି କିଭଳି ଭାବେ ପରିଚାଳନା ହେବ ସେନେଇ ବ୍ଲକ ଅଞ୍ଚଳବାସୀ ଚିନ୍ତାରେ ଅଛନ୍ତି। ବ୍ଲକରେ ଥିବା ମେଡିକାଲଗୁଡିକରେ ପୂର୍ବରୁ ଡାକ୍ତର ଓ ଅନ୍ୟ କର୍ମଚାରୀ ଅଭାବ ରହିଛି। ସେମାନେ ଡାକ୍ତରଖାନାରେ ପ୍ରତିଦିନ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଯଦି ସେହି ଡାକ୍ତର ଟିମ୍‌କୁ ସିସିସିରେ ନିୟୋଜିତ କରାଯିବ ତାହାଲେ ସଧାରଣ ରୋଗୀ ଚିକିତ୍ସାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହେଉଛି। ତେଣୁ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଅନ୍ୟପଟେ ଜିଲା ଓକିଲ ସଂଘ ସଭାପତି ଡ.ପ୍ରମୋଦ ରଥ କହିଛନ୍ତି ଯେ, ପ୍ରତି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ ମେଡିକାଲ କରାଯାଉ। ଯେଉଁଥିରେ ୨୦ଟି ଆଇସିୟୁ ବେଡ ସୁବିଧା ରହୁ। ଫଳରେ ରୋଗୀମାନଙ୍କୁ ଡିଏଚଏଚ(ଜିଲା ସଦର ଡାକ୍ତରଖାନା) କୋଭିଡ ମେଡିକାଲ ଓ ଭୀମସାର କୋଭିଡ ମେଡିକାଲ ଯିବାକୁ ପଡିବ ନାହିଁ। ଏବେ କୋଭିଡ ରୋଗୀମାନଙ୍କୁ ବାଧ ହୋଇ ଏହି ଦୁଇ ମେଡିକାଲ ଆସିବାକୁ ପଡୁଛି। ଚିକିତ୍ସା ବିଳମ୍ବ ଯୋଗୁ ଜୀବନ ଚାଲି ଯାଇଥିବାର ଅଭିଯୋଗ ହେଉଛି। ସେହିପରି ବ୍ଲକ ମୁଖ୍ୟ ଡାକ୍ତରଖାନାଗୁଡିକରେ କୋଭିଡ ମୁକାବିଲା ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ ଗଚ୍ଛିତ ରଖାଯାଉ। ପଶ୍ଚିମବଙ୍ଗରୁ ପ୍ରାୟ ୧୨ ଶହରୁ ୧୫ ଶହ ବ୍ୟକ୍ତି ଆସି ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ରହୁଛନ୍ତି । ସେମାନଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ଏପରି କି ମହାନଦୀ କୋଇଲା ଖଣି (ଏମସିଏଲ)ର ଆର୍ଥିକ ସହାୟତା ରେ ଆଉ ଏକ କୋଭିଡ ମେଡିକାଲ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି। ସୁଚନାଯୋଗ୍ୟ ଯେ, ଜିଲା ପ୍ରଶାସନ ପକ୍ଷରୁ କୁଚିଣ୍ଡା, ରେଢ଼ାଖୋଲ ସବଡିଭିଜନରେ ଗୋଟିଏ ଲେଖାଏ , ସମ୍ବଲପୁର ମହାନଗର ନିଗମ ଅଧୀନରେ ୨ଟି ଓ ପ୍ରତି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ ସିସିସି ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

# କୋଭିଡ୍ କଟକଣା: ପୋଲିସକୁ ସୁହାଉଛି

**ସମ୍ବଲପୁରରେ ଆଇପିଏଲ୍ ବେଟିଂ ଘଟଣା**

- ଯୁବନେତା, ରାଜନେତାଙ୍କ ପୁଅ ଗିରଫ ଦାବି

**ସମ୍ବଲପୁର,୯।୫(ବ୍ୟୁରୋ)**

ସମ୍ବଲପୁର ପୋଲିସ ଆଇପିଏଲ ବେଟିଂ ଘଟଣାରେ ବିବାଦକୁ ଆସିଯାଇଥିଲା । ବିଭିନ୍ନ ମହଲରେ ସମାଲୋଚନା ହେବା ପରେ ପୋଲିସ ଅଟକ ରଖି ଛାଡିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅନ୍ୟପଟେ ସହରର ଜଣେ ଥାନାବାବୁଙ୍କ ବୁକିମାନଙ୍କ ସହ ସୁ-ସମ୍ପର୍କ ଥିବାରୁ ଚଢାଉ ପୂର୍ବରୁ ସୂଚନା ପାଇ ସେମାନେ ଫେରାର ହୋଇଯାଇଥିଲେ। କେତେକ ଅଧିକାରୀ ଆପରାଧିକମାନଙ୍କ ସହ ହାତ ମିଳାଇବା ଘଟଣାକୁ ନେଇ ପୋଲିସ ବିଭାଗ ବଦନାମ ହୋଇ ପଡିଥିଲା । ଏବେ ପୋଲିସ ବିଭାଗ ତଦନ୍ତ କରି ନିଜ ଛବିକୁ ସୁଧାରିବା ସମୟ ଆସିଛି। ତେବେ ଆଗାମୀ ଦିନରେ କେବଳ ଆଇପିଏଲ ନୁହେଁ ଅନ୍ୟ ମାମଲାରେ ମଧ ଏଭଳି ଘଟଣା ଘଟିବାର ଆଶଙ୍କା ରହିଛି। ଏପର୍ଯ୍ୟନ୍ତ ଏକ ରାଜନୈତିକ ଦଳର ଯୁବ ନେତା ମୁଖ୍ୟ ବୁକି ଓ ଭାଜପା ଜିଲା ସ୍ତରର ଜଣେ ନେତାଙ୍କ ପୁଅକୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଘଟଣାକୁ ପ୍ରାୟ ୧୮ ଦିନ ବିତିଯାଇଥିଲେ ମଧ ଅଭିଯୁକ୍ତମାନଙ୍କ ନିକଟରେ ପୋଲିସ ପହଞ୍ଚି ପାରୁ ନାହିଁ। ଅଭିଯୁକ୍ତମାନେ ପଶ୍ଚିମବଙ୍ଗ,ମଧ୍ୟପ୍ରଦେଶ,ଛତିଶଗଡ ରାଜ୍ୟକୁ ଚାଲି ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷରେ ପୋଲିସ ଅଭିଯୁକ୍ତଙ୍କ ଠିକଣା ସମ୍ପର୍କରେ ଜାଣିଛି ଓ କୋଭିଡ କଟକଣାକୁ ଆଳ କରି ଦିନ ଗଡାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି ,ଆଇନ ସମସ୍ତଙ୍କ ପାଇଁ ସମାନ। ତେଣୁ ଏହି ଘଟଣାରେ ଯେଉଁମାନଙ୍କ ସଂପୃକ୍ତି ରହୁଛି ସେମାନଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଏସପି ବାତୁଲା ଗଙ୍ଗାଧର କହିଛନ୍ତି ଯେ, ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବ। ପୋଲିସର ସ୍କାନରରେ ଫେରାର ଅଭିଯୁକ୍ତମାନେ ଅଛନ୍ତି। କୋଭିଡ କଟକଣା ପାଇଁ ସାମାନ୍ୟ ସମସ୍ୟା ହେଉଛି। ଗିରଫ କରିବା ପ୍ରକ୍ରିୟା ଜାରି ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୧୫ ଦିନ ତଳେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଆଇପିଏଲ ବ୍ୟାଟିଙ୍ଗ ର୍‍ୟାକେଟ ଉପରେ ଚଢାଉ କରିଥିଲା। ଏହି ଘଟଣାରେ ଅଇଁଠାପାଲି ଥାନା ଅଞ୍ଚଳର ଶୁଭମ ସାହୁ ଓ ଝାରସୁଗୁଡା ଜିଲାର ହିତେଶ ସାହୁଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧ ଲକ୍ଷ ୯୨ ହଜାର ଟଙ୍କା ସହିତ ଏକ କାର ଓ ବ୍ରେସଲେଟ ଜବତ କରିଥିଲା। ଏନେଇ ଥାନରେ ୧୯୮/୨୧ନଂରେ ମାମଲା ରୁଜୁହୋଇଥିଲା ।



ରବିବାର ସମ୍ବଲପୁର ସହରର ବୀର ସୁରେନ୍ଦ୍ର ସାଏ ମାର୍ଗରେ ପିଲାମାନେ ଫୁଟବଲ ଖେଳର ମଜା ନେଉଛନ୍ତି ।

# କୋଭିଡ୍ ମେଡିକାଲରେ ଇ-ସାକ୍ଷାତକାର ଦାବି

**ସମ୍ବଲପୁର,୯।୫(ବ୍ୟୁରୋ)**

ସମ୍ବଲପୁର ଜିଲାର ବୁର୍ଲା ଭୀମସାର ଓ ଡିଏଚଏଚରେ କୋଭିଡ ମେଡିକାଲ ରହିଛି। ଏହି ମେଡିକାଲଗୁଡିକରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଇ -ସାକ୍ଷାତକାର କାର୍ଯ୍ୟକ୍ରମ କରିବାକୁ ଦାବି ହୋଇଛି। ଏ ନେଇ ରବିବାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି । ଦାବି ଅନୁସାରେ କୋଭିଡ ମେଡିକାଲରେ ଚିକିତ୍ସିତ ରୋଗୀମାନଙ୍କୁ ପରିବାର ବର୍ଗ ଭେଟିବାରେ କଟକଣା ରହିଛି। ଅନେକ ସମୟରେ ଅଘଟଣ ହେଲେ ସିଧାସଳଖ ସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କରାଯାଇଥାଏ। ଏପର କି ଅପ୍ରୀତିକର ଘଟଣା ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାର କୋଭିଡ ମେଡିକାଲରେ ଇ -ସାକ୍ଷାତକାର କରାଯାଉଛି । ସମ୍ବଲପୁର ଜିଲରେ ମଧ ଇ-ସାକ୍ଷାତକାର ବ୍ୟବସ୍ଥା ଲାଗୁ କରାଯାଉ ବୋଲି ଦାବି ହେଉଛି। ଜିଲା ରେଡକ୍ରସ ସଦସ୍ୟ ଦୁର୍ଗା ପ୍ରସାଦ ପାଢୀ, ସୁମନ୍ତ ସ୍ୱାଇଁ, ଅରୁଣ କୁମାର, ପ୍ରକାଶ ଶତପଥୀ, ଭଗତ୍ ସିଂ, ନମିତା ଦାସ, ସୁନନ୍ଦା ପାଢୀ, ସ୍ମିତା ପାତ୍ର, ଡାକ୍ତର ସନ୍ତୋଷ କାନୁନଗୋ, ଦିଗାମ୍ବର ପାତ୍ର, ଦଶରଥ ଦାସ, ବିରଞ୍ଚି ମହାପାତ୍ର ପ୍ରମୁଖ ଦାବିପତ୍ର ପଠାଇଛନ୍ତି ।

### ସାପ କାମୁଡ଼ାରେ ଜଣେ ମୃତ

**କୁଆଁରମୁଣ୍ଡା,୯।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦମପୁର ଗ୍ରାମର ଜଣେ ବିବାହିତ ଯୁବକଙ୍କ ଶନିବାର ବିଳମ୍ବିତ ରାତିରେ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣଙ୍କ ହେଉଛନ୍ତି ନମନ ସୁରିନ(୪୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୧) ରୁଜୁ କରି ରବିବାର ମୃତଦେହ ବ୍ୟବଚ୍ଛେଦ କରାଇବା ସହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ,ମୃତ ନମନ ଶନିବାର ପରିବାର ସହ ରାତ୍ରଭୋଜନ ସାରି ସବୁ ଦିନ ପରି ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିବା ପରେ ସେ ହଠାତ୍ ନିଦରୁ ଉଠି ଯାଇଥିଲେ। ଏହି ସମୟରେ ସେ ସାପଟିକୁ ଖୋଜି ବାହାର କରିବା ସହ ପିଟି ମାରି ଦେଇଥିଲେ। ଏହା ପରେ ସେ ସାପକୁ ମଧ୍ୟ ରାତିରେ ପୋଡି ଦେଇଥିଲେ। ହେଲେ ସାପ କାମୁଡିବା ପରେ ମଧ୍ୟ ସେ ଡାକ୍ତରଖାନା ଯାଇ ନ ଥିଲେ ।

# କାଳଜୟୀ ହେବ ମନୋଜ ସାହିତ୍ୟ



ୱେବିନାରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଝାରସୁଗୁଡା ଅଫିସ୍,୯।୫**

ସ୍ୱର୍ଗତ ସାହିତ୍ୟକ ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ବେଲପାହାଡ ସାହିତ୍ୟ ସଂସଦ, ୧୯ଖଣ୍ଡ ମୌଜା ଲେଖକ ପରିଷଦ ଓ ବେଲପାହାଡ ସାଂସ୍କୃତିକ ଅନୁଷ୍ଠାନ ମଚାନର ମିଳିତ ଆନୁକୂଲ୍ୟରେ ୱେବିନାର ଜରିଆରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଶ୍ରୀକର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ ତପନ କୁମାର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ପ୍ରଫେସର ଡଃ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମନୋଜ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ମନୋଜ ଦାସ ସମାଜରେ ସବୁପ୍ରକାର ସଙ୍କୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ସାଧାରଣ ମଣିଷଙ୍କ କଥା କହୁଥିବାରୁ ମନୋଜ ସାହିତ୍ୟ ଯୁଗେ ଯୁଗେ କାଳଜୟୀ ହୋଇ ରହିବ। ମନୋଜଙ୍କ ସାହିତ୍ୟ ଦୀର୍ଘ ୭ ଦଶନ୍ଧି ଧରି ପ୍ରତ୍ୟେକ ସୃଷ୍ଟି ଓଡିଆ ସଂସ୍କୃତି, ଐତିହ୍ୟ, ପରମ୍ପରା, ସାମାଜିକ ସ୍ଥିତି ସମ୍ପର୍କରେ ଗଭୀର ଚିନ୍ତା ଓ ଚେତନାର ସ୍ୱର ପାଲଟିଛି ବୋଲି ମତ ପ୍ରକାଶ ପାଇଥିଲା। ମନୋଜ ଦାସ ଜୀବିତ ଅବସ୍ଥାରେ ଏ ମାଟିର କିମ୍ବଦନ୍ତୀ ପୁରୁଷ ହୋଇସାରିଛନ୍ତି ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାଧ୍ୟାପିକା ଡଃ ସ୍ୱର୍ଣ୍ଣମୟୀ ପୁରୋହିତ, ଅଧ୍ୟାପିକା ମନ୍ଦାକିନୀ ସତପଥୀ, ପୁଷ୍ପାଞ୍ଜଳି ସାହୁ, ସଙ୍ଗୀତା ନାୟକ, ପଦ୍ମାବତୀ ମହାପାତ୍ର, ସୁବାସ ପ୍ରଧାନ, କବି ପ୍ରଫୁଲ୍ଲ କୁମାର ପଣ୍ଡା, ଗୋପିନାଥ ସେଠ୍, ରମେଶ ଚନ୍ଦ୍ର ପଶାୟତ, ଜୟରାମ ସାହୁ, ଗାଳ୍ପିକ ଚତୁର୍ଭୁଜ ପ୍ରଧାନ, ଅଧ୍ୟାପକ ସରୋଜ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମଚାନ୍ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅକ୍ସିଜେନ ବ୍ୟାଙ୍କ ଜୀବନଧାରା ଉଦ୍‌ଘାଟିତ

**ସମ୍ବଲପୁର,୯।୫(ବ୍ୟୁରୋ)**

ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚ ଓ ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବା ମଞ୍ଚ ପକ୍ଷରୁ ରବିବାର କ୍ଷେତରାଜପୁର ଦୁର୍ଗାମଙ୍ଗଳମ ଠାରେ ଅକ୍ସିଜେନ ବ୍ୟାଙ୍କ ଜୀବନଧାରା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଗୃହ ଓ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ବଲାଙ୍ଗୀର ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ରାଜ୍ୟସଭା ଏମପି ଭୁପିନ୍ଦର ସିଂ, ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚର ରାଷ୍ଟ୍ରୀୟ ଅଧକ୍ଷ କପିଳ ଲଖୋଟିଆ, ପ୍ରାନ୍ତୀୟ ଅଧକ୍ଷ ନରେଶ ଅଗ୍ରୱାଲ, ରାଷ୍ଟ୍ରୀୟ ଉପାଧକ୍ଷା ଅର୍ଚ୍ଚନା ଗର୍ଗ, ରିଙ୍କୁ ଅଗ୍ରୱାଲ, ଭବନ ଅଗ୍ରୱାଲ, ଆନନ୍ଦ ଶର୍ମା, ପ୍ରତୀକ ଅଗ୍ରୱାଲ, ମାଧବ ଡାଲମିଆ, କୃଷ୍ଣ ଡାଲମିଆ ନବ ସଞ୍ଚାରରେ ସାମିଲ ଥିଲେ। ମାରୱାଡି ଯୁବାମଞ୍ଚ ପବନ କୁମାର ଗର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏବେ କୋଭିଡ ସମୟରେ ଅକ୍ସିଜେନ ଅଭାବ ପାଇଁ କାହାର ମୃତ୍ୟୁ ନ ଘଟୁ , ସେନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ଏହାର ଶାଖା ରହିବ। ଲୋକଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇ ଦିଆଯିବ । ଏହାସହ ଆଗାମୀ ଦିନରେ ପ୍ଲାଜମା ଦାନ ଓ ରକ୍ତଦାନ ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।



ଅକ୍ସିଜେନ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ କର୍ମକର୍ତ୍ତା ।

# ଆନ୍ତଃ ଜିଲା ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ

- ୪ ଗିରଫ, ୨୦ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଜବତ
- ୩୩ ମାମଲାରେ ପେସାଦାର ଅଭିଯୁକ୍ତଙ୍କ ସମ୍ପୃକ୍ତି
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

**ଝାରସୁଗୁଡା ଅଫିସ, ୯।୫**

ଝାରସୁଗୁଡା ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଆନ୍ତଃ ଜିଲା ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ର୍‍ୟାକେଟ୍‌ର ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଧନୁପାଲି ଥାନା ସୋନାପାଲିର ସର୍ଫରାଜ ଖାନ(୩୧) ଓ ମହମ୍ମଦ ଇର୍‌ଫାନ୍(୩୧), ଅଇଁଠାପାଲି ଥାନା ବରେଇପାଲିର ଅଭିଷେକ କୁମାର(୨୫) ଏବଂ ବରଗଡ ଜିଲା ଭଟଲିର ପ୍ରମୋଦ କୁମାର ମିଶ୍ର। ପୋଲିସ ସେମାନଙ୍କ ନିକଟରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ଏକ ଟ୍ରକ୍ (ନଂ.ଡବ୍ଲ୍ୟୁବି୧୯ଜେ୫୩୬୨), ସ୍କୁଟି (ନଂ.ଓଡି୧୬ଏଚ୍/୬୧୨୪ ଓ ନଂ.ଓଡି୧୫ଆର୍‌୦୪୪୪), ୨ଟି ବାଇକ୍, ୧୦ ଟାୟାର, ୧୦ମୋବାଇଲ୍, ୪ସିସିଟିଭି କ୍ୟାମେରା, ଏଲ୍‌ଇଡି ଟିଭି, ଇନଭର୍ଟର ବ୍ୟାଟେରି, ଡିଭିଆର୍ ଆଦି ରହିଛି । ଏ ନେଇ ବେଲପାହାଡ ଥାନାରେ ଏକ ମାମଲା (ନଂ.୨୬/୨୧) ରୁଜୁ ହୋଇଛି। ସେହିପରି ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୩୯/୨୧) ଓ କୋଲାବିରା ଥାନାରେ ଅନ୍ୟ ୩ଟି



ଜବତ ଚୋରି ସାମଗ୍ରୀ ଓ ଗିରଫ ଅଭିଯୁକ୍ତମାନେ ।

ମାମଲା (ନଂ.୩୩/୩୫/୫୦/୨୧) ରୁଜୁ ହୋଇଛି । ଏ ନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏସ୍‌ପି ଆହୁରି କହିଛନ୍ତି, ଗତ ୪ମାସ ମଧ୍ୟରେ ଝାରସୁଗୁଡା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଅଭିଯୋଗ ହୋଇଥିଲା। ଏହି ଚୋରି ର୍‍ୟାକେଟ୍‌କୁ ଧରିବା ପାଇଁ ଏସ୍‌ଡିପିଓ ଦୀଲିପ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ଚୋରି ର୍‍ୟାକେଟ୍‌କୁ ଧରିବା ପାଇଁ ଛାନ୍‌ଭିନ୍ ଚଳାଇଥିଲା। ହେଲେ ଅଭିଯୁକ୍ତମାନେ ଚତୁରତାର ସହ ବାରମ୍ବାର ସ୍ଥାନ ଓ ମୋବାଇଲ୍ ସିମ୍ ପରିବର୍ତ୍ତନ କରି ଖସିଯିବାରେ ସଫଳ ହେଉଥିଲେ। ଏପରିକି ଅଭିଯୁକ୍ତମାନେ ପୋଲିସ ଭୟରେ ଜନବସତିରୁ ଦୂରରେ ରହି ଜଙ୍ଗଲରେ ଲୁଚି ରହୁଥିଲେ। ପୋଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଏବଂ ବେଲପାହାଡରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ସକ୍ଷମ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ସର୍ଫରାଜ ଓ ଇରଫାନ ପେସାଦାର ଅପରାଧୀ ବୋଲି ଜଣାପଡିଛି। ସେମାନେ ଯାଜପୁର ଓ ଢେଙ୍କାନାଳ ଆଦି ଜିଲାରେ କ୍ରାଇମ୍ କରିଥିବାବେଳେ ୩୩ଟି ମାମଲାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଛି । ଏ ସମ୍ପର୍କରେ ରାଜ୍ୟର ବିଭିନ୍ନ ଥାନାକୁ ସୂଚନା ଦେବା ପରେ ବରଗଡ, ସମ୍ବଲପୁର, ସୁନ୍ଦରଗଡ, ସୋନପୁର ଆଦି ଜିଲାରରୁ ପୋଲିସ ଅଧିକାରୀମାନେ ଝାରସୁଗୁଡାରେ ପହଞ୍ଚି ଅଭିଯୁକ୍ତଙ୍କୁ ଜେରା କରିଛନ୍ତି। ଅଭିଯୁକ୍ତମାନେ ଆହୁରି ବହୁ ମାମଲାରେ ସଂଶ୍ଲିଷ୍ଟ ଥିବା ପୋଲିସ ସନ୍ଦେହ କରୁଛି। ତେଣୁ ଅଭିଯୁକ୍ତଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ଅଧିକ ପଚରା ଉଚରା କରାଯିବ ବୋଲି ଏସ୍‌ପି ଦାସ କହିଛନ୍ତି। ପେଷାଦାର ଅଭିଯୁକ୍ତ ୨ଜଣ ବିଭିନ୍ନ ସାମଗ୍ରୀ ଚୋରି କରିବା ପରେ ଏହାକୁ ଅଭିଷେକ ଓ ପ୍ରମୋଦଙ୍କ ନିକଟରେ ବିକ୍ରି କରିଥିବା ଜେରାବେଳେ ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି ।

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ –ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ। –ଶ୍ରୀଅରବିନ୍ଦ

# ସତକୁ ଡର

ପରାଧୀନ ଭାରତରେ ବିଦେଶୀ ଶାସକମାନେ ସବୁବେଳେ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟାକୁ କମାଇ କରି ଦର୍ଶାଇବାକୁ ପସନ୍ଦ କରୁଥିଲେ। ତାହାର କାରଣ ଥିଲା, ପରାଧୀନ ନାଗରିକ ଅଧିକ ମୃତ୍ୟୁସଂଖ୍ୟା ଶୁଣିଲେ ସେମାନଙ୍କ ମନରେ ହିଂସାଭାବ ଜାଗ୍ରତ ହେବ। ତଥାପି ନଅଙ୍କ ଦୁର୍ଭିକ୍ଷ ଏବଂ ସ୍ପାନିଶ୍ ଫ୍ଲୁ ବେଳେ ଗୋରା ଶାସକମାନେ ଭାରତରେ ମୃତକଙ୍କ ବାସ୍ତବ ସଂଖ୍ୟା ଦର୍ଶାଇଥିବାର ଐତିହାସିକ ପ୍ରମାଣ ଅଛି। କିନ୍ତୁ ଜାଲିଆନାୱାଲାବାଗ୍ ଗଣହତ୍ୟା ଘଟଣାରେ ବାସ୍ତବ ସଂଖ୍ୟା ସେହି ସମୟରେ କୁହାଯାଇ ନ ଥିଲା। ଆଜିର ଭାରତୀୟ ଅମଲାତନ୍ତ୍ର ପୁରୁଣା ମାନସିକତା ରଖିଆସୁଥିବାରୁ ଭାରତରେ କରୋନାଜନିତ ମୃତ୍ୟୁସଂଖ୍ୟାର ବାସ୍ତବ ଆକଳନ ମିଳିପାରୁ ନାହିଁ। ସେଥିପାଇଁ ଭାରତୀୟ ଭେଷଜ ସଂଘ (ଆଇଏମ୍ଏ) ଏହାକୁ ହୃଦୟଙ୍ଗମ କରି ପ୍ରତିବାଦ କରିଛି। ନିଜ ଡାକ୍ତରଙ୍କ ମୃତ୍ୟୁସଂଖ୍ୟା ଦେଖିବା ପରେ ଆଇଏମ୍ଏ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ପତ୍ର ଲେଖି ସତ କଥା କହିବାକୁ ଚେତାଇ ଦେଇଛି। ଦୀର୍ଘବର୍ଷ ଧରି ସରକାର ବା ବିଭିନ୍ନ କର୍ତ୍ତୃପକ୍ଷ ଭିନ୍ନ ଭିନ୍ନ ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ ଯେଉଁ ସନ୍ଦେହ ପ୍ରକଟ ହେଉଥିଲା, ତାହାର ଏକ ବାସ୍ତବ ଦିଗ ଉନ୍ମୋଚନ ହେଲା ବୋଲି କୁହାଯାଇପାରେ।

ସାଧାରଣ ଭାରତୀୟଙ୍କ ମାନସିକତାରେ ଦେଖାଯାଇଛି, ସଫଳତା ହେଲେ ତାହାର ଶ୍ରେୟ ନେବାକୁ ସମସ୍ତେ ଧାଇଁ ଆସିଥାଆନ୍ତି। କିନ୍ତୁ ବିଫଳତାର ବୋଝ ବୋହିବାକୁ ଅଧିକାଂଶ କୁଣ୍ଠା କରନ୍ତି। ସତକଥା ସର୍ବଦା ଲୋକଙ୍କୁ ସାହାଯ୍ୟ କରିଥାଏ, କଦାପି ଆଘାତ ଦିଏ ନାହିଁ। ଆଇଏମ୍ଏ ଯେଉଁ ପ୍ରସଙ୍ଗ ଉଠାଇଛି କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟାର ସତ୍ୟତା ପ୍ରକାଶ କରାଗଲେ ଜନସାଧାରଣ ଏହାର ଭୟାବହତା ଜାଣିପାରିବେ ଓ ମହାମାରୀକୁ ଅଧିକ ଗୁରୁତ୍ୱ ଦେବେ, ତାହା ନିଶ୍ଚିତ ଠିକ୍ କଥା। କେବଳ କରୋନା ମହାମାରୀ ବେଳେ ଯେ ସଂଖ୍ୟା ଲୁଚାଯାଉଛି ତାହା ନୁହେଁ, ଟ୍ରେନ୍ ଦୁର୍ଘଟଣା, ଅଗ୍ନିକାଣ୍ଡଜନିତ ଅଘଟଣ, ପୋଲ ଭୁଶୁଡ଼ି ଲୋକଙ୍କ ପ୍ରାଣଯିବା ଆଦି ପ୍ରତି କ୍ଷେତ୍ରରେ ଭାରତରେ ସରକାର ସଂଖ୍ୟା ଲୁଚାଇବାରେ ବ୍ୟସ୍ତ। ଅନ୍ୟ ଦେଶରେ ଏଭଳି ମିଥ୍ୟା ପ୍ରଚାର କରାଯାଏ ନାହିଁ। ଅବଶ୍ୟ ଚାଇନା ଭଳି କେତେକ ରାଷ୍ଟ୍ର ଏହି ତାଲିକାରୁ ବାଦ୍ ପଡ଼ିବେ। ତେବେ ବହୁ ଲୋକଙ୍କ ମୃତ୍ୟୁସଂଖ୍ୟା ପ୍ରକାଶ କରାଗଲେ ଅଧିକ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ପଡୁଥିବାରୁ ଏପରି ପଦକ୍ଷେପ ନିଆଯାଇଥାଏ। ପୁଣି କେତେକ କ୍ଷେତ୍ରରେ ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ କର୍ତ୍ତୃପକ୍ଷ ତତ୍‌କ୍ଷଣାତ୍ ଲୋକଙ୍କ ସାମ୍ନାରେ କିଛି ସଂଖ୍ୟା ଥୋଇଦେଇ ହାତ ଧୋଇହୋଇ ବସିଥାଆନ୍ତି। ପରବର୍ତ୍ତୀ ସମୟରେ ସେହି ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାକୁ କମେଇ ଦିଆଯାଇଥାଏ। ଏକ ଗଣତାନ୍ତ୍ରିକ ଦେଶରେ ଲୋକେ ସତ୍ୟ ଜାଣିବା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। କେଉଁ ଦୁର୍ଘଟଣା ଦୈବୀକୃତ ବା ମନୁଷ୍ୟକୃତଜନିତ ଏବଂ ତାହା ଦ୍ୱାରା କେତେ ଜୀବନହାନି ଘଟିଛି, ଲୋକେ ତାହାର ଠିକ୍ ତଥ୍ୟ ପାଇଲେ ଅଧିକ ସତର୍କ ହୁଅନ୍ତେ। ଯେଉଁ ସରକାର ବା ସଂସ୍ଥା ନିଜର ଦୋଷ ଲୁଚାଇବାକୁ ଯାଇ ସର୍ବସାଧାରଣରେ ଭୁଲ ତଥ୍ୟ ରଖୁଛି, ସେ ନିଜ ପ୍ରଶାସନିକ ବ୍ୟବସ୍ଥା କିମ୍ବା ସଂସ୍ଥାଗତ ସ୍ତରରେ ନିଜ ଲୋକ କରୁଥିବା ଭୁଲ୍‌କୁ ଘୋଡ଼ାଇ ଦେଉଛି ବୋଲି କହିହେବ। ଏହାଦ୍ୱାରା ତ୍ରୁଟି ବା ଅବହେଳା କରୁଥିବା ବ୍ୟକ୍ତି ସହଜରେ ଖସିଯାଉଛନ୍ତି।

ଆଜିର କରୋନା ମହାମାରୀ ସମୟରେ ଯେତେ ନିକଟ ଓ ଘନିଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଚାଲିଛି, ଲୋକେ ଜାଣିପାରୁଛନ୍ତି। ତାହା ସତ୍ତ୍ୱେ ଦିଲ୍ଲୀର ନିଗମବୋଧ ଘାଟଠାରୁ ଆରମ୍ଭକରି ଭୁବନେଶ୍ୱରର ସତ୍ୟନଗର ଓ କଟକର ସତୀଚଉରା ଶ୍ମଶାନ ସମ୍ମୁଖରେ ଦୁଇ ଘଣ୍ଟା ବସିଲେ ଓ ସେଠାରେ ଆତ୍ମୀୟମାନେ ଯେଭଳି ହାଉଯାଉ ହେଉଛନ୍ତି, ସେଥିରୁ ସରକାରୀ ମୃତ୍ୟୁସଂଖ୍ୟାର ଅସତ୍ୟତା ସ୍ପଷ୍ଟ ବୁଝାପଡ଼ିବ। କୁହାଯାଉଛି କୋଭିଡ୍‌ର ପ୍ରକୋପକୁ ବଡ଼ ଆକାରରେ ନ ଦେଖାଇବା ଉଦ୍ଦେଶ୍ୟ ରଖାଯାଇ ମୃତ ବ୍ୟକ୍ତିଙ୍କ ବିବିଧ ରୋଗ ଥିଲେ, ତାଙ୍କ ନାମ କରୋନା ଖାତାରୁ ଡିଲିଟ୍ କରିଦିଆଯାଉଛି। ଦେଶରେ ୪ ଲକ୍ଷ ସଂକ୍ରମଣ ହେଉଥିବା ବେଳେ ମୃତ୍ୟୁସଂଖ୍ୟା ୪ ହଜାର ବା ୧ ପ୍ରତିଶତ ଦର୍ଶାଯାଉଛି। ବେସରକାରୀ ଆକଳନ କାହିଁରେ କେତେ ରହୁଛି। ପରନ୍ତୁ ବାସ୍ତବ ଚିତ୍ର ତଥା ସଂଖ୍ୟା ଲୋକଲୋଚନକୁ ଆସିପାରିଲେ ଜନସାଧାରଣ ମହାମାରୀ କେତେ ମାତ୍ରାରେ ଡେଡ୍‌ଲି ବା ଭୟଙ୍କର ବୁଝିପାଆନ୍ତେ। ଭାରତୀୟ ପ୍ରଶାସନ ଉଚ୍ଚ ଚିନ୍ତାଧାରା ରଖି ସେହି ପରିମାଣରେ ବଳ ଗୋଟାଇବାରେ ସକ୍ଷମ ହେଲେ ଯାଇ ସତ କହିବ। ଏଭଳି ସ୍ଥଳେ ଆଇଏମ୍ଏ ଯାହା କହିଛି ତାହାକୁ ସବୁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱୀକାର କରିବା ଦରକାର।

## ସାପ୍ତାହିକ ପଞ୍ଜିକା

**ମେ ୩ :** ପିପିଲି ଉପନିର୍ବାଚନ ସ୍ଥଗିତ

➢କର୍ନାଟକର ମେରାଜନଗର ଜିଲାସ୍ଥିତ ଏକ ହସ୍ପିଟାଲରେ ଅକ୍ସିଜେନ୍ ଅଭାବରୁ ୨୪ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି।

**ମେ ୪:** ରାଜ୍ୟରେ ସ୍କୁଲ ମିଶ୍ରଣ ବିଜ୍ଞପ୍ତି ରଦ୍ଦ କଲେ ହାଇକୋର୍ଟ।

➢ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଥିବାରୁ ଦେୟ କମାଇବାକୁ ସ୍କୁଲ ବାଧ୍ୟ ବୋଲି କହିଛନ୍ତି ସୁପ୍ରିମ୍‌କୋର୍ଟ।

**ମେ ୫:** ରାଜ୍ୟରେ ଲକ୍‌ଡାଉନ୍ ଜାରି।

➢ତୃତୀୟଥର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ମମତା ବାନାର୍ଜୀଙ୍କ ଶପଥ ଗ୍ରହଣ।

**ମେ ୬ :** ୨୦୨୨ ସୁଦ୍ଧା ଅନ୍ଧାରୁଆରେ ଟିକା ଉତ୍ପାଦନ ଆରମ୍ଭ ହେବ।

➢ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଷ୍ଟ୍ରୀୟ ଲୋକଦଳ ମୁଖ୍ୟ ଅଜିତ ସିଂଙ୍କ ଦେହାନ୍ତ।

**ମେ ୭ :** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଷ୍ଟାଲିନ୍।

➢ଏନ୍ ରଙ୍ଗାସ୍ୱାମୀ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ।

**ମେ ୮ :** ଓଡ଼ିଶାରେ କରୋନାରେ ଦିନକରେ ୨୧ ମୃତ।

➢ଦେଶରେ ଦିନକରେ ସର୍ବାଧିକ ୪,୧୮୭ ମୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 4 | 1 | | 5 | |
| | | | | 8 | | | | |
| 4 | | 3 | | | 5 | | | 8 |
| 6 | 8 | 9 | | 5 | | | 1 | |
| | 4 | | | 7 | | | | |
| | | | | | | 9 | | |
| | | 8 | | | 6 | | 3 | |
| | 7 | | | | | | | 1 |
| 1 | | 5 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 2 | 3 | 6 | 9 | 5 | 1 | 8 |
| 9 | 8 | 5 | 7 | 1 | 4 | 2 | 6 | 3 |
| 3 | 6 | 1 | 2 | 8 | 5 | 7 | 9 | 4 |
| 1 | 5 | 8 | 6 | 4 | 7 | 3 | 2 | 9 |
| 6 | 3 | 7 | 9 | 2 | 1 | 4 | 8 | 5 |
| 4 | 2 | 9 | 8 | 5 | 3 | 1 | 7 | 6 |
| 5 | 9 | 4 | 1 | 7 | 6 | 8 | 3 | 2 |
| 8 | 1 | 3 | 4 | 9 | 2 | 6 | 5 | 7 |
| 2 | 7 | 6 | 5 | 3 | 8 | 9 | 4 | 1 |

ଗତକାଲିର ଉତ୍ତର

# ବିକଶିତ ଓଡ଼ିଶାର ମାର୍ଗ



ଡ. ଅମରେନ୍ଦ୍ର ଦାସ

୨୦୩୬ରେ ଓଡ଼ିଶାକୁ ଶହେ ବର୍ଷ ପୂରିବ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ବା ମଧ୍ୟବିତ୍ତ ରାଜ୍ୟରେ ପରିଣତ କରିବାକୁ ହେଲେ ଆମକୁ ସେଥିପାଇଁ ଉପାୟ ଚିନ୍ତା କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ସ୍ୱାଧୀନତା ପରବର୍ତ୍ତୀ ସମୟର ବିକାଶଧାରାକୁ ମୂଲ୍ୟାୟନ କରିବାକୁ ହେବ ଓ ବିକାଶର ଅନ୍ୟସବୁ ମାର୍ଗ ବିଷୟରେ ଆଲୋଚନା କରିବାକୁ ହେବ। ଆମ ରାଜ୍ୟକୁ ଅନୁକୂଳ ହେଲା ଭଳି ବିକାଶର ଏକ ଠିକ୍ ମାର୍ଗ ବାଛିବାକୁ ହେବ।

୧୯୫୦ ଦଶକରେ ଓଡ଼ିଶାର ମୁଣ୍ଡପିଛା ଆୟ ଜାତୀୟ ମୁଣ୍ଡପିଛା ଆୟର ପାଖାପାଖି ୯୦ ପ୍ରତିଶତ ଥିଲା। ୧୯୮୦ ଦଶକରୁ ଆରମ୍ଭ କରି ଓଡ଼ିଶାର ତୁଳନାତ୍ମକ ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଲା। ୨୦୦୨–୦୩ ବେଳକୁ ଓଡ଼ିଶାର ମୁଣ୍ଡପିଛା ଆୟ ଜାତୀୟ ଆୟର ମାତ୍ର ୬୩ ପ୍ରତିଶତକୁ ଖସିଆସିଲା। ୨୦୦୩–୦୪ଠାରୁ ଆରମ୍ଭ କରି ଓଡ଼ିଶାର ସ୍ଥିତି କ୍ରମଶଃ ସୁଧୁରିବାରେ ଲାଗିଛି ଏବଂ ୨୦୨୦–୨୧ ଆର୍ଥିକ ସର୍ବେକ୍ଷଣ ତଥ୍ୟ ଅନୁସାରେ ଓଡ଼ିଶାର ମୁଣ୍ଡପିଛା ଆୟ ଜାତୀୟ ଆୟର ପାଖାପାଖି ୭୮ ପ୍ରତିଶତରେ ପହଞ୍ଚିଛି। ଆମେ କିନ୍ତୁ ଜାଣି ରଖିବାକୁ ହେବ ଯେ, ମୁଣ୍ଡପିଛା ଆୟ ସୂଚକାଙ୍କଟି ଅଧିକାଂଶ ସମୟରେ ଅନେକ ସମାଲୋଚନାର ଶିକାର ହୋଇଥାଏ। ଏହାର କାରଣ ହେଲା ମୁଣ୍ଡପିଛା ଆୟ ରାଜ୍ୟର ମୋଟ ଆୟକୁ ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରି ହିସାବ କରାଯାଇଥାଏ। ଫଳରେ ଏହା ରାଜ୍ୟ ଭିତରେ ଥିବା ନାଗରିକମାନଙ୍କ ମଧ୍ୟରେ ଆୟର ବଣ୍ଟନକୁ ପ୍ରତିଫଳିତ କରି ନ ଥାଏ। ଉଦାହରଣ ସ୍ୱରୂପ ଯଦି ଗୋଟିଏ ରାଜ୍ୟରେ ମାତ୍ର ଦୁଇଜଣ ନାଗରିକ ଥାଆନ୍ତି ଏବଂ ଜଣଙ୍କର ଆୟ ଏକ ଲକ୍ଷ ଟଙ୍କା ଏବଂ ଅନ୍ୟ ଜଣଙ୍କର ଆୟ ଏକ ହଜାର ଟଙ୍କା ହୋଇଥାଏ, ତେବେ ରାଜ୍ୟର ମୁଣ୍ଡପିଛା ଆୟ ୫୦,୫୦୦ ଟଙ୍କା ହେବ। ତେଣୁକରି ମୁଣ୍ଡପିଛା ଆୟ ବାସ୍ତବିକ ସ୍ଥିତିକୁ ଦର୍ଶାଇ ନ ଥାଏ। ସେଥିପାଇଁ ଅନେକ ସମୟରେ ବିକାଶର ସୂଚକାଙ୍କ ହିସାବରେ ମୁଣ୍ଡପିଛା ଆୟ ବ୍ୟତୀତ ମାନବସମ୍ବଳ ବିକାଶର ଅନ୍ୟସବୁ ସୂଚକାଙ୍କକୁ ଆଲୋଚନାର ପରିସରଭୁକ୍ତ କରାଯାଇଥାଏ। ଏହି କ୍ରମରେ ମୁଣ୍ଡପିଛା ବ୍ୟୟକୁ ଆମେ ନେଇପାରିବା। ମୁଣ୍ଡପିଛା ବ୍ୟୟ ସାଧାରଣତଃ ଆର୍ଥିକ ଶିଡ଼ିର ନିମ୍ନବର୍ଗରେ ଥିବା ଗୋଷ୍ଠୀର ବ୍ୟୟ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥାଏ। ତେଣୁକରି ଏହା ଆୟର ବଣ୍ଟନକୁ ଅନେକାଂଶରେ ଦର୍ଶାଇଥାଏ।

ଆମ ରାଜ୍ୟର ମାସିକ ମୁଣ୍ଡପିଛା ବ୍ୟୟକୁ ଜାତୀୟ ସ୍ତର ସହିତ ତୁଳନା କଲେ ଫଳାଫଳ ଓଡ଼ିଶା ପାଇଁ ଶୁଭଙ୍କର ଜଣାପଡୁନାହିଁ। ୧୯୬୦ ଦଶକରେ ଗ୍ରାମାଞ୍ଚଳ ଓଡ଼ିଶାରେ ମାସିକ ମୁଣ୍ଡପିଛା ବ୍ୟୟ ଜାତୀୟ ବ୍ୟୟର ୮୦ ପ୍ରତିଶତରୁ ଅଧିକ ଥିଲା ଏବଂ ସହରାଞ୍ଚଳ ଓଡ଼ିଶାର ମାସିକ ମୁଣ୍ଡପିଛା ବ୍ୟୟ ଜାତୀୟ ବ୍ୟୟ ପାଖାପାଖି ରହିଥିଲା। ଏହି ସ୍ଥିତି ମୋଟାମୋଟି ଭାବରେ ୧୯୮୦ ଦଶକ ପର୍ଯ୍ୟନ୍ତ ଜାରି ରହିଥିଲା। ୧୯୯୦ ଦଶକରେ ଆର୍ଥିକ ସଂସ୍କାର ନୀତି ଗ୍ରହଣ ପରେ ଜାତୀୟ ସ୍ତରର ଅଭିବୃଦ୍ଧି ହାର ଦ୍ରୁତତର ହେଲା ଏବଂ ପ୍ରାୟ ୨୦୦୨–୦୩ ପର୍ଯ୍ୟନ୍ତ ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାରଠାରୁ କମ୍ ରହିଥିଲା। ଯାହାଫଳରେ ଜାତୀୟ ମୁଣ୍ଡପିଛା ଆୟ ତୁଳନାରେ ଓଡ଼ିଶାର ମୁଣ୍ଡପିଛା ଆୟ ୬୩ ପ୍ରତିଶତକୁ ଖସିଆସିଲା। ୨୦୦୩–୦୪ଠାରୁ ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ସ୍ତରଠାରୁ ଯେତେବେଳେ ଅଧିକ ହେଲା ଯଦିଓ ଓଡ଼ିଶାର ମୁଣ୍ଡପିଛା ଆୟରେ କିଛି ମାତ୍ରାରେ ସୁଧାର ଆସିଲା। ତୁଳନାତ୍ମକ ଭାବରେ ମୁଣ୍ଡପିଛା ବ୍ୟୟ କିନ୍ତୁ ବିଗିଡ଼ିବାରେ ଲାଗିଲା। ୧୯୯୯–୨୦୦୦ ମସିହାରେ ଗ୍ରାମୀଣ ଓଡ଼ିଶାର ମୁଣ୍ଡପିଛା ବ୍ୟୟ ଜାତୀୟ ସ୍ତରର ୭୭ ପ୍ରତିଶତ ଥିବାବେଳେ ଏହା କ୍ରମଶଃ ହ୍ରାସ ପାଇ ୨୦୧୧–୧୨ ବେଳକୁ ୭୦ ପ୍ରତିଶତରେ ପହଞ୍ଚି ସାରିଛି। ୨୦୧୧–୧୨ରେ ସହରାଞ୍ଚଳ ଓଡ଼ିଶାର ମୁଣ୍ଡପିଛା ବ୍ୟୟ ଜାତୀୟ ସ୍ତରର ୭୪ ପ୍ରତିଶତରେ ରହିଛି। ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧି ହାର କ୍ରମଶଃ ବୃଦ୍ଧି ପାଇ ମୁଣ୍ଡପିଛା ଆୟ କିଛିମାତ୍ରାରେ ବୃଦ୍ଧି ପାଉଥିବା ସମୟରେ ଜାତୀୟ ତୁଳନାରେ ମୁଣ୍ଡପିଛା ବ୍ୟୟ କ୍ରମଶଃ ହ୍ରାସ ପାଇବା ନିଶ୍ଚିତ ଏକ ଚିନ୍ତାର ବିଷୟ।

ତେବେ ଏହାର କାରଣ କ'ଣ ହୋଇ ଥାଇପାରେ ? ରାଜ୍ୟର ଅଭିବୃଦ୍ଧିକୁ ନିବିଡ଼ ଭାବରେ ଦୃଷ୍ଟି ନିକ୍ଷେପ କଲେ ଜଣାପଡ଼େ ଯେ, ଏହା ମୁଖ୍ୟତଃ ଶିଳ୍ପ ଅଭିବୃଦ୍ଧି ଦ୍ୱାରା ହାସଲ ହୋଇଛି। ଓଡ଼ିଶାର ଶିଳ୍ପ ମୋଟାମୋଟି ଭାବରେ ଖଣିଜ ପଦାର୍ଥ ଏବଂ ତତ୍‌ସଂଲଗ୍ନ ଧାତୁ ଉତ୍ପାଦ ଶିଳ୍ପ ଦ୍ୱାରା ନିର୍ଦ୍ଧାରିତ। ଏହିସବୁ ଶିଳ୍ପର ବ୍ୟାପକ ଯାନ୍ତ୍ରିକୀକରଣ ଫଳରେ ନିଯୁକ୍ତି ସୁଯୋଗ ହ୍ରାସ ପାଉଛି। ଏହା ସହିତ ପ୍ରାୟ ଅଧିକାଂଶ ଶିଳ୍ପ ଏବଂ ଖଣିର ମାଲିକାନା ବା ପରିଚାଳନା ଦାୟିତ୍ୱ ସ୍ଥାନୀୟ ନିବାସୀମାନଙ୍କ ପାଖରେ ନ ଥିବାରୁ ଶିଳ୍ପର ଫାଇଦା ସ୍ଥାନୀୟ ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିପାରୁନାହିଁ। ଉଦାହରଣ ସ୍ୱରୂପ କେନ୍ଦୁଝର, ଯାଜପୁର ଜିଲାରେ ଥିବା ଅଧିକାଂଶ ଖଣି ବା ଶିଳ୍ପଗୁଡ଼ିକର ମାଲିକାନା ବା ସମ୍ପୃକ୍ତ ଅନେକ ଠିକା ସେବା ଯୋଗାଣକାରୀ ସଂସ୍ଥାର ମାଲିକାନା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କ ପାଖରେ ନାହିଁ। ଏହାଫଳରେ କମ୍ ନିଯୁକ୍ତି ସୁଯୋଗ ଯୋଗୁ ଏହିସବୁ ଶିଳ୍ପର ବିଶେଷ ଫାଇଦା ସ୍ଥାନୀୟ ଅଞ୍ଚଳରେ ପହଞ୍ଚିପାରୁନି। ସେହିପରି ଏହିସବୁ ଶିଳ୍ପରୁ ଆସୁଥିବା ଲାଭାଂଶ ଅନ୍ୟ ରାଜ୍ୟର ବା ରାଜ୍ୟ ଭିତରର ମାତ୍ର କିଛି ବ୍ୟକ୍ତିଙ୍କ ପାଖରେ ଠୁଳ ହେଉଥିବାରୁ ଏହା ରାଜ୍ୟର ଅଧିକାଂଶ ପରିବାରର ବ୍ୟୟ ବୃଦ୍ଧି କରିବାରେ କୌଣସି ସହାୟକ ହେଉନାହିଁ।

ଆମ ରାଜ୍ୟକୁ ୨୦୩୬ ସୁଦ୍ଧା ଏକ ଅଗ୍ରଣୀ ରାଜ୍ୟରେ ରୂପାନ୍ତର କରିବାକୁ ହେଲେ ଆମକୁ କେଉଁ ମାର୍ଗ ଆପଣାଇବାକୁ ହେବ? ବିକଶିତ ଦେଶ ବା ରାଜ୍ୟଗୁଡ଼ିକୁ ଅନୁଧ୍ୟାନ କଲେ ସାଧାରଣତଃ ୪ଟି ମାର୍ଗ ଆଲୋଚନାର ପରିସରକୁ ଆସେ। (୧) ଶିଳ୍ପାୟନଭିତ୍ତିକ ବିକାଶ, (୨) ସେବାଭିତ୍ତିକ ବିକାଶ, (୩) ମାନବ ସମ୍ବଳ ବିକାଶଭିତ୍ତିକ ବିକାଶ ଏବଂ (୪) ବିଦେଶ ବାଣିଜ୍ୟଭିତ୍ତିକ ବିକାଶ। ଊନବିଂଶ ଏବଂ ବିଂଶ ଶତାବ୍ଦୀର ବୃହତ୍ ଶିଳ୍ପାୟନ ଦକ୍ଷତା ଏବଂ ଉଚ୍ଚ ବେତନଭିତ୍ତିକ ନିଯୁକ୍ତି ସୃଷ୍ଟି କରୁଥିବାରୁ ଅନେକ ଅର୍ଥଶାସ୍ତ୍ରୀ ଅର୍ଥନୀତିର ଦ୍ରୁତ ବିକାଶ ପାଇଁ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରୁଥିଲେ। କିନ୍ତୁ ଏକବିଂଶ ଶତାବ୍ଦୀରେ ଶିଳ୍ପର ବ୍ୟାପକ ଯାନ୍ତ୍ରିକୀକରଣ ତଥା କମ୍ପ୍ୟୁଟର, ରୋବୋ, କୃତ୍ରିମ ବୁଦ୍ଧିମତ୍ତା, ଯାନ୍ତ୍ରିକ ଶିକ୍ଷା ଆଦିର ବହୁଳ ବ୍ୟବହାର ଫଳରେ ନିଯୁକ୍ତି ସୁଯୋଗ ବ୍ୟାପକମାତ୍ରାରେ ହ୍ରାସ ପାଉଛି।

ଏକବିଂଶ ଶତାବ୍ଦୀରେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରାର ଗୁରୁତ୍ୱ ତଥା ଜଟିଳ ସାମାଜିକ ତଥା ଅର୍ଥନୈତିକ ସମ୍ପର୍କ ବୃଦ୍ଧି ଯୋଗୁ ଅତୀତରେ ମାଗଣାରେ ଉପଲବ୍ଧ ହେଉଥିବା ଅନେକ ସେବା ବଜାରର ମୂଲ୍ୟବାନ ସେବା ଭାବରେ ଉଭା ହୋଇଛି। ଠିକ୍ ସେହିପରି ଅର୍ଥନୀତିର ଜଟିଳତା ଯୋଗୁ ଅନେକ ନୂତନ ସେବା ସୃଷ୍ଟି ହୋଇଛି। ଅନେକ ଦେଶ ବା ରାଜ୍ୟ ସାରା ବିଶ୍ୱକୁ ଏହିସବୁ ସେବା ଯୋଗାଇ ଦେଇ ଅଭିବୃଦ୍ଧି ହାସଲ କରିପାରିବେ।

ଆମ ଦେଶର କେରଳ ପ୍ରଦେଶ ତଥା ନରୱେ, ସ୍ୱିଡେନ୍ ଭଳି ଦେଶ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଇ ଅଭିବୃଦ୍ଧି ହାସଲ କରିଛନ୍ତି। ଉଦାହରଣ ସ୍ୱରୂପ, କେରଳରେ ଶିଳ୍ପର ଆପାତତଃ ଅନୁପସ୍ଥିତିରେ ମଧ୍ୟ ସେମାନେ ଦେଶର ଏକ ଧନୀ ତଥା ଶିକ୍ଷିତ ରାଜ୍ୟ ଭାବରେ ପରିଗଣିତ। ଉତ୍ତମ ସରକାରୀ ସ୍ୱାସ୍ଥ୍ୟସେବା ତଥା ଶିକ୍ଷା ଯୋଗାଇ ଦେଇ ରାଜ୍ୟର ମାନବସମ୍ବଳ ବିକାଶ ହୋଇପାରିଛି। ଫଳରେ ରାଜ୍ୟର ନାଗରିକମାନେ ଦେଶ ବିଦେଶରେ ନିଯୁକ୍ତି ହାସଲ କରିବା ସହ ଉତ୍ତମ ଜୀବନଯାପନ କରିପାରୁଛନ୍ତି। ଆମେ ଜାଣିରଖିବା ଉଚିତ୍ ଯେ, ମାନବ ସମ୍ବଳ ବିକାଶର ଅନେକ ସୂଚକାଙ୍କରେ କେରଳ ବିଶ୍ୱର ଅନେକ ବିକଶିତ ଦେଶମାନଙ୍କର ସମକକ୍ଷ ବା କିଛି କ୍ଷେତ୍ରରେ ଅଗ୍ରଣୀ। ମାଲେସିଆ, ସିଙ୍ଗାପୁର, ଦକ୍ଷିଣ କୋରିଆ ଭଳି ଅନେକ କ୍ଷୁଦ୍ର ଦେଶ ଅନ୍ତର୍ଜାତୀୟ ବାଣିଜ୍ୟ ମାଧ୍ୟମରେ ନିଜର ଅର୍ଥନୀତିକୁ ସୁଦୃଢ଼ କରିପାରିଛନ୍ତି।

ବିକାଶର ଏହିସବୁ ମାର୍ଗ ଭିତରୁ କେଉଁ ମାର୍ଗଟି ଆମ ରାଜ୍ୟ ପାଇଁ ଅନୁକୂଳ ହେବ, ସେହି ବିଷୟରେ ସମସ୍ତ ବୁଦ୍ଧିଜୀବୀଙ୍କର ଗଭୀର ଚିନ୍ତନ ଆବଶ୍ୟକ। ତେବେ ପରିବେଶ ସୁରକ୍ଷା, ନିରନ୍ତର ତଥା ସର୍ବୋଦୟ ବିକାଶ ଧାରାକୁ ଆଖିରେ ରଖି ତଥା ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ଆମ ରାଜ୍ୟ ମାନବସମ୍ବଳ ବିକାଶଭିତ୍ତିକ ବିକାଶର ମାର୍ଗଟି ବାଛିପାରିବା। ଆମ ରାଜ୍ୟ ବର୍ତ୍ତମାନ ପୂର୍ବ–ଭାରତର ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଆକର୍ଷଣ କେନ୍ଦ୍ର ହେବାରେ ଲାଗିଛି। ରାଜ୍ୟର ଯୁବତୀଯୁବକମାନଙ୍କୁ ଏକବିଂଶ ଶତାବ୍ଦୀରେ ଆବଶ୍ୟକ ହେଉଥିବା ସମସ୍ତ ଶିକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟର ସବୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ତଥା ମାନବ ସମ୍ବଳର ନିଯୁକ୍ତି ଆବଶ୍ୟକତା ରହିଛି। ଠିକ୍ ସେହିପରି ବିପର୍ଯ୍ୟୟ ମୁକାବିଲା ଏବଂ ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ମାନବ ସମ୍ବଳ ସୃଷ୍ଟି କରି ଆମେ ସାରା ବିଶ୍ୱକୁ ତାଲିମ ଦେଇପାରିବା। ପରିବେଶ ଅସନ୍ତୁଳିତ ପୃଥିବୀକୁ କରୋନା ମହାମାରୀ ଭଳି ଅନେକ ଅଜଣା ବ୍ୟାଧିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହିସବୁ ରୋଗର ଚିହ୍ନଟ ଏବଂ ତୁରନ୍ତ ନିରାକରଣ ପାଇଁ ଟିକା, ଔଷଧ, ଚିକିତ୍ସା ଉପାୟ ଏବଂ ଆବଶ୍ୟକ ଚିକିତ୍ସା ଉପକରଣ ପ୍ରସ୍ତୁତି ପାଇଁ ଉଚ୍ଚତର ଗବେଷଣାର ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଜୈବ ବିବିଧତା ନଷ୍ଟ ଆଦି ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ଜ୍ଞାନ ଏବଂ ମାନବ ସମ୍ବଳର ଘୋର ଅଭାବ ରହିଛି। ଏହିସବୁ ଜ୍ଞାନ ଏବଂ ସାମଗ୍ରୀ ଉତ୍ପାଦନ କରି ଆମ ରାଜ୍ୟ ସାରା ବିଶ୍ୱକୁ ରପ୍ତାନି କରିପାରିବ।

ଏହା ସହ ଏକ ଶିକ୍ଷିତ ଏବଂ କୁଶଳୀ ଯୁବ ସମାଜ ନିଜେ ନିଜର ଜୀବିକା ଉପାର୍ଜନ ପାଇଁ ଉପାୟ ବାହାର କରିନେବ। ମାନବ ସମ୍ବଳର ବିକାଶ ପାଇଁ ଯଦି ଆମ ରାଜ୍ୟ ବିଶ୍ୱର କେନ୍ଦ୍ରସ୍ଥଳୀ ହୋଇପାରିବ, ତେବେ ଏହା ମଧ୍ୟ ବିଶ୍ୱର ପର୍ଯ୍ୟଟନ କେନ୍ଦ୍ର ହୋଇପାରିବ। ପ୍ରାକୃତିକ ସମ୍ପଦଭରା ଆମ ରାଜ୍ୟର ସହନଶୀଳ ସଭ୍ୟତା ଏବଂ ବିବିଧ ସଂସ୍କୃତି ବିଶ୍ୱକୁ ବିମୋହିତ କରିପାରିବ। ଉପଯୁକ୍ତ ମାନବ ସମ୍ବଳ ସମ୍ଭବ ହେଲେ ବିକାଶଭିତ୍ତିକ ଏକବିଂଶ ଶତାବ୍ଦୀର ଆବଶ୍ୟକ ସମସ୍ତ ସେବା ସୃଷ୍ଟି ସହ ଯୋଗାଣ ମାଧ୍ୟମରେ ଆମ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରାଯାଇପାରିବ।

ଅର୍ଥନୀତି ପ୍ରାଧ୍ୟାପକ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

# କରୋନା ଓ ଶିଶୁ ସ୍ୱାସ୍ଥ୍ୟ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆପଣଙ୍କ ପିଲାଟି ତୀବ୍ର ଜ୍ୱରକୁ ସାମ୍ନା କରି ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରୁଛି କି, ହାଲ୍‌କା କାଶ, ଥକ୍କାପଣ ଓ ପେଟ ଯନ୍ତ୍ରଣା ସହ ବାନ୍ତି ଲାଗୁଛି କି ? କେବଳ ସେତିକି ନୁହେଁ, ତା' ଚର୍ମ ପୋଡ଼ାଜଳା କରିବା ସହ ଆଖିଟି ନାଲି ପଡୁଛି କି, ତା' ଚର୍ମର ରଙ୍ଗ ବଦଳିବା ସହ ପାଟି ଫୁଲି ଭୋକ ଲାଗୁନାହିଁ ତ, ସ୍ୱାଦ ଚାଲିଯିବା ପରି ସେ ଅନୁଭବ କରୁଛି କି ? ତେବେ ଆପଣ ସତର୍କ ହୁଅନ୍ତୁ ଆପଣଙ୍କ ପିଲାଟି କରୋନା ଭୂତାଣୁର ଶିକାର ହୋଇନାହିଁ ତ ? କରୋନା ଭୂତାଣୁର ପ୍ରଥମ ଷ୍ଟ୍ରେନ୍ ଘାତକ ଥିଲା ସତ, କିନ୍ତୁ ଶିଶୁ ଏବଂ କିଶୋରଙ୍କୁ ଏହା ସେତେଟା ଆକ୍ରାନ୍ତ କରୁ ନ ଥିଲା। କାଁ ଭାଁ ସଂକ୍ରମିତ ହୋଇ ଶୀଘ୍ର ଆରୋଗ୍ୟ ଲାଭ କରୁଥିଲେ ଏମାନେ। ନିଜ ସନ୍ତାନଙ୍କ ସୁରକ୍ଷା ନେଇ ମାତାପିତାଙ୍କ ଚିନ୍ତା ନ ଥିଲା। ହେଲେ ସଦ୍ୟ ଷ୍ଟ୍ରେନଗୁଡ଼ିକ ଅତ୍ୟନ୍ତ ଘାତକ। ଶିଶୁଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ମାଡ଼ି ବସୁଛି। ସାମାନ୍ୟ ଫାଙ୍କା ଦେଖିଲେ ଏହା ଶରୀରରେ ପଶିଯାଇ ଦ୍ରୁତ ବିନାଶ ଘଟାଉଛି। ପୂର୍ବଠୁ ଅଧିକ ସଂକ୍ରାମକ ଓ ଘାତକ ସାଜିଛି ଏହି ନରହନ୍ତା ଭୂତାଣୁ। ଆମେରିକା, ବ୍ରାଜିଲଠାରୁ ଆରମ୍ଭ କରି ଭାରତରେ ଲକ୍ଷ ଲକ୍ଷ ଶିଶୁ ଓ କିଶୋର ଏହା ପଞ୍ଝାରେ ପଡ଼ିସାରିଲେଣି। ଅନେକେ ଆଖି ବୁଜିଲେଣି। ପରିସ୍ଥିତି ଏଭଳି ହେଉଛି ଯେ ମୃତ୍ୟୁ ଶଯ୍ୟାରେ ପଡ଼ିରହି ଶିଶୁଟି ନିଜ ବାପାମାଆଙ୍କୁ ନ ଦେଖି ଚିର ବିଦାୟ ନେଉଛି। ଏହି ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ପାଲଟିଛି। ଗୋଟିଏ କି ଦୁଇଟି ନୁହେଁ, ଏମିତି ଅନେକ ଘଟଣା ସାମ୍ନାକୁ ଆସୁଛି। ନୂଆ ଷ୍ଟ୍ରେନ୍‌ର ଏଭଳି କରାଳ ରୂପ ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ଏଥର ନିଜ ସହ ପିଲାମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

କରୋନାର ପ୍ରଥମ ଷ୍ଟ୍ରେନ୍ ତୁଳନାରେ ନୂଆ ଷ୍ଟ୍ରେନ୍ (ବିଶେଷକରି ବ୍ରାଜିଲ ଓ ୟୁକେ) ଅଧିକ ସଂକ୍ରାମକ ସାଜିଛି। ଫଳରେ ଦ୍ରୁତ ବେଗରେ ସଂକ୍ରମଣ ବ୍ୟାପିବାରେ ଲାଗିଛି ଏବଂ ଏହା କବଳକୁ ସବୁ ବୟସ ବର୍ଗର ଲୋକ ଆସୁଛନ୍ତି। ଟେଷ୍ଟିଂ ମାତ୍ରା ଅତ୍ୟନ୍ତ କମ୍ ହେଉଥିବାରୁ ପିଲାମାନେ ଆକ୍ରାନ୍ତ ହୋଇ ସୁଦ୍ଧା ନଜରକୁ ଆସୁନାହାନ୍ତି। ଠିକ୍ ସମୟରେ ଟେଷ୍ଟିଂ ନ ହେବା ଯୋଗୁ ସେମାନେ ଅନ୍ୟ ପିଲାଙ୍କୁ ଭୂତାଣୁ ବାଣ୍ଟୁଛନ୍ତି। ପୂର୍ବ ଷ୍ଟ୍ରେନ୍ ବେଳେ ସ୍ୱଳ୍ପ ସଂଖ୍ୟକ ପିଲା ଆକ୍ରାନ୍ତ ହୋଇଥିଲେ। ତେଣୁ ଏଥର ମଧ୍ୟ ପିଲାମାନେ ସୁରକ୍ଷିତ ରହିବେ ବୋଲି ଅଧିକାଂଶ ଧାରଣା ରଖୁଛନ୍ତି। ଆଲବର୍ଟ ସାବିନ୍ ଚିଲଡ୍ରେନ୍ସ ହସ୍ପିଟାଲର ଆଇସିୟୁ ଡାକ୍ତର ସିନାରା କାର୍‌ନେଇରୋ କହିଛନ୍ତି, ପିଲାମାନେ ଅସୁସ୍ଥ ହେଲେ ସେମାନଙ୍କ ପାଖରେ ମାତାପିତା ରହିଥାନ୍ତି। ସେମାନଙ୍କ ପ୍ରତିଟି କଥା ସେମାନେ ଜାଣିଥାନ୍ତି। ଏହା ସେମାନଙ୍କୁ ମାନସିକ ଦୃଷ୍ଟିରୁ ଶକ୍ତି ଯୋଗାଇଥାଏ। କିନ୍ତୁ କରୋନା କାଳରେ ଆକ୍ରାନ୍ତ ପିଲାଙ୍କୁ ସେମାନଙ୍କ ମାତାପିତାଙ୍କଠାରୁ ଦୂରରେ ରଖାଯାଉଛି। ଏମିତି କି ଗୁରୁତର ହୋଇ ଆଖି ବୁଜିଲା ପୂର୍ବରୁ ସେମାନେ ମାତାପିତାଙ୍କୁ ଦେଖିପାରୁ ନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ଭାରତରେ ଦୈନିକ କରୋନା ସଂକ୍ରମଣ ବଢୁଥିଲାବେଳେ ସମଗ୍ର ବିଶ୍ୱରେ କରୋନା ସଂକ୍ରମିତଙ୍କ ପରିସଂଖ୍ୟାନର ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ବିଶ୍ୱର ବ୍ରାଜିଲ ଏପରି ଏକ ଦେଶ, ଯେଉଁଠାରେ କେବଳ ୧୩୦୦ ପିଲାଙ୍କ ପ୍ରାଣ ଚାଲିଯାଇଛି। ତାଙ୍କ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟର ତଥ୍ୟ ଅନୁଯାୟୀ ୨୦୨୦ ଫେବୃୟାରୀରୁ ୨୦୨୧ ମାର୍ଚ୍ଚ ୧୫ ମଧ୍ୟରେ ବ୍ରାଜିଲରେ ୯ବର୍ଷ ତଳକୁ ୮୫୨ ଜଣ ପିଲାଙ୍କର ମୃତ୍ୟୁ ଘଟିଲାଣି। ସେହିପରି ଆମେରିକାରେ ପାଖାପାଖି ୩୦,୩୩,୩୭୦ ଲକ୍ଷ ପିଲା କରୋନା କବଳରେ ପଡ଼ିଥିବା ଆମେରିକାନ୍ ଏକାଡେମି ଅଫ ପେଡିଆଟ୍ରିକ୍ସ ଏବଂ ଚିଲ୍‌ଡ୍ରେନ୍ସ ହସ୍ପିଟାଲ ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। ଭାରତରେ ହରିୟାଣା ରାଜ୍ୟରେ ଏଯାବତ୍ ଅର୍ଥାତ୍ ଗୋଟିଏ ମାସ ଭିତରେ ମୋଟ ୪୧,୩୨୪ ଲୋକ ଆକ୍ରାନ୍ତ ହୋଇଥିଲା ବେଳେ ସେମାନଙ୍କ ଭିତରୁ ୧୦ ବର୍ଷରୁ କମ୍ ଥିଲା। ମହାରାଷ୍ଟ୍ରରେ ଦୁଇମାସ ଭିତରେ ପାଖାପାଖି ୧୦ବର୍ଷ ପର୍ଯ୍ୟନ୍ତ ବୟସର ୩୮,୨୬୫ ଜଣ ପିଲା କରୋନାରେ ଆକ୍ରାନ୍ତ ହୋଇଛନ୍ତି।

ପିଲା କରୋନା ଆକ୍ରାନ୍ତ ହୋଇଛି ବୋଲି ଜଣାପଡ଼ିବା ପରେ ଡାକ୍ତରଙ୍କ ପରାମର୍ଶ ବିନା ସେମାନଙ୍କୁ କୌଣସି ଆଣ୍ଟିଭାଇରାଲ ଔଷଧ, ଷ୍ଟେରଏଡ୍, ଆଣ୍ଟିବାୟୋଟିକ୍ ଆଦି ଦିଆଯିବା ଅନୁଚିତ। ସେମାନଙ୍କୁ ସବୁବେଳେ ମାସ୍କ ପିନ୍ଧିବାକୁ ଦେବା ଉଚିତ। ବାହାରକୁ ଖେଳିବାକୁ ଛାଡ଼ିବା ଉଚିତ ନୁହେଁ, ଶପିଂ ମଲ୍ ଯିବା ଅନୁଚିତ। କରୋନା ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ। କୌଣସି ପରୀକ୍ଷା, ଥେରାପି ଅଥବା ମେଡ଼ିସିନ ଆଦି ଡାକ୍ତରଙ୍କ ପରାମର୍ଶ ବିନା ପ୍ରୟୋଗ ଅନୁଚିତ। ଆକ୍ରାନ୍ତ ପିଲାମାନଙ୍କୁ ଭିଟାମିନ–ଡି ଦିଆଯାଇ ପାରିବ। ଆଜ୍‌ମା ଥିବା ପିଲାମାନେ କରୋନା ଆକ୍ରାନ୍ତ ହେଲେ ଅଧିକ ବିପଦ ସୃଷ୍ଟି ହେବ। ତେଣୁ କରୋନା କାଳରେ ଏମାନଙ୍କୁ ଅଧିକ ସୁରକ୍ଷା କବଚ ଲୋଡ଼ା। ଆଜ୍‌ମା ଥାଇ କରୋନା ଆକ୍ରାନ୍ତ ହେଲେ ଗୁରୁତର ଲକ୍ଷଣ ଦେଖାଦେବା ଆଶଙ୍କା ରହିଛି। ଶ୍ୱାସକ୍ରିୟା ସମସ୍ୟା ବି ଦେଖାଦେଇପାରେ। କିନ୍ତୁ ଆଜ୍‌ମା ଥିବା ପିଲାମାନେ କରୋନା ଦ୍ୱାରା ଅଧିକ ଆକ୍ରାନ୍ତ ବା ଗୁରୁତର ହେବା ନେଇ ସେମିତି ବଡ଼ ସଙ୍କେତ ଦେଖିବାକୁ ମିଳିନାହିଁ। ଆଜ୍‌ମା ଥିବା ପିଲାଠାରେ କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହ ଚିକିତ୍ସା ଆରମ୍ଭ କରିଦେବା ଆବଶ୍ୟକ। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ କ'ଣ କରାଯିବ, ତାହା ଡାକ୍ତରଙ୍କୁ ପଚାରି ଟିକିନିକି ବୁଝିନେବା ଜରୁରୀ। ବର୍ତ୍ତମାନ ସ୍ଥିତିରେ ପିଲାମାନେ ସହଜରେ କରୋନା କବଳରେ ପଡୁଛନ୍ତି। ତେଣୁ ସେମାନଙ୍କୁ ମହାମାରୀଠାରୁ ଦୂରରେ ରଖିପାରିଲେ ସେମାନେ ସୁରକ୍ଷିତ ରହିବେ। ପିଲାମାନେ ଅନ୍ୟ ଲୋକଙ୍କ ସହ ଅଧିକ ସମୟ ଧରି ସଂସ୍ପର୍ଶରେ ଆସିବା ଅନୁଚିତ। ତେଣୁ ଶାରୀରିକ ଦୂରତା ସବୁବେଳେ ପାଳନ ବିଧେୟ। ବାହାର ଲୋକଙ୍କଠାରୁ ସେମାନେ ୬ଫୁଟ ଦୂରତା ରଖିବା ଆବଶ୍ୟକ। ସେହିପରି ପିଲାଟିକୁ ହାତ ସଫା ରଖିବା ଅଭ୍ୟାସ କରାନ୍ତୁ ଏହାସହ ବାଥରୁମ୍ ବ୍ୟବହାର ପରେ, ଛିଙ୍କିବା ଓ କାଶିବା ପରେ ଅଥବା ନାକ ପୋଛିବା ପରେ ହାତକୁ ଭଲ ଭାବେ ଧୋଇବା ଆବଶ୍ୟକ। ହ୍ୟାଣ୍ଡ ସାନିଟାଇଜର ବ୍ୟବହାର ଶିକ୍ଷା ଦେବା ସହ ପିଲାମାନଙ୍କୁ ମନସ୍ତାତ୍ତ୍ୱିକ ଭାବରେ ପ୍ରେରଣା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି କରୋନା ରାକ୍ଷସକୁ ହରାଇ ଦେବାକୁ ସମର୍ଥ ହେବ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ମୋ:୯୪୩୭୧୨୪୦୭୪

## ଏଇ ଭାରତରେ

ବର୍ଜ୍ୟର ପୁନଃ ଉପଯୋଗ କରି କୃଷି ସମସ୍ୟା ଦୂର କରିବାରେ ରାଜସ୍ଥାନର ନାରାୟଣ ଗୁଜ୍ଜର ଓ ପୁରନ ସିଂଙ୍କ ପ୍ରୟାସ ନିଶ୍ଚିତ ନିଆରା। ବୋରଜ ଗାଁର ଏହି ଦୁଇ ଯୁବକ ପରିବା ଓ ଫଳ ଚୋପାରୁ ଜୈବ ଅବଶୋଷଣକାରୀ ପଲିମର ପ୍ରସ୍ତୁତ କରୁଛନ୍ତି। ଏହି ପଲିମର ମରୁଡ଼ିପ୍ରବଣ ଅଞ୍ଚଳରେ କୃଷି କ୍ଷେତ୍ରରେ ଜଳାଭାବ ଦୂର କରୁଛି। ଏହାର ଜଳଧାରଣ କ୍ଷମତା ଅଧିକ ଥିବାରୁ କମ୍ ଜଳସେଚନରେ ଚାଷ କରାଯାଇ ପାରୁଛି ଓ ୩୦ରୁ ୪୦ ପ୍ରତିଶତ ଜଳ ବଞ୍ଚାଇ ହେଉଛି। ପଲିମରରେ ଅଧିକ ଜୈବିକ ଓ କମ୍ ରାସାୟନିକ ଗୁଣ ରହିଛି। ଏହା ପ୍ରଦୂଷଣମୁକ୍ତ ଓ ସହଜରେ ମାଟିରେ ମିଶିଯାଉଛି। ଏଣୁ ଏହି ପରିବେଶ ଉପଯୋଗୀ ପଲିମରର ନାମ ରଖାଯାଇଛି 'ଫସଲ ଅମୃତ'। ନାରାୟଣ ଓ ପୁରନ୍ ୨୦୧୮ରେ ଇ.ଏଫ୍. ପଲିମର ଷ୍ଟାର୍ଟଅପ୍ ଗଠନ କରି ତା'ମଧ୍ୟରେ ଫସଲ ଅମୃତ ଉତ୍ପାଦନ କରୁଛନ୍ତି। ଏଥିପାଇଁ ଜୁସ୍ ଦୋକାନ, ପରିବା ହାଟ, ହୋଟେଲ, ରେସ୍ତୋରାଁ ଓ ୟୁନିଭର୍ସିଟି ଫୁଡ୍ କାଉଣ୍ଟରରୁ ଚୋପା ସଂଗ୍ରହ କରାଯାଉଛି। ୧ ଏକର ପାଇଁ ଆବଶ୍ୟକ ପଡୁଛି ୫ କେଜି ପଲିମର। ପଲିମର ପ୍ରସ୍ତୁତ କରିବା ପାଇଁ ବୈଜ୍ଞାନିକ ତଥ୍ୟ ଯୋଗାଉଛି ଉଦୟପୁରସ୍ଥ ମହାରଣା ପ୍ରତାପ ଏଗ୍ରିକଲ୍‌ଚର ୟୁନିଭର୍ସିଟି। ନାରାୟଣ କୃଷି ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ବେଳେ ପୁରନ୍ ବିଟେକ୍ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୬

- ବିଗତ ୧୬ ବର୍ଷ ପରେ ପ୍ରଥମ ଥର ପାଇଁ ଉଗାଣ୍ଡାରେ ରାଷ୍ଟ୍ରପତି ପଦ ପାଇଁ ଭୋଟ ଗ୍ରହଣ କରାଯାଇଛି।
- ନିର୍ବାଚନରେ ନିଜ ନିଜ ଦଳର ଘୋର ବିପର୍ଯ୍ୟୟ ଘଟିଥିବା ଯୋଗୁ ଏଥିପାଇଁ ନିଜକୁ ଦାୟୀ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିଥା ଓ କେରଳ ମୁଖ୍ୟମନ୍ତ୍ରୀ ଏ.କେ. ଆଣ୍ଟୋନୀ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଆଦର୍ଶ ଗ୍ରାମ ପାଇଁ ପଦକ୍ଷେପ ନିଆଯାଉ

ମହାଶୟ,

ରାଜ୍ୟରେ ୩୦ ଜିଲାର ସମୁଦାୟ ଗ୍ରାମ ସଂଖ୍ୟା ୫୩,୮୪୫। ଅନ୍ତତଃ ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ଆଦର୍ଶ ଗ୍ରାମ ପାଇଁ ସରକାର ଚେଷ୍ଟିତ ହେବା ସହ ଅନେକ ଦିଗ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଏହି ଗ୍ରାମରେ ଗମନାଗମନର ସୁବିଧା ପାଇଁ ରାସ୍ତା ପ୍ରଶସ୍ତୀକରଣ ସହ ଆଲୋକୀକରଣ ବ୍ୟବସ୍ଥା, ରାସ୍ତାର ଉଭୟ ପାର୍ଶ୍ୱରେ ସୌନ୍ଦର୍ଯ୍ୟବର୍ଦ୍ଧକ ଚାରା ରୋପଣ, ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ୍‌ର ବ୍ୟବସ୍ଥା, ପଡ଼ିଆ ଭୂମିରେ ବିଭିନ୍ନ ଫଳଗଛ ରୋପଣ କରାଯିବା ଦରକାର। ଉତ୍ପାଦିତ କୃଷିଜାତ ଦ୍ରବ୍ୟର ବିକ୍ରୟ ନିମନ୍ତେ ସ୍ଥାୟୀ ଗୃହ ସହ ଦୈନିକ ହାଟର ସ୍ଥାନ ନିରୂପଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଉତ୍ତମ ଚିକିତ୍ସାର ବ୍ୟବସ୍ଥା, ଶିକ୍ଷାଦାନ ପାଇଁ ଆଦର୍ଶ ସ୍କୁଲ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ବିକାଶ ସହ ମହିଳାମାନଙ୍କ ରୋଜଗାରର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ।

–ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଲା, ଅନୁଗୋଳ

## ଚିରନ୍ତନୀ

ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।
–(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୫୦ରୁ ଊର୍ଦ୍ଧ୍ୱ ମାଓବାଦୀ କରୋନା ଆକ୍ରାନ୍ତ

**ମାଲକାନଗିରି,୯।୫(ଡିଏନଏ):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାର ବିଭିନ୍ନ ଜଙ୍ଗଲରେ

**ଆତ୍ମସମର୍ପଣ କଲେ ଦିଆଯିବ ଚିକିତ୍ସା: ଏସ୍‌ପି**

ନିଜ କାର୍ଯ୍ୟକଳାପ ଜାରି ରଖିଥିବା ମାଓବାଦୀମାନେ ମଧ କରୋନା କବଳରୁ ମୁକୁଳି ପାରିନାହାନ୍ତି। ୫୦ରୁ ଊର୍ଦ୍ଧ୍ୱ ମାଓବାଦୀ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଏପରି କି ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିବା ମାଓବାଦୀ ନେତ୍ରୀ ସୁଜାତା ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତେବେ ସେମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡ଼ା ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି। ମାଓବାଦୀମାନେ ଆଭ୍ୟନ୍ତରୀଣ ଗ୍ରାମ ଓ ଜଙ୍ଗଲଗୁଡ଼ିକରେ ଏକତ୍ରିତ ହୋଇ ରହୁଛନ୍ତି। ଯଦି ସେମାନେ ସତର୍କ ନ ହେବେ ସଂକ୍ରମଣ ଆହୁରି ବୃଦ୍ଧି ପାଇବ। ଏହାର ପ୍ରଭାବ ଗ୍ରାମାଞ୍ଚଳ ଲୋକଙ୍କ ଉପରେ ପଡ଼ିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

### ଚେକିଂବେଳେ ପୋଲିସକୁ କଟୁରିରେ ଆକ୍ରମଣ

**ବଲଙ୍ଗା,୯।୫(ଡି.ଏନ୍.ଏ.):** ବଲଙ୍ଗା ଥାନା ଅଞ୍ଚଳରେ ଶଟ୍‌ଡାଉନରେ ପରିବା ବିକ୍ରି ପାଇଁ ଆସିଥିବା ଜଣେ ଯୁବକଙ୍କୁ ପୋଲିସ ବାରଣ କରିବାରୁ କଟୁରିରେ ଆକ୍ରମଣର ଶିକାର ହୋଇଛନ୍ତି। ଅନ୍ୟ ପୋଲିସ କର୍ମଚାରୀ ଉକ୍ତ ଯୁବକଙ୍କୁ ଗିରଫ କରିଛନ୍ତି। ସେ ହେଲେ ତୋଟାସାହି ଗ୍ରାମର ଅଜୟ ପ୍ରଧାନ। ମାମଲା(ନଂ. ୧୦୯/୨୧) ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ରବିବାର ଶଟ୍‌ଡାଉନ ଥିବାରୁ ବଲଙ୍ଗା ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ସମୟରେ ପୋଲିସ ପାଟ୍ରୋଲିଂ, ଚେକିଂ ଚାଲୁଥିଲା। ତେବେ ଅଜୟ କଦଳୀ ବିକ୍ରି କରିବା ପାଇଁ ହାଟକୁ ଆସୁଥିଲେ। ଏହାଦେଖି ହାବିଲଦାର ରମାକାନ୍ତ ସାବତ ହାଟକୁ ନ ଯିବା ପାଇଁ ତାଙ୍କୁ କହିଥିଲେ। ହେଲେ ଅଜୟ ପାଟିତୁଣ୍ଡ କରି ଯିବାବେଳେ ରମାକାନ୍ତ ରୋକିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଅଜୟ ଆଣିଥିବା ଏକ କଟୁରିରେ ଆକ୍ରମଣ କରିଥିଲେ। ରମାକାନ୍ତ ଆହତ ହୋଇଥିବାବେଳେ ସାଥୀ କର୍ମଚାରୀ ଅଜୟଙ୍କୁ ଧରିଥିଲେ। ରମାକାନ୍ତଙ୍କ ଅଭିଯୋଗକ୍ରମେ ଥାନାଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୂର୍ବରୁ ଅଜୟଙ୍କ ନାମରେ ବଲଙ୍ଗା ଥାନାରେ ୨ଟି ମାମଲା ରହିଛି।

### ଚେକ୍ ଡ୍ୟାମ୍‌ରେ ବୁଡ଼ି ଶିଶୁ ମୃତ

**ଦଶମନ୍ତପୁର, ୯।୫( ଡ଼ି.ଏନ.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତର ଚଣାବାଡ଼ ଗ୍ରାମରେ ରବିବାର ଭଉଣୀଭାଇ ଦୁହେଁ ଗ୍ରାମ ନିକଟସ୍ଥ ଚେକ୍ ଡ୍ୟାମକୁ ଗାଧୋଇବାକୁ ଯାଇ ପାଣିରେ ବୁଡିଯିବାରୁ ଭାଇର ମୃତ୍ୟୁ ହୋଇଛି। ମୃତକ ଶିଶୁ ହେଲେ ଟିବୁ ମୁଦୁଲିଙ୍କ ତିନି ବର୍ଷର ପୁଅ ଘନ। ଦୁହେଁ ସାଙ୍ଗଙ୍କ ସହ ମିଶି ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଶିଶୁଟି ପାଣିରେ ବୁଡ଼ିଯାଇଥିଲା। ବଡ଼ଭଉଣୀ ଘରକୁ ଯାଇ ଏ ବିଷୟରେ ମାଆଙ୍କୁ ଜଣାଇଥିଲେ। ମାଆ ଚେକ୍‌ଡ୍ୟାମରେ ଖୋଜାଖୋଜି କରି ଶିଶୁକୁ ଉଦ୍ଧାର କରିଥିଲେ।

# ପଥରଶିଳ୍ପ: ଓଡ଼ିଆର ଜାତିଗତ ସମ୍ପଦ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

## ସୃଜନ ପ୍ରବୃତ୍ତି ଓଡ଼ିଶାର ପ୍ରକୃତିଗତ




ଗୋଲରାଗଡ଼ର ଦେବୀ ଚିତ୍ରେଶ୍ୱରୀଙ୍କ ଭଗ୍ନ ମନ୍ଦିର ଓ ଭଗ୍ନ ପଥର।

ବାହାର ଲେଖକମାନେ ଶାସ୍ତ୍ରର ମୂଳ ରହସ୍ୟକୁ ଖୋଜି ନ ଥିଲାପରି ମନେହୁଏ। ଯିଏ ଖୋଜିଛନ୍ତି ସେ କିମ୍ଭୂତକିମାକାର ତର୍ଜମା କରି ଓଡ଼ିଆ ସାଂସ୍କୃତିକ ପରମ୍ପରାକୁ କତରା (ଶେଯ) ଲାଗି କରିବାକୁ ଚେଷ୍ଟା କରିଛନ୍ତି। ଶୁଆଇ ଦେବାକୁ ଚାହିଁଛନ୍ତି। ଓଡ଼ିଆରେ ଗୋଟିଏ କଥା ଅଛି– 'ଏକା ଥରକେ କତରାଲାଗି କରିଦେବି'। ଶାରୀରିକ, ଆର୍ଥିକ, ମାନସିକ ଓ ବାଚିକ (ବଚନ) ଆକ୍ରମଣରେ କତରାଲାଗି ସମ୍ଭାବନା ସୃଷ୍ଟି ହୁଏ। ବାହାରିଆ ତଥାକଥିତ ଇତିହାସକାର ତା' ମଧ୍ୟରେ ଯୋଡ଼ିଲେ ସାଂସ୍କୃତିକ ଆକ୍ରମଣ। ସେମାନେ ଭାବିଲେ ଓଡ଼ିଆ ଜାତିର ଗୌରବକୁ କତରାଲାଗି କରିଦେଲେ ମୂଳରୁ କଥା ସରିବ। ହେଲେ ଓଡ଼ିଆ ଜାତିକୁ କତରାଲାଗି କରିବା ସମ୍ଭବ ନୁହେଁ, ସେକାଳରେ ବି ଓଡ଼ିଆ ଯଥା ସମ୍ଭବ ଜବାବ ଦେବା ପାଇଁ ଚେଷ୍ଟା କରିଥିଲା।

୧୯୪୭ ମସିହାରେ 'ଶିଳ୍ପଚନ୍ଦ୍ରିକା' ପୁସ୍ତକ ନିଖିଳ ଉତ୍କଳ ଗବେଷଣା କାର୍ଯ୍ୟାଳୟ, ପୁରୀଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହାର ପ୍ରଥମ ସଂସ୍କରଣର 'ସମର୍ପଣ ପତ୍ର'ରେ ରଘୁନାଥ ମିଶ୍ର ଲେଖିଥିଲେ– xxx ମନ୍ଦିରମାନଙ୍କ ଶିଳ୍ପ କାର୍ଯ୍ୟର ପ୍ରତ୍ୟକ୍ଷ ବର୍ଣ୍ଣନା ପୁସ୍ତକ ପ୍ରକାଶିତ ନ ହୋଇଥିବାରୁ ହତାଶ ହୋଇ ସେମାନେ ଫେରନ୍ତି। କେହି କେହି ବିଦେଶୀ ବା ପ୍ରତିବେଶୀ ଐତିହାସିକ ବ୍ୟକ୍ତି କହିଯାନ୍ତି ଓ ପତ୍ରପତ୍ରିକାରେ ବି ଆଲୋଚନା କରିଛନ୍ତି। 'ଏ ସବୁ ଶିଳ୍ପ ଓଡ଼ିଶାର ନ ହୋଇପାରେ, ବାହାର ଲୋକ ସାହାଯ୍ୟରେ ଏହା ନିର୍ମାଣ କରାଯାଇଥିବ'। xxx ସେ ଏହା ଉପରେ ଆହୁରି କହିଛନ୍ତି ମତକୁ ଖଣ୍ଡନ କରିବା ପାଇଁ ଯୁକ୍ତିମୂଳକ ଶାସ୍ତ୍ରୀୟ ପ୍ରମାଣ ଦରକାର। ତେଣୁ ସେ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଅବଶ୍ୟ ଆମେ ଏ ଦିଗରେ ଆଜି ମଧ କିଛିମାତ୍ରାରେ ପଛରେ ଅଛେ। ପ୍ରଚୁର ପ୍ରାମାଣିକ ପୋଥି ଅଛି, ମାତ୍ର ଲୋକଲୋଚନକୁ ଆସିବାର ତରିକାରେ ହେଳା କରିଛେ।

'ଶିଳ୍ପ ଚନ୍ଦ୍ରିକା'ର ମୁଖବନ୍ଧ ଲେଖିଥିଲେ କୁଞ୍ଜବିହାରୀ ଦାଶ, ସୁପରିଣ୍ଟେଣ୍ଡେଣ୍ଟ, ସଂସ୍କୃତି ବିଭାଗ। ସେ ଓଡ଼ିଆ ଜାତିର କଳା ନିପୁଣତା ବିଷୟରେ ଯାହା ଲେଖିଥିଲେ ତାହା ପଢ଼ିବା କଥା। ସେ ଲେଖିଥିଲେ– xxx ଶିଳ୍ପ ଓଡ଼ିଆର ଜାତିଗତ ସମ୍ପଦ। xxx ସମସ୍ତ ସାଂସାରିକ ସୁଖ ସୌଭାଗ୍ୟକୁ ଜଳାଞ୍ଜଳି ଦେଇ ସେ ଲାଗିଥିଲା ଅଦୃଷ୍ଟ ପୂର୍ବ ଶିଳ୍ପସୃଜନରେ। ଯଶଃ ପିପାସା ସେମାନଙ୍କ ଅନ୍ତରରେ କଳୁଷର ରେଖା ଟାଣିପାରି ନ ଥିଲା। ଗୋଟିଏ ଜାତିକି ବେଠି ଖଟାଇ ରାଜଶକ୍ତି ଏହା କରାଇ ନ ଥିଲା। ତାହା ହୋଇଥିଲେ ଶ୍ରେଷ୍ଠ ଶିଳ୍ପର ଇଙ୍ଗିତ ମିଳନ୍ତା କାହୁଁ? ଏହା ଯଥାର୍ଥରେ ଜାତିର ଅନ୍ତର୍ନିହିତ ପ୍ରତିଭାର ଅଦ୍ଭୁତ ସ୍ଫୁରଣ'।

ଏଥିରୁ ସ୍ପଷ୍ଟ ହୁଏ ଶ୍ରୀ ଦାଶ ଆମର ସ୍ୱାଭିମାନ ପ୍ରତି ଖୁବ୍ ସଚେତନ ଥିଲେ। ଏଥିରେ ଦୁଇଟି ସମାଲୋଚନାର ସେ ଉତ୍ତର ରଖିଛନ୍ତି। ଗୋଟିଏ ଓଡ଼ିଆମାନେ କରି ନ ଥିଲେର ଉତ୍ତର– ଶିଳ୍ପ ଓଡ଼ିଆର ଜାତିଗତ ସମ୍ପଦ। ଦ୍ୱିତୀୟରେ ଯେଉଁମାନେ ଶିଳ୍ପୀଙ୍କୁ ବେଠି ଖଟାଉଥିବା ରାଜଶକ୍ତି ଏବଂ ଅକଥନୀୟ ନିର୍ଯାତନା ଦେଇ କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲା ବୋଲି ହଟଚମଟ ମୂଳକ ମତ ଦେଇଥିଲେ ତାହାର ଉତ୍ତର ମଧ ଦେଇଛନ୍ତି।

ଯେଉଁମାନେ ମନ୍ଦିର ନିର୍ମାଣ ଶୈଳୀର କୁହେଳିକାରୁ ଆଲୋଚନା ଆରମ୍ଭ କରିଥିଲେ ସେମାନଙ୍କୁ ସ୍ପଷ୍ଟ ଭାଷାରେ କୁଞ୍ଜବିହାରୀ ଜଣେଇ ଦେଇଛନ୍ତି– ଆର୍ଯ୍ୟ ଭାରତୀୟ ଶୈଳୀରେ ଉତ୍କଳୀୟ ମନ୍ଦିର ରଚନା ସକାଶେ ଏହା ପ୍ରସିଦ୍ଧି ଲାଭ କରିନାହିଁ। ଶିଳ୍ପୀର ହୃଦୟ ଘେନି ଓଡ଼ିଆ ଜାତି ପୃଥିବୀରେ ଜନ୍ମ ହୋଇଛି। ସୂର୍ଯ୍ୟ ସହିତ କିରଣ, କୁସୁମ ସହିତ ସୌରଭ, ଅଗ୍ନି ସହିତ ଉଷ୍ଣତା ଯେପରି ନିବିଡ଼ ଭାବରେ ସଂଯୁକ୍ତ, କଳା ସହିତ ଉତ୍କଳୀୟ ସେହିପରି ଅଙ୍ଗାଙ୍ଗୀ ଭାବରେ ସମ୍ପୃକ୍ତ। ସୃଜନ ପ୍ରବୃତ୍ତି ଓଡ଼ିଶାର ପ୍ରକୃତିଗତ। ଏଥିରେ ହିଁ ବିଶ୍ୱର ସକଳ ଜାତିଠାରୁ ଉତ୍କଳର ବୈଶିଷ୍ଟ୍ୟ ଫୁଟିଉଠିଛି' xxx। (ତତ୍ରୈବ)।

ଏହା ହେଉଛି ଓଡ଼ିଆ ଜାତିର ସ୍ୱାଭିମାନର ସ୍ୱରଲିପି। ଆମେ ଶ୍ରୀ ଦାଶଙ୍କର ଆଭିମୁଖ୍ୟକୁ ଶିଳ୍ପଚନ୍ଦ୍ରିକା ପୁସ୍ତକର ମୁଖବନ୍ଧରୁ ଉଦ୍ଧାର କରି ଆଲୋଚନା କରିବାର ଆବଶ୍ୟକତା ସହଜରେ ଅନୁମେୟ। ଚଉସ୍ତରି ବର୍ଷ ତଳେ ସେ ଲେଖିଥିଲେ ଏଇଥିପାଇଁ ଯେ ବାହାରିଆ ଇତିହାସକାରମାନେ ବହୁ ହିନିମାନିଆ କଥା ଲେଖି ଗୋଟେ ଜାତିର ଗୌରବମୟ ଐତିହ୍ୟକୁ ହିନଛାକରା କରିଥିଲେ। ଓଡ଼ିଶାରେ ମନ୍ଦିର ସଂଖ୍ୟା ଏକ ଲକ୍ଷରୁ ନିଶ୍ଚୟ ବେଶି ହେବ। ବଣବୁଦାର ଭଙ୍ଗା ମନ୍ଦିରରେ କେତେ ଯେ ଦେବଦେବୀ ଅପୂଜା ରହୁଛନ୍ତି କିଏ କଳନା କରିବ? ଏପରି କି ମାଟି ଆଡ଼େଇଦେଲେ କେଉଁ ଯୁଗର ସୂକ୍ଷ୍ମ କାରୁକାର୍ଯ୍ୟ ମୂର୍ତ୍ତି ବାହାରିପଡ଼ି ଅତୀତ ସଭ୍ୟତାର ଅନେକ କିଛି କହିଯାଏ ବୋଲି ଶ୍ରୀ ଦାଶଙ୍କ ମତ ଏକ ଚିପୁଡ଼ା ନିର୍ଯାସ।

ବାସ୍ତବରେ ଆମ ମନ୍ଦିର, ଆମ ଐତିହ୍ୟ ଉପରେ ଆକ୍ରମଣ ଓ ଲୁଣ୍ଠନ ଯାଇ ଗାଁରେ ପହଞ୍ଚିଥିଲା। ଶହ ଶହ ବର୍ଷ ଧରି ଖଜଣା ଆଳରେ ଘର ଘର ଲୁଣ୍ଠନ କରାଗଲା। ବର୍ଗୀମାନେ ମାରିପିଟି ଓଡ଼ିଆଙ୍କର ପେଡ଼ି ପୁଟୁଳା ବି ଲୁଟି ନେଲେ। ଫିରିଙ୍ଗୀବାଲା ଶେଷକୁ ଆମ ଜମିଜମା ସୂର୍ଯ୍ୟ ଅସ୍ତ ହେବା ମାତ୍ରେ କଲିକତାରେ ଥାଇ ନିଲାମ କରିନେଲେ। ଅନ୍ନ ଚିନ୍ତା ଚମତ୍କାରରେ ଘାରି ହେଲା ଏ ଜାତି। ନିଜକୁ ରକ୍ଷା କରିବା ଯେଉଁଠି ଅସମ୍ଭାଳ ସେଠି ମନ୍ଦିର ମାଟିରେ ମିଶିଯିବା ସ୍ୱାଭାବିକ ହୋଇପଡ଼ିଲା।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

**ରାଉରକେଲା ଅଫିସ/ବରଗଡ଼,୯।୫**



ବରଗଡ଼ ବିଜ୍ଞାନ କେନ୍ଦ୍ରରେ କୋଭିଡ୍ ସ୍ଥିତି ସମୀକ୍ଷା କରାଯାଉଛି।

- **ସୁନ୍ଦରଗଡ଼ରେ ୯୦ ଆଇସିୟୁ ଓ ୧୨୦ ଅକ୍ସିଜେନ ବେଡ୍ କରାଯିବ**
- **ବରଗଡ଼ରେ ହେବ ଆର୍‌ଟିପିସିଆର ପରୀକ୍ଷାଗାର**

ପଶ୍ଚିମ ଓଡ଼ିଶାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡିଛି। ବିଶେଷ କରି ସୀମାନ୍ତ ସୁନ୍ଦରଗଡ଼ ଜିଲା ସ୍ଥିତି ସଙ୍ଗୀନ ହୋଇଛି। ଏହାକୁ ମୁକାବିଲା କରିବା ପାଇଁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡ଼ିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ରବିବାର ରାଉରକେଲା ଓ ବରଗଡ଼ ଜିଲା ଗସ୍ତ କରି କୋଭିଡ୍ ପରିଚାଳନା ସ୍ଥିତି ସମୀକ୍ଷା କରିଛନ୍ତି।

ଡବ୍ଲ୍ୟୁଓଡ଼ିସି ଅଧ୍ୟକ୍ଷ ତ୍ରିପାଠୀ ରବିବାର ପ୍ରଥମେ ରାଉରକେଲା ଗସ୍ତ କରି ସୁନ୍ଦରଗଡ଼ ଜିଲାର କୋଭିଡ ପରିଚାଳନାର ସମୀକ୍ଷା କରିଥିଲେ। ସମୀକ୍ଷା ପରେ ସୁନ୍ଦରଗଡ଼ ଜିଲାରେ ଖୁବଶୀଘ୍ର ୯୦ ଆଇସିୟୁ ଏବଂ ୧୨୦ ଅକ୍ସିଜେନଯୁକ୍ତ ବେଡ୍ ସ୍ଥାପନ କରାଯିବ। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ୫୦୦ ଅକ୍ସିଜେନ ଶଯ୍ୟା ବ୍ୟବସ୍ଥା କରାଯାଉଛି ବୋଲି ତ୍ରିପାଠୀ କହିଥିଲେ। ଏହି ଗସ୍ତରେ ସାମିଲ ହୋଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଆଗାମୀ ୧୦ଦିନ ମଧରେ ଜିଲାକୁ ଆଉ ଗୋଟିଏ ଆର୍‌ଟିପିସିଆର ମେଶିନ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ସମୀକ୍ଷା ସମୟରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଏହାପରେ ଡବ୍ଲ୍ୟୁଓଡ଼ିସି ଅଧ୍ୟକ୍ଷ ତ୍ରିପାଠୀ ବରଗଡ଼ ଗସ୍ତରେ ଯାଇ ସ୍ଥାନୀୟ ବିଜ୍ଞାନ କେନ୍ଦ୍ରରେ କୋଭିଡ ସ୍ଥିତି ସମୀକ୍ଷା କରିଥିଲେ। ବର୍ତ୍ତମାନ ଜିଲାରେ ୧୧୩ଟି ଜୁମ୍ବୋ ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ରହିଛି। ବରଗଡ଼ ପାଇଁ ସରକାର ଆହୁରି ୧୫୦ରୁ ଅଧିକ ସିଲିଣ୍ଡର ଯୋଗାଇ ଦେଉଛନ୍ତି। ବରଗଡ଼ କୋଭିଡ୍ ହସ୍ପିଟାଲରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଉ ୩୦ଟି ଆଇସିୟୁ ଶଯ୍ୟା ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହାସହିତ ସ୍ଥାନୀୟ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଅତିରିକ୍ତ ୩୦ଟି ଆଇସିୟୁ ଶଯ୍ୟା ବ୍ୟବସ୍ଥା କରିବା ସହିତ ସେଠାରେ ଚିକିତ୍ସିତ ହେଉଥିବା ରୋଗୀମାନେ ଯେଭଳି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଚିକିତ୍ସା ସେବା ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବା ପାଇଁ ତ୍ରିପାଠୀ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବରଗଡ଼ରେ ଆର୍‌ଟିପିସିଆର ଟେଷ୍ଟିଂ ପାଇଁ ଅତିଶୀଘ୍ର ଏକ ପରୀକ୍ଷାଗାର ଖୋଲିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ପଦ୍ମପୁର ଉପଖଣ୍ଡ କୋଭିଡ୍ କେୟାର ସେଣ୍ଟର ଓ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲୋପାଥିକ ଡାକ୍ତରଙ୍କୁ ତୁରନ୍ତ ଅବସ୍ଥାପିତ କରିବା ପାଇଁ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼, ଅନୁଗୋଳରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ ବିଦ୍ୟାଳୟ

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

**କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର**

ସୁନ୍ଦରଗଡ଼ ଏବଂ ଅନୁଗୋଳ ଜିଲାରେ ୨ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପ୍ରତିଷ୍ଠା କରିବା ପାଇଁ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ବୋର୍ଡ ଅନୁମୋଦନ ଦେଇସାରିଛି। ଏଥିଲାଗି କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗତବର୍ଷ ସେପ୍ଟେମ୍ବର ୨୦ରେ ସୁନ୍ଦରଗଡ଼ ଲୋକସଭା ଏମ୍‌ପି ଜୁଏଲ ଓରାମ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପତ୍ର ଆଧାରରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଯୋଶୀଙ୍କୁ ପତ୍ର ଲେଖି ଏମ୍‌ସିଏଲ୍ ଦ୍ୱାରା ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ଅନୁଗୋଳରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାଦ୍ୱାରା ଉକ୍ତ ଜିଲାର ଛାତ୍ରୀଛାତ୍ରମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ସେ ପତ୍ରରେ ଉଲ୍ଲେଖ କରିଥିଲେ। ଏହି ପତ୍ରର ପ୍ରତ୍ୟୁତ୍ତରରେ ଯୋଶୀ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ପତ୍ର ଲେଖି କହିଛନ୍ତି,




ସୁନ୍ଦରଗଡ଼ ଜିଲାର ବସୁନ୍ଧରାରେ ଏବଂ ଅନୁଗୋଳ ଜିଲାର ଜଗନ୍ନାଥ ଏବଂ ସୁଭଦ୍ରା ଅଞ୍ଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଏମ୍‌ସିଏଲ୍ ବୋର୍ଡ ଅନୁମୋଦନ ଦେଇଛି। ପ୍ରାଥମିକ ଶିକ୍ଷାସ୍ତରରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତି ୨୦୨୦ରେ ମୁଖ୍ୟ ଏଜେଣ୍ଡା ରହିଛି। ଏହି ଖଣିଖାଦାନ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ବିଶେଷ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ସ୍ଥାନୀୟ ଲୋକଙ୍କ ଆକାଂକ୍ଷା ମଧ ପୂରଣ ହୋଇପାରିବ।

# ମଧ୍ୟପ୍ରଦେଶରେ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୫(ବ୍ୟୁରୋ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଡିଆରଡିଓ ସହଯୋଗରେ ନିର୍ମାଣାଧୀନ କୋଭିଡ୍ ହସ୍ପିଟାଲର ସମୀକ୍ଷା କରୁଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଅଛନ୍ତି। ସେ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜସିଂ ଚୌହ୍ୱାନଙ୍କ ସହ ବିପିସିଏଲ୍‌ର ବୀନା ରିଫାଇନେରୀ ନିକଟରେ ଡିଆରଡିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ୍ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ସେଠାରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନେରୀ, ଜିଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ ଧର୍ମେନ୍ଦ୍ର ସମୀକ୍ଷା କରିଛନ୍ତି।

ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ଶିବରାଜ ଚୌହ୍ୱାନ ଓ ଭାରତ ଓମାନ ରିଫାଇନେରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ ଧର୍ମେନ୍ଦ୍ର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ଲାଗି ବୀନା ରିଫାଇନେରୀ ପ୍ରତିଶ୍ରୁତିବଦ୍ଧ। ପ୍ରତିଦିନ ବୀନା ରିଫାଇନେରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ତରଳ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ। ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତ୍ତମାନର ସଙ୍କଟ ସମୟରେ ମଧ୍ୟପ୍ରଦେଶ ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଞ୍ଚଳକୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପହଞ୍ଚିପାରିବ। ଭାରତ ଓମାନ ରିଫାଇନେରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜଭୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ। ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନେରୀ ଆଗାମୀ ଦିନରେ ଦୈନିକ ୩ ହଜାର ବଟୋଲର ବୃହତ୍ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି। ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

# ଆନ୍ଧ୍ରରୁ ଆସିଲେ ଯାଞ୍ଚ କଡ଼ାକଡ଼ି, ସହରରୁ ଗଲେ କୋହଳ

**ବ୍ରହ୍ମପୁର ଅଫିସ୍,୯।୫**




ସହର ସୀମାନ୍ତରେ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଛି।

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ଚିକିତ୍ସା ଓ କୋଭିଡ୍ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପ୍ରଶାସନ ପକ୍ଷରୁ ଟିକାକରଣକୁ ମଧ ବୃଦ୍ଧି କରାଯାଇଛି। ଏଥିସହ ଜିଲାକୁ ଆସୁଥିବା ପ୍ରବାସୀଙ୍କ ନିମନ୍ତେ ସହରର ପ୍ରବେଶ ପଥରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଆନ୍ଧ୍ର ଓ ତେଲଙ୍ଗାନାରେ କରୋନାର ନୂତନ ଷ୍ଟ୍ରେନ୍ ଦେଖାଦେଇଛି। ଯାହାକି କରୋନା ଦ୍ୱିତୀୟ ଲହରଠାରୁ ୧୫ ଗୁଣା ଅଧିକ ସଂକ୍ରମଣ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଯାହାକୁ ନେଇ ରାଜ୍ୟ ସରକାର ଚିନ୍ତାପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲା ପ୍ରଶାସନ ପକ୍ଷରୁ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବର୍ତ୍ତମାନ ସହର ଉପକଣ୍ଠସ୍ଥ ଗୋଲନ୍ଥରା ଥାନା ଅନ୍ତର୍ଗତ ସୋରଳ ଜଙ୍କଶନ୍‌ଠାରେ ପ୍ରଶାସନ ପକ୍ଷରୁ ଆନ୍ଧ୍ର ପଟୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କ କ୍ଷେତ୍ରରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏହି ପ୍ରକ୍ରିୟାରେ ପରିବହନ, ରାଜସ୍ୱ ଓ ପୋଲିସ ଅଧିକାରୀମାନେ ସାମିଲ ହୋଇଛନ୍ତି। ଆନ୍ଧ୍ର ପଟୁ ଆସୁଥିବା ପ୍ରବାସୀଙ୍କ ସମସ୍ତ ତଥ୍ୟକୁ ଟିକିନିଖି ଭାବେ ଯାଞ୍ଚ କରାଯାଉଛି। ଏଥିସହ ପ୍ରବାସୀ ଓଡ଼ିଆଙ୍କ କ୍ଷେତ୍ରରେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌କୁ ମଧ ବାଧ୍ୟତାମୂଳକ କରାଯାଇଛି। ସେମାନେ କେଉଁ ସ୍ଥାନରୁ ଆସିଲେ ଓ କେଉଁଠିକୁ ଯିବେ ସେ ସମ୍ପର୍କରେ ସବିଶେଷ ତଥ୍ୟ ସହ ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ଓ ଦୁଇ ଥର ଟିକାକରଣ ରିପୋର୍ଟକୁ ମଧ ଯାଞ୍ଚ କରାଯାଉଥିବା ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍ ସୂଚନା ଦେଇଛନ୍ତି। ସେହିପରି ଆନ୍ଧ୍ରପଟୁ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକରେ ମଧ ସୀମିତ ସଂଖ୍ୟକ ଯାତ୍ରୀଙ୍କଠାରୁ ଅଧିକ ରହିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଅନ୍ୟପଟେ ବ୍ରହ୍ମପୁରରୁ ଆନ୍ଧ୍ରକୁ ଯିବାକୁ ହେଲେ ସୋରଳସ୍ଥିତ ତନଖି ଫାଟକ ନିକଟରେ ଯାଞ୍ଚ ବ୍ୟବସ୍ଥା ସେତେଟା କଡ଼ାକଡ଼ି କରାଯାଉ ନାହିଁ। କେବଳ ନାମ ଓ ଠିକଣା ଏବଂ ଆର୍‌ଟିପିସିଆର୍ ରିପୋର୍ଟକୁ ଛାଡ଼ି ଦେଲେ ଅନ୍ୟ କୌଣସି ଯାଞ୍ଚ କରାଯାଉ ନାହିଁ। ଫଳରେ ବହୁ ଲୋକ ଆନ୍ଧ୍ରକୁ ଅନାୟାସରେ ଯାଇପାରୁଛନ୍ତି। ଅନ୍ୟପଟେ ତନଖି ଫାଟକ ନିକଟରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଥିବାରୁ ଆନ୍ଧ୍ରରୁ ଆସୁଥିବା ବହୁ ଓଡ଼ିଆ ପ୍ରବାସୀ ଗଳାବାଟ ଦେଇ ସହର ମଧ୍ୟକୁ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ଫଳରେ ସହରରେ ସଂକ୍ରମଣ ବୃଦ୍ଧି ପାଇବାର ତାହା ଅନ୍ୟ ଏକ କାରଣ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି। ଏଥିସହ ଟ୍ରେନ୍ ଯୋଗେ ଆନ୍ଧ୍ରରୁ ସହରକୁ ଆସୁଥିବା ଯାତ୍ରୀଙ୍କ ପକ୍ଷେ କେବଳ ଥର୍ମାଲ ସ୍କ୍ରିନିଂ ବ୍ୟତୀତ ଅନ୍ୟ କୌଣସି ଯାଞ୍ଚ କରାଯାଉ ନାହିଁ। ଏଣୁ ରାଜପଥ ସମେତ ଆନ୍ଧ୍ରରୁ ଆସୁଥିବା ଟ୍ରେନ୍ ଯାତ୍ରୀଙ୍କୁ ମଧ ଅଧିକ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତତ୍‌ସହିତ ଆନ୍ଧ୍ର ପଟୁ ଆସୁଥିବା ପ୍ରବାସୀଙ୍କ କ୍ଷେତ୍ରରେ ଯାଞ୍ଚ ବ୍ୟବସ୍ଥାକୁ ଯେଭଳି କଡ଼ାକଡ଼ି କରାଯାଉଛି, ବ୍ରହ୍ମପୁର ସହରରୁ ଆନ୍ଧ୍ରକୁ ଯାଉଥିବା ସହରବାସୀଙ୍କ କ୍ଷେତ୍ରରେ ମଧ ଯାଞ୍ଚକୁ ସେଭଳି ମାତ୍ରାରେ କଡ଼ାକଡ଼ି କରାଯିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୦ ମେ, ୨୦୨୧



**କରୋନା ନେଲା ଆଉ ଏକ ଜୀବନ**

**କୁତ୍ରା( ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ପୁଣି କରୋନାରେ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ରାଏଡିହି ଗ୍ରାମର ବଲରାମ ମାଝୀ (୩୫) କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ନିଜଘରେ ରହି ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଚୁନିପଡାର ତିଳୋତ୍ତମା ସିଂ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ହୋଇଥିଲା। କୁତ୍ରା ଅଞ୍ଚଳରେ ପ୍ରତିଦିନ ୩୦ ରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଆଗାମୀ ଦିନରେ ସଚେତନତା ଅବଲମ୍ବନ ନକଲେ ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି। ତେବେ କୁତ୍ରାରେ ପ୍ରଶାସନ ତରଫରୁ ୭ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ତାର ପ୍ରକୃତ ସଂଖ୍ୟା ୧୫ରୁ ଅଧିକ ବୋଲି କୁହାଯାଉଛି।

## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୯।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଡ଼ିଁ ଗ୍ରାମର ସ୍ନେହା ଖଣ୍ଡାୟତ(୫୦) ଘରୋଇ କଳହକୁ ନେଇ ରବିବାର ଭୋର ସମୟରେ ଘର ଲୋକଙ୍କ ଅଗୋଚରରେ ବିଷ ପିଇ ଏକ କୋଠରୀରେ ଶୋଇଯାଇଥିଲେ। ସକାଳ ପ୍ରାୟ ୯ଟା ପରେ ମଧ୍ୟ ସେ ବିଛଣାରୁ ନ ଉଠିବାରୁ ବାଧ୍ୟହୋଇ ପରିବାର ଲୋକେ ତାଙ୍କୁ ବଡ଼ ପାଟିରେ ଡାକିଥିଲେ। କୋଠରୀର କବାଟ ଭାଙ୍ଗି ଦେଖିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଏ ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ନେହାଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### କରୋନାରେ କୃଷକ ବୈଜ୍ଞାନିକ ଦେବେନ୍ଦ୍ର ଧଳଙ୍କ ମୃତ୍ୟୁ

**ରିଆମାଳ,୯।୫(ଡି.ଏନ.ଏ):** ଦେବଗଡ ଜିଲାର ଅଗ୍ରଣୀ ତଥା ଜଣାଶୁଣା ଚାଷୀ ଭାବେ ସମଗ୍ର ଜିଲାରେ ପରିଚିତ ରିଆମାଳ



ବ୍ଲକ ଅନ୍ତର୍ଗତ ଖ୍ରିଲେଇ ଗ୍ରାମର ଦେବେନ୍ଦ୍ର ଧଳଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଧଳ କୋଭିଡରେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ଦୀର୍ଘ ଏକ ସପ୍ତାହ ଧରି ଦେବଗଡ ସ୍ଥିତ କୋଭିଡ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସେ ଚିକିତ୍ସିତ ହୋଇ ନିଜ ଘରକୁ ଫେରିଥିବା ବେଳେ ଉକ୍ତ ରାତ୍ରୀରେ ସେ ନିଜ ଘରେ ଶୋଇଥିଲେ। ମାତ୍ର ସକାଳେ ଆଉ ଉଠିନଥିଲେ। ସ୍ୱର୍ଗତଃ ଧଳ ଜଣେ ସଫଳ ଚାଷୀ ଭାବେ ଜିଲାର ପ୍ରଥମ ମଧୁର ଜଳ ଚିଙ୍ଗୁଡି ଚାଷ ଓ ମାଛଚାଷ କରିବାସହ ଅତ୍ୟାଧୁନିକ ପଦ୍ଧତିରେ ପନିପରିବା ଚାଷ କରି ସେଥିରେ ପ୍ଲାଷ୍ଟିକର ବ୍ୟବହାର କରିଥିଲେ। ତାଙ୍କର ଏକ ହେକ୍ଟର ପରିମିତ ପୋଖରୀ ଭିତ୍ତିକ ସମନ୍ୱିତ କୃଷି ସମଗ୍ର ଜିଲା ପାଇଁ ଏକ ମଡେଲ ସାଜିଥିଲା ଓ ବହୁ ଚାଷୀ ଏହାକୁ ଅନୁକରଣ କରି ସ୍ୱାବଲମ୍ବୀ ହୋଇପାରିଥିଲେ। ସ୍ୱର୍ଗତଃ ଧଳ ଜଣେ ଉନ୍ନତ ଚାଷୀ ଭାବେ ଜିଲା ଓ ରାଜ୍ୟସ୍ତରରେ ବହୁବାର ସମ୍ମାନିତ ହୋଇଥିଲେ। କୃଷି କ୍ଷେତ୍ରରେ ତାଙ୍କର ଜ୍ଞାନ କୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ପାଇଁ ତାଙ୍କୁ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆନୁଷ୍ଠାନିକ ଭାବେ ତାଙ୍କୁ 'କୃଷକ ବୈଜ୍ଞାନିକ' ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କର ବିୟୋଗରେ ଜିଲାରେ କୃଷକ ମହଲରେ ଗଭୀର ଶୋକ ପ୍ରକାଶ ପାଇବାସହ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥଙ୍କ ସମେତ ଅନ୍ୟ ବୈଜ୍ଞାନିକ ଓ ଅଧିକାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### କାମଠଣା ନର୍ସିଂ ସ୍କୁଲରେ କୋଭିଡ୍ ନିୟମ ଉଲ୍ଲଂଘନ

**ଭବାନୀପାଟଣା, ୯।୫ (ସ୍ୱ.ପ୍ର.):** ଭବାନୀପାଟଣା ବ୍ଲକ କାମଠଣା ନର୍ସିଂ ସ୍କୁଲରେ କୋଭିଡ୍ ନିୟମ ଉଲ୍ଲଂଘନ ଭିଡିଓ ଭାଇରାଲ ହୋଇଛି। ଏଥିରେ ଛାତ୍ରୀଛାତ୍ର ହାତ ଧରାଧରି ହୋଇ ନାଚୁଥିବା ଦେଖିବାକୁ ମିଳିଛି। କେତେକ ଛାତ୍ରୀଛାତ୍ର ସୋସିଆଲ ମିଡିଆରେ ଏହି ଦୃଶ୍ୟକୁ ଭାଇରାଲ କରିଛନ୍ତି। ସୂଚନାନୁସାରେ, ଗତ ଏପ୍ରିଲ ୩୦ରେ ଛାତ୍ରଛାତ୍ରୀ କଲେଜର ଏକ ଉତ୍ସବରେ ଭାଗ ନେଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଉତ୍ସବ ଆୟୋଜନ ହୋଇଥିବା ଉକ୍ତ ଭାଇରାଲ ଭିଡିଓରେ ସାମାଜିକ ଦୂରତା, ମାସ୍କ ପରିଧାନ କଟକଣାର ଉଲ୍ଲଂଘନ କରି ନୃତ୍ୟ ଓ ଭୋଜିଭାତ ହୋଇଥିଲା। ଆୟୋଜିତ ଉତ୍ସବ ପାଇଁ ସିଡିଏମଓ କିମ୍ବା ଏଡିଏମଓଙ୍କ ଅନୁମତି ମିଳି ନ ଥିବା ସୂଚନା ମିଳିଛି।

### ବୌଦ୍ଧରେ ଅମ୍ଳଜାନ କାରଖାନା ନିର୍ମାଣ ଆରମ୍ଭ

**ବୌଦ୍ଧ,୯।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରବିବାର ଅମ୍ଳଜାନ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସହରର କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଏହି କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। କରୋନା ପରିପ୍ରେକ୍ଷୀରେ ସରକାର ଦେଶର ଅମ୍ଳଜାନ ସଙ୍କଟ ଦୂର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଅମ୍ଳଜାନ କାରଖାନା ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଧରାପଡ଼ିଲେନି ଏମ୍‌ଏସ୍ ନାଚୁରାଲ୍ସ ପ୍ରୋପ୍ରାଇଟର

**ସୋନପୁର,୯।୫(ନି.ପ୍ର.)**

**ଏନ୍‌ଏଚ୍‌ଏମ୍ ଆକାଉଣ୍ଟରୁ ୫ କୋଟି ଗାଏବ ଘଟଣା**

ସୁବର୍ଣ୍ଣପୁର ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ବ୍ୟାଙ୍କ ଖାତାରୁ ୫କୋଟି ୧ଲକ୍ଷ ୫୦ହଜାର ଟଙ୍କା ଠକେଇ ହୋଇଛି। ଏହି ଟଙ୍କା ଏମ୍‌ଏସ ନେଚୁରାଲ୍ସର ରାଉରକେଲା ସେଣ୍ଟ୍ରାଲ ବ୍ୟାଙ୍କ ଆକାଉଣ୍ଟକୁ ଅପ୍ରେଲ ୭ତାରିଖରେ ଟ୍ରାନ୍ସଫର ହୋଇଛି। ଏମ୍‌ଏସ୍ ନାଚୁରାଲ୍ସର ଏହି ଆକାଉଣ୍ଟ ୧୧ବର୍ଷର ପୁରୁଣା। ତେବେ ଏତେ ପୁରୁଣା ସଂସ୍ଥାର ପ୍ରୋପାଇଟରଙ୍କୁ ଠାବ କରିବାରେ କ୍ରାଇମବାଞ୍ଚ ଟିମ୍ ବିଫଳ ହୋଇଛି। ଫଳରେ ସରକାରୀ ଟଙ୍କା ଉଦ୍ଧାର ହୋଇପାରିନି କି ଯେଉଁମାନେ ସମ୍ପୃକ୍ତ ସେମାନେ ଧରା ପଡିନାହାନ୍ତି।

ଏହି ସାଇବର ଠକେଇ ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ)। ତଦନ୍ତକାରୀ ଟିମ୍ ରାଉରକେଲାର ସମୀର ପତି ନାମକ ବ୍ୟକ୍ତିଙ୍କୁ ଇତିମଧ୍ୟରେ ଗିରଫ କରିଛି। ଏନଏଚଏମ୍ ଆକାଉଣ୍ଟରୁ ହଡପ ହୋଇଥିବା ଅର୍ଥରୁ ସମୀରଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର ହୋଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇତି ଦାସଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ସୋନପୁରରେ ତଦନ୍ତ କରି ଫେରିଛି। ଏହି ଟିମ୍ ସୋନପୁର ଏସ୍‌ବିଆଇର ମୁଖ୍ୟ ଶାଖା ଓ ଏନ୍‌ଏଚ୍‌ଏମ୍ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। ମାସିକ ଆକାଉଣ୍ଟ ବିବରଣୀ ପାଇଁ ଏନଏଚ୍‌ଏମ୍ ଆକାଉଣ୍ଟାଣ୍ଟ ଗତ ଅପ୍ରେଲ ୨୯ ତାରିଖ ଦିନ ସୋନପୁର ଏସବିଆଇ ମୁଖ୍ୟ ଶାଖାକୁ ଯାଇଥିଲେ। ଜମାଖାତାରୁ ୫କୋଟି ୧.୫ଲକ୍ଷ ଟଙ୍କା ଗାଏବ ହୋଇଥିବା ଜଣାପଡିଥିଲା। ସେହିପରି ଗୋଏଲ ଷ୍ଟିଲ ନାମରେ ପୁଣି ୪ କୋଟି ୯୮ ଲକ୍ଷ ଟଙ୍କା ହଡପ ଉଦ୍ୟମ ହୋଇଥିଲା। ମାତ୍ର ଆଉାଉଣ୍ଟରେ ଆବଶ୍ୟକ ଟଙ୍କା ନ ଥିବାରୁ ତାହା ସଫଳ ହୋଇ ନଥିବା ଜଣାପଡିଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ କ୍ରାଇମବ୍ରାଞ୍ଚରେ ମାମଲା ରୁଜୁ ହୋଇଛି। ପିଏଫ୍‌ଏମ୍‌ଏସ(ଇ ଚେକ୍) ଜରିଆରେ ଏମ୍‌ଏସ ନାଚୁରାଲ୍ସ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଛି। ଏନ୍‌ଏଚ୍‌ଏମ୍‌ର ଆଇଡି ପାସୱାର୍ଡ ବ୍ୟବହାର କରାଯାଇ ଇ ଚେକ୍ ପ୍ରସ୍ତୁତ ହୋଇଥିଲା ବେଳେ ବ୍ୟାଙ୍କକୁ ପ୍ରଦାନ କରାଯାଇଥିବା ଅଫଲାଇନ୍ କପିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦସ୍ତଖତ ଏବଂ ସିଲ ଜାଲ ଥିଲା। ଅନୁମୋଦନ ସମୟରେ ଦାୟିତ୍ୱରେ ଥିବା ଏସବିଆଇର ଅଧିକାରୀ ଦସ୍ତଖତ ନ ମେଳାଇ ଦାୟିତ୍ୱରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ୧୦ଲକ୍ଷରୁ ଅଧିକ ଟଙ୍କା ଉଠାଣ ପାଇଁ ଜିଲାପାଳଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦସ୍ତଖତ ଜରୁରି ଥିବା ବେଳେ ଏ କ୍ଷେତ୍ରରେ ଜିଲାପାଳଙ୍କ ଦସ୍ତଖତ ନଥିଲା। ଏନ୍‌ଏଚ୍‌ଏମ୍‌ର କେଉଁ କର୍ମଚାରୀ ଏହି ଠକେଇରେ ସମ୍ପୃକ୍ତ ରହିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଏମଏସ ନେଚୁରାଲ୍ସର ପ୍ରୋପାଇଟର ଧରାପଡିଲେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଆଲୋଚନା ହେଉଛି।

## ବୁଲା ଜୀବଜନ୍ତୁ ସକାଶେ ପୌର ପ୍ରଶାସନ ପକ୍ଷରୁ ଖାଦ୍ୟ ବିତରଣ ଆରମ୍ଭ



ପୌର ପ୍ରଶାସନ ପକ୍ଷରୁ ଖାଦ୍ୟ ବିତରଣ ଆରମ୍ଭ।

**ସୁନ୍ଦରଗଡ,୯।୫(ଡି.ଏନ.ଏ)**

ସୁନ୍ଦରଗଡ କ୍ଲବ ଏବଂ ସ୍ଥାନୀୟ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ସହରରେ ବୁଲା ଜୀବଜନ୍ତୁଙ୍କ ସକାଶେ ଖାଦ୍ୟ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରଙ୍ଗାଡିପା ପଡିଆ ଠାରେ ଭ୍ରାମ୍ୟମାଣ ଖାଦ୍ୟ ବିତରଣ ଏହି କାର୍ଯ୍ୟକ୍ରମକୁ ରବିବାର ପୌର ନିର୍ବାହୀ ଅଧିକାରୀ ଡ: ପ୍ରଦୀପ କୁମାର ସାହା ବୁଲା ଗାଈଗୋରୁ ଓ କୁକୁରଙ୍କୁ ଖାଦ୍ୟ ବିତରଣ କରି ଶୁଭାରମ୍ଭ କରିଥିଲେ। ବର୍ତ୍ତମାନର କରୋନା ମହାମାରୀ ସମୟରେ ଦୁଇଟି ଗାଡିରେ ସହରର ବିଭିନ୍ନ ସ୍ଥାନରେ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ବିତରଣ କରାଯିବ। ସୁନ୍ଦରଗଡ କ୍ଲବ ସମ୍ପାଦକ ଅମୀୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ, ଉପସଭାପତି ଶ୍ରୀକାନ୍ତ ଭଞ୍ଜ, ଅଶୋକ ସାହୁ, ବୀରବର ସାହୁ, ସତ୍ୟ ନାରାୟଣ ପ୍ରଧାନ, ପ୍ରମୋଦ ବରାଳ, ଅର୍ଜୁନ ସରକାର, ସୋମନାଥ ଷଣ୍ଡ ପ୍ରମୂଖ ପରିଚାଳନା କରୁଛନ୍ତି। ପୌର ନିର୍ବାହୀ ଅଧିକାରୀ କ୍ଲବ ସଦସ୍ୟଙ୍କ ଏଭଳି ସହଯୋଗ କୁ ପ୍ରଶଂସା କରିବା ସହ ଏ ଦିଗରେ ଜନସାଧାରଣଙ୍କ ମଧ୍ୟ ସହଯୋଗ କାମନା କରିଛନ୍ତି।

## ଅମାନିଆଙ୍କଠାରୁ ୪୨ ହଜାର ୯୦୦ ଜରିମାନା ଆଦାୟ



କୁତ୍ରା ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

**କୁତ୍ରା, ୯।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଦିନକୁ ଦିନ କରୋନା ମହାମାରୀ ତାର କାୟା ବିସ୍ତାର କରିଚାଲିଛି। ସମଗ୍ର ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା କ୍ଷିପ୍ର ଗତିରେ ବଢ଼ିବାରେ ଲାଗିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେବେ କେତେକ ଅମାନିଆ ଏବେ ମଧ୍ୟ ସୁଧୁରିବାର ନା ଧରୁନାନାହାନ୍ତି। ରାଜ୍ୟ ସରକାରଙ୍କ ଲକଡାଉନ ଘୋଷଣା ପରେ ଏହାକୁ କଡାକାଡି ଭାବେ ଲାଗୁ କରିବା ସହ ଅମାନିଆଙ୍କୁ ସାବାଡ କରିବା ପାଇଁ ପୋଲିସ ପ୍ରଶାସନ ଲାଗିପଡିଛନ୍ତି। ରବିବାର ବିଜୁ ଏକ୍ସପ୍ରେସ ୱେ କୁତ୍ରାରେ କଡାକଡ଼ି ଭାବେ ଯାଞ୍ଚ କରାଯାଇ କୁତ୍ରା ପୋଲିସ ତରଫରୁ ମାସ୍କ ଓ ସାମାଜିକ ଦୂରତା ପାଇଁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ତହସିଲ ପକ୍ଷରୁ ୧୨ ହଜାର ୯ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଏମ୍‌ଭିଆଇ ଚେକିଙ୍ଗରେ ମୋଟରଜାନ ଆଇନ ଉଲ୍ଲଂଘନ ପାଇଁ ୨୧ ହଜାର ଟଙ୍କା ଅମାନିଆ ଙ୍କଠାରୁ ଆଦାୟ କରାଯାଇଛି। ସମୁଦାୟ ଆଜି ୪୨ ହଜାର ୯ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଦେବଗଡ଼ ରିଜର୍ଭ ପୋଲିସର ୪୮ ଯବାନ କରୋନା ସଂକ୍ରମିତ

**ଦେବଗଡ,୯।୫(ଡି.ଏନ.ଏ)**

ଦେବଗଡ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିଛି। ସଂକ୍ରମଣକୁ ରୋକିବା ପାଇଁ ସରକାର ଲକଡାଉନ ଓ ଶଟଡାଉନ ଘୋଷଣା କରିଥିବା ବେଳେ ଏହାକୁ କାର୍ଯ୍ୟକାରୀ କରୁଥିବା ଦେବଗଡ ଜିଲା ରିଜର୍ଭ ପୋଲିସର ୪୮ ଯବାନ କରୋନା ସଂକ୍ରମିତ ହୋଇଛନ୍ତି। ରିଜର୍ଭ ପୋଲିସ କ୍ୟାମ୍ପସରେ ରହୁଥିବା ଏକା ସମୟରେ ୪୮ ଯବାନ କରୋନା ସଂକ୍ରମିତ ହୋଇଥିବାରୁ ସେମାନେ ସଙ୍ଗରୋଧରେ ରହିଥିବା ଜଣାପଡିଛି। ଯାହାକି ଜିଲା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏକକାଳୀନ ଏତେ ସଂଖ୍ୟକ କୋଭିଡ ଯୋଦ୍ଧା କରୋନା ସଂକ୍ରମିତ ହୋଇଥିବାରୁ କୋଭିଡ ପରିଚାଳନାରେ ଜିଲା ପୋଲିସକୁ ବହୁ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଥିବା ଦେବଗଡ ଏସପି ମନୋଜ କୁମାର ମାହାନ୍ତ ସ୍ୱୀକାର କରିଛନ୍ତି। କୋଭିଡ ପରିଚାଳନା ନିମନ୍ତେ ବମ୍ପରଡା ସ୍ଥିତ ଆଇ.ଆର୍.ବି. ଯବାନଙ୍କୁ ଜିଲାର ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି।

## ଶଟଡାଉନ ନିୟମର ଖୋଲା ଉଲ୍ଲଂଘନ: ୨ ଦୋକାନ ସିଲ୍



ଦୁଇ ଦୋକାନ ସିଲ କରାଯାଉଛି।

**ରିଆମାଳ,୯।୫(ଡି.ଏନ.ଏ)**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ନିମନ୍ତେ ସମଗ୍ର ରାଜ୍ୟକୁ ସରକାର ଲକଡାଉନ ଓ ଶଟଡାଉନ ଘୋଷଣା କରିଛନ୍ତି। ମାତ୍ର ଦେଗଗଡ ଜିଲାରେ ବହୁ ଅମାନିଆ ଏହି ନିୟମଗୁଡିକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବାରୁ ସେମାନଙ୍କୁ ଆକଟ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ଅମାନିଆଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏହି କ୍ରମରେ ରବିବାର ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ନୂଆଁପଡା ଓ ଚଢେଇମରା ଗ୍ରାମରେ ୨ଜଣ ବ୍ୟବସାୟୀ ଶଟଡାଉନ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲିଥିବାରୁ ଦଣ୍ଡ ସ୍ୱରୂପ ସେମାନଙ୍କର ଦୋକାନ ଦ୍ୱୟକୁ ପୋଲିସ ସିଲ୍ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଲକଡାଉନ ମଧ୍ୟରେ ସପ୍ତାହାନ୍ତ ଶଟଡାଉନ ଚାଲିଥିବା ବେଳେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ନୂଆଁପଡା ଗ୍ରାମର ଶରତ କୁମାର ସାହୁ ଓ ଚଢେଇମରା ଗ୍ରାମର ବିନୋଦ ବିହାରୀ ସାହୁ ଶଟଡାଉନ ନିୟମର ଖୋଲା ଉଲ୍ଲଂଘନ କରି ଦୋକାନ ଖୋଲିବା ସହ ସାମାଜିକ ଦୂରତ୍ୱ ବଜାୟ ନ ରଖି ବ୍ୟବସାୟ ଚଳାଇଥିଲେ। ଏନେଇ ପୋଲିସ ନିକଟରେ ଅଭିଯୋଗ ହେବାରୁ କୁଣ୍ଢେଇଗୋଳା ଥାନା ପୋଲିସର ପାଟ୍ରୋଲିଂ ଗାଡି ସେଠାକୁ ଯାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉପରୋକ୍ତ ବ୍ୟବସାୟୀ ଦ୍ୱୟ ସଟଡାଉନ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲିବା ସହ ସାମାଜିକ ଦୂରତା ପାଳନ ନ କରି ବ୍ୟବସାୟ କରୁଥିବା ଜଣାପଡିଥିଲା। ଫଳରେ ପୋଲିସ ଉଭୟ ଦୋକାନକୁ ସିଲ୍ କରିଥିବା ଜଣାପଡିଛି।

## ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢାଉ: ୩ ଗିରଫ

**ଲହୁଣୀପଡା,୯।୫ (ଡି.ଏନ.ଏ.)**

**ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ଜବତ**

ସୁନ୍ଦରଗଡ଼ ଜିଲା ବଣାଇଁ ଅବକାରୀ ବିଭାଗ ଓ ଟେନ୍‌ସା ପୋଲିସ ପକ୍ଷରୁ ମିଳିତ ଭାବେ ଅତର୍କିତ ଚଢାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ରବିବାର ଟେନସା ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚୋରା ମଦ କାରବାର କରୁଥିବା ବେଳେ ଅତର୍କିତ ଚଢାଉ କରି ଟେନସା ସି ଜୋନରୁ ମୁକେଶ କୁମାର ପାତ୍ର (୩୦),ଟେନସା ବି ଜୋନରୁ ସୁବନ୍ଧୁ ନାୟକ (୪୫),କମଲେନ କୁଲୁ (୬୦)ଙ୍କୁ ଗିରଫ କରିଥିଲେ। ଏହା



ଅବକାରୀ ବିଭାଗ କର୍ମଚାରୀ ଜବତ କରିଥିବା ସାମଗ୍ରୀ।

ସହ ବିଦେଶୀ ମଦ ବୋତଲ ୧୦୩ ଓ ଦେଶୀ ମହୁଲି ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଚଢାଉ ବେଳେ ଟେନସା ପୋଲିସ ଅଧିକାରୀ ଅଶୋକ କୁମାର ବେହେରା ଓ ଲହୁଣୀପଡା ଅବକାରୀ ବିଭାଗର ଅଧିକାରୀ ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଏଏସଆଇ ଅବଦୁଲ ଅନୱର, ସୁରୁ ଓରାମ, ଘନଶ୍ୟାମ ମାହାନ୍ତ, ବିକାଶ ରଞ୍ଜନ ମାହାନ୍ତ, ବିବେକାନନ୍ଦ ସୁତାର, କୁମାରୀ ପ୍ରଧାନ, ରିପା ପାତ୍ର, ମମତା ମାହାନ୍ତ, ରଜନୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଠକି ଋଣ ଉଠାଣ ଅଭିଯୋଗ

**ବଡ଼ଗାଁ, ୯।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜଣେ ମହିଳାଙ୍କୁ ଠକି ତାଙ୍କ ନାଁରେ ୩୨ ହଜାର ଟଙ୍କା ଋଣକରି ଫାଇନାନ୍ସ କମ୍ପାନୀ କର୍ମଚାରୀ ଉଠାଣ କରିନେଇଥିବା ଅଭିଯୋଗ ହୋଇଛି। ବଡ଼ଗାଁରେ ଭାରତ ଫାଇନାନ୍ସ ଇନ୍‌କ୍ଲୁସନ ଲିଃ ବାମରା ଶାଖା ଦ୍ୱାରା ଇନ୍ଦୁସ୍‌ଇଣ୍ଡ ବ୍ୟାଙ୍କ ଜରିଆରେ ମହିଳାଙ୍କୁ ବ୍ୟକ୍ତିଗତ ଋଣ ଦେଇଆସୁଛି। ବଡ଼ଗାଁର ବିନ୍ଦୁସ୍ମିତା ପୋଢ ଏହି ଫାଇନାନ୍ସ କମ୍ପାନୀରୁ ଋଣ ନେଇ ତାକୁ ପରିଶୋଧ କରି ଆସୁଛନ୍ତି। ୫ ତାରିଖ ସନ୍ଧ୍ୟାରେ କମ୍ପାନୀର କର୍ମଚାରୀ ଲିଙ୍ଗ ରୋହିଦାସ ଓ ଦଣ୍ଡଧର ମାଝି ମହିଳାଙ୍କ ଘରକୁ ସନ୍ଧ୍ୟା ସମୟରେ ଆସି ନୋମିନୀ କଟିଯାଇଛି, ଫିଙ୍ଗର ପ୍ରିଣ୍ଟ ଦିଅ କହି ପ୍ରିଣ୍ଟ ନେଇଥିଲେ। ୬ ତାରିଖ ପୁଣି ଥରେ ଆସି ନୋମିନୀଙ୍କ ଡ଼କ୍ୟୁମେଣ୍ଟ ମାଗି ପୁଣି ଫିଙ୍ଗର ପ୍ରିଣ୍ଟ ଦେବାକୁ କହି ପ୍ରିଣ୍ଟ ନେଇଥିଲେ। ସେଦିନ ସନ୍ଧ୍ୟାରେ ତାଙ୍କ ପାଖକୁ ଫୋନରେ ୩୨ ହଜାର ୫ଶହ ୯୫ ଟଙ୍କା ଋଣ ବାବଦ ଉଠାଣ ହୋଇଥିବା ମେସେଜ ଆସିଥିଲା। ୭ ତାରିଖ ମହିଳା ଫୋନରେ ଫାଇନାନ୍ସ କମ୍ପାନୀର ମ୍ୟାନେଜରଙ୍କୁ ପଚାରିବାରେ ସେ ଛୁଟିରେ ଥିବା ଓ କାହାକୁ ପଠାଇ ନ ଥିବା କହିଥିଲେ। ସମ୍ପୃକ୍ତ କର୍ମଚାରୀମାନେ ମ୍ୟାନେଜର ପଠାଇଛନ୍ତି କହିବା ଓ ମ୍ୟାନେଜର କାହାକୁ ପଠାଇ ନାହିଁ କହିବା ପରେ ଠକେଇର ସ୍ପଷ୍ଟ ଚିତ୍ର ଜଣାପଡ଼ିଲା। ୭ତାରିଖ ଦିନ ଦଣ୍ଡଧର ମାଝିଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ଭୁଲରେ ଟଙ୍କା ପଡ଼ିଯାଇଥିଲା କହି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେବେ ପୂର୍ବରୁ ଥିବା ଋଣ ବାବଦ ଡକ୍ୟୁମେଣ୍ଟ ଉପରେ ଋଣକରି ତତ୍ ସମ୍ବନ୍ଧୀୟ ଆବଶ୍ୟକ ଫିଙ୍ଗର ପ୍ରିଣ୍ଟ ୨ ଦିନରେ ୨ ଥର ନେଇଥିଲେ। ତେବେ ବର୍ତ୍ତମାନ କରୋନା ଯୋଗୁଁ ଲକ୍ ଡାଉନ ଥିବାବେଳେ ଫାଇନାନ୍ସ କମ୍ପାନୀ କର୍ମଚାରୀମାନେ ଘରକୁ ଘର ବୁଲୁଛନ୍ତି। ଏମାନଙ୍କୁ କିଏ ଅନୁମତି ଦେଲା ପ୍ରଶ୍ନ ଉଠୁଛି। ଏହିପରି ଆଉ କେତେକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଏସ୍‌ଏଚ୍‌ଜି ମହିଳାଙ୍କ ଘରେ ବସି ରହି ଟଙ୍କା ଦେବାକୁ ଜୁଲୁମ କରୁଥିବା ଜଣାପଡ଼ିଛି। ଏହାକୁ ନେଇ ଚାପା ଉତ୍ତେଜନା ଥିବାରୁ କୌଣସି ସମୟରେ ଅଘଟଣ ଆଶଙ୍କା ରହିଛି। ଏ ସମ୍ପର୍କରେ ଠକାମୀର ପଡ଼ିଥିବା ମହିଳା ଥାନାରେ ଲିଖିତ ଜଣାଇବେ କହିଛନ୍ତି।

## ଲୋକଙ୍କୁ ମିଳୁନି ମୌଳିକ ସୁବିଧା

**ଜାମଟିକ୍ରା, ୯।୫ (ଡି.ଏନ.ଏ)**



ଜୁନାପାନି ଗ୍ରାମକୁ ଯିବା ପାଇଁ ରାସ୍ତା।

**ଜୁନାପାନି ଆଦିବାସୀ ଗାଁ**

ବରଗଡ ଜିଲା ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତର ଜୁନାପାନି ଗ୍ରାମର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ କୌଣସି ସରକାରୀ ସୁବିଧା ମିଳୁନାହିଁ। ଏହି ଗ୍ରାମରେ ବର୍ତ୍ତମାନ ୩୦ଟି ପରିବାରର ପ୍ରାୟ ୨ଶହ ଲୋକ ବାସ କରୁଛନ୍ତି। ଜୀବନ ଜୀବିକା ପାଇଁ ସେମାନେ ପ୍ରାୟ କୁଲି ମଜୁରୀ ଓ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଏଠାକାର ଲୋକମାନେ ମୂଲ ଲାଗିବାକୁ ବାହାରକୁ ଯାଉଥିବାରୁ ସେମାନଙ୍କ ପିଲା ସ୍କୁଲ ନ ଯାଇ ଘରେ ରୁହନ୍ତି। ଏଠାରେ ଅଙ୍ଗନୱାଡି କେନ୍ଦ୍ର କି ପ୍ରାଥମିକ ବିଦ୍ୟାଳୟ ନାହିଁ। ସ୍କୁଲ ଯିବାକୁ ହେଲେ ଭଟଲି ବ୍ଲକ କମଗାଁ ପଞ୍ଚାୟତର ଅଏଁଲାପାଲିକୁ ୩ କିମି ଜଙ୍ଗଲି ରାସ୍ତାରେ ଯିବାକୁ ପଡେ। ଫଳରେ ପିଲାମାନେ ସ୍କୁଲ ଯିବାକୁ ଅନିଚ୍ଛା ପ୍ରକାଶ କରନ୍ତି। ଅତାବିରା ବ୍ଲକ କାର୍ଯ୍ୟାଳୟଠାରୁ ୪୨ କିମି ଦୂରରେ ଥିବା ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଗାଁକୁ ଯିବାକୁ ହେଲେ ଖରମୁଣ୍ଡା ପଞ୍ଚାୟତ ଲାଣ୍ଡିଜୁରି ଗ୍ରାମରୁ ଯିବାକୁ ହେବ। ଲାଣ୍ଡିଜୁରି ଦେଇ ଏକ ଜଙ୍ଗଲି ରାସ୍ତାରେ ୩ କିମି ଗଲେ ଏହି ଗାଁ ପଡେ। ଗମନାଗମନ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବର୍ଷା ଦିନେ ଏହି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ରୋଗୀ ଡାକ୍ତରଖାନାକୁ ଯାଇପାରେ ନାହିଁ। ଚିକିତ୍ସା ଓ ସଚେତନତା ଅଭାବରୁ ଲୋକେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଭରସା କରନ୍ତି। ଆବଶ୍ୟକତା ଅନୁଯାୟୀ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପୋଖରୀ ଗୁଡିକ ଶୁଖିଲା ପଡିଛି। ଗାଁର ବୃଦ୍ଧ ଜୋହନ ସାମନ୍ତଙ୍କ ସମେତ ବିଧବା ମହିଳା ନେଲାନୀ ଡାଙ୍ଗ, ଜିରାନ ସୁରେନ, ଦୁତାମି ଉପାଲ ପ୍ରମୁଖ ଏଯାଏ ଭତ୍ତା ପାଉନାହାନ୍ତି। ଏ ସମ୍ପର୍କରେ ଗ୍ରାମର ପ୍ରକାଶ ମାସ କୁହନ୍ତି, ଆମେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଏବେବି ଆମେ ପରାଧୀନ ଭାବେ ଜୀବନଯାପନ କରୁଛୁ। ଗାଁର ଜୋହନ ସାମନ୍ତ କୁହନ୍ତି, ଗାଁରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର କିଛି ସୁବିଧା ନାହିଁ। ଗାଁ ସମସ୍ୟା ଉପରେ ସରକାରଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚ ତପସ୍ୱିନୀ ବର୍ଗଡ଼ିଙ୍କୁ ପଚାରିବାରୁ ଉକ୍ତ ଗାଁର ସମସ୍ୟା ଧୀରେ ଧୀରେ ସମାଧାନ ହେବ ବୋଲି କହିଥିଲେ।

## ମିଳିତ ହୋଇ କାମ କରିବେ ଭାରତ-ଇୟୁ

**ନୂଆଦିଲ୍ଲୀ:** ବିଭିନ୍ନ କ୍ଷେତ୍ରରେ ମିଳିତ ହୋଇ କାମ କରିବା ଲାଗି ଭାରତ ଏବଂ ୟୁରୋପିଆନ ୟୁନିୟନ (ଇୟୁ) ଆଉ ପାଦେ ଆଗକୁ ବଢ଼ିଛନ୍ତି। ଇୟୁ-ଇଣ୍ଡିଆ ରୋଡ ମ୍ୟାପ୍-୨୦୨୫ କାର୍ଯ୍ୟକାରୀ କରାଇବା ଦିଗରେ ଉଭୟ ଅଂଶୀଦାର ଅଗ୍ରସର ହୋଇଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ଡିଜିଟାଲ, ଶକ୍ତି, ପରିବହନ ଭଳି ଅନ୍ୟ ପ୍ରମୁଖ କ୍ଷେତ୍ରରେ ଉଭୟେ କାମ କରିବେ ବୋଲି ଜଣାପଡ଼ିଛି।

### ସଂକ୍ଷେପରେ

## ବିଦେଶୀ ନିବେଶକ ଉଠାଇ ନେଲେ ୫,୯୩୬ କୋଟି

**ନୂଆଦିଲ୍ଲୀ,୯।୫:** ଦେଶର ପୁଞ୍ଜି ବଜାରରୁ ମେ ପ୍ରଥମ ସପ୍ତାହରେ ବିଦେଶୀ ନିବେଶକମାନେ ୫,୯୩୬ କୋଟି ଟଙ୍କା ଉଠାଇ ନେଇଛନ୍ତି। କୋଭିଡ୍-୧୯ର ଦ୍ୱିତୀୟ ଲହର ଭୟରେ ନିବେଶକମାନେ ଏଭଳି କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, କରୋନାର ଦ୍ୱିତୀୟ ଲହର ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପୁଣି ଥରେ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏପ୍ରିଲ ମାସରେ ମଧ ବିଦେଶୀ ନିବେଶକମାନେ ବଜାରରୁ ୯୬୫୯ କୋଟି ଟଙ୍କା ଉଠାଇ ନେଇଥିଲେ। ଏହା ପୂର୍ବରୁ ଗତ ୬ ମାସ ହେବ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ନିବେଶ ଧାରା ଜାରି ରଖିଥିଲେ ବୋଲି ଡିପୋଜିଟୋରୀ ଡାଟାରୁ ସାମ୍ନାକୁ ଆସିଛି। କୋଭିଡ୍ ସ୍ଥିତି ଲାଗି ରହିଲେ ନିବେଶକଙ୍କ ଉପରେ ଏହାର ପ୍ରଭାବ ଜାରି ରହିବ ବୋଲି ବଜାର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

## ରିଲାଏନ୍ସ ଦ୍ୱିତୀୟ ବୃହତ୍ ଅଭିବୃଦ୍ଧିଶୀଳ ରିଟେଲର

**ନୂଆଦିଲ୍ଲୀ,୯।୫:** ବିଲିୟନେୟାର ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲ ଲିମିଟେଡ ବିଶ୍ୱର ଦ୍ୱିତୀୟ ବୃହତ୍ ଅଭିବୃଦ୍ଧିଶୀଳ ରିଟେଲର ଭାବେ ବିବେଚିତ ହୋଇଛି। ଡେଲଏଟ ପକ୍ଷରୁ ପ୍ରକାଶିତ ଏହି ର୍ୟାଙ୍କିଙ୍ଗ୍‌ରେ ଗ୍ଲୋବାଲ ପାୱାର ରିଟେଲିଂରେ କମ୍ପାନୀ ୫୩ତମ ସ୍ଥାନରେ ରହିଛି। ଏହା ପୂର୍ବରୁ ଏହା ୫୬ତମରେ ରହିଥିଲା। ତାଲିକାର ପ୍ରଥମ ସ୍ଥାନରେ ଆମେରିକାର ୱାଲମାର୍ଟ ରହିଛି। ଦ୍ୱିତୀୟରେ ଆମାଜନ ଡଟ୍ କମ୍ ଇଙ୍କ, ତୃତୀୟ ସ୍ଥାନରେ କଷ୍ଟକୋ ହୋଲସେଲ୍ ଏବଂ ଚତୁର୍ଥରେ ଜର୍ମାନୀର ସ୍ୱର୍ଜ ଗ୍ରୁପ ରହିଛି। ଟପ୍ ୧୦ ଫାର୍ମ ମଧ୍ୟରେ ଆମେରିକାର ୭ ଏବଂ ବ୍ରିଟେନର ଗୋଟିଏ ଫାର୍ମ ରହିଥିବା ଜଣାପଡିଛି। ବିଶ୍ୱର ଶୀର୍ଷ ୨୫୦ ରିଟେଲର ମଧ୍ୟରେ କେବଳ ରିଲାଏନ୍ସ ଏକମାତ୍ର ଭାରତୀୟ କମ୍ପାନୀ ଭାବେ ସ୍ଥାନୀତ ହୋଇଛି। ସେହିଭଳି ଶୀର୍ଷ ୧୦ ମଧ୍ୟରେ ସ୍ଥାନୀତ ହୋଇଥିବା ବ୍ରିଟେନର ଏକମାତ୍ର କମ୍ପାନୀ ହେଲୋ ଟେସ୍କୋ ପିଏଲ୍‌ସି।

# ୧୬ ଟୁଇଟ୍‌ରେ ସୀତାରାମନଙ୍କ ଉତ୍ତର

## କରୋନା ଭାକ୍ସିନ ଉପରେ ଟିକସ



ନୂଆଦିଲ୍ଲୀ,୯।୫

କୋଭିଡ୍-୧୯ ଭାକ୍ସିନ ଏବଂ ଏଥି ସଂକ୍ରାନ୍ତ ବିଭିନ୍ନ ଔଷଧ ଉପରେ ଲାଗୁଥିବା ଟିକସକୁ ନେଇ ଗତ କିଛିଦିନ ହେବ ବେଶ୍ ଆଲୋଚନା ଜାରି ରହିଛି। କରୋନା ସଙ୍କଟ ସମୟରେ ଭାକ୍ସିନ ଉପରେ ଟିକସ ହ୍ରାସ ହେଉ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ। ଏହି ପ୍ରସଙ୍ଗ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ସ୍ପଷ୍ଟୀକରଣ ଦେଇଛନ୍ତି। ମମତା ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତରକୁ ସୀତାରାମନ ୧୬ ଟୁଇଟ ଜରିଆରେ ଦେଇଛନ୍ତି। ସେ ସ୍ପଷ୍ଟଭାବେ କହିଛନ୍ତି, କୋଭିଡ ଭାକ୍ସିନ ଉପରେ ନ୍ୟୂନତମ ୫% ଏବଂ ଅକ୍ସିଜେନ କନ୍‌ସେନଟ୍ରେଟର ଏବଂ ଔଷଧ ଉପରେ ୧୨% ଟିକସ ଜରୁରୀ। ସରକାରଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା ଏହି ସାମଗ୍ରୀଗୁଡ଼ିକର ଦାମ କମ୍ ରଖିବାରେ ସହାୟକ ହେଉଛି।

ସୀତାରାମନ ପୁଣି କହିଛନ୍ତି, ଭାକ୍ସିନ ଏବଂ ଔଷଧ ଉପରେ ସାମାନ୍ୟ ଟିକସ ଯୋଗୁ କମ୍ପାନୀଗୁଡ଼ିକୁ ଇନ୍‌ପୁଟ ଟାକ୍ସ କ୍ରେଡିଟ ମିଳୁଛି। ଏହା ଦ୍ୱାରା ଦାମ୍ କମ୍ ରଖିବାରେ ସହାୟକ ହେଉଛି। ଏଭଳି ମେଡିସିନ ଏବଂ ଜୀବନରକ୍ଷାକାରୀ ଉପକରଣ ଉପରେ ସରକାର ଯଦି ସମ୍ପୂର୍ଣ୍ଣ ଟିକସ ଉଠାଇ ଦିଅନ୍ତି କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରଡକ୍ଟ ପ୍ରସ୍ତୁତି ଲାଗି ବ୍ୟବହାର ହେଉଥିବା କଞ୍ଚାମାଲ ଏବଂ ଅନ୍ୟ ସାମଗ୍ରୀ ଉପରେ ପ୍ରଦାନ କରୁଥିବା ଜିଏସ୍‌ଟିରେ ଇନ୍‌ପୁଟ ଟାକ୍ସ କ୍ରେଡିଟ ଲାଭ ଉଠାଇପାରିବେ ନାହିଁ। କମ୍ପାନୀଗୁଡ଼ିକ କଞ୍ଚାମାଲ ଉପରେ ଦେଉଥିବା ଟିକସ ବୋଝ ଲୋକଙ୍କ ଉପରେ ସିଧାସଳଖ ଲଦିଦେବେ। ଫଳରେ ମେଡିସିନ ଦାମ୍ ମହଙ୍ଗା ହୋଇଯିବ ବୋଲି ସୀତାରାମନ ମତ ପ୍ରକାଶ କରିଛନ୍ତି।

ସେ ଏହା ମଧ କହିଛନ୍ତି ଯେ, କୋଭିଡ୍-୧୯ ମେଡିସିନ ଆମଦାନୀ ଉପରେ ପୂର୍ବରୁ ଟିକସ ହ୍ରାସ କରାଯାଇଛି। ଏ ସଂକ୍ରାନ୍ତ ଔଷଧୀୟ ସଂକ୍ରାନ୍ତ ସାମଗ୍ରୀ ଉପରେ ଲାଗୁଥିବା ସମନ୍ୱିତ ସାମଗ୍ରୀ ଓ ସେବା ଟିକସ(ଆଇଜିଏସ୍‌ଟି)ର ପ୍ରାୟ ୭୦% ରାଜ୍ୟଗୁଡିକୁ ମିଳୁଛି। ମମତା ବାନାର୍ଜୀ ଟିକସ କମାଇବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଏହି ସମୟରେ ଅର୍ଥମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ଆସିଛି। କରୋନା ମେଡିସିନ ଏବଂ ଉପକରଣ ଆମଦାନୀ ଉପରେ ଟିକସ କମାଇବା ଉପରେ ଚିଠିରେ ଦାବି ହୋଇଛି।

## କଳିଙ୍ଗନଗରରୁ ଏଲ୍‌ଏମ୍‌ଓ ଯୋଗାଣ



**ଯାଜପୁର ଅଫିସ,୯।୫:** ଭାରତୀୟ ରେଳବାଇର ଅକ୍ସିଜେନ୍ ଏକ୍ସପ୍ରେସ୍ ଜରିଆରେ ରବିବାରଠାରୁ ଟାଟା ଷ୍ଟିଲ୍ କଳିଙ୍ଗନଗର କାରଖାନାରୁ ଲିକ୍ୱିଡ୍ ମେଡିକାଲ୍ ଅକ୍ସିଜେନ୍ (ଏଲ୍‌ଏମ୍‌ଓ) ଯୋଗାଣ ଆରମ୍ଭ ହୋଇଛି। ୭ କ୍ରାୟୋଜେନିକ୍ କନେର୍ ଥିବା ଏହି ଅକ୍ସିଜେନ୍ ଟ୍ରେନ୍ ଓଡ଼ିଶାର ଯାଜପୁର ଜିଲାର କଳିଙ୍ଗନଗରରୁ ଦିଲ୍ଲୀକୁ ୧୩୨ ଟନ୍ ଲିକ୍ୱିଡ ମେଡିକାଲ୍ ଅକ୍ସିଜେନ୍ ନେଇ ଯାତ୍ରା କରିଛି। ଟାଟା ଷ୍ଟିଲ୍‌ର କଳିଙ୍ଗନଗର କାରଖାନାରୁ ଏଲ୍‌ଏମ୍‌ଓ ପରିବହନ କରିଥିବା ଏହା ପ୍ରଥମ ଅକ୍ସିଜେନ୍ ଏକ୍ସପ୍ରେସ୍। ଟାଟା ଷ୍ଟିଲ୍‌ର କଳିଙ୍ଗନଗର କାରଖାନା ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟକୁ ସଡ଼କ ପଥରେ ୩୬୩୦ ଟନ୍ ଲିକ୍ୱିଡ୍ ଅକ୍ସିଜେନ୍ ପଠାଇ ସାରିଲାଣି। ଦେଶରେ ଦେଖାଦେଇଥିବା କୋଭିଡ୍-୧୯ର ଦ୍ୱିତୀୟ ଲହରରେ ମେଡିକାଲ୍ ଅକ୍ସିଜେନ୍ ପରିବହନ ଆହ୍ୱାନକୁ ଦୃଷ୍ଟିରେ ରଖି ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଶୀଘ୍ର ଓ ସମୟୋପଯୋଗୀ ଭାବେ ମେଡିକାଲ୍ ଅକ୍ସିଜେନ୍ ଯୋଗାଣକୁ ନିଶ୍ଚିତ କରିବା ଲାଗି ଭାରତୀୟ ରେଳ ପକ୍ଷରୁ ଅକ୍ସିଜେନ୍ ଏକ୍ସପ୍ରେସ୍ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଜାତୀୟ ଜରୁରିକାଳୀନ ସ୍ଥିତିରେ ଟାଟା ଷ୍ଟିଲ୍ ପକ୍ଷରୁ ଏହାର ଜାମ୍‌ସେଦପୁର, କଳିଙ୍ଗନଗର ଓ ଢେଙ୍କାନାଳରେ ଥିବା ଉତ୍ପାଦନ ୟୁନିଟ୍‌ରୁ ଦୈନିକ ଲିକ୍ୱିଡ୍ ମେଡିକାଲ୍ ଅକ୍ସିଜେନ୍ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ହରିୟାଣା ଓ ଦିଲ୍ଲୀକୁ ଯୋଗାଇ ଦିଆଯାଇଛି। ୨୦୨୧ ମେ ୮ରେ କମ୍ପାନୀ ତରଫରୁ ଏହାର ବିଭିନ୍ନ କାରଖାନାରୁ ୧୩୦୦ରୁ ଅଧିକ ଟନ୍‌ର ଏଲ୍‌ଏମ୍‌ଓ ଯୋଗାଇ ଦିଆଯାଇଥିଲା।

## ଭିଆଇଟି-ଆପ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍କଲାରଶିପ ପ୍ରୋଗ୍ରାମ



**ନୂଆଦିଲ୍ଲୀ,୯।୫:** ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭିଆଇଟି-ଆପ (ଆନ୍ଧ୍ରପ୍ରଦେଶ) ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ନାମଲେଖା ଆରମ୍ଭ ହୋଇଛି। ଏହି ଅନୁଷ୍ଠାନ ପକ୍ଷରୁ ଅଣଇଞ୍ଜିନିୟରିଂ ପ୍ରୋଗ୍ରାମ ଯଥା ବିବିଏ, ବି.କମ୍, ଆଇନ (ଲ), ବି.ଏସ୍‌ସି ଏବଂ ବି.ଏ. ଏପରି କି ପିଜି ପ୍ରୋଗ୍ରାମ ପାଇଁ ଛାତ୍ରବୃତ୍ତି ଦିଆଯାଉଛି। ଏହାର ପ୍ରତିଷ୍ଠାତା ତଥା କୁଳାଧିପତି ଡ. ଜି. ବିଶ୍ୱନାଥନ ଏ ସମ୍ପର୍କରେ କହିଛନ୍ତି, ଅନୁଷ୍ଠାନ ପକ୍ଷରୁ ଜିଭି ମେରିଟ ସ୍କଲାରଶିପ ଏବଂ ରାଜେଶ୍ୱରୀ ଅମାଲ୍ ମେରିଟ ସ୍କଲାରଶିପ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଛି। ସେହିପରି ଏହାର କୁଳପତି ଡ. ଏସ୍‌ଭି କୋଟା ରେଡ୍ଡୀ କହିଛନ୍ତି, ଏହି ମେଧା ବୃତ୍ତି ଦେଶର ଯେ କୌଣସି ବୋର୍ଡର ଶ୍ରେଷ୍ଠ (ଟପ୍ପର) ଛାତ୍ରଙ୍କୁ ପ୍ରଦାନ କରାଯାଉଛି। ଏହି ବୃତ୍ତି କେବଳ ଭିଆଇଟିରେ ନାମ ଲେଖାଇଥିବା ଛାତ୍ରଙ୍କୁ ୧୦୦% ପ୍ରଦାନ କରାଯାଇଥାଏ। ଦେଶର ପ୍ରତି ଜିଲାର ଶ୍ରେଷ୍ଠ ଛାତ୍ର (ଟପ୍ପର)ଙ୍କୁ ରାଜେଶ୍ୱରୀ ଅନମଲ ମେଧା ବୃତ୍ତି ଦିଆଯାଉଛି। ଡିଗ୍ରୀ ପ୍ରୋଗ୍ରାମରେ ଟ୍ୟୁଶନ ଫି' କ୍ଷେତ୍ରରେ ୫୦% ଏବଂ ଡିଷ୍ଟ୍ରିକ୍ଟ ଟପ୍ପର ହୋଇଥିଲେ ଅତିରିକ୍ତ ୨୫% ସ୍କଲାଶିସପ୍ ମିଳିବ।

## ଜୁନ୍‌ରେ ଆରମ୍ଭ ହୋଇପାରେ ବ୍ୟାଡ୍ ବ୍ୟାଙ୍କ




ନୂଆଦିଲ୍ଲୀ,୯।୫

ନ୍ୟାଶନାଲ ଆସେଟ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଲିମିଟେଡ(ଏନ୍‌ଏଆର୍‌ସିଏଲ୍) ବା ବ୍ୟାଡ୍ ବ୍ୟାଙ୍କ ଚଳିତବର୍ଷ ଜୁନଠାରୁ କାର୍ଯ୍ୟ ଆରମ୍ଭ କରିପାରେ। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନର ସିଇଓ ସୁନୀଲ ମେହେଟ୍ଟା ଏ ସମ୍ପର୍କରେ ରବିବାର ସୂଚନା ଦେଇଛନ୍ତି। ଆର୍ଥିକବର୍ଷ ୨୦୨୧-୨୨ ବଜେଟ ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବ୍ୟାଡ୍ ବ୍ୟାଙ୍କ ସ୍ଥାପନ ସମ୍ପର୍କରେ ଘୋଷଣା କରିଥିଲେ। ବ୍ୟାଙ୍କରେ ଫସି ରହିଥିବା ଋଣ ଏବଂ ଅନାଦାୟ ସମ୍ପତ୍ତିକୁ ନିଜ ପରିସରକୁ ନେଇ ଏହାର ସମାଧାନ କରୁଥିବା ଆର୍ଥିକ ଅନୁଷ୍ଠାନକୁ ବ୍ୟାଡ୍ ବ୍ୟାଙ୍କ କୁହାଯାଇଥାଏ। ଏକ ନ୍ୟୁଜ ଏଜେନ୍ସି ସହ ସାକ୍ଷାତ୍‌କାର ବେଳେ ମେହେଟ୍ଟା କହିଛନ୍ତି, ବ୍ୟାଡ୍ ବ୍ୟାଙ୍କର ସ୍ଥାପନା ସରକାରୀ ଏବଂ ଘରୋଇ ବ୍ୟାଙ୍କର ସହଭାଗିତାରେ ହେବ। ଏହି ବ୍ୟାଙ୍କ ସ୍ଥାପନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଆସନ୍ତା ମାସରେ ଏହା କାର୍ଯ୍ୟ ଆରମ୍ଭ କରିବା ନେଇ ଆଶା ରହିଛି ବୋଲି ମେହେଟ୍ଟା କହିଛନ୍ତି।

ସାରା ଦେଶରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏକୁ ଏକତ୍ର କରିବା ବ୍ୟାଡ୍ ବ୍ୟାଙ୍କର ପ୍ରମୁଖ କାର୍ଯ୍ୟ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏନ୍‌ପିଏ ଅସୁଲ କରିବା ଦିଗରେ ଏହି ବ୍ୟାଙ୍କ ବେଶ୍ ଯୋଗଦାନ ରଖିବ ବୋଲି ଆଶା କରାଯାଉଛି। ଏଭଳି ପ୍ରମୁଖ କାରଣ ଲାଗି ଏଥିରେ ବିଭିନ୍ନ ବ୍ୟାଙ୍କ ଯୋଡ଼ି ହେବେ। ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ଲାଗି ଅନାଦାୟ ସମ୍ପତ୍ତି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ବ୍ୟାଙ୍କଗୁଡ଼ିକ ପକ୍ଷରୁ ଘୋଷଣା ହୋଇଥିବା ଏନ୍‌ପିଏ ସମ୍ପତ୍ତିକୁ ଏହି ବ୍ୟାଙ୍କ ଟେକ୍ ଓଭର କରିବ। ଏହି ସମ୍ପତ୍ତି କିଭଳି ବିକ୍ରି ହେବ ସେ ନେଇ ମଧ ବ୍ୟାଡ୍ ବ୍ୟାଙ୍କ ପଦକ୍ଷେପ ଘୋଷଣା କରିବ। ସେହିଭଳି ଅନ୍ୟ ଆସେଟ ରିକନ୍‌ଷ୍ଟ୍ରକଶନ କମ୍ପାନୀଗୁଡିକୁ ଏନ୍‌ପିଏ କ୍ରୟ କରିବା ଲାଗି ମଧ ଆମନ୍ତ୍ରଣ କରାଯିବ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚଳିତବର୍ଷ ଫେବୃୟାରୀ ପହିଲାରେ ଦେଶର ଉତ୍କଟ ହୋଇଥିବା ଏନ୍‌ପିଏ ସମସ୍ୟା ସମାଧାନ ପାଇଁ ଏକ ବ୍ୟାଡ୍ ବ୍ୟାଙ୍କ ଗଠନ ସମ୍ପର୍କରେ ଘୋଷଣା କରିଥିଲେ। ଏହା ଆସେଟ ରିକନଷ୍ଟ୍ରକଶନ କମ୍ପାନୀ(ଏଆର୍‌ସି) ଏବଂ ଆସେଟ ମ୍ୟାନେଜମେଣ୍ଟ(ଏଏମ୍‌ସି) ଭଳି ସ୍ଥାପନା ହେବ। ବ୍ୟାଙ୍କିଙ୍ଗ କ୍ଷେତ୍ର ଏନ୍‌ପିଏକୁ ପ୍ରଫେଶନାଲ ଭାବେ ସମାଧାନ କରିବା ଦିଗରେ ଏହା କାର୍ଯ୍ୟ କରିବ। ଏନ୍‌ପିଏକୁ ଠିକ୍ ଭାବେ ସମାଧାନ କରିବା ଲାଗି ଏକ ବ୍ୟାଡ୍ ବ୍ୟାଙ୍କ ଦେଶ ମଧ୍ୟରେ ସ୍ଥାପନ କରାଯାଉ ବୋଲି ଆଇବିଏ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଅପରପକ୍ଷରେ ଠକେଇ ହୋଇଥିବା ଋଣକୁ ବ୍ୟାଡ୍ ବ୍ୟାଙ୍କକୁ ଦିଆଯିବନାହିଁ।

### ଖେଳ ଖବର

## ବକ୍ସିଂ: ପ୍ରଥମ ପ୍ରୋ ବାଉଟ୍‌ରେ ଜାଙ୍ଗ୍ରା ବିଜୟୀ



ମନଦୀପ ଜାଙ୍ଗ୍ରା

ନୂଆଦିଲ୍ଲୀ,୯।୫(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଭାରତୀୟ ବକ୍ସର ମନଦୀପ ଜାଙ୍ଗ୍ରା ପେସାଦାର ବକ୍ସିଂରେ ସକାରାତ୍ମକ ଆରମ୍ଭ କରିଛନ୍ତି। ଆମେରିକାର ଫ୍ଲୋରିଡାରେ ସେ ତାଙ୍କର ପଦାର୍ପଣ ବାଉଟ୍‌ରେ ଆର୍ଜେଣ୍ଟିନାର ଲୁସିଆନୋ ରାମୋସଙ୍କୁ ହରାଇଛନ୍ତି। ଏଥିସହ ପ୍ରଫେସନାଲ ସର୍କିଟ୍‌ରେ ସେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏହାପୂର୍ବରୁ ଟ୍ରେନିଂ ପାଇଁ ସେ ଦୁଇମାସ ପୂର୍ବରୁ ଆମେରିକା ଯାତ୍ରା କରିଥିଲେ।

ଶନିବାର ସୁପର ୱେଲଟରୱେଟ ବର୍ଗରେ ଅନୁଷ୍ଠିତ ଏହି ବାଉଟ୍‌ରେ ୪ ରାଉଣ୍ଡ ବିଶିଷ୍ଟ ଅନାନିମୋସ ଡିସିଶନରେ ଜାଙ୍ଗ୍ରା ବିଜୟୀ ଘୋଷିତ ହୋଇଥିଲେ। ଫ୍ଲୋରିଡାସ୍ଥିତ ପ୍ରୋ ବକ୍ସ ପ୍ରମୋଶନ୍ସ ସହ ଜାଙ୍ଗ୍ରା ଏକ ଚୁକ୍ତି କରିଥିଲେ। ଏହି ଲଢ଼େଇ ମାର୍ଚ୍ଚ ୧୯ରେ ଆୟୋଜନ ହେବାର ଥିଲା। ୨୭ ବର୍ଷୀୟ ଜାଙ୍ଗ୍ରା ୨୦୧୩ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ମଧ ହାସଲ କରିଥିଲେ। ଜାଙ୍ଗ୍ରା ଆମେରିକୀୟ କୋଚ୍ ଆସା ବିୟର୍ଡ ଓ ମାର୍କ ଫାରେଟ୍‌ଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଉଛନ୍ତି। ପ୍ରଫେଶନାଲ ବକ୍ସିଂରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବାରୁ ସେ ଖୁସି ଜାହିର କରିଛନ୍ତି।

## ସାବାଲେଙ୍କାଙ୍କୁ ଟାଇଟଲ



ମାଡ୍ରିଡ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ସହ ଅରିନା ସାବାଲେ।

ମାଡ୍ରିଡ,୯।୫(ଏପି)

ବେଲାରୁଷ ମହିଳା ଟେନିସ ତାରକା ଅରିନା ସାବାଲେଙ୍କା ମାଡ୍ରିଡ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପଞ୍ଚମ ସିଡ୍ ମାନ୍ୟତା ପାଇଥିବା ସାବାଲେଙ୍କା ୬-୦, ୩-୬, ୬-୪ ସେଟ୍‌ରେ ଟପ ସିଡ୍ ଅଷ୍ଟ୍ରେଲିଆର ଆଶଲେ ବାର୍ଟିଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ କ୍ୟାରିୟରର ୧୦ମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଛନ୍ତି। ତେବେ କ୍ଲେ କୋର୍ଟରେ ତାଙ୍କ ପାଇଁ ଏହା ପ୍ରଥମ ଟାଇଟଲ ସାବ୍ୟସ୍ତ ହୋଇଛି।

ଦୁଇ ସପ୍ତାହ ପୂର୍ବରୁ ଅନୁଷ୍ଠିତ ଷ୍ଟର୍ଟଗାର୍ଟ ଫାଇନାଲରେ ସାବାଲେଙ୍କା ବାର୍ଟିଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ସେ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଏହି ବିଜୟ ସହ ସାବାଲେଙ୍କା ଆସନ୍ତା ସପ୍ତାହରେ ପ୍ରକାଶିତ ହେବାକୁ ଥିବା ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ଉଠିବା ନିଶ୍ଚିତ ହୋଇଛି। ଚଳିତ ବର୍ଷ ସାବାଲେଙ୍କା ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ଏହାପୂର୍ବରୁ ସେ ସିଜନର ପ୍ରଥମ ଟୁର୍ନାମେଣ୍ଟ ଆବୁଧାବି ଟାଇଟଲ ଜିତିଥିଲେ। ମିଆମି ଟୁର୍ନାମେଣ୍ଟରେ ମଧ ସାବାଲେଙ୍କା କ୍ୱାର୍ଟର ଫାଇନାଲ୍ସରେ ବାର୍ଟିଙ୍କଠାରୁ ପରାସ୍ତ ହୋଇଥିଲେ।

**ଜେଭରେଭ-ବରେଟିନି ଫାଇନାଲ**

ଅନ୍ୟପଟେ ପୁରୁଷ ସିଙ୍ଗଲ୍ସରେ ରବିବାର ଫାଇନାଲ ମ୍ୟାଚ୍‌ରେ ଟାଇଟଲ ପାଇଁ ୨୦୧୮ ଚାମ୍ପିୟନ ଆଲେକଜାଣ୍ଡର ଜେଭରେଭ ଓ ଅଷ୍ଟମ ସିଡ ମାଟେଓ ବରେଟିନ ମୁହାଁମୁହିଁ ହେବେ। ସେମିଫାଇନାଲରେ ଜେଭରେଭ ୬-୩,୬-୪ ସେଟ୍‌ରେ ଅଷ୍ଟ୍ରିଆର ଡୋମିନିକ୍ ଥିମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଜେଭରେଭ କ୍ୱାର୍ଟରଫାଇନାଲରେ ରାଫାଲ ନାଡାଲଙ୍କୁ ହରାଇଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ବରେଟିନି ୬-୪,୬-୪ ସେଟ୍‌ରେ କାସ୍ପେର ରୁଡ୍‌ଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ୨୦୧୮ରେ ମଧ ଥିମ୍‌ଙ୍କୁ ହରାଇ ଜେଭରେଭ ଟାଇଟଲ ଜିତିଥିଲେ।

## ସ୍ୱଦେଶ ଫେରିଲେ ନ୍ୟୁଜିଲାଣ୍ଡ ଖେଳାଳି




ଅକଲାଣ୍ଡ,୯।୫(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସାମିଲ ହୋଇଥିବା ସବୁ ନ୍ୟୁଜିଲାଣ୍ଡ ଖେଳାଳି ଓ କୋଚ୍‌ମାନେ ସୁରକ୍ଷିତ ଭାବେ ନିଜନିଜ ଘରକୁ ଫେରିଛନ୍ତି। ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଖେଳାଳିମାନଙ୍କୁ ପ୍ରାଇଭେଟ ଜେଟ୍ ମାଧ୍ୟମରେ ଘରକୁ ନେବାର ବ୍ୟବସ୍ଥା କରାଯାଇଥିଲା। କୋଭିଡ୍-୧୯ ମହାମାରୀ ବିସ୍ଫୋରଣ କାରଣରୁ ଆଇପିଏଲ୍ ସ୍ଥଗିତ ରହିବା ପରେ ଏହି ଖେଳାଳିମାନଙ୍କ ପ୍ରତ୍ୟାବର୍ତ୍ତନ ନେଇ ଚର୍ଚ୍ଚା ଚାଲିଥିଲା। ଏବେ ଏହାର ଅନ୍ତ ଘଟିଛି।

ବାୟୋ ବବଲରେ କୋଡେଟି କୋଭିଡ୍ ମାମଲା ଜଣାପଡିବା ପରେ ମେ ୪ ତାରିଖରେ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସେସପେଣ୍ଡ କରାଯାଇଥିଲା। ଟ୍ରେଣ୍ଟ ବୋଲ୍ଟ, ଫିନ୍ ଆଲେନ, ଜିମ୍ମି ନିଶାମ, ଆଡାମ ମିଲନେ ଓ ସ୍କଟ ଗୁଗେଲେଜିନ, କୋଚ୍ ଓ ପୂର୍ବତନ ଖେଳାଳି ଜେମ୍ସ ପାମେଣ୍ଟ ଓ ଶେନ୍ ବଣ୍ଡ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଡାଇରେକ୍ଟର ଅଫ୍ କ୍ରିକେଟିଂ ଅପରେସନ୍ସ ମାଇକ ହେସନ ପ୍ରଥମ ପର୍ଯ୍ୟାୟରେ ଶନିବାର ରାତିରେ ନ୍ୟୁଜିଲାଣ୍ଡରେ ପହଞ୍ଚିଥିଲେ। ଏହି ଖେଳାଳିମାନେ ଟୋକିଓ ଦେଇ ଦୁଇଟି ଚାର୍ଟାର୍ଡ ବିମାନରେ ସ୍ୱଦେଶକୁ ଫେରିଥିଲେ।

ଏହାପରେ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ବାକି ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ବ୍ରେଣ୍ଡନ ମ୍ୟାକୁଲମ, ଷ୍ଟିଫାନ ଫ୍ଲେମିଂ, ଅନ୍ୟତମ କୋଚ୍ କାଏଲ ମିଲ୍ସ, ଦ୍ରୁତ ବୋଲର ଲୋକି ଫର୍ଗୁସନ, କମେଣ୍ଟେଟର ସାଇମନ ଡୋଉଲ, ସ୍କଟ ଷ୍ଟାଇରିସ ଓ ଅମ୍ପାୟର କ୍ରିସ୍ ଗାଫାନି। ଏହି ଖେଳାଳିମାନେ ନିରାପଦରେ ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି। ସେଠାରେ ପହଞ୍ଚିବା ପରେ ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଛି ବୋଲି କୁହାଯାଇଛି।

କୋଭିଡ୍- ୧୯ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସିଫର୍ଟ କିନ୍ତୁ ଏବେ ମଧ ଭାରତରେ ରହିଛନ୍ତି। ଚେନ୍ନାଇର ଏକ ପ୍ରାଇଭେଟ ହସ୍ପିଟାଲ୍‌ରେ ସେ ଚିକିତ୍ସିତ ହେବେ। ଏହି ହସ୍ପିଟାଲରେ ପଜିଟିଭ ହେବା ପରେ ମାଇକେଲ ହସି ମଧ ଚିକିତ୍ସିତ ହେଉଥିଲେ।

ଅନ୍ୟପଟେ ୟୁନାଇଟେଡ କିଙ୍ଗଡମ ଯିବାକୁ ଥିବା ନ୍ୟୁଜିଲାଣ୍ଡ ଟେଷ୍ଟ ଖେଳାଳିମାନେ ମାଳଦୀପକୁ ଯାତ୍ରା କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଅଧିନାୟକ କେନ୍ ୱିଲିୟମସନ, ମିଚେଲ ସାଣ୍ଟନର, କାଏଲ ଜେମିସ ଓ ଫିଜିଓ ଟମି ସିମ୍‌ସେକ। ତେବେ ପ୍ରଥମ ଯୋଜନା ଅନୁଯାୟୀ ଏହି ଖେଳାଳିମାନେ ନୂଆଦିଲ୍ଲୀରେ ରହିବାର ଥିଲା। ପ୍ରଥମେ ଖେଳାଳିମାନେ ମେ ୧୧ରେ ୟୁକେ ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏଥିରେ ଗୋଟିଏ ସପ୍ତାହ ବିଳମ୍ବ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ ଖେଳାଳିମାନଙ୍କୁ ମାଳଦୀପକୁ ସ୍ଥାନାନ୍ତର କରାଯାଇଛି। ଇଂଲଣ୍ଡ ଗସ୍ତରେ ନ୍ୟୁଜିଲାଣ୍ଡ ପ୍ରଥମେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଓ ଏହାପରେ ଜୁନ୍ ୧୮ରେ ଭାରତ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବ।

## ପିତାଙ୍କୁ ହରାଇଲେ ସାକାରିୟା

ରାଜକୋଟ,୯।୫(ପି.ଟି.)

ଯୁବ ସୌରାଷ୍ଟ୍ର ଦ୍ରୁତ ବୋଲର ଚେତନ ସାକାରିୟାଙ୍କ ପିତା କାଞ୍ଜିଭାଇ ସାକାରିୟା କରୋନା ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ରବିବାର ସ୍ଥାନୀୟ ଏକ ହସ୍ପିଟାଲରେ ୪୨ବର୍ଷରେ ତାଙ୍କର ପରଲୋକ ହୋଇଛି। ଗତ କିଛି ଦିନ ହେବ କରୋନା ଜନିତ ସଂକ୍ରମଣର ଶିକାର ହୋଇଥିଲେ। ତାଙ୍କ ଦେହାନ୍ତରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ତରଫରୁ ଶୋକ ପ୍ରକାଶ କରାଯାଇଛି। ଚେତନଙ୍କ ପରିବାରଙ୍କୁ ଆସୋସିଏଶନ ତରଫରୁ ସମବେଦନା ଜ୍ଞାପନ କରାଯାଇଛି। ୨୨ ବର୍ଷୀୟ ଚେତନ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ତରଫରୁ ପ୍ରତିନିଧିତ୍ୱ କରିଥିଲେ।

## ମୁମ୍ବାଇ ଇଣ୍ଡିଆନ୍ସ ବିଦେଶୀ ଖେଳାଳି ଘରେ ପହଞ୍ଚିଲେ



କ୍ୱିଣ୍ଟନ ଡିକକ



ଟ୍ରେଣ୍ଟ ବୋଲ୍ଟ

ନୂଆଦିଲ୍ଲୀ,୯।୫(ପି.ଟି.)

୫ଥର ଆଇପିଏଲ୍ ଟାଇଟଲ ଜିତିଥିବା ମୁମ୍ବାଇ ଇଣ୍ଡିଆନ୍ସର ବିଦେଶୀ ଖେଳାଳିମାନେ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି। ଆଇପିଏଲ୍‌ର ୧୪ତମ ସଂସ୍କରଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ ହେବା ପରେ ଏହି ଫ୍ରାଞ୍ଚାଇଜ୍‌ର ବିଦେଶୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ରବିବାର ସେମାନଙ୍କ ସ୍ଥାନରେ ପହଞ୍ଚାଇ ଦିଆଯାଇଛି ବୋଲି ଫ୍ରାଞ୍ଚାଇଜ୍ ତରଫରୁ କୁହାଯାଇଛି। ୧୪ଜଣ ବିଦେଶୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ମୁମ୍ବାଇର ୱେଷ୍ଟଇଣ୍ଡିଜ ଖେଳାଳି କିରନ ପୋଲାର୍ଡଙ୍କୁ ତ୍ରିନିଦାଦ୍‌ରେ, ଦକ୍ଷିଣ ଆଫ୍ରିକାର କିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ ଓ ମାର୍କୋ ଜାନସେନଙ୍କୁ ଜୋହାନ୍ସବର୍ଗରେ ପହଞ୍ଚାଇ ଦିଆଯାଇଛି। ସେହିପରି ମୁମ୍ବାଇର ଅଷ୍ଟ୍ରେଲିଆ ଖେଳାଳି କ୍ରିସ୍ ଲିନ, ନାଥନ କୁଲ୍ଟର ନାଇଲ ଓ ସପୋର୍ଟ ମେମ୍ବରମାନଙ୍କୁ ମାଳଦୀପ ପହଞ୍ଚାଇ ଦିଆଯାଇଛି। ସେଠାରେ ସେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବେ। ଏମାନଙ୍କ ମଧ୍ୟରେ ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ସାମିଲ ରହିଛନ୍ତି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସର ନ୍ୟୁଜିଲାଣ୍ଡ ଖେଳାଳି ଆଡାମ ମିଲନେ, ଜିମ୍ମି ନିଶାମ ଓ ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ସପୋର୍ଟ ଷ୍ଟାଫ୍‌ଙ୍କୁ ଅକଲାଣ୍ଡରେ ପହଞ୍ଚାଇ ଦିଆଯାଇଛି।



କରୋନା କାଳରେ ଲୋକଙ୍କ ଦୁଃଖର ସାଥୀ ହୋଇଥିବା ଅଭିନେତା ସୋନୁ ସୁଦ୍ ଏବେ ନିଜର ଅସହାୟତା ଏବଂ ଦୁଃଖ ପ୍ରକାଶ କରିଛନ୍ତି। ରବିବାର ଟୁଇଟ୍‌ରେ ଲେଖିଛନ୍ତି- ଗତକାଲି ୪୧,୬୬୦ ଲୋକ ମୋତେ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଆମେ ଚେଷ୍ଟା କରୁଛୁ, କିନ୍ତୁ ଏହା ଆମ ପାଇଁ ସମ୍ଭବ ହେଉନାହିଁ। ଯଦି ମୁଁ ସମସ୍ତଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରେ, ମୋତେ ଏହା କରିବାକୁ ୧୪ ବର୍ଷ ଲାଗିବ। ଏହାର ଅର୍ଥ ହେଉଛି ୨୦୩୫ ସୁଦ୍ଧା ମୁଁ ପ୍ରତ୍ୟେକ ଅଭାବୀ ଲୋକଙ୍କ ନିକଟରେ ପହଞ୍ଚି ପାରିବି।

# ପରିସଂସ୍ଥାର ଇଞ୍ଜିନିୟର ଥିଲେ ଆଦିମାନବ

**ନିଆଁର ସଫଳ ବ୍ୟବହାର ବଦଳାଇ ଦେଇଥିଲା ମାନବ ସଭ୍ୟତାର ବିକାଶ ଇତିହାସ । ଅଗ୍ନିକୁ ସାଇତି ରଖିବା, ଆବଶ୍ୟକ ଅନୁଯାୟୀ ଉପଯୋଗ କରିବାରେ ସିଦ୍ଧହସ୍ତ ହୋଇଯିବା ପରେ ପରିସଂସ୍ଥାକୁ ଅନେକାଂଶରେ ନିଜ ନିୟନ୍ତ୍ରଣ ଆଣିପାରିଥିଲେ ଆଦିମାନବ । ନିଆଁକୁ ବ୍ୟବହାର କରି ପରିବେଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାରେ ସଫଳ ହୋଇଥିବାରୁ ସେମାନଙ୍କୁ ପରିସଂସ୍ଥାର ଇଞ୍ଜିନିୟର ବୋଲି ବିଶେଷଜ୍ଞମାନେ ଆଖ୍ୟା ଦେଇଛନ୍ତି ।**



**ନୂଆଦିଲ୍ଲୀ:** ନିଆଁ ଜଳାଇବା ଏବଂ ଏହାକୁ ଆୟତ୍ତ କରିବାର କଳା ଜାଣିଯିବା ପରେ ଆଦିମାନବ ଅଧିକ ଆତ୍ମବିଶ୍ୱାସୀ ହୋଇପାରିଥିଲା। ନିଆଁକୁ ବ୍ୟବହାର କରି ପ୍ରାଚୀନ ମଣିଷ ଇକୋସିଷ୍ଟମ୍‌କୁ ସକାରାତ୍ମକ ଢଙ୍ଗରେ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଥିଲା। ୟେଲ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ନିକଟରେ ଏହାର ପ୍ରମାଣ ମିଳିଛି, ଯାହା ସାଇନ୍ସ ଆଡ୍‌ଭାନ୍ସ ଜର୍ନାଲରେ ପ୍ରକାଶିତ ହୋଇଛି। ଗବେଷକମାନେ ୯୨ ହଜାର ବର୍ଷ ପୁରାତନ ପ୍ରସ୍ତର ଶିଳ୍ପାକୃତି, ପ୍ରତ୍ନତାତ୍ତ୍ୱିକ ପ୍ରମାଣ, ପୂର୍ବ ଆଫ୍ରିକାର ମାଲ୍‌ବୀ ହ୍ରଦ, ଉତ୍ତର ସାମୁଦ୍ରିକ ତଟ ଅଞ୍ଚଳରୁ ମିଳିଥିବା ଐତିହାସିକ ତଥ୍ୟକୁ ଗବେଷଣାରେ ସାମିଲ କରି ଏହି ନିର୍ଯାସରେ ପହଞ୍ଚିଛନ୍ତି।

ଜଙ୍ଗଲ ପରିବେଶରେ ରହୁଥିବା ମଣିଷ ପାଇଁ ବାସୋପଯୋଗୀ ସ୍ଥାନ ପ୍ରସ୍ତୁତ କରିବା ଏକ ପ୍ରକାର ଚ୍ୟାଲେଞ୍ଜ ପାଲଟିଥିଲା। ବାରମ୍ବାର ଜଙ୍ଗଲ ସଫା କରିବା ସେମାନଙ୍କ ଲାଗି କାଠିକର ପାଠ ହେଉଥିଲା। ତେଣୁ ବୁଦୁବୁଦିଆ ଜଙ୍ଗଲିଆ ଅଞ୍ଚଳ ସଫା କରି ସେଠାରେ ବସତି ସ୍ଥାପନ କରିବା ସେମାନଙ୍କ ଲାଗି ବିକଳ୍ପ ଥିଲା। ଏଥିରେ ବେଶ୍ ସହାୟକ ହୋଇଥିଲା ନିଆଁ। ନିଆଁକୁ ବ୍ୟବହାର କରି ସେମାନେ ଜଙ୍ଗଲ ସଫା କରିବା ସହିତ ସ୍ଥାୟୀ ବସତି ସ୍ଥାପନ କରିବାରେ ସକ୍ଷମ ହୋଇଥିଲେ ବୋଲି ୟେଲ୍ ୟୁନିଭର୍ସିଟିର ପୁରାତନ ମାନବ ସଭ୍ୟତା ଉପରେ ଗବେଷଣା କରୁଥିବା ଜେସିକା ଥମ୍‌ସନ କହିଛନ୍ତି। ନିଆଁକୁ ବ୍ୟବହାର କରି ଆଦିମାନବ ପରିସଂସ୍ଥାରେ ଆମୂଳଚୂଳ ପରିବର୍ତ୍ତନ କରିବାରେ ସଫଳ ହୋଇଥିଲା। ଏହି ପ୍ରକ୍ରିୟା ଆନୁମାନିକ ୨୦ ଲକ୍ଷ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଗତ ୧୧,୦୦୦ ବର୍ଷ ମଧ୍ୟରେ ନିଆଁର ବ୍ୟବହାରିକ ପରିବର୍ତ୍ତନରେ ଅନେକ ଉନ୍ନତି ଆସିଛି। ତେବେ ପ୍ରାଚୀନ ମାନବ ନିଆଁର ବ୍ୟବହାର ଜାଣିବା ମାନବ ସଭ୍ୟତା ଲାଗି ଏକପ୍ରକାର ଆଶୀର୍ବାଦ ବୋଲି ଜେସିକା କହିଛନ୍ତି। ଜେସିକାଙ୍କ ନେତୃତ୍ୱରେ ହୋଇଥିବା ଏହି ଗବେଷଣାରେ ଏସିଆ, ଆଫ୍ରିକା, ଆମେରିକା, ୟୁରୋପ, ଅଷ୍ଟ୍ରେଲିଆର ବିଭିନ୍ନ ସଂସ୍ଥାର ଅନ୍ୟ ୨୭ଜଣ ସହଯୋଗୀ ମଧ୍ୟ ସାମିଲ ହୋଇଥିଲେ।

ନିଆଁ ଜଳାଇବାରେ ବ୍ୟବହୃତ ପ୍ରସ୍ତର କଳାକୃତିଗୁଡ଼ିକର ଅଧ୍ୟୟନରୁ ଅନେକ ରୋଚକ ତଥ୍ୟ ପଦାକୁ ଆସିଛି। ଆନୁମାନିକ ୩.୧୫ ଲକ୍ଷ ବର୍ଷ ପୂର୍ବେ ପ୍ରାଚୀନ ମାନବ ଆଧୁନିକତା ଆଡ଼କୁ ମୁହାଁଇଥିଲା। ସାମାଜିକ ଜଟିଳତାକୁ ପାର କରି ସେ ଆଗକୁ ବଢ଼ିବା ଆରମ୍ଭ କରିଥିଲା। ତେବେ କେବଳ ବାସୋପଯୋଗୀ ସ୍ଥାନ ପ୍ରସ୍ତୁତ କରିବା ଲାଗି ନିଆଁର ଏପରି ବ୍ୟବହାର କରାଯାଉଥିଲା ନା ଏହାର ଏକାଧିକ କାରଣ ରହିଥିଲା ତାହା ସ୍ପଷ୍ଟ ହୋଇନାହିଁ।

# କେହି ବାପାଙ୍କଠାରୁ ଭଲ ଅଭିନେତା ହୋଇପାରିବେନି



**ମୁମ୍ବାଇ:** ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ନିଜ ପ୍ରଶଂସକଙ୍କ ସହ ସର୍ବଦା ଯୋଡି ହେବାକୁ ଚେଷ୍ଟା କରନ୍ତି। ଫିଲ୍ମ 'ରିଫ୍ୟୁଜି'ରୁ କ୍ୟାରିୟର ଆରମ୍ଭ କରିଥିବା ଅଭିଷେକ ବଚ୍ଚନ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ଅନେକ ହିଟ୍ ଚଳଚ୍ଚିତ୍ରରେ କାମ କରିଛନ୍ତି। ହେଲେ ଅନେକ ସମୟରେ ତାଙ୍କୁ ଟ୍ରୋଲର ଶିକାର ହେବାକୁ ପଡ଼େ। ନିକଟରେ ଜଣେ ପ୍ରଂଶସକ ଅଭିଷେକଙ୍କୁ ତାଙ୍କ ପିତା ତଥା ଶତାବ୍ଦୀର ମହାନାୟକ ଅମିତାଭ ବଚ୍ଚନଙ୍କ ଅପେକ୍ଷା ଜଣେ ଭଲ ଅଭିନେତା ବୋଲି ଟୁଇଟ କରିଛନ୍ତି। ୟୁଜର୍ ଜଣକ ଲେଖିଥିଲେ, 'ବିଗ ବିଙ୍କଠାରୁ ତୁମେ ଅଭିନୟରେ ଭଲ। ଗୁରୁ ଭାଇ ତୁମକୁ ଭଗବାନ ଆଶୀର୍ବାଦ କରନ୍ତୁ। ଏହା ପରେ ସେ ସମ୍ପୃକ୍ତ ୟୁଜରଙ୍କୁ ଧନ୍ୟବାଦ ଜଣାଇ ଅଭିଷେକ କହିଛନ୍ତି, ପ୍ରଶଂସା ପାଇଁ ଆପଣଙ୍କୁ ବହୁତ ଧନ୍ୟବାଦ। କିନ୍ତୁ ଅମିତାଭ ବଚ୍ଚନଙ୍କ ଅପେକ୍ଷା କେହି ଭଲ ଅଭିନେତା ହୋଇପାରିବେ ନାହିଁ। ଅଭିଷେକଙ୍କ ଏହି ଉତ୍ତର ସମସ୍ତଙ୍କ ହୃଦୟ ଜିତିଛି। ପ୍ରଶଂସକମାନେ ତାଙ୍କୁ ବହୁତ ପ୍ରଶଂସା କରୁଛନ୍ତି। ତାଙ୍କ ଅଭିନୟକୁ ନେଇ ଅଭିଷେକ ବଚ୍ଚନ ଅନେକଥର ସୋସିଆଲ ମିଡିଆରେ ସମାଲୋଚନାର ଶିକାର ହୋଇଛନ୍ତି। ପିତା ଅମିତାଭଙ୍କ କାରଣରୁ ସେ ଫିଲ୍ମରେ କାମ କରୁଛନ୍ତି ବୋଲି ନିକଟରେ କିଛି ୟୁଜର୍ସ କହି ତାଙ୍କୁ ଟ୍ରୋଲ କରିଥିଲେ। ଅଭିଷେକ ଏବେ ଫିଲ୍ମ 'ଦସ୍‌ଭିଂ' ପାଇଁ ଶୁଟିଂ କରୁଛନ୍ତି।

# ସ୍ୱାମୀଙ୍କୁ ଘରେ ରଖି ନିଆଁ ଲଗାଇଦେଲେ

**ୱାଶିଂଟନ:** ସ୍ୱାମୀ ଘରେ ଥିବାବେଳେ ଜଣେ ମହିଳା ନିଜ ଘରେ ନିଜେ ନିଆଁ ଲଗାଇଦେବା ଏବଂ ଏହି ଦୃଶ୍ୟକୁ ବସି ଉପଭୋଗ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମହିଳା ଜଣକ ଘରେ ନିଆଁ ଲଗାଇଦେଇ ବାହାରେ ଚେୟାର ଉପରେ ବସି ମଜା ନେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଆମେରିକାର ମ୍ୟାରିଲ୍ୟାଣ୍ଡ ସହରରେ। ରିପୋର୍ଟ ଅନୁଯାୟୀ ମହିଳା ନିଜ ଘରେ ପ୍ରଥମେ ନିଆଁ ଲଗାଇଦେଲେ। ପରେ ଘର ସାମ୍ନାରେ ଚେୟାର ଉପରେ ବସି ଘର ଜଳୁଥିବା ଦୃଶ୍ୟ ଦେଖିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଏହି ଘର ଭିତର ଜଳୁଥିବା ସେ ଦେଖିବାକୁ ପାଇଥିଲେ। ତେବେ ମହିଳାଙ୍କ ପୂରା କାଣ୍ଡ ପଡ଼ୋଶୀଙ୍କ ଘରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପ୍ରତ୍ୟକ୍ଷଦର୍ଶୀ କୁହନ୍ତି, ପ୍ରଥମେ ଘର ଭିତରୁ ପାଟି ଶୁଭିଲା। ପରେ ଜୋର୍‌ରେ କେହି ଝଗଡ଼ା ଲାଗୁଥିବା ମଧ୍ୟ ଶୁଣିବାକୁ ମିଳିଲା। ଏହାର କିଛି ସମୟ ପରେ ଘରେ ନିଆଁ ଜଳି ଉଠିଲା। ମହିଳା ଜଣକ ଘରେ ନିଆଁ ଲଗାଇ ଦେଇ ଆସି ବାହାରେ ବସି ପେପର ପଢ଼ିବାରେ ଲାଗିଲେ। ଏହି ସମୟରେ ତାଙ୍କ ସ୍ୱାମୀ ଘର ଭିତରେ ଫସି ରହିଥିଲେ। ଖବର ପାଇ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସ୍ୱାମୀଙ୍କୁ ଉଦ୍ଧାର କରିଛନ୍ତି। ତେବେ ମହିଳା ଜଣଙ୍କ କାହିଁକି ଏପରି କାଣ୍ଡ ଭିଆଇଲେ ଏ ବିଷୟରେ ଅଧିକ ପଚରାଉଚରା ଚାଲିଛି। ତଦନ୍ତ ପରେ ସମସ୍ତ କଥା ଜଣାପଡ଼ିବ ବୋଲି ସ୍ଥାନୀୟ ପୋଲିସ କହିଛି।



# ରକ୍ତ ସଞ୍ଚାଳନରେ ବାଧକ ଭୂତାଣୁ



**ନୂଆଦିଲ୍ଲୀ:** କରୋନା ଭୂତାଣୁ ଯୋଗୁ ଗଳାରେ ସଂକ୍ରମଣ ପରେ ଫୁସ୍‌ଫୁସ୍ ସଂକ୍ରମିତ ହୋଇଥାଏ। ତେବେ ଏବେ କରୋନା ଭୂତାଣୁ ସଂକ୍ରମଣ ଯୋଗୁ କେତେକଙ୍କଠାରେ ହାର୍ଟ ସମସ୍ୟା ଦେଖାଦେଉଛି। କେତେକ ଲୋକଙ୍କ ଏହାଯୋଗୁ ମୃତ୍ୟୁ ମଧ୍ୟ ଘଟି ସାରିଛି। ଏ ସମ୍ପର୍କରେ ହୃଦ୍‌ରୋକ ବିଶେଷଜ୍ଞ ଡା. ନୀରଜ କୁମାର କୁହନ୍ତି ଯେ, କରୋନା ସଂକ୍ରମଣ ଯୋଗୁ ଶରୀରର ରକ୍ତବାହୀ ନଳୀରେ ରକ୍ତ ଜମାଟ ବାନ୍ଧିବା ଆରମ୍ଭ କରିଥାଏ। ଫଳରେ ହୃତ୍‌ପିଣ୍ଡରେ ଆବଶ୍ୟକ ଅନୁସାରେ ରକ୍ତ ପହଞ୍ଚିପାରେ ନାହିଁ। ଏହାଯୋଗୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ରକ୍ତ ଯୋଗାଣ କମ ହେବା ଯୋଗୁ ହାର୍ଟର ପମ୍ପିଂ କ୍ଷମତା ୩୦ରୁ ୪୦ ପ୍ରତିଶତ କମି ଯାଇଥାଏ ବୋଲି ସେ କହିଛନ୍ତି। ଫଳରେ ହୃତ୍‌ପିଣ୍ଡର ମାଂସପେଶୀରେ ଯନ୍ତ୍ରଣା ହୋଇଥାଏ। ଏହାଯୋଗୁ ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍ ହୋଇଥାଏ। ସେହିପରି ହୃଦ୍‌ରୋଗ ବିଶେଷଜ୍ଞ ଡା. ଅନୀଲ ବର୍ମା କହିଛନ୍ତି, ସାଧାରଣ ହାର୍ଟ ବିଟ୍ ମିନିଟ ପିଛା ୬୦ରୁ ୯୦ ମଧ୍ୟରେ ରହିଥାଏ। ମାତ୍ର କରୋନା ଭୂତାଣୁ ସଂକ୍ରମଣ ଯୋଗୁ ରକ୍ତ ଜମାଟ ବାନ୍ଧିବା ଯୋଗୁ ରକ୍ତବାହୀ ନଳୀର କ୍ଷମତା କମି ଯାଇଥାଏ। ଫଳରେ ହାର୍ଟ ବିଟ ୧୧୦ରୁ ଅଧିକ ହେବାରେ ଲାଗେ। ଏହାଯୋଗୁ ଧଇଁସଇଁ ଅବସ୍ଥା ସୃଷ୍ଟି ହୋଇଥାଏ। ହସ୍ପିଟାଲକୁ ଆସୁଥିବା କେତେକ କରୋନା ଆକ୍ରାନ୍ତଙ୍କ ହାର୍ଟ ବିଟ ମିନିଟ ପିଛା ୧୩୦ରୁ ୧୪୦ ମଧ୍ୟରେ ରହୁଛି। ଏହାଯୋଗୁ ସେମାନଙ୍କ ଅବସ୍ଥା ସଙ୍କଟ ଜନକ ହୋଇ ପଡୁଥିବା ସେ କହିଛନ୍ତି।

# ନିଆଁ ଗୁଳା ଖାଉଛନ୍ତି ମହିଳା



ନୂଆଦିଲ୍ଲୀ: ଜଣେ ମହିଳା ନିଆଁଗୁଳା ଖାଉଥିବାର ଭିଡିଓ ସୋସିଆଲ ମିଡିଆରେ ପ୍ରଚାର ହେଉଛି। ଭିଡିଓକୁ ଆଇପିଏସ ଅଧିକାରୀ ରୂପିନ ଶର୍ମା ଶେୟାର କରିଛନ୍ତି। ଏଥିରେ ସେ କ୍ୟାପଶନ ଲେଖିଛନ୍ତି, 'ବାଷ୍ପ କରିବା ପରେ, ଲୁଣ ପାଣିରେ ଗାର୍ଗଲ କରିବା ପରେ, ହଳଦୀ କ୍ଷୀର ପିଇବା ପରେ, ପ୍ରତିଦିନ ଗରମ ପାଣି ପିଇବା ପରେ ଏହା ହେଉଛି ଶେଷ ଉପାୟ। କରୋନା ଜୀବନ୍ତ ଧ୍ୱଂସ ହେବ। ଅଧିକନ୍ତୁ, ସେ ଏହା ମଧ୍ୟ ଲେଖିଛନ୍ତି ଯେ ଆପଣ ଏହା କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ, କେବଳ ଟିକା ନିଅନ୍ତୁ।

# ନିର୍ବାଚନ ହାରିବାରୁ ରାସ୍ତା ଖୋଳିଦେଲେ



**କାନପୁର :** ଉତ୍ତରପ୍ରଦେଶର ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସାମ୍ନାକୁ ଆସିଛି ଏକ ଅଜବ ଘଟଣା। ଜଣେ ପୂର୍ବତନ ସରପଞ୍ଚ ନିର୍ବାଚନରେ ପରାଜିତ ହେବାରୁ ନିଜ ସମୟରେ ନିର୍ମିତ ରାସ୍ତାକୁ ଜେସିବି ଲଗାଇ ପୂରା ନଷ୍ଟ କରି ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ତହସିଲ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଘଟଣାଟି ପଦାକୁ ଆସିଛି। ବାରବାଙ୍କି ଜିଲାର ସୁବେହା ଥାନା ଅନ୍ତର୍ଗତ ଅହିରାନ ସରିୟାନ ଗ୍ରାମର ପୂର୍ବତନ ମୁଖ୍ୟ ଦୀପକ କୁମାର ତିୱାରୀ ନିର୍ବାଚନରେ ସେହି ଗ୍ରାମର ପ୍ରଦୀପଙ୍କ ଠାରୁ ପରାସ୍ତ ହୋଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଭୋଟ ନ ପାଇବାରୁ ତିୱାରୀ ଏଭଳି କରିଛନ୍ତି। ଏ ଘଟଣା ସଂକ୍ରାନ୍ତରେ ଆମେ ମିଳିତ ଭାବେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲୁ। ନିର୍ବାଚନରେ ବ୍ୟସ୍ତ ଥିବା କହି ଏ ପର୍ଯ୍ୟନ୍ତ ଆମ କଥାକୁ ସେମାନେ ଅଣଦେଖା କରି ଆସୁଛନ୍ତି। ତିୱାରୀ ଗ୍ରାମରେ ଜେସିବି ଓ ସମର୍ଥକଙ୍କ ସହ ପହଞ୍ଚିଥିଲେ। ଜେସିବି ଦ୍ୱାରା ହନୁମାନ ମନ୍ଦିର ରୋଡ୍‌କୁ ସେ ପୂରା ନଷ୍ଟ କରିଦେଇଥିଲେ। ଦେଖଣାହାରୀ ପାଲଟି ଯାଇଥିଲେ ଗ୍ରାମବାସୀ। ମନ୍ଦିରକୁ ଗମନାଗମନ ସୁବିଧା ପାଇଁ ୭ ବର୍ଷ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ସମେତ କୋରାପୁଟ, ରାୟଗଡ଼ା, କନ୍ଧମାଳର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବ୍ୟାପକ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହୋଇପାରେ। ସୋମବାର ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୯ | ୨୬.୦ |
| ଚାନ୍ଦବାଲି | ୩୬.୪ | ୨୪.୮ |
| କଟକ | ୩୭.୦ | ୨୬.୦ |
| ପାରାଦୀପ | ୩୨.୬ | ୨୭.୭ |
| ଭୁବନେଶ୍ୱର | ୩୭.୨ | ୨୪.୮ |
| ଗୋପାଳପୁର | ୩୩.୩ | ୨୭.୫ |
| ପୁରୀ | ୩୪.୧ | ୨୮.୬ |
| ଅନୁଗୋଳ | ୩୮.୧ | ୨୬.୦ |
| ବାରିପଦା | ୩୭.୦ | ୨୫.୬ |
| ଝାରସୁଗୁଡ଼ା | ୩୭.୨ | ୨୫.୮ |
| କେନ୍ଦୁଝର | ୩୫.୦ | ୨୨.୮ |
| ସମ୍ବଲପୁର | ୩୬.୫ | ୨୪.୬ |
| ସୁନ୍ଦରଗଡ଼ | ୩୮.୦ | ୨୧.୦ |
| ହୀରାକୁଦ | ୩୫.୯ | ୨୩.୫ |
| ତାଳଚେର | ୩୭.୫ | ୨୫.୩ |
| ଭବାନୀପାଟଣା | ୩୮.୫ | ୨୩.୮ |
| ବଲାଙ୍ଗୀର | ୩୭.୮ | – |
| କୋରାପୁଟ | ୩୨.୨ | ୨୦.୫ |
| ଫୁଲବାଣୀ | ୩୬.୫ | ୧୯.୦ |
| ଟିଟିଲାଗଡ଼ | ୩୮.୦ | ୨୫.୮ |
| ମାଲକାନଗିରି | ୩୮.୦ | ୨୩.୦ |
| ସୋନପୁର | ୩୯.୮ | ୨୬.୫ |
| ଦାରିଙ୍ଗିବାଡ଼ି | – | ୨୦.୫ |
| ନୟାଗଡ଼ | ୩୮.୦ | ୨୪.୦ |
| ବୌଦ୍ଧ | ୪୦.୫ | ୨୪.୦ |
| ଛତ୍ରପୁର | ୩୩.୬ | ୨୬.୫ |
| ପାରଳାଖେମୁଣ୍ଡି | ୩୫.୫ | ୨୫.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

# ଶବଦାହ ଗୃହରୁ ପୋଷାକ ଚୋରି

**ବାଗ୍‌ପତ :** ଉତ୍ତରପ୍ରଦେଶର ବାଗପତ୍‌ର ଶବଦାହ ଗୃହରେ ମୃତଦେହରୁ ପୋଷାକ ଚୋରି କରୁଥିବା ୭ ଜଣ ଗିରଫ ହୋଇଛନ୍ତି। ଏ ନେଇ ରବିବାର ପୋଲିସ ପକ୍ଷରୁ କୁହାଯାଇଛି। ରାଜ୍ୟରେ କରୋନା ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସାମ୍ନାକୁ ଆସିଛି ଏଭଳି ଘଟଣା। ମୃତଦେହକୁ ଘୋଡ଼ାଇବା ଲାଗି ବ୍ୟବହୃତ ହେଉଥିବା କଭର, ସେମାନଙ୍କ ପୋଷାକକୁ ଚୋରାଇ ନେଉଥିଲେ ଅଭିଯୁକ୍ତମାନେ। ସେମାନେ ମୃତଦେହର ଶାଢ଼ୀ, ଚାଦର, ବେଡଶିଟ ଚୋରାଇ ନେଉଥିବା ସ୍ୱୀକାର କରିଛନ୍ତି। ସେମାନଙ୍କଠାରୁ ୫୨୦ ବେଡ୍‌ଶିଟ୍ ୧୨୭ କୁର୍ତ୍ତା, ୫୨ ଧଳା ଶାଢ଼ୀ ଓ ଅନ୍ୟ ପୋଷାକ ଜବତ ହୋଇଥିବା ସର୍କଲ ଅଫିସର ଆଲୋକ ସିଂ କହିଛନ୍ତି। ଚୋରି ସାମଗ୍ରୀକୁ ଧୋଇଲା ପରେ ଆଇରନ ଦେଇ ଏକ କମ୍ପାନୀର ଲେଭଲ ଲଗାଇ ମାର୍କେଟରେ ବିକି ଦେଉଥିଲେ। ଗିରଫ ହୋଇଥିବା ୭ ଜଣ ଗୋଟିଏ ପରିବାରର। ସେମାନେ ୧୦ ବର୍ଷ ହେଲା ଏହି ଚୋରି କରୁଥିଲେ।

# କରୋନା ଯୋଦ୍ଧାଙ୍କ ସେବାରେ ଦୃଷ୍ଟିହୀନ

ଅମୃତସର: ସମାଜରେ ଏମିତି କିଛି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କୁ ବଞ୍ଚିବା ଶିଖାଇଥାନ୍ତି। ହାରି ଯାଉଥିବା ମଣିଷମାନଙ୍କ ମନରେ ସାହସ ଭରିଦିଅନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଜ୍ଞାନ ଚନ୍ଦ। ଦୃଷ୍ଟିହୀନ ହୋଇଥିବା ସତ୍ତ୍ୱେ ସେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ବାହାରିଛନ୍ତି। ସେଥିପାଇଁ ସେ ଡାକ୍ତର ଏବଂ ପୋଲିସ କର୍ମୀଙ୍କ ପୋଷାକ ସବୁକୁ ମାଗଣାରେ ଇସ୍ତ୍ରୀ କରୁଛନ୍ତି। ପଞ୍ଜାବ ବଠିଣ୍ଡାର ଅମରପୁରା ବସ୍ତିରେ ରହନ୍ତି ଜ୍ଞାନ ଚନ୍ଦ। ଦୃଷ୍ଟିହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ଖୁବ୍ ଭାଗ୍ୟବାନ୍ ମନେ କରନ୍ତି। କାହିଁକି ନା ଭଗବାନ ତାଙ୍କୁ ଗୋଡ, ହାତ ସହିତ ଏକ ସୁସ୍ଥ ଶରୀର ବି ଦେଇଛନ୍ତି। ତେଣୁ ସେ ଏକ ଦୋକାନ କରି କପଡା ଇସ୍ତ୍ରୀ କରି ନିଜ ପରିବାର ବେଶ୍ ଖୁସିରେ ଚଳାନ୍ତି। ଜ୍ଞାନ ଚନ୍ଦ ଛୋଟବେଳୁ ଦୃଷ୍ଟିହୀନ ନ ଥିଲେ। ହୋମଗାର୍ଡ ଚାକିରି କରି ସେ ବିବାହ କରି ଦୁଇ ପିଲାଙ୍କୁ ନେଇ ସଂସାର କରିଥିଲେ। କିନ୍ତୁ ୧୯୯୬ ମସିହାରେ ଏକ ରୋଗର ଶିକାର ହୋଇ ତାଙ୍କର ଦୃଷ୍ଟି ଶକ୍ତି ଚାଲି ଯାଇଥିଲା। ହୋମଗାର୍ଡ ଚାକିରି ଛାଡି ସେ ଇସ୍ତ୍ରୀ ଦୋକାନ କରିଥିଲେ, ଯେଉଁଥିଲେ ତାଙ୍କ ପତ୍ନୀ ତାଙ୍କୁ ସାହାଯ୍ୟ କରନ୍ତି। ଏବେ କରୋନା ପାଇଁ ତାଙ୍କର ରୋଜଗାର ବହୁତ କମିଯାଇଛି ସତ କିନ୍ତୁ ସେ କରୋନା ଯୋଦ୍ଧାମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ସେଥିପାଇଁ ମେଡିକାଲର ଯେକୌଣସି ସ୍ୱାସ୍ଥ୍ୟକର୍ମୀ ଏବଂ ପୋଲିସ କର୍ମୀଙ୍କ ପୋଷାକକୁ ମାଗଣାରେ ଇସ୍ତ୍ରୀ କରୁଛନ୍ତି।



ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ



ସ୍ୱର୍ଗତ ରମାକାନ୍ତ ମଲ୍ଲିକ
ବରିଷ୍ଠ ଉପସ୍ଥାପକ, ଆକାଶବାଣୀ କେନ୍ଦୁଝର
ଗ୍ରାମ: ଗୋବିନ୍ଦରାମ ପାଟଣା, ଜିଲ୍ଲା: କଟକ
ତିରୋଧାନ: ୦୧।୦୫।୨୦୨୧
ବାପା, ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ କେଉଁ ଅଜଣା ରାଇଜକୁ ଚାଲିଗଲ। ଯେଉଁଠି କେହି କେବେ ଫେରନ୍ତି ନାହିଁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଭଲପାଇବା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଚିରନ୍ତନ ପଥ ପ୍ରଦର୍ଶକ ହେଉ। ଆଜିର ଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
–:ଶୋକସନ୍ତପ୍ତ ପରିବାର:–
ପତ୍ନୀ– ପ୍ରତିମା, ମାଆ– ରାଧାରାଣୀ, ଝିଅ– ଗୁଡୁଲୀ ଓ ଲୁଡୁଲୀ, ଭାଇ, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ ଓ ଆତ୍ମୀୟସ୍ୱଜନ ।
ଧ–୨୦୬୮୬

ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ



✓ ଗୌରିମଣି ଦେଇ
ମାର୍କଣ୍ଡେଶ୍ୱର ସାହି, ମିଶ୍ରସାହି ଲେନ୍, ଡିଗିରିଆ ସାହି, ପୁରୀ
ଆବିର୍ଭାବ : ୦୧.୦୫.୧୯୫୩
ତିରୋଧାନ : ୨୨.୦୫.୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ
ବନ୍ଧୁ ଓ ପରିବାର ବର୍ଗ

## ମାନସିକ ରୋଗ କିଛି କଥା

- ଜଣେ ବ୍ୟକ୍ତି ମାନସିକ ରୋଗରେ ଆକ୍ରାନ୍ତ ହେଲେ ତାଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ପୁଣି ଦିନକୁ ଦିନ ଏଥିରେ ଭିନ୍ନତା ଦେଖିବାକୁ ମିଳେ।
- ଏହି ରୋଗୀ ସବୁବେଳେ ନିଜେ ସୃଷ୍ଟି କରିଥିବା ଦୁନିଆରେ ଘୂରିବୁଲେ। ଅନ୍ୟମାନଙ୍କ ବିଷୟରେ ସେ କିଛି ଜାଣିପାରି ନଥାଏ।
- ଏପରି ରୋଗୀ ଅଧିକାଂଶ ସମୟ ଏକୁଟିଆ ରହିବାକୁ ପସନ୍ଦ କରିଥାଆନ୍ତି।
- ମାନସିକ ରୋଗୀଙ୍କର ଏକାଗ୍ରତାରେ ତାରତମ୍ୟତା ଦେଖିବାକୁ ମିଳେ। ଏମାନଙ୍କର ମନ ଗୋଟିଏ ଜାଗାରେ ସ୍ଥିର ହୋଇ ରହି ନଥାଏ।



- ଏହି ରୋଗୀଙ୍କର ସ୍ମରଣଶକ୍ତି ଅଧିକ ପ୍ରଭାବିତ ହୋଇଥାଏ। ସେମାନେ କୌଣସି କଥାକୁ ମନେ ପକାଇ ପାରି ନ ଥାନ୍ତି। ତା'ସହ ସବୁ କଥାକୁ ସାଙ୍ଗେ ସାଙ୍ଗେ ଭୁଲି ଯାଆନ୍ତି।
- ଏମାନଙ୍କ ମନରେ ଭୟ ଓ ଆଶଙ୍କା ସବୁବେଳେ ଭରି ରହିଥାଏ।
- ଏମାନେ ଅନ୍ୟମାନଙ୍କ ସହ କଥା ହେବାକୁ ଡରି ଥାଆନ୍ତି। କେତେକ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଥାଆନ୍ତି।

# ଖାଦ୍ୟ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି





ନୀହାରିକା ଦାଶ

"କୋଭିଡ୍ ସମୟରେ ରୋଗ ପ୍ରତିରୋଧକ ଶକ୍ତି ଆମକୁ ସୁରକ୍ଷା ଦିଏ। ଏହା ଗୋଟେ ଦିନରେ ବା ସପ୍ତାହରେ ସୃଷ୍ଟି ହୁଏ ନାହିଁ। ଉତ୍ତମ ଓ ସନ୍ତୁଳିତ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। କେଉଁ ଖାଦ୍ୟପେୟ ମାଧ୍ୟମରେ ଆମେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବା, ତାହା ସମସ୍ତେ ଜାଣିବା ଉଚିତ।"

ବର୍ତ୍ତମାନ କୋଭିଡ୍ ଦ୍ରୁତ ଗତିରେ ଲୋକଙ୍କୁ ସଂକ୍ରମିତ କରୁଛି। ଅନେକ ରୋଗୀ ଏବେ ସଙ୍ଗରୋଧରେ ଅଛନ୍ତି। ଯେଉଁମାନେ ସଂକ୍ରମିତ ହେଉଛନ୍ତି, କିନ୍ତୁ ସ୍ୱାଭାବିକ ଭାବେ ଖାଇବା-ପିଇବା କଲା ଭଳି ସ୍ଥିତିରେ ଅଛନ୍ତି, ସେମାନେ ନିଜ ଖାଦ୍ୟପେୟର ଯତ୍ନ ନେବା ଉଚିତ। ଅଧିକ ତେଲ-ମସଲାଯୁକ୍ତ ଖାଦ୍ୟ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦୁଇ ଘଣ୍ଟା ବ୍ୟବଧାନରେ ଓଆରଏସ ପାଣି ପିଇ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ଉଚିତ। ଏହାଦ୍ୱାରା ଦୁର୍ବଳ ଲାଗିବନି । କାରଣ ଆମ ଶରୀରରେ ସବୁବେଳେ ଜଳୀୟ ଅଂଶ ସନ୍ତୁଳିତ ହୋଇ ରହିବା ନିହାତି ଦରକାର ଏବଂ ଏଥିପ୍ରତି ଆମେ ସତର୍କ ରହିବା ଆବଶ୍ୟକ। ଏହି ସମୟରେ ଅଧିକ ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ। ମନରେ କୌଣସି ଆଶଙ୍କା ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା' ସହ ନିଜ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ଏହା ଦୃଢ଼ ରହିଲେ ଆମେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖିପାରିବା। ବିଶେଷଭାବରେ କୋଭିଡ୍ ସମୟରେ ରୋଗ ପ୍ରତିରୋଧକ ଶକ୍ତି ଆମକୁ ସୁରକ୍ଷା ଦିଏ। ଗୋଟିଏ କଥା ଜାଣିବା ନିହାତି ଦରକାର। ତାହା ହେଲା, ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଗୋଟେ ଦିନରେ ବା ସପ୍ତାହରେ ସୃଷ୍ଟି ହୁଏ ନାହିଁ। ଉତ୍ତମ ଓ ସନ୍ତୁଳିତ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତେଣୁ କେଉଁ ଖାଦ୍ୟପେୟ ମାଧ୍ୟମରେ ଆମେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବା ତାହା ସମସ୍ତେ ଜାଣିବା ନିହାତି ଦରକାର। କୋଭିଡ୍ ବିପକ୍ଷରେ ମୂଳ ପ୍ରତିରୋଧକ ଶକ୍ତି ଭିଟାମିନ୍ 'ସି', 'ଡି' ଏବଂ 'ଇ' ରୁ ମିଳିଥାଏ। କ୍ୟାପସିକମ୍ (ସିମଲା ମିର୍ଚ୍ଚି), ସଜନା ଶାଗ, କୋଶଳା ଶାଗ, କଞ୍ଚା ଲଙ୍କା, କମଳା, ଅଁଳା, ପିଜୁଳି, ଲେମ୍ବୁ ଆଦି ଫଳରେ ଭିଟାମିନ୍ 'ସି' ପ୍ରଚୁର ପରିମାଣରେ ଭରିରହିଛି। ଭିଟାମିନ୍ 'ଡି' ସୂର୍ଯ୍ୟକିରଣ, କ୍ଷୀର ଜାତୀୟ ଖାଦ୍ୟ, ଇଲିଶି ଆଦି ସାମୁଦ୍ରିକ ମାଛରୁ ମିଳୁଥିବା ତେଲ ପଦାର୍ଥରୁ ମିଳିଥାଏ। ଭିଟାମିନ୍ 'ଇ' ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି, କଖାରୁ ଆଦିରୁ ମିଳିଥାଏ। ବର୍ତ୍ତମାନ ଏହିସବୁ ଖାଦ୍ୟକୁ ଆମ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର। ତା'ସହ ସକାଳୁ ଉଠିଲା ପରେ ଆମେ ଗୋଟିଏ ଗ୍ଲାସ୍ ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇ ପାରିବା। ଏହିସବୁ ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାନ୍ତି। ହଳଦୀ, ଲବଙ୍ଗ, ଗୁଜୁରାତି ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାନ୍ତି । ସନ୍ତୁଳିତ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା, ମାନସିକ ଦୁଶ୍ଚିନ୍ତାରୁ ନିଜକୁ ମୁକ୍ତ ରଖିବା ହିଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ମୂଳମନ୍ତ୍ର। ଏହାହିଁ ଆମକୁ କୋଭିଡ୍ ଭଳି ଭୂତାଣୁଠାରୁ ସୁରକ୍ଷା ଦେବ। ତା'ସହ ବର୍ତ୍ତମାନ ଆମେ କୋଭିଡ୍ ଗାଇଡ୍ ଲାଇନ୍ ମାନିବା। ବାହାରକୁ ଗଲେ ମାସ୍କ ପିନ୍ଧିବା, ନିୟମିତ ସମୟ ଅନ୍ତରାଳରେ ହାତକୁ ସାନିଟାଇଜ କରିବା, ନିଜର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ଦୃଷ୍ଟି ଦେବା ଏବଂ ସାମାଜିକ ଦୂରତ୍ୱ (ସୋସିଆଲ ଡିଷ୍ଟାନ୍ସ) ପାଳନ କରିବା। ଏସବୁ ଦ୍ୱାରା ଆମେ କରୋନାଠାରୁ ନିଜକୁ ସୁରକ୍ଷିତ ରଖିପାରିବା।





-ଖାଦ୍ୟ ବିଶେଷଜ୍ଞ,
ଭୁବନେଶ୍ୱର
ମୋ : ୭୮୧୫୦୭୨୩୪୭

## ନର୍ମାନ ହାୱର୍ଥ

ବିଶିଷ୍ଟ ବୈଜ୍ଞାନିକ



ଇଂଲଣ୍ଡର ବିଶିଷ୍ଟ ରସାୟନ ବିଜ୍ଞାନୀ ସାର୍ ୱାଲଟର ନର୍ମାନ ହାୱର୍ଥ। ପରବର୍ତ୍ତୀ ସମୟରେ ସେ ନର୍ମାନ ହାୱର୍ଥ ନାମରେ ପରିଚିତ ହୋଇଥିଲେ। ରସାୟନ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୩୪ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଭିଟାମିନ୍ 'ସି' ଏବଂ କାର୍ବୋହାଇଡ୍ରେଡସ ପାଇଁ ସେ ଉଦ୍ଭାବନ କରିଥିବା ନୂଆ ତଥ୍ୟ ଲାଗି ତାଙ୍କୁ ଏହି ପୁରସ୍କାର ମିଳିଥିଲା। ଇଂଲଣ୍ଡର ଲାସେସାୟାରସ୍ଥିତ ଚୋର୍ଲେ ସହରରେ ସେ ୧୮୮୩ ମାର୍ଚ୍ଚ ୯ରେ ଜନ୍ମଗ୍ରହଣ କରିଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ରସାୟନ ବିଜ୍ଞାନ ପ୍ରତି ଆକର୍ଷିତ ହୋଇଥିଲେ। ୟୁନିଭର୍ସିଟି ଅଫ ମାଞ୍ଚେଷ୍ଟରରେ ପଢ଼ିବା ସମୟରେ ସେ ରସାୟନ ବିଜ୍ଞାନର ବିଭିନ୍ନ ବିଷୟରେ ଗବେଷଣା କରି ଚର୍ଚ୍ଚିତ ହୋଇଥିଲେ। ପାଠପଢ଼ା ଶେଷ ହେବା ପରେ ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରି ଛାତ୍ରୀଛାତ୍ରଙ୍କ ପ୍ରିୟପାତ୍ର ହେବାରେ ସକ୍ଷମ ହୋଇଥିଲେ। ୧୯୩୩ରେ ସେ ବିଶିଷ୍ଟ ରସାୟନବିତ୍ ଏଡ୍‌ମଣ୍ଡ ହିରସାଟ୍‌ଙ୍କ ସହ ମିଶି ରସାୟନ ବିଜ୍ଞାନରେ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆଣିଥିଲେ। ୧୯୫୦ ମାର୍ଚ୍ଚ ୧୯ରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ଉପକାରୀ ଅଙ୍ଗୁର

ଅଙ୍ଗୁର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଭିଟାମିନ୍ 'କେ', 'ଏ', 'ସି' ଏବଂ 'ବି-୬' ଭରି ରହିଛି। ଏହାବ୍ୟତୀତ ଏଥିରେ ମିନେରାଲ, ପୋଟାସିୟମ, କ୍ୟାଲସିୟମ, ସୋଡିୟମ, ସହାୟକ ହୋଇଥାଏ। ବେଳେବେଳେ ଆମେ ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏହାକୁ ଦୂର କରିବାରେ ଅଙ୍ଗୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ଦାନ୍ତକୁ ଦୃଢ଼ କରିବା ସହ ଦାନ୍ତଜନିତ



ମ୍ୟାଗ୍ନେସିୟମ, ଫସ୍‌ଫରସ ଆଦି ମଧ୍ୟ ରହିଛି। ଆଜ୍‌ମା ରୋଗୀଙ୍କ ପାଇଁ ଅଙ୍ଗୁର ବେଶ୍ ଉପକାରୀ। ଅନ୍ୟପକ୍ଷରେ ନିୟମିତ ଅଙ୍ଗୁର ଖାଇଲେ ହୃଦ୍‌ରୋଗ ଆଶଙ୍କା କେତେକାଂଶରେ ଦୂର କରିଥାଏ। ଯଦି ଆପଣଙ୍କର ମାଇଗ୍ରେନ୍ ସମସ୍ୟା ରହିଛି, ତେବେ ଅଙ୍ଗୁର ଜୁସ୍ (ପାଣି ନ ମିଶାଇ) ପିଇପାରନ୍ତି। ଏହାମଧ୍ୟ କୋଷ୍ଠକାଠିନ୍ୟ ଦୂର କରିବାରେ ସମସ୍ୟା ଦୂର କରେ। ଆମ ଶରୀରରେ ୟୁରିକ ଏସିଡ ପରି ତତ୍ତ୍ୱକୁ ନଷ୍ଟ କରିବାରେ ଏହା ସହାୟକ ହେବା ସହ କିଡ୍‌ନୀର କାର୍ଯ୍ୟଦକ୍ଷତାକୁ ଆହୁରି ଦୃଢ଼ କରିଥାଏ। ଅଙ୍ଗୁରରେ ପିଟ୍ରୋଷ୍ଟିଲବେନ୍ ନାମକ ଉପକାରୀ ତତ୍ତ୍ୱ ରହିଛି, ଯାହା ରକ୍ତରେ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ। ଖାସ୍ କଥା ହେଲା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ କରିଥାଏ ଅଙ୍ଗୁର।

# ମଙ୍ଗଳରେ ଅମ୍ଳଜାନ ଉତ୍ପାଦନ

"ମନୁଷ୍ୟ ରହିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ। ଅବଶ୍ୟ ମହାକାଶଚାରୀମାନଙ୍କୁ ପୃଥିବୀରୁ ଅମ୍ଳଜାନ ସାଥିରେ ନେଇ ଯିବାକୁ ହେବ। କିନ୍ତୁ ସେଠାରେ ସ୍ଥାୟୀ ଭାବରେ ରହିବାକୁ ହେଲେ ପୃଥିବୀରୁ ଅମ୍ଳଜାନ ପଠାଇବା ସମ୍ଭବ ହେବ ନାହିଁ। ଏଣୁ ସେଠାରେ ହିଁ ଅମ୍ଳଜାନ ପ୍ରସ୍ତୁତ କରିବାକୁ ପଡ଼ିବ।"







ଇଂ. ମାୟାଧର ସ୍ୱାଇଁ

ମଙ୍ଗଳ ହେଉଛି ଆମର ପଡ଼ୋଶୀ ଗ୍ରହ। ଏହା ଅନେକାଂଶରେ ପୃଥିବୀ ସହ ସମାନ। ପୃଥିବୀ ଭଳି ଏହା ୨୪ ଘଣ୍ଟାରେ ଥରେ ନିଜ କକ୍ଷ ଚାରିପଟେ ଘୂରିଥାଏ ଏବଂ ଏଥିଯୋଗୁ ଏଠାରେ ପୃଥିବୀ ଭଳି ପ୍ରାୟ ପ୍ରତି ୧୨ ଘଣ୍ଟାରେ ଦିନ ରାତିରେ ପରିବର୍ତ୍ତନ ହୋଇଥାଏ। ପୃଥିବୀ ଭଳି ମଙ୍ଗଳର ବାୟୁମଣ୍ଡଳ ଅଛି; କିନ୍ତୁ ସେଥିରେ ଜୀବନଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ ନାହିଁ। ମଙ୍ଗଳର ବାୟୁମଣ୍ଡଳରେ ୯୫ ପ୍ରତିଶତ ହେଉଛି ଅଙ୍ଗାରକାମ୍ଳ ଓ ଅବଶିଷ୍ଟ ପାଞ୍ଚ ପ୍ରତିଶତ ଯବକ୍ଷାରଜାନ ଓ ଆରଗନ ଗ୍ୟାସ। ଜୀବନ ତିଷ୍ଠିବା ପାଇଁ ଅନ୍ୟ ଏକ ଆବଶ୍ୟକ ଉପାଦାନ ଜଳ ମଧ୍ୟ ଏଠାରେ ନାହିଁ। ମାତ୍ର ମଙ୍ଗଳ ପୃଷ୍ଠରେ ଅନେକ ଶୁଖିଲା ନଈ ଓ ଧୂସର ଉପତ୍ୟକା ଦେଖିଲେ ମନେହୁଏ, ବହୁ ପୂର୍ବରୁ ଏଠାରେ ଜଳ ଥିଲା ଏବଂ କୌଣସି କାରଣରୁ ଏହା ବାଷ୍ପୀଭୂତ ହୋଇଯାଇଛି।

ଏଥିରୁ ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ବହୁ ପୂର୍ବରୁ ମଙ୍ଗଳରେ ଜୀବଜଗତ ଥିଲା ଏବଂ ଜଳଗୁଡ଼ିକ ବାଷ୍ପୀଭୂତ ହୋଇଯିବାରୁ ଏହା ଜୀବଶୂନ୍ୟ ଗ୍ରହରେ ପରିଣତ ହୋଇଛି। ପୂର୍ବରୁ ସେଠାରେ ଜୀବଜଗତ ଥିଲା ନା ନାହିଁ, ତାହାର ଅନୁସନ୍ଧାନ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଗତବର୍ଷ ଜୁଲାଇ ୩୦ ତାରିଖରେ ମଙ୍ଗଳ ଅଭିମୁଖେ ଗୋଟିଏ ମହାକାଶ ଯାନ ପଠାଇଥିଲା। ଏହା ସାଥିରେ ଥିବା ପର୍ସିଭିୟରେନ୍ସ ରୋଭର ଏହି ବର୍ଷ ଫେବୃୟାରୀ ୧୮ ତାରିଖରେ ମଙ୍ଗଳ ପୃଷ୍ଠରେ ଅବତରଣ କରିଛି। ବିଭିନ୍ନ ପରୀକ୍ଷା କରିବା ପାଇଁ ଏଥିରେ ୭ଟି ଯନ୍ତ୍ର, ୧୯ଟି କ୍ୟାମେରା ଓ ଦୁଇଟି ମାଇକ୍ରୋଫୋନ ଖଞ୍ଜାଯାଇଛି। ପୂର୍ବରୁ ମଙ୍ଗଳରେ ଜୀବଜଗତ ଥିଲା ନା ନାହିଁ ଏହା ପରୀକ୍ଷା କରିବ ଏବଂ ବିଭିନ୍ନ ସ୍ଥାନରୁ ମୃତ୍ତିକା ଓ ପଥର ସଂଗ୍ରହ କରିବ। ଏହା ସାଥିରେ ମଧ୍ୟ ଗୋଟିଏ ଛୋଟ ହେଲିକପ୍ଟର ଯାଇଛି, ଯାହା ଏହି ବର୍ଷ ଏପ୍ରିଲ ୧୯ ତାରିଖରେ ତାହାର ପ୍ରଥମ ଉଡ଼ାଣ କରିଛି। ପୃଥିବୀ ବାହାରେ କୌଣସି ଗ୍ରହରେ ହେଲିକପ୍ଟର ଉଡ଼ିବାରେ ଏହା ହେଉଛି ପ୍ରଥମ। ୧୨୦ ସେ.ମି. ବ୍ୟାସ ଓ ୧.୮ କି.ଗ୍ରା ଓଜନର ଏହି ହେଲିକପ୍ଟର ହେଉଛି ଗୋଟିଏ ପରୀକ୍ଷାମୂଳକ ବିମାନ। ଏହାର ସଫଳତା ପରେ ଭବିଷ୍ୟତର ମଙ୍ଗଳ ଅଭିଯାନରେ ଏହାଠାରୁ ଶକ୍ତିଶାଳୀ ଓ ବଡ଼ ହେଲିକପ୍ଟର ପଠାଯିବାର ଯୋଜନା ଅଛି। ମଙ୍ଗଳର ପୃଷ୍ଠରେ ପାହାଡ଼, ପର୍ବତ, ଖାଲ, ଗର୍ତ୍ତ ଆଦି ଅଛି। ଏଣୁ ଯେଉଁସବୁ ଅଞ୍ଚଳକୁ ରୋଭର ଯାଇ ପାରିବ ନାହିଁ, ସେଠାକୁ ହେଲିକପ୍ଟର ପଠାଇ ତଥ୍ୟ ସଂଗ୍ରହ କରିବା ହେଉଛି ଲକ୍ଷ୍ୟ। ଯୁକ୍ତରାଷ୍ଟ୍ର ଆମେରିକା ୨୦୩୩ ମସିହା ସୁଦ୍ଧା ମଙ୍ଗଳ ଗ୍ରହକୁ ମହାକାଶ ଯାତ୍ରୀ ପଠାଇବାର ଯୋଜନା କରିଛି। ଆମେରିକାର ଗୋଟିଏ ଘରୋଇ କମ୍ପାନୀ 'ସ୍ପେସଏକ୍ସ' ମଙ୍ଗଳରେ ବସତି ସ୍ଥାପନ କରି ସେଠାରେ ସ୍ଥାୟୀ ଭାବରେ ଲୋକମାନଙ୍କୁ ରଖିବାର ଯୋଜନା ମଧ୍ୟ କରିଛି। ସେଥିପାଇଁ ଏହା ପୂର୍ବରୁ ମହାକାଶ ଯାନ ଓ ରୋଭର ପଠାଯାଇ ବିଭିନ୍ନ ପରୀକ୍ଷା କରାଯାଉଛି। ମନୁଷ୍ୟ ରହିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ। ଅବଶ୍ୟ ମହାକାଶଚାରୀ ମାନଙ୍କୁ ପୃଥିବୀରୁ ଅମ୍ଳଜାନ ସାଥିରେ ନେଇ ଯିବାକୁ ହେବ। କିନ୍ତୁ ସେଠାରେ ସ୍ଥାୟୀ ଭାବରେ ରହିବାକୁ ହେଲେ ପୃଥିବୀରୁ ଅମ୍ଳଜାନ ପଠାଇବା ସମ୍ଭବ ହେବ ନାହିଁ। ଏଣୁ ସେଠାରେ ହିଁ ଅମ୍ଳଜାନ ପ୍ରସ୍ତୁତ କରିବାକୁ ପଡ଼ିବ।

ନାସା ମଙ୍ଗଳକୁ ପଠାଇଥିବା ପର୍ସିଭିୟରେନ୍ସ ରୋଭରରେ ମାକ୍ସି ନାମକ ଗୋଟିଏ ଅମ୍ଳଜାନ ଉତ୍ପାଦନକାରୀ ଯନ୍ତ୍ର ଅଛି। ଏହା ପରୀକ୍ଷାମୂଳକ ଭାବେ ଏପ୍ରିଲ ୨୧ ତାରିଖରେ ମଙ୍ଗଳ ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳରୁ ଅମ୍ଳଜାନ ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ, ଗୋଟିଏ କାର୍ବନ ପରମାଣୁ ଓ ଦୁଇଟି ଅମ୍ଳଜାନ ପରମାଣୁକୁ ନେଇ ଅଙ୍ଗାରକାମ୍ଳ ଅଣୁ ଗଠିତ। ମାକ୍ସି ଯନ୍ତ୍ରରେ ଅଙ୍ଗାରକାମ୍ଳକୁ ଉତ୍ତପ୍ତ କରି ଅମ୍ଳଜାନ ପରମାଣୁ ଓ କାର୍ବନ ମନୋକ୍ସାଇଡ ଅଣୁରେ ପରିଣତ କରାଯାଏ। ଏହାପରେ ଗୋଟିଏ ଉତ୍ତପ୍ତ ଚାର୍ଜିତ ସିରାମିକ ପାତ୍ରରେ ଅମ୍ଳଜାନ ପରମାଣୁ ଅଲଗା ହୁଏ ଏବଂ ଶେଷରେ ଦୁଇଟି ଅମ୍ଳଜାନ ପରମାଣୁ ମିଶି ଗୋଟିଏ ଅମ୍ଳଜାନ ଅଣୁ ସୃଷ୍ଟି ହୁଏ। ଏଥିପାଇଁ ଅଙ୍ଗାରକାମ୍ଳକୁ ୮୦୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ଉତ୍ତପ୍ତ କରିବାକୁ ପଡ଼ିଥାଏ। ଏଣୁ ଏହି ଉଚ୍ଚ ତାପମାତ୍ରାକୁ ସହ୍ୟ କରିପାରିବା ଭଳି ନିକେଲ ମିଶ୍ରଧାତୁରୁ ମାକ୍ସି ଯନ୍ତ୍ର ନିର୍ମିତ ହୋଇଛି। ଏଥିରୁ ତାପ ବାହାରି ଯାଇ ରୋଭରର କ୍ଷତି ନ ପହଞ୍ଚାଇବା ପାଇଁ ଏହାକୁ ଗୋଟିଏ ପତଳା ସୁନା ଆବରଣରେ ଆଚ୍ଛାଦିତ କରାଯାଇଛି।

ପ୍ରଥମ ପରୀକ୍ଷାରେ ମାକ୍ସି ୫.୪ ଗ୍ରାମ ଅମ୍ଳଜାନ ପ୍ରସ୍ତୁତ କରିଛି। ଏଥିରେ ଜଣେ ମହାକାଶଚାରୀ ୧୦ ମିନିଟ୍ ଶ୍ୱାସକ୍ରିୟା ନେଇପାରିବ। ଯଦିଓ ଏହି ପରିମାଣ ଯଥେଷ୍ଟ ନୁହେଁ, ଗବେଷଣା ଦୃଷ୍ଟିରୁ ଏହା ହେଉଛି ଗୋଟିଏ ବଡ଼ ସଫଳତା। ମାକ୍ସିର ପ୍ରତି ଘଣ୍ଟାରେ ୧୨ ଗ୍ରାମ ଅମ୍ଳଜାନ ପ୍ରସ୍ତୁତ କରିବାର କ୍ଷମତା ଅଛି। ଗୋଟିଏ ବଡ଼ ଗଛର ଅମ୍ଳଜାନ ନିର୍ଗତ ସହ ଏହା ସମାନ।

ମାକ୍ସିର ଏହି ସଫଳତା ପରେ ଭବିଷ୍ୟତ ଅଭିଯାନରେ ଏହାଠାରୁ ବଡ଼ ଯନ୍ତ୍ର ପଠାଇ ଅଧିକ ଅମ୍ଳଜାନ ଉତ୍ପାଦନ ପାଇଁ ଯୋଜନା ଅଛି। ଏହାକୁ ଡିଜାଇନ କରିଥିବା ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଇଞ୍ଜିନିୟର ମାଇକେଲ ହେକଟ ପ୍ରକାଶ କରିଛନ୍ତି ଯେ, ୨୫ ଟନ ଓଜନର ଏହିଭଳି ଏକ ଯନ୍ତ୍ର ୨୫ ଟନ ଅମ୍ଳଜାନ ପ୍ରସ୍ତୁତ କରିପାରିବ, ଯାହା ମଙ୍ଗଳ ପୃଷ୍ଠରୁ ଗୋଟିଏ ରକେଟ ଉତ୍‌କ୍ଷେପଣ ପାଇଁ ଆବଶ୍ୟକ ଇନ୍ଧନ ହୋଇପାରିବ। ମହାକାଶଚାରୀମାନେ ମଙ୍ଗଳ ପୃଷ୍ଠରେ ଅବତରଣ ପରେ ସେଠାରୁ ପ୍ରତ୍ୟାବର୍ତ୍ତନ ସମୟରେ ସେଠାରେ ଉତ୍ପାଦିତ ଅମ୍ଳଜାନ ବ୍ୟବହାର କରିପାରିବେ। ଫଳରେ ମହାକାଶଯାନର ଓଜନ, ଇନ୍ଧନ ଓ ଖର୍ଚ୍ଚ ହ୍ରାସ ହୋଇପାରିବ। ଉଲ୍ଲେଖନୀୟ, ପୃଥିବୀଠାରୁ ମଙ୍ଗଳର ହାରାହାରି ଦୂରତା ହେଉଛି ୨୯.୨୭ କୋଟି କି.ମି. ଏବଂ ପୃଥିବୀରୁ ମଙ୍ଗଳକୁ ଯିବା ପାଇଁ ଯାନକୁ ସାତରୁ ନଅ ମାସ ଲାଗିଥାଏ।

ମନୁଷ୍ୟ ମଙ୍ଗଳ ଗ୍ରହକୁ ଯାଇପାରିଲେ ଏହାର ଅନେକ ବର୍ଷର ସ୍ୱପ୍ନ ପୂରଣ ହେବ। ବିଜ୍ଞାନ ଆଜି ଏହି ଅସାଧ୍ୟକୁ ସାଧନ କରିବାକୁ ଯାଉଛି। ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ମଧ୍ୟ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସୁବିଧାରେ ପରିଣତ କରିପାରୁଛି।

-୭୦, ଲକ୍ଷ୍ମୀବିହାର ଫେଜ୍ ୧
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮୦୯୩୭୨୪

## ସ୍ୱାସ୍ଥ୍ୟ ସୂଚନା

- ଏବେ ଖରାଦିନ। ତା' ସହ କୋଭିଡ୍‌ର ଦ୍ୱିତୀୟ ଲହର ତାହାର କାୟା ବିସ୍ତାର କରିଛି। ତେଣୁ କୋଭିଡ୍ ନିୟମ ପାଳନ କରିବା ସହ ନିଜ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖନ୍ତୁ।
- ପ୍ରଦୂଷିତ ପରିବେଶରେ ଆଦୌ ବ୍ୟାୟାମ କରନ୍ତୁ ନାହିଁ। ସବୁବେଳେ ସବୁଜ ପରିବେଶ ଏବଂ ପାର୍କରେ ବ୍ୟାୟାମ କରନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣଙ୍କର ଯଦି କୌଣସି ଔଷଧ ଖାଇବା ଦ୍ୱାରା ଆଲର୍ଜି ହେଉଛି ତାହା ଜଣାଇବାକୁ ଭୁଲନ୍ତୁ ନାହିଁ।
- ଯଦି ଓଜନ ବୃଦ୍ଧି କମାଇବା ଲାଗି ବ୍ୟାୟାମ କରୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ କେତେ ରହିଛି ତାହା ମାପି ନିଅନ୍ତୁ।
- ରାତ୍ର ଭୋଜନରେ ଆଦୌ ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। ସବୁବେଳେ ରାତିରେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।
- ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରରେ ଭିଟାମିନ୍ 'ଡି' ପରିମାଣ ସନ୍ତୁଳିତ ରହିଥାଏ।



# ହାମିଲଟନ ଜିତିଲେ ସ୍ପାନିଶ୍ ଗ୍ରାଁ ପ୍ରି

**ମୋଣ୍ଟମେଲୋ (ସ୍ପେନ), ୯।୫**

ବ୍ରିଟେନର ମର୍ସିଡିଜ୍ ଡ୍ରାଇଭର ଲୁଇସ ହାମିଲଟନ ସ୍ପାନିଶ୍ ଗ୍ରାଁ ପ୍ରି ଫର୍ମୁଲାଓ୍ୱାନ ମୋଟରରେସିଂ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ରେସ୍‌ରେ ହାମିଲଟନ ପ୍ରତିଦ୍ୱନ୍ଦ୍ୱୀ ରେଡ୍ ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍‌ଙ୍କୁ ମାତ୍ର ୧୫.୮୪୧ ସେକେଣ୍ଡରେ ପଛରେ ପକାଇ ଦେଇଛନ୍ତି। ହାମିଲଟନଙ୍କ ଟିମ୍‌ମେଟ୍ ଭାଲଟେରି ବୋଟ୍ଟାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫଳରେ ଏହି ତିନି ପ୍ରତିଯୋଗୀ ଯଥାକ୍ରମେ ୨୫, ୧୯ ଓ ୧୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫେରାରୀର ଚାର୍ଲ୍ସ ଲେକ୍‌ଲେର୍କ, ରେଡ୍‌ବୁଲ୍‌ର ସର୍ଗିଓ ପେରେଜ, ମ୍ୟାକଲରେନର ଡାନିଏଲ ରିକାର୍ଡୋ, ଫେରାରୀର କାର୍ଲୋସ ସିଞ୍ଜ୍ ଜୁନିୟର, ମ୍ୟାକ୍‌ଲରେନର ଲାନ୍‌ଡୋ ନୋରିସ, ଆଲ୍‌ପାଇନ୍‌ର ଇଷ୍ଟୋବେନ୍ ଓକନ ଏବଂ ଆଲ୍‌ଫା ଟୋରୀର ପିଏରେ ଗାସ୍‌ଲେ ଟପ୍-୧୦ ଫିନିସ୍ କରିଛନ୍ତି। ଫଳରେ ଏହି ଡ୍ରାଇଭରମାନଙ୍କୁ ଯଥାକ୍ରମେ ୧୨, ୧୦, ୮, ୬, ୪, ୨ ଓ ୧ ପଏଣ୍ଟ ମିଳିଛି। ଏଠାରେ ବିଜୟ ଫଳରେ ହାମିଲଟନ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ମଧ୍ୟ ନିଜ ସ୍ଥାନକୁ ଅଧିକ ଦୃଢ଼ କରିଛନ୍ତି। ହାମିଲଟନଙ୍କ ପଏଣ୍ଟ ସଂଖ୍ୟା ୯୪ରେ ପହଞ୍ଚିଥିବାବେଳେ ଭର୍ଷ୍ଟାପେନ ୮୦ ପଏଣ୍ଟରେ ରହିଛନ୍ତି। ବୋଟ୍ଟାସ ୪୭ ଓ ନୋରିସ ୪୧ ପଏଣ୍ଟ ପାଇଛନ୍ତି। ସେହିପରି କନ୍‌ଷ୍ଟ୍ରକ୍ଟର୍ସ ଷ୍ଟାଣ୍ଡିଂରେ ମର୍ସିଡିଜ୍ ୩ ବିଜୟ ସହ ୧୪୧ ପଏଣ୍ଟ ପାଇ ଆଗରେ ରହିଛି। ୧ ବିଜୟ ହାସଲ କରିଥିବା ରେଡ୍‌ବୁଲ୍ ୧୧୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ମ୍ୟାକ୍‌ଲରେନ ୬୫ ଓ ଫେରାରୀ ୬୦ ପଏଣ୍ଟରେ ରହିଛି। ଶନିବାର କ୍ୟାରିୟରର ୧୦୦ତମ ପୋଲ୍ ପୋଜିଶନ ପାଇଥିବା ହାମିଲଟନ ଏଠାରେ ଚାମ୍ପିୟନ ହୋଇ ୯୮ତମ କ୍ୟାରିୟର ବିଜୟ ହାସଲ କରିଛନ୍ତି। ଏଥିସହ ସେ ୬ଷ୍ଠ ଥରପାଇଁ ସ୍ପାନିଶ୍ ଗ୍ରାଁ ପ୍ରି ଜିତି କିମ୍ବଦନ୍ତୀ ରେସର ମାଇକେଲ ସୁମାକରଙ୍କ ସମକକ୍ଷ ହୋଇଛନ୍ତି।



ସ୍ପାନିଶ୍ ଗ୍ରାଁ ପ୍ରି ଟ୍ରଫି ସହ ଲୁଇସ୍ ହାମିଲଟନ୍।



**ହରାରେ:** ବ୍ରେଣ୍ଡନ୍ ଟେଲରଙ୍କ ଉଇକେଟ ପତନରେ ଉଲ୍ଲସିତ ପାକିସ୍ତାନର ଖେଳାଳିମାନେ।

# ଇନିଂସ ପରାଜୟ ଦ୍ୱାରରେ ଜିମ୍ବାୱେ

**ହରାରେ, ୯।୫**

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଜିମ୍ବାୱେ ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ହାତରେ ଆଉ ଗୋଟିଏ ଉଇକେଟ ବାକି ରହିଥିବାବେଳେ ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ସ୍କୋରଠାରୁ ଜିମ୍ବାୱେ ଆହୁରି ୧୫୮ରନ ପଛରେ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୮ ଉଇକେଟରେ ୫୧୦ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଘରୋଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଶନିବାର ଖେଳ ଶେଷ ସୁଦ୍ଧା ୪ଉଇକେଟ ବିନିମୟରେ ୫୨ରନ କରିଥିଲା। ଦଳ ରବିବାର ୧୩୨ରନରେ ଅଲ୍‌ଆଉଟ ହୋଇଯିବାରୁ ଫଲୋଅନ ହୋଇଯାଇଥିଲା। ପରେ ଦଳ ଦ୍ୱିତୀୟ ଇନିଂସରେ ଅପେକ୍ଷାକୃତ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ୬୩ ରନରେ ୨ ଉଇକେଟ ହରାଇ ସାରିଥିଲା। ତେବେ ଯୁବ ଉଇକେଟକିପର ରେଗିସ୍ ଚକାଭା (୮୦ରନ) ଓ ଅଧିନାୟକ ବ୍ରେଣ୍ଡନ ଟେଲର (୪୯) ଦଳର ସ୍କୋରକୁ ୧୪୨/୩ ପର୍ଯ୍ୟନ୍ତ ନେଇ ଯାଇଥିଲେ। ଏହି ପାର୍ଟନରଶିପ୍ ଭାଙ୍ଗିବା ପରେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୯ ଉଇକେଟ ବିନିମୟରେ ୨୨୦ରନ କରିଛି। ଲ୍ୟୁକ୍ ଜଙ୍ଗୱେ ୩୧ ଓ ବ୍ଲେସିଂ ମୁଜାରାବାନି କୌଣସି ରନ ନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ପ୍ରଥମ ଇନିଂସ:** ୫୧୦/୮, ଘୋଷଣା

**ଜିମ୍ବାୱେ ପ୍ରଥମ ଇନିଂସ:** ୧୩୨ (ଚକାଭା-୩୩, ତିରିପାନୋ-୨୩; ହସନ ଅଲି-୫/୨୭, ସାଜିଦ ଖାଁ-୨/୩୯)।

**ଜିମ୍ବାୱେ ଦ୍ୱିତୀୟ ଇନିଂସ:** ୨୨୦/୯ (ରେଗିସ ଚକାଭା-୮୦, ବ୍ରେଣ୍ଡନ ଟେଲର-୪୯, ଲ୍ୟୁକ୍ ଜଙ୍ଗୱେ-୩୧*; ନୌମାନ ଅଲି-୫/୮୬, ସାହିନ ଆଫ୍ରିଦୀ-୪/୪୫)।

# ପିଏସ୍‌ଏଲ୍ ସ୍ଥଗିତ ମ୍ୟାଚ ୟୁଏଇରେ ହୋଇପାରେ

**କରାଚୀ, ୯।୫(ପି.ଟି.)**

ଆସନ୍ତା ମାସରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ର ଅବଶିଷ୍ଟ ମ୍ୟାଚଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କରିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥାବାର୍ତ୍ତା ଜାରି ରଖିଛି। ମ୍ୟାଚଗୁଡ଼ିକ ସମ୍ଭବତଃ ଦୁବାଇ ଓ ଆବୁଧାବିରେ ଖେଳାଯିବ। ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ କରୋନା ପଜିଟିଭ ଦେଖାଦେବା ପରେ ମାର୍ଚ୍ଚ ୪ରେ କରାଚୀରେ ପିଏସ୍‌ଏଲକୁ ସ୍ଥଗିତ ରଖାଯାଇଥିଲା। ଜଣେ ଅଫିସିଆଲଙ୍କ କହିବା ଅନୁସାରେ ପିସିବି ମ୍ୟାଚଗୁଡ଼ିକ ଜୁନ୍ ୧ରୁ କରାଚୀରେ ଆୟୋଜନ କରିବାକୁ ଚାହୁଁଥିଲା। ମାତ୍ର କୋଭିଡ୍ ସମ୍ବନ୍ଧୀୟ ବ୍ୟାପାର ଦାୟିତ୍ୱରେ ରହିଥିବା ନ୍ୟାଶନାଲ କମାଣ୍ଡ ଓ ଅପରେଶନ୍ସ ସେଣ୍ଟର (ଏନ୍‌ସିସି) ଏଥିପାଇଁ ଅନୁମତି ଦେଇ ନ ଥିଲା। ପିଏସ୍‌ଏଲ ଆୟୋଜନ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଲାଗି ପରାମର୍ଶ ଦେଇଥିଲା। କାରଣ ଇଦ୍ ଛୁଟି ପରେ ଜୁନ୍‌ରେ ଦେଶରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ଆଗକୁ ଚଳିତବର୍ଷ ଶେଷ ଭାଗରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଭଳି ଦଳ ପାକିସ୍ତାନ ଟୁର୍‌ରେ ଆସିବାର କାର୍ଯ୍ୟକ୍ରମ ରହିଛି।

# ମ୍ୟାଚ ପିଛା ଦେୟ ଦେବେ ବିଜ୍ଞାପନଦାତା

**ନୂଆଦିଲ୍ଲୀ, ୯।୫(ପି.ଟି.)**

କରୋନା ଯୋଗୁ ଲୋକପ୍ରିୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣଙ୍କୁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ତେଣୁ ମ୍ୟାଚର ସିଧାପ୍ରସାରଣ ସମୟରେ ଯେଉଁମାନେ ଏୟାରଟାଇମ୍ କ୍ରୟ କରିଛନ୍ତି ସେମାନଙ୍କୁ ଖେଳାଯାଇଥିବା ମ୍ୟାଚ ପିଛା ସେମାନଙ୍କ ଦେୟ ଦାଖଲ କରିବାକୁ ହେବ ବୋଲି ଷ୍ଟାର ସ୍ପୋର୍ଟ୍ସ ଏହାର ବିଜ୍ଞାପନଦାତାମାନଙ୍କୁ କହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯଦି ପୁନର୍ବାର ଟୁର୍ନାମେଣ୍ଟ ଆୟୋଜନ କରେ ତେବେ ହୁଏତ ଚୁକ୍ତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଇପାରେ। ଷ୍ଟାର ସ୍ପୋର୍ଟ୍ସ ୧୬,୩୪୮ କୋଟି ଟଙ୍କା ବିନିମୟରେ ୨୦୧୮-୨୦୨୨ ବର୍ଷ ପାଇଁ ଆଇପିଏଲ୍‌ର ଡିଜିଟାଲ ସ୍ୱତ୍ୱାଧିକାର ହାସଲ କରିଛି। ଏହି ବ୍ରଡ୍‌କାଷ୍ଟ ସଂସ୍ଥା ୬୦ ମ୍ୟାଚ ବିଶିଷ୍ଟ ସିଜନରେ ଗେମ୍ ପିଛା ୫୪.୫ ଦେବାକୁ ରାଜି ହୋଇଛି। ମହାମାରୀ ଯୋଗୁ ଚଳିତବର୍ଷ ଆଇପିଏଲ୍ ସ୍ଥଗିତ ରଖାଯିବା ବେଳକୁ ୨୯ଟି ଗେମ୍ ଖେଳାଯାଇ ସାରିଥିଲା। ଷ୍ଟାର ସ୍ପୋର୍ଟ୍ସ ଏହି ସିଜନ ପାଇଁ ମ୍ୟାଚ ବେଳେ ବିଜ୍ଞାପନଦାତାଙ୍କ ଲାଗି ସ୍ଲଟ ବିକ୍ରି କରିଥିଲା।

# ଇଂଲଣ୍ଡରେ ଭାରତ ୩-୨ରେ ସିରିଜ ଜିତିବ

**ନୂଆଦିଲ୍ଲୀ, ୯।୫**

ଭାରତୀୟ କ୍ରିକେଟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏବଂ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଜୁନ୍ ୨ ତାରିଖରେ ୟୁକେ ଗସ୍ତ କରିବ। ଏହି ସିରିଜରେ ଟିମ୍ ଇଣ୍ଡିଆ ୩-୨ରେ ସିରିଜ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ। ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ଶେଷଥର ପାଇଁ ୨୦୦୭ରେ ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତିଥିଲା। ଅଗଷ୍ଟ-ସେପ୍ଟେମ୍ବରରେ ହେବାକୁଥିବା ଏହି ସିରିଜ ସଂଘର୍ଷପୂର୍ଣ୍ଣ ହେବ ଏବଂ ଏହାକୁ ଦେଖିବା ପାଇଁ ଉତ୍କଣ୍ଠା ରହିବ ବୋଲି ସେ ପ୍ରକାଶ କରିଛନ୍ତି।

"ଇଂଲଣ୍ଡର ବୋଲିଂ ଶକ୍ତିକୁ ନେଇ ପ୍ରଶ୍ନ କରାଯାଇପାରିବ ନାହିଁ। ଏହି ଦଳର ସିମ୍ ବୋଲିଂ ଆକ୍ରମଣ ବେଶ୍ ଶାଣିତ। ଏଭଳି କେତେଜଣ ଖେଳାଳି ଅଛନ୍ତି ଯେଉଁମାନଙ୍କୁ ସୁଯୋଗ ମିଳିଲେ ସିରିଜ ରୋମାଞ୍ଚକ ହେବ। ଏହାସତ୍ତ୍ୱେ ଭାରତ ପାଇଁ ସୁଯୋଗ ରହିବ ବୋଲି ମୋର ଅନୁଭବ ହେଉଛି। କାରଣ ଇଂଲଣ୍ଡର ଟପ୍-୬ କିମ୍ବା ସେଭେନ ଲାଇନ୍‌ଅପ୍‌କୁ ଦେଖିଲେ ମାତ୍ର ଜଣେ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ଦେଖିବାକୁ ମିଳିବେ। ସେ ହେଲେ ଜୋ ରୁଟ୍। ଆଉଜଣେ ହେଲେ ବେନ୍ ଷ୍ଟୋକ୍ସ, ସେ ଜଣେ କ୍ୱାଲିଟି ଅଲରାଉଣ୍ଡର। ମାତ୍ର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ବିପକ୍ଷରେ ଭଲ କରିବେ ବୋଲି ଆଶା କରାଯାଉଛି। ଭାରତରେ ଷ୍ଟୋକ୍ସ ଯଦିଓ ଅଶ୍ୱିନଙ୍କୁ ଖେଳିବାରେ ଅସୁବିଧା ଅନୁଭବ କରି ନ ଥିଲେ ତେବେ ଆଗାମୀ ସିରିଜରେ ଉତ୍କଣ୍ଠା ରହିବ। ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ପରେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। କେତେକ ଭାରତୀୟ ଖେଳାଳି ପୂର୍ବରୁ ଇଂଲଣ୍ଡ ଗସ୍ତ କରି ସାରିଛନ୍ତି। ତେଣୁ ଚଳିତ ଥର ବ୍ୟାଟିଂ ଅର୍ଡର ଅଭିଜ୍ଞତାରେ ଭରପୂର ରହିବ। ତେଣୁ ଭାରତ ୩-୨ରେ ସିରିଜ ଜିତିବା ପରି ଅନୁଭବ ହେଉଛି" ବୋଲି ଏକ ୱେବିନାରରେ ଭାଗନେଇ ଦ୍ରାବିଡ କହିଛନ୍ତି।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଆରମ୍ଭ ମଧ୍ୟରେ ଏକମାସର ବ୍ୟବଧାନ ରହିବ। ଟେଷ୍ଟ ସିରିଜ ପୂର୍ବରୁ କୌଣସି ଦଳ ଏତେ ସମୟ ପାଇଥିବ ବୋଲି ମୁଁ ଅନୁଭବ କରୁନି। ତେଣୁ ଭାରତ ଭଲଭାବେ ପ୍ରସ୍ତୁତି ସହ ଟେଷ୍ଟ ସିରିଜକୁ ଓହ୍ଲାଇବାକୁ ସୁଯୋଗ ପାଇବ ବୋଲି ଦ୍ରାବିଡ କହିଛନ୍ତି। ଇଂଲଣ୍ଡରେ ରହଣି ମଧ୍ୟରେ ଭାରତୀୟ ଖେଳାଳିମାନେ ପରିବେଶ ସହିତ ଭଲଭାବେ ନିଜକୁ ଖାପଖୁଆଇ ପାରିବେ। ଇଂଲଣ୍ଡ ଗସ୍ତ କରିବା ପରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଜୁନ୍ ୧୮ରୁ ସାଉଥାମ୍ପଟନଠାରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବ। ଏହାପରେ ଅଗଷ୍ଟ ୪ରୁ ନଟିଂହାମରେ ପ୍ରଥମ ଟେଷ୍ଟରେ ଇଂଲଣ୍ଡକୁ ଭେଟିବ। ତେଣୁ ଅଭ୍ୟାସ ପାଇଁ ଦୀର୍ଘ ସମୟ ପାଉଥିବାରୁ ଏଥର ଇଂଲଣ୍ଡ ବିପକ୍ଷରେ ଭଲ କରିବ ବୋଲି ଦ୍ରାବିଡ ଆଶା କରୁଛନ୍ତି।



**ରାହୁଲ ଦ୍ରାବିଡ୍‌ଙ୍କ ପୂର୍ବାନୁମାନ**

# କରୋନା ଭୟ ଯୋଗୁ ମ୍ୟାଚ୍ ସ୍ଥଗିତ

**କୁଆଲାଲମ୍ପୁର, ୯।୫ (ପି.ଟି.)**

ରବିବାର ଭାରତୀୟ ଫୁଟ୍‌ବଲ ପାଇଁ ଏକ ଖରାପ ଦିବସ ଥିଲା। ବେଙ୍ଗାଲୁରୁ ଏଫ୍‌ସି କୋଭିଡ୍ ପ୍ରୋଟୋକଲ ଉଲ୍ଲଂଘନ କରିଥିବାରୁ ଇଗଲ୍ସ ଏଫ୍‌ସି ବିପକ୍ଷ ଏସିଆ କପ୍ ପ୍ଲେ-ଅଫ୍‌କୁ ସ୍ଥଗିତ ରଖାଯାଇଛି। ଦଳକୁ ତୁରନ୍ତ ମାଲେ ଛାଡ଼ିଚାଲିଯିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏଟିକେ ମୋହନ ବାଗାନ ଦଳରେ ଦୁଇ କରୋନା ସଂକ୍ରମିତ ଚିହ୍ନଟ ପରେ ଏହି ଟୁର୍ନାମେଣ୍ଟର ସମସ୍ତ ଗ୍ରୁପ୍ ଡି' ମ୍ୟାଚଗୁଡ଼ିକ ମଧ୍ୟ ସ୍ଥଗିତ ରଖାଯାଇଥିବା ରବିବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଘୋଷଣା କରିଛି। ଗ୍ରୁପ୍ ଡି'ରେ ଭାରତୀୟ କ୍ଲବ ଏଟିକେ ମୋହନବାଗାନ ସାମିଲ ରହିଥିଲା। ମାଳଦ୍ୱୀପର ମାଲେଠାରେ ଗ୍ରୁପ୍ ଡି ମ୍ୟାଚ୍‌ଗୁଡିକ ମେ' ୧୪ରୁ ୨୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା।

ଅବଶ୍ୟ ମ୍ୟାଚ୍‌ଗୁଡିକ ସ୍ଥଗିତ ରଖିବା ନିଷ୍ପତ୍ତି ନେଇ ଏଏଫ୍‌ସି ତରଫରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ତେବେ ଭାଗନେବାକୁ ଥିବା ଦଳଗୁଡିକୁ ଏଏଫ୍‌ସି ଘରକୁ ଫେରିଯିବାକୁ ନିର୍ଦ୍ଦେଶ ଦେଇଛି ଓ ମାଳଦୀପ ନ ଆସିବାକୁ କହିଛି। ସେହିପରି ମାଳଦୀପ ଆସି ନ ଥିବା କ୍ଲବ ଓ ତା'ର ଅଫିସିଆଲମାନଙ୍କ ସହ ଏଏଫ୍‌ସି ଯୋଗାଯୋଗ ରକ୍ଷା କରିଛି ଓ ସେମାନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛି। ଏଟିକେ ମୋହନବାଗାନକୁ ବାଦ୍ ଦେଲେ ଗ୍ରୁପ୍ ଡି'ରେ ସାମିଲ ଥିବା ଅନ୍ୟ ଦୁଇଟି କ୍ଲବ ହେଲେ ବାଂଲାଦେଶର ବସୁନ୍ଧରା କିଙ୍ଗ୍ସ ଏବଂ ମାଳଦୀପର ମାଜିୟା ସ୍ପୋର୍ଟ୍ସ ଓ ରିକ୍ରିଏଶନ ଅଫ୍ ମାଲଦିଭ୍ସ।

**ଏଏଫ୍‌ସିର ପ୍ରୋଟୋକଲ ଉଲ୍ଲଂଘନ, ଏଟିକେରେ ପଜିଟିଭ ଚିହ୍ନଟ**

ଗତ ମାର୍ଚ୍ଚରେ ମାଳଦୀପରେ ଗ୍ରୁପ୍ ଡି ମ୍ୟାଚ୍‌ଗୁଡିକ ଆୟୋଜନ ହେବା ନେଇ ମାଳଦ୍ୱୀପ ନିଷ୍ପତ୍ତି ନେଇଥିଲା। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗ୍ରୁପ ପାଇଁ ଗୋଟିଏ ଲେଖାଏ ଭେନ୍ୟୁର ବ୍ୟବସ୍ଥା କରାଯାଇଥିଲା। ଏବେ ଗ୍ରୁପ୍ ଡି ମ୍ୟାଚ୍‌ଗୁଡିକର କାର୍ଯ୍ୟସୂଚୀ ସ୍ଥିତି ଅନୁଧ୍ୟାନ କରି ପରେ ଘୋଷଣା କରାଯିବ ବୋଲି ଏଏଫ୍‌ସି ତରଫରୁ କୁହାଯାଇଛି। ମେ' ୧୪ରେ ଏଟିକେ ମୋହନ ବାଗାନ ତା'ର ଅଭିଯାନ ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା।

ମଙ୍ଗଳବାର ଖେଳାଯିବାକୁ ଥିବା ପ୍ଲେଅଫ୍‌ର ବିଜେତା ବିପକ୍ଷରେ ଏଟିକେଏମ୍‌ବି ମୁକାବିଲାରେ ଅବତୀର୍ଣ୍ଣ ହୋଇଥାନ୍ତା। ଏହି ପ୍ଲେ ଅଫ୍‌ରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ଅନ୍ୟ ଏକ ଦଳ ବେଙ୍ଗାଲୁରୁ ଏଫ୍‌ସି ଓ ମାଳଦ୍ୱୀପ କ୍ଲବ ଇଗଲ୍ସ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ଏଫ୍‌ସି ଖେଳାଳିମାନେ କୋଭିଡ୍-୧୯ ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି ବୋଲି ମାଳଦୀପ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ ମାହଲୁଫ ଅଭିଯୋଗ କରିଥିଲେ ଓ ଏ ନେଇ ଏଏଫ୍‌ସିକୁ ଅବଗତ କରାଇଥିଲେ। ବେଙ୍ଗାଲୁରୁ ଖେଳାଳିମାନେ ଯଥାଶୀଘ୍ର ଦେଶଛାଡି ଚାଲିଯିବାକୁ ଏଏଫ୍‌ସି ନିର୍ଦ୍ଦେଶ ଦେଉ ବୋଲି ସେ ଚିଠିରେ ଉଲ୍ଲେଖ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୦ ମେ, ୨୦୨୧

## ଷ୍ଟେଶନରୁ ଦେଶୀ, ବିଦେଶୀ ମଦ ଜବତ: ୩ ଗିରଫ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ରେଳବାଇ ପୋଲିସ ୪୨ବୋଟଲ ବିଦେଶୀ ମଦ, ୩୫୦ ମଦ ପାଉଚ ଓ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ୩ଜଣ ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ଶନିବାର ଅପରାହ୍ନରେ ବିଶାଖାପାଟଣା-ନିଜାମୁଦ୍ଦିନ କୋଭିଡ ସ୍ପେସିଆଲ ଟ୍ରେନ ଷ୍ଟେଶନରେ ପହଞ୍ଚି ଥିଲା। ଗାଡିରୁ ୩ଜଣ ବ୍ୟକ୍ତି ଉକ୍ତ ମଦକୁ ଏକ ଟ୍ରଲି ଲଦି ନେଉଥିଲେ। ଡ୍ୟୁଟିରେ ଥିବା ଆରପିଏଫ, ଜିଆରପି ସନ୍ଦେହରେ ସେମାନଙ୍କୁ ଯାଞ୍ଚ କରିବା ପରେ ମଦ ଜବତ ହୋଇଥିବା ଆରପିଏଫ ଆଇଆଇସି ଦୀପକ କୁମାର ସୂଚନା ଦେଇଛନ୍ତି।



**ସଂକ୍ଷେପରେ**

## ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

**ଭବାନୀପାଟଣା, ୯।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ସାନଖଇରମାଲ ଗାଁର ସୁଦାମ ଗଉଡ ଓରଫ ରାହୁଲ (୧୭) ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ସେହି ଗାଁର ଶିଶୁ ଗଉଡ (୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ସୂଚନା ଦେଇଛନ୍ତି। ହତ୍ୟା ପଛରେ ପରକିଆ ପ୍ରୀତି ଥିବା ପୋଲିସ ସନ୍ଦେହ କରୁଛି। ପୋଲିସର ସୂଚନାମତେ, ସୁଦାମ ଓ ଅଭିଯୁକ୍ତ ଶିଶୁଙ୍କ ସ୍ତ୍ରୀ ମଧ୍ୟରେ ପୂର୍ବରୁ ଅନୈତିକ ସମ୍ପର୍କ ଥିଲା। ଏହାକୁ କେନ୍ଦ୍ରକରି ଶିଶୁ ପୂର୍ବରୁ ସୁଦାମ ଉପରେ ରାଗ ରଖିଥିଲେ। ସୁଦାମ ୪ ତାରିଖ ରାତିରେ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ ସୁଯୋଗ ଦେଖି ଶିଶୁ ଲୁହା ରଡ୍‌ରେ ଆକ୍ରମଣ କରି ଫେରାର୍ ଥିଲେ। ମୃତକଙ୍କ ବାପା କ୍ଷୀତି ଗଉଡ ସୁଦାମଙ୍କୁ ହତ୍ୟା କରାଯାଇଥିବା ନେଇ ଭବାନୀପାଟଣା ସଦର ଥାନା ଲିଖିତ ଅଭିଯୋଗ କରିଥିଲେ। ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୧/୨୦୨୧) ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଲୋକେ ସଚେତନ ହେଲେ କରୋନା ହାରିବ

**ନୂଆପଡ଼ା ଅଫିସ,୯।୫:** ସରକାରଙ୍କ ପକ୍ଷରୁ ୧୪ ଦିନିଆ ଲକଡାଉନ ଘୋଷଣା ହେବା ପରେ ନୂଆପଡା ଜିଲାରେ କରୋନା ମହାମାରୀକୁ ରୋକ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ନୂଆପଡା ଏକତା ଛକଠାରେ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ବେଳେ ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅମାନିଆ ଉପରେ କଡା ନଜର ରଖି ଜରିମାନା ଆଦାୟ କରାଯାଉଥିବା ବେଳେ କିଛି କାମ ନ ଥିଲେ ବାହାରକୁ ନ ବାହାରିବା ପାଇଁ ସଚେତନ କରାଯାଉଛି। କୋଭିଡ୍ ନିୟମକୁ କଡାକଡି କରିବାରୁ ଜିଲାରେ ସଂକ୍ରମଣ ହାର ପୂର୍ବ ଅପେକ୍ଷା କମିବାରେ ଲାଗିଛି। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତେ ସଚେତନ ହେଲେ କରୋନା ସଂକ୍ରମଣ ନିଶ୍ଚେ ହାରିବ ବୋଲି ଆଶଙ୍କା କରାଯାଉଛି।

## ଶଟ୍‌ଡାଉନରେ ଜବତ ହେଲା ୩୦ବାଇକ୍

**ଟିଟିଲାଗଡ, ୯।୫(ଡି.ଏନ.ଏ.):** ଟିଟିଲାଗଡ ସହରରେ ସପ୍ତାହନ୍ତ ଶଟଡାଉନ ଯୋଗୁଁ ସମସ୍ତ ଦୋକାନ ବଜାର ବନ୍ଦ ଥିବାବେଳେ ବିନା କାରଣରେ ଅମାନିଆ ବାଇକ, କାର ଯୋଗେ ରାସ୍ତାରେ ବୁଲୁଛନ୍ତି। ରବିବାର ସକାଳେ ସହରର ଶାସ୍ତ୍ରୀ ଛକଠାରେ ଭରପ୍ରାପ୍ତ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପାଟ୍ରୋଲିଂ ପୋଲିସ ୩୦ଟି ବାଇକ ଓ ଗୋଟିଏ କାର ଜବତ କରିଛି। ଜରିମାନା ଆଦାୟ କରିବା ସହିତ ତାଗିଦ୍ କରି ଛାଡ଼ି ଦିଆଯାଇଛି।

## ୩ ବଖରା ଜଳିଗଲା

**ଲାଠୋର, ୯।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅଧୀନ ଜାମଗୁଁଆ ଗ୍ରାମର ରାଧେଶ୍ୟାମ ସାହୁଙ୍କ ୩ବଖରା ଘର ରବିବାର ସକାଳେ ନିଆଁ ଲାଗି ଜଳିଯାଇଛି। ଘରେ ଥିବା ଧାନ, ଚାଉଳ ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଘଟଣାସ୍ଥଳକୁ ଯାଇ ପରିବାରଙ୍କୁ ଚାଉଳ, ଡାଲି ରାସନ ସାମଗ୍ରୀ ଏବଂ ଦୁଇ ହଜାର ଟଙ୍କା ସହାୟତା ରାଶି ପଦାନ କରିଛନ୍ତି। ସୂଚନା ଅନୁସାରେ ରାଧେଶ୍ୟାମ ସ୍ତ୍ରୀଙ୍କ ସହ କନ୍ଦାଗାଡସ୍ଥିତ ଶଶୁର ଘରକୁ ଯାଇଥିବା ବେଳେ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ସହ ଖପ୍ରାଖୋଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ସହ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁ କିଛି ସରି ଯାଇଥିଲା।

## ସାମାଜିକ କର୍ମୀଙ୍କ ପରଲୋକ

**ଲୋଇସିଂହା, ୯।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟାର ସାମାଜିକ କର୍ମୀ ତୀର୍ଥରାଜ ନାଏକ( ୮୧)ଙ୍କ ରବିବାର ପରଲୋକ ଘଟିଛି । ସେ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଘନିଷ୍ଠ ସହଯୋଗୀଭାବେ ପରିଚିତ ଥିଲେ। ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଓ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ଆଗଲପୁର ବ୍ଲକ ପ୍ରତିନିଧି, ଅଘରିଆ ସମାଜ ରୋଟଗୁଡି ସମ୍ପାଦକଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୩ପୁଅ, ବୋହୂ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ କିଶୋର ମୁଖାଗ୍ନି ଦେଇଥିଲେ।

# କାଳବୈଶାଖୀରେ ଉଜୁଡ଼ିଲା ଧାନ

**ବରଗଡ଼ ଅଫିସ୍,୯।୫**

ବରଗଡ଼ ଜିଲାରେ ଧାନ ଅମଳ ସାଙ୍ଗକୁ ବିକ୍ରିବଟା ଜୋର୍ ଧରିଛି । ଏଭଳି ସ୍ଥଳେ ରବିବାର ଅପରାହ୍ନରେ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁ ଚାଷୀଙ୍କ କ୍ଷେତ, ଖଳାରେ ଥିବା ଅମଳ ଧାନ ପ୍ରଭାବିତ ହୋଇଛି । ଅଧଘଣ୍ଟା ଧରି ବର୍ଷା ଲାଗି ରହିବାରୁ ବରଗଡ଼ ତଥା ଆଖପାଖ ଅଞ୍ଚଳରେ ଚାଷୀଙ୍କ ଧାନ ଭିଜି ଯାଇଛି। ମଣ୍ଡିକୁ ନେବା ପୂର୍ବରୁ ଏଭଳି ଧାନ ନଷ୍ଟ ହେବା ଯୋଗୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଶିଥିଳ ହୋଇ ପଡ଼ିଛି। ଫଳରେ ଚାଷୀଙ୍କ ଧାନ ବିକ୍ରିବଟା ବିଳମ୍ବିତ ହେଉଛି। ଆଗକୁ କାଳବୈଶାଖୀ ଲାଗି ରହିଲେ ଚାଷୀ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି ।

ବରଗଡ଼ ଜିଲାରେ ଗତ ୫ତାରିଖରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ଅମଳ ଧାନ ମଣ୍ଡିକୁ ନେଇ ପାରୁନାହାନ୍ତି। କ୍ଷେତ, ଖଳାର ଖୋଲା ଆକାଶତଳେ ତାହା ପଡ଼ି ରହିଛି। ଏଭଳି ଭାବେ ରହିଥିବା ଧାନ ରବିବାର ଝଡ଼ବର୍ଷାରେ ପ୍ରଭାବିତ ହୋଇଛି। କଲାପାଣି ଗ୍ରାମର ଚାଷୀ ସୁରେଶ୍ୱ ନେକାଣ୍ଡି କହିଛନ୍ତି, କାଳବୈଶାଖୀରେ ତାଙ୍କର ୧ଏକର ଜମିର ଅମଳ ଧାନ ପ୍ରଭାବିତ ହୋଇଛି। ଆକସ୍ମିକ ଭାବେ ବର୍ଷା ହେବା ଯୋଗୁ ତାରପୋଲିନ ଦ୍ୱାରା ମଧ୍ୟ ଧାନକୁ ସୁରକ୍ଷିତ ରଖିବା ସମ୍ଭବ ହୋଇ ପାରି ନ ଥିଲା। ସେହିପରି ଉକ୍ତ ଗ୍ରାମର ଅନ୍ୟ ଜଣେ ଚାଷୀ ଏକାଦଶିଆ ସାହୁ କହିଛନ୍ତି, ୪ଦିନ ତଳୁ ସେ ହାର୍ଭେଷ୍ଟର ମେଶିନ ଯୋଗେ ୧୦ଏକର ଜମିରେ ଧାନ ଅମଳ କରିଥିଲେ। କଟନୀଛଟନୀ ନ ହେବ ଭାବି ଖଳାରେ ଶୁଖାଇଥିଲେ। ମାତ୍ର ହଠାତ୍ ବର୍ଷା ଆସି ଯିବାରୁ ସେହି ଧାନସବୁ ଭିଜି ଯାଇଥିବା ସାହୁ କହିଛନ୍ତି। କେବଳ ଏହି ଦୁଇ ଜଣ ଚାଷୀ ନୁହଁନ୍ତି, କଲାପାଣି ଗ୍ରାମର ଏସ. ସତରାଜୁଙ୍କ ୨ଏକର, ସିଏଚ୍ ବାବିଙ୍କ ୧ଏକର, ପ୍ରେମଲାଲ ଥପାଙ୍କ ୧ଏକର, ସିଏଚ୍, ଜଗନ୍ନାଥ ରାଓଙ୍କ ୨ଏକର ଅମଳ ଧାନ ଭିଜି ଯାଇଥିବା ସେମାନେ କହିଛନ୍ତି। ଏହାସହିତ ବରଗଡ଼ ବ୍ଲକର ଅନ୍ୟ କେତେକ ଗ୍ରାମ ସମେତ ଅତାବିରା, ଭେଡ଼େନ ଅଞ୍ଚଳର ଚାଷୀଙ୍କ ଧାନ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ରାତ୍ରିରେ ଝଡ଼ବର୍ଷା ହୋଇଥିଲା। ତେବେ ରବିବାର ହୋଇଥିବା ଝଡ଼ବର୍ଷା ଅଧିକ ରହିଥିଲା। ଏହାର ପ୍ରଭାବରେ ଅମଳ ଧାନ ଭିଜିଥିବା ବେଳେ ଝାରବନ୍ଧ ଅଞ୍ଚଳରେ ଝଡ଼ବତାସ ଯୋଗୁ ଗଛ ଭାଙ୍ଗି ପଡ଼ିଛି। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ସୂଚନା ମିଳିଛି ।



ବରଗଡ଼ ବ୍ଲକ କଲାପାଣିରେ ବର୍ଷାରେ ଭିଜିଥିବା ଅମଳ ଧାନ।

# କରୋନାଜନିତ ମୃତ୍ୟୁ ପରେ ଗାଁରେ ଭୟର ବାତାବରଣ

**ଅମରପାଲି, ୯।୫(ଡି.ଏନ.ଏ.)**

**ବିଡିଓଙ୍କ ତତ୍ତ୍ୱାବଧାନରେ ହେଲା ଅନ୍ତିମ ସଂସ୍କାର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଚପକାଦାଦର ଗ୍ରାମର ଜଣେ ମହିଳାଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମହିଳା ଓ ତାଙ୍କ ସ୍ୱାମୀ ଏକ ସପ୍ତାହ ହେଲା କରୋନାରେ ଆକ୍ରାନ୍ତ ହୋଇ ହୋମଆଇସୋଲୋଶନରେ ଥିଲେ। ରବିବାର ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁରସ୍ଥିତ କୋଭିଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ମହିଳାଙ୍କ ମୃତ୍ୟୁପରେ ବୀରମହାରାଜପୁର ପ୍ରଶାସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ମୃତଦେହକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା। କୋଭିଡ ଆକ୍ରାନ୍ତରେ ମୃତ୍ୟୁ ହେଲେ ଶବ ସଂସ୍କାର କରିବା ପାଇଁ ପଞ୍ଚାୟତ ତରଫରୁ ଏକ ସ୍ଥାନ ବଡ଼ବିରାସିରା ଜଙ୍ଗଲରେ ଚିହ୍ନଟ କରାଯାଇଥିଲା। ସେଠାକୁ ମୃତଦେହ ନିଆଯାଇଥିଲା। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶବ ସଂସ୍କାର କରାଯାଇଥିଲା। ଖଣ୍ଡହତାର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ସାହୁ ସଂସ୍କାରରେ ସହଯୋଗ କରିଥିଲେ। ଏହି ସମୟରେ ମୃତକଙ୍କ ଶ୍ୱଶୁର ଉପସ୍ଥିତ ଥିଲେ। ମହିଳାଙ୍କ କରୋନାରେ ମୃତ୍ୟୁପରେ ଗ୍ରାମରେ ଏକ ଭୟର ବାତାବରଣ ଖେଳିଯାଇଛି। ମୃତକଙ୍କ ପରିବାରକୁ ଗ୍ରାମକୁ ନ ଆସିବାକୁ କୁହାଯାଇଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ଦୁଇ ନାବାଳିକ ଝିଅ ଅଛନ୍ତି। ମହିଳା ଜଣକ ନିଜ ପରିବାର ସହ ବୀରମହାରାଜପୁରରେ ଭଡ଼ାଘରେ ରହୁଥିଲେ।

# କାମରେ ଲାଗୁନି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର



ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପରିସରରେ ଆବର୍ଜନା ଗଦା ହୋଇ ରହିଛି।

**କଣ୍ଟାବାଞ୍ଜି, ୯।୫(ଡି.ଏନ.ଏ.)**

- ଆବର୍ଜନାରୁ ଦୂଷିତ ହେଉଛି ପରିବେଶ
- ସେଣ୍ଟର ପରିସର ଜମି ବି ହୋଇଛି ଜବରଦଖଲ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ପକ୍ଷରୁ ବିର୍ଣ୍ଣା ରୋଡ ପାର୍କ ନିକଟରେ ଏକ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ କରାଯାଇଛି। ସହରର ଅଳିଆ ଆବର୍ଜନାକୁ ବିଶୋଧନ କରି କମ୍ପୋଷ୍ଟରେ ପରିଣତ କରିବା ପାଇଁ ଏହି ସେଣ୍ଟରର ସ୍ଥାପନା। ହେଲେ ନିର୍ମାଣ ହେବା ଦିନଠାରୁ ଆବର୍ଜନାକୁ ବ୍ୟବହାର କରା ନ ଯାଇ ବାହାରେ ଫିଙ୍ଗି ଦିଆଯାଉଛି। ଏଥିଯୋଗୁ ସେଣ୍ଟର ପରିସରରେ ରହୁଥିବା ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି। ସାମାନ୍ୟ ପବନ ହେଲେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ଲାଗି ଏକ ୱେଲ୍‌ଥ ସେଣ୍ଟର ନିର୍ମାଣ କରାଯାଇ ସମସ୍ତ ଆବର୍ଜନା ପାଚେରି ଭିତରେ ସଂରକ୍ଷିତ ରଖିବାର ବ୍ୟବସ୍ଥା ରହିଛି। ହେଲେ ଅଦ୍ୟାବଧି ତାହା ନିର୍ମାଣ ହୋଇପାରିନାହିଁ। ଏ ନେଇ ଏନଏସି କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ସୁଦ୍ଧା ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଅପରପକ୍ଷରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ପରିସରରେ ଥିବା ୧୦ଏକର ପରିମିତ ଜମିରେ ଟାଉନ ହଲ, ଷ୍ଟାଡିୟମ, ଅନ୍ୱେଷା ହୋଷ୍ଟେଲ ସହ ଅନେକ ପ୍ରକଳ୍ପ ନିର୍ମାଣ ପାଇଁ ଅନୁଦାନ ଆସି ଅଧାପନ୍ତରିଆ ହୋଇ ପଡି ରହିଛି। ସ୍ଥିତି ଏହିପରି ଥିବା ବେଳେ ହେଲେ ଉକ୍ତ ଜମିର କିଛି ଅଂଶକୁ କେତେକ ଜବରଦଖଲ କରି ରଖିଛନ୍ତି। ଫଳରେ ଉକ୍ତ ପ୍ରକଳ୍ପ କାମ ଗତ ୪ମାସ ହେଲା କାମ ବନ୍ଦ ହୋଇ ପଡି ରହିଛି। ସମସ୍ୟା ନେଇ ଏନଏସିର ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇଙ୍କୁ ପଚାରିବାରୁ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ଏବଂ ସେଣ୍ଟର ଚାରିପଟେ ପାଚେରି ନିର୍ମାଣ କରାଯିବ ବୋଲି କହିଛନ୍ତି।

# କିଡ୍‌ନୀ ରୋଗାକ୍ରାନ୍ତ ଝିଅର ଚିକିତ୍ସା ଚିନ୍ତା

- ୬ ମାସ ତଳେ କିଡନୀ ରୋଗରେ ଆଖି ବୁଜିଥିଲେ ସାନଝିଅ
- ସହାୟତା ପାଇଁ ମାବାପାଙ୍କ ଆକୁଳ ନିବେଦନ

**ବିନିକା, ୯।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଅନ୍ତର୍ଗତ ଚରଦା ନୂଆପଡାର ଏକ ଝାଟିମାଟି ଘରେ ରୁହନ୍ତି ଦଳ ସେଠ(୪୮)ଙ୍କ ପରିବାର। ସ୍ତ୍ରୀ ଶାରଦା ଓ ଦୁଇଝିଅ ସୁନେଲି(୧୨) ଓ ରୂପାଲି(୮)ଙ୍କୁ ନେଇ ତାଙ୍କ ପରିବାର। କିଡନୀ ରୋଗ ଏହି ପରିବାରର ସୁଖଶାନ୍ତି ଯେମିତି ଛଡାଇ ନେଇଛି। ଗତବର୍ଷ କିଡ୍‌ନୀ ରୋଗରେ ଆକ୍ରାନ୍ତ ଦଳଙ୍କ ସାନଝିଅ ରୂପାଲିର ସୋନପୁର ମେଡିକାଲରେ ମୃତ୍ୟୁ ଘଟିଥିଲା। ଝିଅର ଚିକିତ୍ସାରେ ଘରେ ଯାହା ଥିଲା ବିକିଭାଙ୍ଗି ଖର୍ଚ୍ଚ କରି ନିସ୍ୱ ହୋଇ ଯାଇଥିଲେ ଦଳ। ଏହାର ୬ମାସ ନ ପୂରୁଣୁ ବଡଝିଅ ସୁନେଲି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଦୁଇଓଳି ଖାଇବା ଯୋଗାଡ କରି ପାରୁ ନ ଥିବା ଦଳ ଓ ଶାରଦା ଝିଅର ଚିକିତ୍ସା କିପରି କରିବେ ଚିନ୍ତାରେ ପଡି ଯାଇଛନ୍ତି। ହାତରେ କାଣି କଉଡିଟିଏ ନାହିଁ। ଏବେ ଝିଅର ଚିକିତ୍ସା ପାଇଁ ଏକ ପ୍ଲାକାର୍ଡ ଧରି ଗାଁଗାଁ ବୁଲି ସାହାଯ୍ୟ ଭିକ୍ଷା କରୁଛନ୍ତି ଦଳ ଦମ୍ପତି। ଏପଟେ ଭଙ୍ଗାଘରେ ରହୁଥିଲେ ବି ଆବାସ ଯୋଜନାରେ ଏହି ଗରିବ ପରିବାରକୁ ଘରଟିଏ ମିଳିନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ମିଳୁଥିବା ୧୫ କେଜି ଚାଉଳ ଏକମାତ୍ର ସାହାଭରସା। ତୁରନ୍ତଏହି ଗରିବ ପରିବାରକୁ ଆବାସ ଯୋଜନାରେ ଏକ ଘର ଏବଂ ସୁନେଲିର ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦଳ ଓ ଶାରଦା ଆକୁଳ ନିବେଦନ କରିଛନ୍ତି।



ଭଙ୍ଗା ଝାଟି ମାଟି ଘରେ ସୁନେଲୀ ସହ ଦଳ ଓ ଶାରଦା।

## ସହକାରୀ ମତ୍ସ୍ୟ ଅଧିକାରୀ ନିଲମ୍ବିତ

**ସୋନପୁର,୯।୫(ନି.ପ୍ର.)**

ସୁବର୍ଣ୍ଣପୁର ସହକାରୀ ମତ୍ସ୍ୟ ଅଧିକାରୀ(ଏଏଫଓ) ସୌମେନ୍ଦ୍ର କୁମାର ବେହେରାଙ୍କୁ ମତ୍ସ୍ୟ ଓ ପଶୁପାଳନ ବିଭାଗର ସଚିବ ଆର ରଘୁପ୍ରସାଦ ନିଲମ୍ବନ କରିଛନ୍ତି। ଏଏଫଓଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବେହେରା ଜିଲା ମତ୍ସ୍ୟ ଅଧିକାରୀଙ୍କ ଅଫିସରେ ଏଏଫ୍‌ଓ ଭାବେ କାର୍ଯ୍ୟ କରିବା ସହ ୩ ବର୍ଷ ଧରି ସ୍ଥାନୀୟ ସରକାରୀ ମତ୍ସ୍ୟ କେନ୍ଦ୍ର(ଫାର୍ମ)ର ଅତିରିକ୍ତ ଦାୟିତ୍ୱରେ ଥିଲେ । ତାଙ୍କ ନାମରେ ଦୀର୍ଘ ଦିନ ଧରି ସରକାରଙ୍କ ରାଜସ୍ୱ ବକେୟା ରହିଛି। ସେ ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ରିପୋର୍ଟ କ୍ରମେ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଛନ୍ତି। ନିଲମ୍ବନ ସମୟରେ ଏଏଫଓଙ୍କୁ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି।

# ସୁନାଦେଈଙ୍କ କରୁଣାରୁ ଛୁଇଁନାହିଁ କରୋନା

**ନୂଆପଡ଼ା ଅଫିସ,୯।୫**
**ମକାରୁ ବେମାଲ**

**ସୁନାବେଡ଼ା ପଞ୍ଚାୟତ**

- ୧୩୧ ପଞ୍ଚାୟତରୁ ୧୩୦କୁ ଛୁଇଁଲାଣି କରୋନା
- ଅଧିକାଂଶ ଲୋକେ ଛତିଶଗଡ଼ ଉପରେ ନିର୍ଭର

ରାଜ୍ୟ ସରକାରଙ୍କ ୧୪ ଦିନିଆ ଲକ୍‌ଡାଉନ ଯୋଗୁ ନୂଆପଡ଼ା ଜିଲାରେ ଦୋକାନବଜାର ବନ୍ଦ ହୋଇ ରସ୍ତାଘାଟ ଶୂନଶାନ ହୋଇଥିଲେ ମଧ୍ୟ କରୋନା ସଂକ୍ରମଣ ଥମିବାର ନା ନେଉନାହିଁ। ବର୍ତ୍ତମାନ ସୁଦ୍ଧା ଜିଲାର ୧୩୧ ପଞ୍ଚାୟତରୁ ୧୩୦ ପଞ୍ଚାୟତକୁ କରୋନା ଛୁଇଁ ସାରିଲାଣି। ଗୋଟିଏ ମାତ୍ର ସୁନାବେଡା ପଞ୍ଚାୟତ କରୋନାରୁ ବାଦ୍ ପଡ଼ିଛି। ପାହାଡପର୍ବତ ଘେରା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ପଞ୍ଚାୟତ। ଏଠାରେ ଛୋଟବଡ ୧୯ଟି ଗାଁ ରହିଥିବା ବେଳେ ଜନସଂଖ୍ୟା ୮ ହଜାର। ସୁନାବେଡା ଛତିଶଗଡ ସୀମାକୁ ଲାଗିଛି। ଅଧିକାଂଶ ଲୋକେ ଛତିଶଗଡ ଉପରେ ନିର୍ଭର କରନ୍ତି। ଛତିଶଗଡ ସୀମାନ୍ତରେ ଥିଲେ ମଧ୍ୟ ସୁନାବେଡା ପଞ୍ଚାୟତକୁ ପ୍ରଥମ ଲହର ଯାଇ ଏବେ ଦ୍ୱିତୀୟ ଲହରରେ ମଧ୍ୟ କାହାରିକୁ କରୋନା ଛୁଇଁନାହିଁ। ସୁନାବେଡାବାସୀ ଛତିଶଗଡ ଯିବା ସାଙ୍ଗେ ସହରକୁ ମଧ୍ୟ ଆସୁଛନ୍ତି। ସେମାନେ ମାସ୍କ ପିନ୍ଧୁ ନାହାନ୍ତି କି ସାମାଜିକ ଦୂରତା ରଖୁନାହାନ୍ତି। ହେଲେ ସୁନାବେଡାବାସୀଙ୍କୁ କରୋନା ଆଜିଯାଏ ଛୁଇଁପାରିନାହିଁ। ମା' ସୁନାଦେଈଙ୍କ ଅପାର କରୁଣା ଯୋଗୁ କରୋନା ଆସି ପାରୁନାହିଁ, ଆମକୁ ଘଣ୍ଟ ଘୋଡାଇ ରଖିଛି। ଆମ ଗୋଡା ପାହାଡରେ ମା' ସୁନାଦେଈ, ଇନ୍ଦ୍ରାଦେଈ, ବୁଡାରଜା, ପ୍ରଧାନ ଦେବତା, ବୁଢ଼ିମାଁ, ଝାକର ଦେବତା, କାହ୍ନାଭୋଇରୋ, ମାଁ କଙ୍କାଲେନ, ମାଁଛୋଟିବୁଢ଼ି, ଧରତିମାତା, ବୁଡାଦେଓ, ଚାରିଚୋରାସିଙ୍କୁ ଆମେ ସକାଳ ପାଇଲେ ଧୂପ ଆଳତି ଦେଉଛୁ। ସେଥିପାଇଁ ଗୋଡା ପାହାଡ ଉପରେ ଅବସ୍ଥିତ ୧୯ଟି ଗାଁର ଲୋକଙ୍କୁ କରୋନା ଛୁଇଁପାରୁ ନାହିଁ କି ଆଗକୁ ମଧ୍ୟ ଛୁଇଁ ପାରିବ ନାହିଁ ବୋଲି ସୁନାବେଡାବାସୀ ପ୍ରକାଶ କରିଛନ୍ତି।



ମା' ସୁନାଦେଈଙ୍କୁ ପୂଜା କରାଯାଉଛି।

**ସେମାନେ ଯାହା କୁହନ୍ତି....**



"ସୁନାବେଡା ଅଭୟାରଣ୍ୟରେ ଗଛଲତା ଭରି ରହିଛି। ତାଦ୍ୱାରା ଆମେ ଅମ୍ଳଜାନ ପାଉଛୁ। ସୁସ୍ଥ ପରିବେଶ ରହୁଛି। ପରିବେଶ ଦୂଷିତ ହେଉନାହିଁ। ପ୍ରାକୃତିକ ପରିବେଶରେ ଜୀବନ ବିତୁଛି। ଖୋଲା ଆକାଶତଳେ ରହୁଛୁ। ଆମକୁ କାହିଁକି କରୋନା ହେବ। ସହରରେ ଗଛସବୁ କାଟି ଦେଉଛନ୍ତି। ସେମାନଙ୍କୁ ଅମ୍ଳଜାନ ଅଭାବରୁ କରୋନାର ଗ୍ରାଫ ବଢି ବଢି ଚାଲିଛି।

**ତିଳସିଂ ଝାଙ୍କର, ସରପଞ୍ଚ , ସୁନାବେଡା**



"ମା' ସୁନାଦେଈଙ୍କ ଅପାର କରୁଣା ରହିଛି । ସକାଳ ପାଇଲେ ମା'ଙ୍କୁ ଧୂପ ଆଳତି ଦେଇ ଗୁହାରୀ କରୁଛୁ କି ଆମ ଅଞ୍ଚଳକୁ କରୋନା ମୁକ୍ତକରି ରଖିଥା। ଲୋକେ ଦେବୀଦେବତାକୁ ଭୂଲି ଗଲେଣି, ଗାଁ ଗାଁରେ ଆଉ ହରି ଶବ୍ଦ ହେଉନାହିଁ ।

**ଅରୁଣ ବିଶ୍ୱାଳ, ସାମାଜିକ କର୍ମୀ**



"ସୁନାବେଡା ଉପରେ ଆମେ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରୁଛୁ। ସକାଳ ପାହିଲେ ଜଙ୍ଗଲକୁ ମହୁଲ, ଚାର, ହରିଡା, ବାହାଡା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି କୋନ୍ଦା କୋଷା ଖାଉଛୁ। ଆମ ଶରୀରରେ ସୁସ୍ଥ ହୋଇ ରହିଛି। କରୋନା କାହିଁକି ହେବ।

**ସଜବତୀ ପୂଝାରୀ, ଗ୍ରାମର ମହିଳା**



"ସୁନାବେଡାରେ ଆମେ କ୍ୟାମ୍ପ କରି ପରୀକ୍ଷା କରିଥିଲୁ। ହେଲେ ଗୋଟିଏ ମଧ୍ୟ ପଜିଟିଭ କେସ୍ ଆସିନାହିଁ। ତାଙ୍କ ଶରୀର ଏତେ ଶକ୍ତ ଯେ, କେବଳ ଦିନେ ଦୁଇଦିନ ଜ୍ୱର ହେବ ପାରାସିଟାମଲ ଖାଇଦେଲେ ଜ୍ୱର ଛାଡିଯାଏ। ଏଠାକାର ସୁସ୍ଥ ପରିବେଶ ଯୋଗୁ ରୋଗ ସହଜରେ ଆକ୍ରମଣ କରିପାରେ ନାହିଁ।

**ସ୍ୱାସ୍ତିକ କୁମାର ପୁରୋହିତ, ଆୟୁଷ ଡାକ୍ତର ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ର**

## ଦୁଇ ସପ୍ତାହ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ

**ଲୋଇସିଂହା, ୯।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ପାଇପ ଜଳ ଯୋଗାଣ ଦୀର୍ଘଦିନ ହେଲା ବନ୍ଦ ରହିଛି। ନଦୀରେ ପ୍ରକଳ୍ପ ମରାମତି କାମ ଚାଲିଥିବାରୁ ଜଳ ଯୋଗାଣ ବ୍ୟାହତ ହୋଇଛି । ଏଭଳି ସ୍ଥିତିରେ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁକତେକଲ ନଦୀରୁ ପଞ୍ଚାୟତର ସଦର ଗାଁ ଯୋଗୀସର୍ଡା ସମେତ ଛେଲବାହାଲ, କେଉଁଟପାଲି, ମାହାରପାଲି, କରନପାଲି ଓ ଗୁର୍ଜଭଟାକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ନଦୀରେ ଥିବା ପ୍ରକଳ୍ପ ଚହଳାଠାରେ ସମସ୍ୟା ରହିଛି। ପାଇପ ଲାଇନ ମରାମତି କାମ ପଞ୍ଚାୟତ ଓ ବିଭାଗ ପକ୍ଷରୁ ଚାଲିଛି । ହେଲେ ମରାମତି କାମ ଦୀର୍ଘଦିନ ହେଲା ସରୁନାହିଁ। ଫଳରେ ଜଳ ଯୋଗାଣ ହୋଇ ପାରୁନାହିଁ। ଗ୍ରୀଷ୍ମ ପ୍ରବାହ ବଢିବା ସାଙ୍ଗେ ସାଙ୍ଗେ ପିଇପା ପାଣିର ଆବଶ୍ୟକତା ବଢିଛି । ଏଭଳି ସ୍ଥିତିରେ ପ୍ରକଳ୍ପ ବନ୍ଦ ଥିବାବେଳେ ନଳକୂପଗୁଡିକ ଅଚଳ ହୋଇ ପଡିଛି । ଅପରପକ୍ଷେ ୭ ୱାର୍ଡ ବିଶିଷ୍ଟ ଯୋଗୀସର୍ଡା ଗ୍ରାମର ବାଞ୍ଜିପଡା ଓ ଗଉନ୍ତିଆ ପଡାରେ ନଳକୂପ ଅଚଳ ହୋଇ ପଡିଛି । ଏହାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୦ ମେ, ୨୦୨୧

## ଗୋଟିଏ ଦିନରେ ୧୦୮ ପଜିଟିଭ ଚିହ୍ନଟ

ବୌଦ୍ଧ(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢି ଚାଲିଛି । ଗ୍ରାମାଞ୍ଚଳକୁ ଏହା ବ୍ୟାପିବାରେ ଲାଗିଛି । ଜିଲାର ହରଭଙ୍ଗା ବ୍ଲକ ସ୍ଥିତି ସଙ୍ଗୀନ ହେବାରେ ଲାଗିଛି । ହରଭଙ୍ଗା ପଞ୍ଚାୟତ ଓ ସାମ୍ପୋଚ ପଞ୍ଚାୟତ ଚିନ୍ତା ବଢାଇଛି । ରବିବାର ଗୋଟିଏ ଦିନରେ ସାମ୍ପୋଚ ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗାଁରେ ୧୦୮ ପଜିଟିଭ ଚିହ୍ନଟ ହୋଇଛନ୍ତି । ଗତ ଗୁରୁବାର ଉକ୍ତ ଗାଁର ୫୦ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ରବିବାର ଦିନ ଜିଲାରେ ୧୭୯ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ବୌଦ୍ଧ ଏନ୍ଏସିରୁ ୧୪ ଜଣ, ବୌଦ୍ଧ ବ୍ଲକରୁ ୧୯, ହରଭଙ୍ଗା ବ୍ଲକରୁ ୧୨୧ ଓ କଣ୍ଟାମାଲ ବ୍ଲକରୁ ୨୫ ଜଣ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଛି ।



## ସଂକ୍ଷେପରେ

### ବୌଦ୍ଧରେ ଅମ୍ଳଜାନ କାରଖାନା ନିର୍ମାଣ ଆରମ୍ଭ

ବୌଦ୍ଧ,୯।୫(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରବିବାର ଅମ୍ଳଜାନ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସହରର କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଏହି କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି । ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇ ଚାଲିଥିବା ବେଳେ ତୃତୀୟ ଲହର ନେଇ ମଧ ଆଶଙ୍କା ସୃଷ୍ଟି ହେଲାଣି। ଏପଟେ ସଂକ୍ରମିତ ହେଉଥିବା ରୋଗୀଙ୍କ ପାଇଁ ଚିକିତ୍ସାଳୟଗୁଡିକରେ ଅମ୍ଳଜାନ ସଙ୍କଟ ଦେଖାଦେଇଛି । ଏହା ଅଭାବରୁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡିଲେଣି। ତେଣୁ ସରକାର ଦେଶର ଅମ୍ଳଜାନ ସଙ୍କଟ ଦୂର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଅମ୍ଳଜାନ କାରଖାନା ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ୭ଟି ଜିଲାରେ ନୂତନ ଅମ୍ଳଜାନ କାରଖାନା ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

### କାମଠଣା ନର୍ସିଂ ସ୍କୁଲରେ କୋଭିଡ୍ ନିୟମ ଉଲ୍ଲଂଘନ

ଭବାନୀପାଟଣା, ୯।୫ (ସ୍ୱ.ପ୍ର.): ଭବାନୀପାଟଣା ବ୍ଲକ କାମଠଣା ନର୍ସିଂ ସ୍କୁଲରେ କୋଭିଡ୍ ନିୟମ ଉଲ୍ଲଂଘନ ଭିଡିଓ ଭାଇରାଲ ହୋଇଛି। ଏଥିରେ ଛାତ୍ରୀଛାତ୍ର ହାତ ଧରାଧରି ହୋଇ ନାଚୁଥିବା ଦେଖିବାକୁ ମିଳିଛି। କେତେକ ଛାତ୍ରୀଛାତ୍ର ସୋସିଆଲ ମିଡିଆରେ ଏହି ଦୃଶ୍ୟକୁ ଭାଇରାଲ କରିଛନ୍ତି। ସୂଚନାନୁସାରେ, ଗତ ଏପ୍ରିଲ ୩୦ରେ ଛାତ୍ରଛାତ୍ରୀ କଲେଜର ଏକ ଉତ୍ସବରେ ଭାଗ ନେଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଉତ୍ସବ ଆୟୋଜନ ହୋଇଥିବା ଉକ୍ତ ଭାଇରାଲ ଭିଡିଓରେ ସାମାଜିକ ଦୂରତା, ମାସ୍କ ପରିଧାନ କଟକଣାର ଉଲ୍ଲଂଘନ କରି ନୃତ୍ୟ ଓ ଭୋଜିଭାତ ହୋଇଥିଲା। ଆୟୋଜିତ ଉତ୍ସବ ପାଇଁ ସିଡିଏମଓ କିମ୍ବା ଏଡିଏମଓଙ୍କ ଅନୁମତି ମିଳି ନ ଥିବା ସୂଚନା ମିଳିଛି। ଆୟୋଜନ ପାଇଁ ଅନୁମତି ଆବଶ୍ୟକ ନାହିଁ ବୋଲି କର୍ତ୍ତୃପକ୍ଷ ସଫେଇ ଦେଇଥିବା ଜଣାପଡିଛି।

### ଚାରିଶମ୍ଭୁ ଦୁଗ୍ଧ ଉତ୍ପାଦକ ସମିତିର କ୍ଷୀର ବିକ୍ରି ସ୍ୱାଭାବିକ ହେଲା

ବାଉଁଶୁଣୀ,୯।୫(ଡି.ଏନ.ଏ): ବୌଦ୍ଧ ବ୍ଲକ ଜହ୍ନାପଙ୍କସ୍ଥିତ ଚାରିଶମ୍ଭୁ ଦୁଗ୍ଧ ଉତ୍ପାଦକ ସମିତିର କ୍ଷୀର ବିକ୍ରି ସ୍ୱାଭାବିକ ହୋଇଛି। ପୁରୁଣାକଟକର ଏକ ଘରୋଇ ସଂସ୍ଥା ପୁଣି ଦୁଗ୍ଧ ଚାଷୀଙ୍କଠାରୁ କ୍ଷୀର ଆସି ନେଇଥିବା ସମ୍ପାଦକ ଶୁଭ୍ରାଂଶୁ ଶେଖର ମିଶ୍ର ଓ ସଭାପତି ପ୍ରଦୀପ୍ତ ପରିଡ଼ା ସୂଚନା ଦେଇଛନ୍ତି। ଆଗକୁ ଓମଫେଡ଼ ତରଫରୁ କ୍ଷୀର ନେବାର ଯୋଜନା ଚାଲିଛି ବୋଲି ଉଭୟ କହିଛନ୍ତି। ରାଜ୍ୟରେ ୧୪ ଦିନିଆ ଲକଡ଼ାଉନ ଯୋଗୁ ଜହ୍ନାପଙ୍କ ଚାରିଶମ୍ଭୁ ସମିତିରେ କ୍ଷୀର ଦେଉଥିବା ଅଞ୍ଚଳର ୨୦ଟି ଗାଁର ଦୁଗ୍ଧ ଚାଷୀ ବିଶେଷ ପ୍ରଭାବିତ ହୋଇଛନ୍ତି । ୨୦୨୦ ଅଗଷ୍ଟ ପର୍ଯ୍ୟନ୍ତ ଏହି ସମିତିରୁ ଓମଫେଡ କ୍ଷୀର ନେଉଥିଲା। କିନ୍ତୁ ତିନି ଦିନର କ୍ଷୀର ନିମ୍ନମାନର ଦର୍ଶାଇବା ପରେ ଦୁଗ୍ଧ ଚାଷୀ ଅସନ୍ତୋଷ ପ୍ରକାଶ କରି ଓମଫେଡ଼କୁ କ୍ଷୀର ନ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେପ୍ଟେମ୍ବରରୁ ପୁରୁଣାକଟକର ଏକ ଘରୋଇ ସଂସ୍ଥା କ୍ଷୀର ନେଉଥିଲା। ଏବେ ଲକ୍‌ଡ଼ାଉନ ଯୋଗୁ ଏହି ଘରୋଇ ସଂସ୍ଥା କ୍ଷୀର ନେବାକୁ ମନା କରି ଦେଇଥିଲା । ସମିତି ସମ୍ପାଦକ ମିଶ୍ର ଜିଲାପାଳଙ୍କୁ ଅବଗତ କରିବା ପରେ ଜିଲାପାଳ ସିଡିଭିଓଙ୍କୁ ଏହାର ସମାଧାନ କରିବାକୁ କହିଥିଲେ। ସିଡିଭିଓ କୌଣସି ସୁବିଧା ନ କରିବାରୁ ୬ ତାରିଖରେ ବିଭିନ୍ନ ଗାଁରୁ ଆସିଥିବା ୩୦ ଚାଷୀ ୫୭ ନଂ ଜାତୀୟ ରାଜପଥର ଜହ୍ନାପଙ୍କ ଛକରେ କ୍ଷୀର ଢାଳି ଦେଇଥିଲେ।

### ବୌଦ୍ଧ ପଞ୍ଚାୟତ ସମିତିର ହିସାବ ଅଧିକାରୀଙ୍କ ପରଲୋକ

ବୌଦ୍ଧ,୯।୫(ସ୍ୱ.ପ୍ର.): ବୌଦ୍ଧ ପଞ୍ଚାୟତ ସମିତିର ହିସାବ ଅଧିକାରୀ ରୋମାଞ୍ଚ ସାହୁ (୫୭)ଙ୍କ ରବିବାର ପରଲୋକ ଘଟିଛି ।



ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ବିୟୋଗରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର,ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା, ଉପଜିଲାପାଳ ଅଶ୍ୱନୀ କୁମାର ମେହେର ଓ ବୌଦ୍ଧ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଧରାପଡ଼ିଲେନି ଏମ୍‌ଏସ୍ ନାଚୁରାଲ୍ସ ପ୍ରୋପ୍ରାଇଟର

ସୋନପୁର,୯।୫(ନି.ପ୍ର.)

**ଏନ୍ଏଚ୍ଏମ୍ ଆକାଉଣ୍ଟରୁ ୫ କୋଟି ଗାଏବ ଘଟଣା**

ସୁବର୍ଣ୍ଣପୁର ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍) ବ୍ୟାଙ୍କ ଖାତାରୁ ୫କୋଟି ୧ଲକ୍ଷ ୫୦ହଜାର ଟଙ୍କା ଠକେଇ ହୋଇଛି। ଏହି ଟଙ୍କା ଏମ୍ଏସ ନେଚୁରାଲ୍ସର ରାଉରକେଲା ସେଣ୍ଟ୍ରାଲ ବ୍ୟାଙ୍କ ଆକାଉଣ୍ଟକୁ ଅପ୍ରେଲ ୭ତାରିଖରେ ଟ୍ରାନ୍ସଫର ହୋଇଛି। ଏମ୍ଏସ୍ ନେଚୁରାଲ୍ସର ଏହି ଆକାଉଣ୍ଟ ୧୧ବର୍ଷର ପୁରୁଣା। ତେବେ ଏତେ ପୁରୁଣା ସଂସ୍ଥାର ପ୍ରୋପାଇଟରଙ୍କୁ ଠାବ କରିବାରେ କ୍ରାଇମବାଞ୍ଚ ଟିମ୍ ବିଫଳ ହୋଇଛି। ଫଳରେ ସରକାରୀ ଟଙ୍କା ଉଦ୍ଧାର ହୋଇପାରିନି କି ଯେଉଁମାନେ ସମ୍ପୃକ୍ତ ସେମାନେ ଧରା ପଡିନାହାନ୍ତି ।

ଏହି ସାଇବର ଠକେଇ ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) । ତଦନ୍ତକାରୀ ଟିମ୍ ରାଉରକେଲାର ସମୀର ପତି ନାମକ ବ୍ୟକ୍ତିଙ୍କୁ ଇତିମଧ୍ୟରେ ଗିରଫ କରିଛି। ଏନଏଚଏମ୍ ଆକାଉଣ୍ଟରୁ ହଡପ ହୋଇଥିବା ଅର୍ଥରୁ ସମୀରଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର ହୋଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇତି ଦାସଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ସୋନପୁରରେ ତଦନ୍ତ କରି ଫେରିଛି। ଏହି ଟିମ୍ ସୋନପୁର ଏସ୍‌ବିଆଇର ମୁଖ୍ୟ ଶାଖା ଓ ଏନ୍ଏଚ୍ଏମ୍ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। ମାସିକ ଆକାଉଣ୍ଟ ବିବରଣୀ ପାଇଁ ଏନଏଚ୍ଏମ୍ ଆକାଉଣ୍ଟାଣ୍ଟ ଗତ ଅପ୍ରେଲ ୨୯ ତାରିଖ ଦିନ ସୋନପୁର ଏସବିଆଇ ମୁଖ୍ୟ ଶାଖାକୁ ଯାଇଥିଲେ। ଜମାଖାତାରୁ ୫କୋଟି ୧.୫ଲକ୍ଷ ଟଙ୍କା ଗାଏବ ହୋଇଥିବା ଜଣାପଡିଥିଲା। ସେହିପରି ଗୋଏଲ ଷ୍ଟିଲ ନାମରେ ପୁଣି ୪ କୋଟି ୯୮ ଲକ୍ଷ ଟଙ୍କା ହଡପ ଉଦ୍ୟମ ହୋଇଥିଲା। ମାତ୍ର ଆଉାଉଣ୍ଟରେ ଆବଶ୍ୟକ ଟଙ୍କା ନ ଥିବାରୁ ତାହା ସଫଳ ହୋଇ ନଥିବା ଜଣାପଡିଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ କ୍ରାଇମବ୍ରାଞ୍ଚରେ ମାମଲା ରୁଜୁ ହୋଇଛି। ପିଏଫ୍ଏମ୍ଏସ(ଇ ଚେକ୍) ଜରିଆରେ ଏମ୍ଏସ ନେଚୁରାଲ୍ସ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଛି। ଏନ୍ଏଚ୍ଏମ୍‌ର ଆଇଡି ପାସୱାର୍ଡ ବ୍ୟବହାର କରାଯାଇ ଇ ଚେକ୍ ପ୍ରସ୍ତୁତ ହୋଇଥିଲା ବେଳେ ବ୍ୟାଙ୍କକୁ ପ୍ରଦାନ କରାଯାଇଥିବା ଅଫଲାଇନ୍ କପିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦସ୍ତଖତ ଏବଂ ସିଲ ଜାଲ ଥିଲା। ଅନୁମୋଦନ ସମୟରେ ଦାୟିତ୍ୱରେ ଥିବା ଏସବିଆଇର ଅଧିକାରୀ ଦସ୍ତଖତ ନ ମେଳାଇ ଦାୟିତ୍ୱରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ୧୦ଲକ୍ଷରୁ ଅଧିକ ଟଙ୍କା ଉଠାଣ ପାଇଁ ଜିଲାପାଳଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦସ୍ତଖତ ଜରୁରି ଥିବା ବେଳେ ଏ କ୍ଷେତ୍ରରେ ଜିଲାପାଳଙ୍କ ଦସ୍ତଖତ ନଥିଲା। ଏନ୍ଏଚ୍ଏମ୍‌ର କେଉଁ କର୍ମଚାରୀ ଏହି ଠକେଇରେ ସମ୍ପୃକ୍ତ ରହିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଏମଏସ ନେଚୁରାଲ୍ସର ପ୍ରୋପାଇଟର ଧରାପଡିଲେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଆଲୋଚନା ହେଉଛି ।

# ଘରେ ପଶିଲା ବର୍ଷା ପାଣି



ବରଗଡ଼ ଗଙ୍ଗାଧର ନଗର(ଚମାରପଡ଼ା) ଜଳାର୍ଣ୍ଣବ ହୋଇ ପଡ଼ିଛି।

ବରଗଡ଼ ଅଫିସ,୯।୫

**ଅବ୍ୟବସ୍ଥିତ ଡ୍ରେନେଜ ବ୍ୟବସ୍ଥା**

ବରଗଡ଼ ସହରରେ ଡ୍ରେନେଜ ବ୍ୟବସ୍ଥା କିଭଳି ଅବ୍ୟବସ୍ଥିତ ହୋଇ ପଡ଼ିଛି, ତାହା ରବିବାର ଅପରାହ୍ନରେ ହୋଇଥିବା ବର୍ଷାରେ ପ୍ରତିଫଳିତ ହୋଇଥିଲା। ଅପରାହ୍ନ ସାଢ଼େ ୩ଟାରୁ ପ୍ରାୟ ଅଧଘଣ୍ଟା ଧରି ବର୍ଷା ଲାଗି ରହିଥିଲା। ଏଥିରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୪ ଅଧୀନ ଗଙ୍ଗାଧର ନଗର (ଚମାର ପଡ଼ା) ଜଳାର୍ଣ୍ଣବ ହୋଇପଡ଼ିଥିଲା। ଉକ୍ତ ପଡ଼ାକୁ ବିଭିନ୍ନ ଦିଗରୁ ବର୍ଷା ପାଣି ପଶିଥିଲା । ମାତ୍ର ପଡ଼ାର ଡ୍ରେନ ଅର୍ଦ୍ଧ ନିର୍ମିତ ହୋଇ ପଡ଼ି ରହିଥିବା ଯୋଗୁ ପାଣି ନିଷ୍କାସିତ ହୋଇ ନ ପାରି ପଡ଼ାର ତଳି ଅଞ୍ଚଳରେ ଥିବା ଘରେ ପଶି ଯାଇଥିଲା। ଫଳରେ ପଡ଼ାର ଜଗବନ୍ଧୁ ମେହେର, ବୈଶାଖୁ ମେହେର, ବଷ୍ଟି ମେହେର, ପିଣ୍ଟୁ ମେହେର, ଅଲେଖ ମେହେର, ସ୍ୱପ୍ନ ମେହେର ପ୍ରମୁଖଙ୍କ ଘରେ ଥିବା ଚାଉଳ, ରାଶନ ସାମଗ୍ରୀ, ଆସବାବପତ୍ର ଆଦି ଭିଜି ଯାଇଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ଉକ୍ତ ପଡ଼ାକୁ ଯାଇ ମୋଟରପମ୍ପ ସାହାଯ୍ୟରେ ପାଣି ନିଷ୍କାସନ କରିଥିଲେ ।

# ଅକ୍ସିଜେନ୍ ମେଗା ପାଇପ୍ ଲାଇନ୍ ସିଷ୍ଟମ୍‌ର ଶୁଭାରମ୍ଭ

ବଲାଙ୍ଗୀର ଅଫିସ, ୯।୫

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ରବିବାର ଅକ୍ସିଜେନ୍ ମେଗା ପାଇପ୍ ଲାଇନ୍ ସିଷ୍ଟମ୍‌ର ଶୁଭାରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ଓ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ଜିଲାପାଳ ରାଣା କହିଥିଲେ ଯେ, ଏହି ମେଗା ପାଇପ୍ ଲାଇନ୍ ସିଷ୍ଟିମ ଦ୍ୱାରା ଏବେ ହସ୍ପିଟାଲର ପ୍ରତ୍ୟେକ ୱାର୍ଡ ଏବଂ କୋଭିଡ ଆଇସୋଲେଶନ୍ ୱାର୍ଡକୁ ସଂଯୋଗ କରାଯାଇଛି। ଏହାଦ୍ୱାରା ସିଧାସଳଖ ଆଇସିୟୁ ଓ ଭେଣ୍ଟିଲେଟରକୁ ଅକ୍ସିଜେନ୍ ଯୋଗାଣ କରାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

ଗତ ଜାନୁୟାରୀ ୨୯ ତାରିଖଠାରୁ ଓଡିଶା ଷ୍ଟେଟ ମେଡିକାଲ କର୍ପୋରେଶନ ପକ୍ଷରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ୨୫ଟି ଭେଣ୍ଟିଲେଟର ପ୍ରଦାନ କରାଯାଇଥିଲା । ତେବେ ବିଭିନ୍ନ କାରଣରୁ ସେଥିରୁ ୧୫ ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା । କୋଭିଡ ସଂକ୍ରମଣ ସମୟରେ ଲୋକେ ଭେଣ୍ଟିଲେଟର ନପାଇ ଅସହାୟ ହୋଇପଡୁଥିବାବେଳେ ଏଠାରେ ୧୫ଟି ଭେଣ୍ଟିଲେଟର ଥାଇ ମଧ କାର୍ଯ୍ୟକ୍ଷମ ହୋଇ ନ ପାରିବାକୁ ନେଇ ଏମପି ସଙ୍ଗୀତା କୁମାରୀ ସିଂଦେଓ ସମୀକ୍ଷା ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ।



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମେଗା ପାଇପ୍‌ଲାଇନ୍ ସିଷ୍ଟମର ଶୁଭାରମ୍ଭ ହୋଇଛି।

**ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ**

- କାର୍ଯ୍ୟକ୍ଷମ ହେବ ୨୫ ଭେଣ୍ଟିଲେଟର
- ଅକ୍ସିଜେନ୍ ସିଲିଣ୍ଡର ବଦଳରୁ ପରିଜନଙ୍କୁ ମିଳିବ ନିସ୍ତାର

ହସ୍ପିଟାଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ତୁରନ୍ତ ଉକ୍ତ ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିବାର ହସ୍ପିଟାଲରେ ଅକ୍ସିଜେନ୍ ସେଣ୍ଟ୍ରାଲ ପାଇପ୍‌ଲାଇନ୍ ସିଷ୍ଟିମ କାମ ସମ୍ପୂର୍ଣ୍ଣ ହେବା ପରେ ଏହା କାର୍ଯ୍ୟକାରୀ ହୋଇଛି । ଏହାଦ୍ୱାରା ଜୁମ୍ବୋ ସିଲିଣ୍ଡର ଜରିଆରେ ଗୋଟିଏ ସ୍ଥାନରୁ ବିଭିନ୍ନ ୱାର୍ଡକୁ ଅକ୍ସିଜେନ୍ ପାଇପ୍ ଯୋଗେ ଯୋଗାଣ ହୋଇପାରିବ। ଏହାଦ୍ୱାରା ରୋଗୀ ଶଯ୍ୟା ନିକଟରେ ଅକ୍ସିଜେନ୍ ସିଲିଣ୍ଡର ଅଦଳବଦଳ ବନ୍ଦ ହେବ ଓ ରୋଗୀକୁ ନିରବଚ୍ଛିନ୍ନ ଅକ୍ସିଜେନ୍ ଯୋଗାଣ ସୁନିଶ୍ଚିତ ହୋଇପାରିବ । କୋଭିଡ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ଏଠାରେ ଅକ୍ସିଜେନ୍ ଆବଶ୍ୟକ କରୁଥିବା ରୋଗୀଙ୍କ ସଂଖ୍ୟା ବଢ଼ିଥିଲା। ଏଭଳି ସମୟରେ ଅକ୍ସିଜେନ୍ ସିଲିଣ୍ଡର ବଦଳ କରିବାକୁ ଆଟେଣ୍ଡାଣ୍ଟ ଅଭାବ ଥିବାରୁ ରୋଗୀ ପରିଜନ ସିଲିଣ୍ଡର ଅଦଳ ବଦଳ କରୁଥିଲେ। ଏବେ ଏହି ସମସ୍ୟାର ସମାଧାନ ହୋଇଛି। ଏହାଦ୍ୱାରା ହସ୍ପିଟାଲର ୨୫ ଭେଣ୍ଟିଲେଟର ସୁଚାରୁରୂପେ କାର୍ଯ୍ୟକ୍ଷମ ହେବା କିମ୍‌ସ କୋଭିଡ ହସ୍ପିଟାଲରେ ଆସନ୍ତା ଦୁଇଦିନ ମଧ୍ୟରେ ଆହୁରି ୨୫ ଶଯ୍ୟା ଆଇସିୟୁ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## ବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଗୁରୁତର

ବରଗଡ଼ ଅଫିସ୍/ବିଜେପୁର,୯।୫

ବିଜେପୁର ଥାନା ଅଧୀନ ଜାରିଂ ଗ୍ରାମରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଜଣେ ମହିଳାଙ୍କୁ ନିଆଁରେ ପୋଡ଼ି ମାରି ଦେଇଥିବା କନ୍ୟାପକ୍ଷ ଅଭିଯୋଗ କରିଛନ୍ତି । ମୃତା ହେଲେ ଉକ୍ତ ଗ୍ରାମର ରାଜେନ୍ଦ୍ର ବାରିକଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି। ମୃତାଙ୍କ ବାପା ଭୀଷ୍ମଦେବ ବାରିକଙ୍କ ଏତଲାକ୍ରମେ ବିଜେପୁର ଥାନାରେ ଏକ ମାମଲା (ନଂ.୮୦/୨୧) ରୁଜୁ କରିଛି । ଅନ୍ୟପକ୍ଷରେ ମୃତ ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ରାଜେନ୍ଦ୍ର ମଧ୍ୟ ଗୁରୁତର ଅବସ୍ଥାରେ ଭିମସାର୍, ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି ।

୭ବର୍ଷ ତଳେ ରାଜେନ୍ଦ୍ର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ମହଖଣ୍ଡ ଗ୍ରାମର ଭୀଷ୍ମଦେବ ବାରିକଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ବିବାହ କରିଥିଲେ । ବିବାହ ସମୟରେ କନ୍ୟାପକ୍ଷ ଝିଅ, ଜ୍ୱାଇଁଙ୍କୁ ଉପହାର ଦେଇଥିଲେ । ବିବାହ ପରେ ଶାଶୁଘର ଲୋକେ ଲକ୍ଷେ ଟଙ୍କା ସହିତ ଅଧିକ ସୁନା ଗହଣା, ଗାଡ଼ି ଆଦି ଯୌତୁକ ଦାବି କରି ପୁଷ୍ପାଞ୍ଜଳିଙ୍କୁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି। ଶନିବାର ଶାଶୁଘରେ ଥିବାବେଳେ ପୁଷ୍ପାଞ୍ଜଳି ନିଆଁରେ ପୋଡି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ବୁର୍ଲା ଓ ପରେ ରାଉରକେଲା ଆଇଜିଏଚ୍ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର ସମୟରେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ପୁଷ୍ପାଞ୍ଜଳି କିରୋସିନ ଢ଼ାଳି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ କନ୍ୟାପକ୍ଷ ଲୋକେ ତାଙ୍କୁ ପୋଡ଼ି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ରାଉରକେଲାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ଜାରିଂ ନିଆଯାଇ ଦାହ କରାଯାଇଥିଲା। ଅନ୍ୟପଟେ ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ରାଜେନ୍ଦ୍ର ମଧ୍ୟ ନିଆଁରେ ପୋଡି ହୋଇ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ମୃତା ପୁଷ୍ପାଞ୍ଜଳିଙ୍କ ଦୁଇ ଶିଶୁ ସନ୍ତାନ ଅଛନ୍ତି। ବିଜେପୁର ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି ।

# ଭୀମ ଭୋଇ ମେଡିକାଲରେ ୧୦୦, କିମ୍‌ସ୍‌ରେ ୫୦ ଆଇସିୟୁ ଦାବି

ବଲାଙ୍ଗୀର ଅଫିସ,୯।୫

କରୋନା ଦ୍ୱିତୀୟ ଲହରରେ ବଲାଙ୍ଗୀର ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ବଢିବାରେ ଲାଗିଛି । ଆଗାମୀ ଦିନରେ କରୋନା ସଂକ୍ରମଣ ବଢ଼ିବ ବୋଲି କୁହାଯାଇଛି । ତେଣୁ ସ୍ଥିତି ବିଗିଡିବା ପୂର୍ବରୁ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆଇସିୟୁ ଶଯ୍ୟା ସଂଖ୍ୟା ୧୦୦କୁ ବୃଦ୍ଧି କରାଯାଉ ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସରକାରଙ୍କ ପାଖରେ ଦାବି ରଖିଛନ୍ତି । ବଲାଙ୍ଗୀର କିମ୍‌ସ କୋଭିଡ ହସ୍ପିଟାଲରେ ମଧ ୧୦ଟି ଆଇସିୟୁ ଶଯ୍ୟା ରହିଛି । ଏହାକୁ ମଧ ଯଥାଶୀଘ୍ର ୫୦ଟି ଆଇସିୟୁ ଶଯ୍ୟା ପ୍ରତିଷ୍ଠା କରିବା ପାଇଁ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସମାନ୍ତଙ୍କ ସହ ବିଧାୟକ ମିଶ୍ର ଆଲୋଚନା କରିଛନ୍ତି।

# କରୋନା ଭୟ: ଗଛ ପକାଇ ଗାଁ ରାସ୍ତା ବନ୍ଦ



ଗଛ ପକାଇ ରାସ୍ତା ବନ୍ଦ କରାଯାଇଛି।

ନୂଆପଡ଼ା ଅଫିସ,୯।୫

କରୋନାର ପ୍ରଥମ ଲହରରେ ଲୋକେ ଭୟଭୀତ ହୋଇ କାଳେ ଆମ ଗାଁକୁ କରୋନା ବ୍ୟାପିବ କିମ୍ବା ଅଲଗା ଗାଁର ଲୋକ ଆମ ଗାଁକୁ ଆସିଲେ କରୋନା ହେବ ଭାବି ଗାଁ ଗାଁରେ ରାସ୍ତା ଉପରେ ଗଛ ପକାଇ ରାସ୍ତା ବନ୍ଦ କରିଦେଉଥିଲେ। ସେହି ପ୍ରକାରସ୍ଥିତି ପୁଣି ଗାଁ ଗାଁରେ ଦେଖାଦେଲାଣି। ନୂଆପଡା ଜିଲାରେ କରୋନା ବେକାବୁ ହୋଇଥିବା ବେଳେ ଲୋକେ ଭୟରେ ଗାଁ ବାହାରେ ରାସ୍ତା ଉପରେ ଗଛ, ପଥର, କଣ୍ଟା ଇତ୍ୟାଦି ଦେଇ ରାସ୍ତାକୁ ବନ୍ଦ କରି ଦେଉଛନ୍ତି। ଗାଁ ଲୋକ ବାହାରକୁ ଯାଉନାହାନ୍ତି କି ଅନ୍ୟ ଗାଁର ଲୋକଙ୍କୁ ଗାଁକୁ ପଶିବାକୁ ଦେଉନାହାନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ସରପଞ୍ଚ

ବୌଦ୍ଧ,୯।୫(ସ୍ୱ.ପ୍ର.)

**ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ଦାବି**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀର ନରସିଂହପୁର ପଞ୍ଚାୟତ ସରପଞ୍ଚ ଗ୍ରାମରେ ପ୍ରସ୍ତାବିତ ମଦ ଦୋକାନ ବନ୍ଦ ପାଇଁ ରବିବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବୌଦ୍ଧ ଜିଲାର ବାଉଁଶୁଣୀଠାରେ ମଦ ଦୋକାନ ଖୋଲିବା ନେଇ ପ୍ରତିବାଦ କରାଯାଇଛି । ହରଭଙ୍ଗା ବ୍ଲକର ବୀରନରସିଂହପୁର ଠାରେ ମଦ ଦୋକାନ ଖୋଲିବାକୁ ଲିଜ୍‌ଧାରୀଙ୍କ ପକ୍ଷରୁ ଜାଗା ଚିହ୍ନଟ ହେବା ଜାଣିବା ପରେ ପଞ୍ଚାୟତରେ ବିରୋଧର ସ୍ୱର ଉଠିଛି । ଗତ ୨ ତାରିଖରେ ପଞ୍ଚାୟତର ମହିଳା ଏସ୍ଏଚ୍‌ଜି ପ୍ରସ୍ତାବିତ ମଦ ଦୋକାନ ବନ୍ଦ କରିବାକୁ ଜିଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ । ସରପଞ୍ଚ ସୁବର୍ଣ୍ଣ ମଲିକ ମଧ ଏହା ବନ୍ଦ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ ଚିହ୍ନଟ ହୋଇଥିବା ସ୍ଥାନ ଉଚ୍ଚ ବିଦ୍ୟାଳୟଠାରୁ ୩୦୦ ମିଟର ହେବ। ଏହାଦ୍ୱାରା ପିଲା ପ୍ରଭାବିତ ହେବେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ପୂର୍ବରୁ ଭାଜପା ପକ୍ଷରୁ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ମଧ ଚେତାବନୀ ଦିଆଯାଇଛି ।

# ମହାପ୍ରୟାଣ ଗାଡ଼ି ମିଳିଲାନି, ଅଟୋରେ ନେଲେ ମୃତଦେହ

ବୌଦ୍ଧ,୯।୫(ସ୍ୱ.ପ୍ର.)

**ଅଭିଯୋଗକୁ ସିଡିଏମଓଙ୍କ ଖଣ୍ଡନ**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁ ପରେ ମହାପ୍ରୟାଣ ଗାଡି ନ ମିଳିବାରୁ ପରିବାର ଲୋକେ ଅଟୋ ଭଡା କରି ଘରକୁ ମୃତଦେହ ନେବା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଜାଣିଶୁଣି ଗାଡି ଦିଆ ନ ଯିବା ଅଭିଯୋଗକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଖଣ୍ଡନ କରିଛନ୍ତି ।

ହରଭଙ୍ଗା ବ୍ଲକ ବିଶିପାଲି ଗ୍ରାମର ଚୈତନ୍ୟ ମେହେର(୬୫)ଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ଶନିବାର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଚିକିତ୍ସାଳୟ ଟିକେଟ କାଉଣ୍ଟରରେ ଜଣାଇବା ସହ ମହାପ୍ରୟାଣ ଗାଡି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ପରେ ମହାପ୍ରୟାଣ ଗାଡି ଚାଳକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଏ ନେଇ ଜଣେ ସ୍ୱେଚ୍ଛାସେବୀ ରାତି ୪ଟା ୩୫ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା । ଶେଷରେ ପରିବାର ଲୋକ ଏକ ଅଟୋ ଭଡା କରି ମୃତଦେହକୁ ଗ୍ରାମକୁ ନେଇ ସତ୍କାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡା. ତ୍ରିଲୋଚନ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, ରାତ୍ରିରେ ମହାପ୍ରୟାଣ ଗାଡି ଜଣେ ବ୍ୟକ୍ତିଙ୍କ ମୃତଦେହ ନେଇ ମଶାଣିକୁ ଯାଇଥିଲା। ରାତି ପ୍ରାୟ ୩ଟାରେ ଗାଡି ଚାଳକ ଫେରି ବିଶ୍ରାମ କରିଥିବାରୁ ମୃତକଙ୍କ ପରିବାରକୁ କିଛି ସମୟ ଅପେକ୍ଷା କରିବାକୁ କୁହାଯାଇଥିଲା। ଗାଡି ସାନିଟାଇଜ କରାଯାଇ ସକାଳ ପ୍ରାୟ ୫ଟାରେ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ପରିବାର ଲୋକ କାହାକୁ ନ ଜଣାଇ ମୃତଦେହ ନେଇ ଚାଲିଯାଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ଜିଲାପାଳଙ୍କୁ ସୂଚନା ଦିଆଯାଇଥିଲା । ପରେ ମୃତକଙ୍କ ପରିବାରକୁ ଗାଡିଭଡା ବାବଦକୁ ୨ ହଜାର ଟଙ୍କା ପ୍ରଦାନ କରାଯିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି ସିଡିଏମଓ ଡା. ପ୍ରଧାନ ପ୍ରକାଶ କରିଛନ୍ତି।

# ଲୋକଙ୍କୁ ମିଳୁନି ମୌଳିକ ସୁବିଧା

ଜାମଟିକ୍ରା, ୯।୫ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତର ଜୁନାପାନି ଗ୍ରାମର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ କୌଣସି ସରକାରୀ ସୁବିଧା ମିଳୁନାହିଁ। ଏହି ଗ୍ରାମରେ ବର୍ତ୍ତମାନ ୩୦ଟି ପରିବାରର ପ୍ରାୟ ୨ଶହ ଲୋକ ବାସ କରୁଛନ୍ତି। ଜୀବନ ଜୀବିକା ପାଇଁ ସେମାନେ ପ୍ରାୟ କୁଲି ମଜୁରୀ ଓ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଏଠାକାର ଲୋକମାନେ ମୂଲ ଲାଗିବାକୁ ବାହାରକୁ ଯାଉଥିବାରୁ ସେମାନଙ୍କ ପିଲା ସ୍କୁଲ ନ ଯାଇ ଘରେ ରୁହନ୍ତି। ଏଠାରେ ଅଙ୍ଗନୱାଡି କେନ୍ଦ୍ର କି ପ୍ରାଥମିକ ବିଦ୍ୟାଳୟ ନାହିଁ। ସ୍କୁଲ ଯିବାକୁ ହେଲେ ଭଟଲି ବ୍ଲକ କମଗାଁ ପଞ୍ଚାୟତର ଅଏଁଲାପାଲିକୁ ୩ କିମି ଜଙ୍ଗଲି ରାସ୍ତାରେ ଯିବାକୁ ପଡେ। ଫଳରେ ପିଲାମାନେ ସ୍କୁଲ ଯିବାକୁ ଅନିଚ୍ଛା ପ୍ରକାଶ କରନ୍ତି। ଅତାବିରା ବ୍ଲକ କାର୍ଯ୍ୟାଳୟଠାରୁ ୪୨ କିମି ଦୂରରେ ଥିବା ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ । ଗାଁକୁ ଯିବାକୁ ହେଲେ ଖରମୁଣ୍ଡା ପଞ୍ଚାୟତ ଲାଣ୍ଡିଜୁରି ଗ୍ରାମରୁ ଯିବାକୁ ହେବ। ଲାଣ୍ଡିଜୁରି ଦେଇ ଏକ ଜଙ୍ଗଲି ରାସ୍ତାରେ ୩ କିମି ଗଲେ ଏହି ଗାଁ ପଡେ। ଗମନାଗମନ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବର୍ଷା ଦିନେ ଏହି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ରୋଗୀ ଡାକ୍ତରଖାନାକୁ ଯାଇପାରେ ନାହିଁ। ଚିକିତ୍ସା ଓ ସଚେତନତା ଅଭାବରୁ ଲୋକେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଭରସା କରନ୍ତି। ଆବଶ୍ୟକତା ଅନୁଯାୟୀ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପୋଖରୀ ଗୁଡିକ ଶୁଖିଲା ପଡିଛି। ଗାଁର ବୃଦ୍ଧ ଜୋହନ ସାମନ୍ତଙ୍କ ସମେତ ବିଧବା ମହିଳା ନେଲାନୀ ଡାଙ୍ଗ, ଜିରାନ ସୁରେନ, ଦୁତାମି ଉପାଲ ପ୍ରମୁଖ ଏଯାଏ ଭତ୍ତା ପାଉନାହାନ୍ତି। ଏ ସମ୍ପର୍କରେ ଗ୍ରାମର ପ୍ରକାଶ ମାସ କୁହନ୍ତି, ଆମେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଏବେବି ଆମେ ପରାଧୀନ ଭାବେ ଜୀବନଯାପନ କରୁଛୁ। ଗାଁର ଜୋହନ ସାମନ୍ତ କୁହନ୍ତି, ଗାଁରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର କିଛି ସୁବିଧା ନାହିଁ । ଗାଁ ସମସ୍ୟା ଉପରେ ସରକାରଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳୁନାହିଁ । ଏ ନେଇ ସ୍ଥାନୀୟ ସରପଞ୍ଚ ତପସ୍ୱିନୀ ବରାଡ଼ଙ୍କୁ ପଚାରିବାରୁ ଉକ୍ତ ଗାଁର ସମସ୍ୟା ଧୀରେ ଧୀରେ ସମାଧାନ ହେବ ବୋଲି କହିଥିଲେ।



ଜୁନାପାନି ଗ୍ରାମକୁ ଯିବା ପାଇଁ ରାସ୍ତା ।

**ଜୁନାପାନି ଆଦିବାସୀ ଗାଁ**